RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-269 ◆SATURDAY ◆28 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୬୯ ◆ଶନିବାର ◆୨୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଆଇପିଏଲ୍ ଆଜିଠାରୁ

▶ପୃଷ୍ଠା ୧୨ ଦେଖନ୍ତୁ...

## ବାଲେନ ଶାହା ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ

■ କାଠମାଣ୍ଡୁ, ୨୭ ।୩ (ଏଜେନ୍ସି): ରାପରରୁ ନେତା ପାଲଟିଥିବା ବାଲେନ୍ଦ୍ର ଶାହା (ବାଲେନ) ଶୁକ୍ରବାର ରାମନବମୀ ଦିନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏଥିସହିତ ସେ ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ମାତ୍ର ୩୫ ବର୍ଷ ବୟସରେ ଦେଶର ଏହି ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ବାଲେନ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏଥିସହ ନେପାଳ ରାଜନୀତି ଏବେ ଏକ ନୂଆ ସୋପାନରେ ପାଦ ଦେଇଛି ।



ବାଲେନ ଜଣେ ଷ୍ଟ୍ରକଚରାଲ ଇଞ୍ଜିନିୟର ଓ ଜଣାଶୁଣା ରାପର ଭାବେ ପରିଚିତ ଥିଲେ । ୨୦୨୨ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜଧାନୀ କାଠମାଣ୍ଡୁର ମେୟର ଭାବେ ନିର୍ବାଚିତ ହୋଇ

### ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶୁଭେଚ୍ଛା

ସମସ୍ତଙ୍କୁ ଚକିତ କରିଥିଲେ । ଶପଥ ନେବାର କିଛି ଘଣ୍ଟା ପରେ ସେ ର୍‌ୟାପ ଗାଇ ଦେଶକୁ ପ୍ରଥମ ବାର୍ତ୍ତା ଦେଇଛନ୍ତି । ଏଥିରେ ଦୁର୍ନୀତି, ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ▶ପୃଷ୍ଠା-୭

## ଅପରାଧ ନୁହେଁ ବିବାହିତ ପୁରୁଷଙ୍କ ଲିଭ୍-ଇନ୍ ସମ୍ପର୍କ

■ ପ୍ରୟାଗରାଜ, ୨୭ ।୩ (ଏଜେନ୍ସି): ଉତ୍ତରପ୍ରଦେଶର ଶହାଜାହାନପୁରର ଏକ ମାମଲା ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ବଡ଼ ରାୟ ଦେଇଛନ୍ତି । ଯଦି ଜଣେ ବିବାହିତ ପୁରୁଷ ଜଣେ ବୟସ୍କା ମହିଳାଙ୍କ ସହ ସହମତି ଭିତ୍ତିରେ 'ଲିଭ ଇନ୍ ସମ୍ପର୍କ'ରେ ରୁହନ୍ତି, ତେବେ ତାହା ଅପରାଧ ନୁହେଁ ବୋଲି କୋର୍ଟ କହିଛନ୍ତି । ନୈତିକତା ଓ ଆଇନ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ଅନାମିକା (୧୮ ବର୍ଷ) ଓ ନେତ୍ରପାଳ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ସୁରକ୍ଷା ପାଇଁ ଆବେଦନ



### ଆହ୍ଲାବାଦ ହାଇକୋର୍ଟଙ୍କ ରାୟ

### ନୈତିକତା ଆଧାରରେ କୋର୍ଟ ନିଷ୍ପତ୍ତି ନେଇପାରିବେ ନାହିଁ

କରିଥିଲେ । ଅନାମିକାଙ୍କ ମା ଅଭିଯୋଗ କରିଥିଲେ ଯେ ନେତ୍ରପାଳ ତାଙ୍କ ଝିଅକୁ ଫୁସୁଲାଇ ନେଇଯାଇଛନ୍ତି । ନେତ୍ରପାଳ ପୂର୍ବରୁ ବିବାହିତ ଥିବାରୁ ଏହା ଏକ ଅପରାଧ ବୋଲି ଯୁକ୍ତି ଦର୍ଶା ଯାଇଥିଲା ।

ଜଷ୍ଟିସ ଜେଜେ ମୁନୀର ଓ ଜଷ୍ଟିସ ତରୁଣ ସାକସେନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ସମାଜର ମତାମତ କିମ୍ବା ନୈତିକତା ଆଧାରରେ କୋର୍ଟ କୌଣସି ନିଷ୍ପତ୍ତି ନେଇପାରିବ ନାହିଁ । ଆଇନ୍ ଅନୁସାରେ ଦୁଇଜଣ ବୟସ୍କ ବ୍ୟକ୍ତି ସହମତିରେ ଏକାଠି ରହିଲେ ▶ପୃଷ୍ଠା-୭

## ଖରାପ ହେଉଛି ଯୁଦ୍ଧ ସ୍ଥିତି

# ଲକ୍‌ଡାଉନ୍‌ର ପଦଧ୍ୱନି !

### ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରାବାସ ବନ୍ଦ ପ୍ରକ୍ରିୟା ଆରମ୍ଭ

- ମଧ୍ୟପ୍ରାଚ୍ୟରେ ପେଟ୍ରୋଲିୟମ ସାମଗ୍ରୀ ଉତ୍ପାଦନ ୫୦% ହ୍ରାସ
- ଆସି ପାରୁନାହିଁ ଆବଶ୍ୟକ ପରିମାଣର ଗ୍ୟାସ୍-ଅଶୋଧିତ ତୈଳ
- ଆଶ୍ୱସ୍ତ କରିପାରୁନାହାନ୍ତି ସରକାର; ରାଜ୍ୟରେ ପଡ଼ିଲାଣି ପ୍ରଭାବ
- ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ହ୍ରାସ ହେଲାଣି ସାମଗ୍ରୀ ଉତ୍ପାଦନ

■ ଭୁବନେଶ୍ୱର, ୨୭।୩ (ସମିସ): ପଶ୍ଚିମ ଏସିଆ ମହାଯୁଦ୍ଧରେ ପ୍ରଭାବିତ ହୋଇଛି ଭାରତ । ତୈଳ ଓ ଏଲ୍‌ପିଜି ଆମଦାନୀ ହ୍ରାସର ପ୍ରଭାବ ଦେଶରେ ଅନୁଭୂତ ହୋଇଛି । ଦେଶ ଓ ରାଜ୍ୟରେ ଇନ୍ଧନର ଅଭାବ ନାହିଁ ବୋଲି ସରକାରଙ୍କ ଆଶ୍ୱାସନା ଲୋକଙ୍କୁ ଆଶ୍ୱସ୍ତ କରି ପାରୁନାହିଁ । ବର୍ତ୍ତମାନ ସ୍ଥିତିକୁ ନେଇ ଅଧା ବିଶ୍ୱ ଏନର୍ଜି ଲକ୍‌ଡାଉନ୍‌ର ଶିକାର ହୋଇପାରେ ବୋଲି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅନେକ ଆକଳନ କରୁଛନ୍ତି ।

ରାଜ୍ୟକୁ ଏବେ ଆବଶ୍ୟକ ପରିମାଣର ଗ୍ୟାସ ସିଲିଣ୍ଡର ମିଳୁନାହିଁ । ଦୈନିକ ୪୦ ହଜାର ସିଲିଣ୍ଡର କମ୍ ଆସୁଥିବା ଯୋଗୁଁ ସାଧାରଣ ଲୋକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ଏହି ସ୍ଥିତିରେ ରାଜଧାନୀ ଉପକଣ୍ଠ ଗୋଠପାଟଣାରେ ଥିବା ଏକ ସମ୍ଭ୍ରାନ୍ତ ଘରୋଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାନୀୟ ଜଳ ସଂଯୋଗ ବ୍ୟବସ୍ଥାର ମରାମତି, ନବୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବା ଦର୍ଶାଇ ଏପ୍ରିଲ ୨ରୁ ୩୦ ତାରିଖ ପର୍ଯ୍ୟନ୍ତ ହଷ୍ଟେଲ୍ ଖାଲି କରିବାକୁ ଛାତ୍ରଛାତ୍ରୀଙ୍କୁ ନୋଟିସ ଦିଆଯିବା ଘଟଣା ଅଭିଭାବକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପ୍ରିଲରେ ଏହି ବିଶ୍ୱବିଦ୍ୟାଳୟର ସେମିଷ୍ଟାର ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଏବେ ତାହାକୁ ମଇ ମାସକୁ ଘୁଞ୍ଚାଇ ଦିଆଯିବା ସହ ୨ ତାରିଖ ପୂର୍ବରୁ ହଷ୍ଟେଲ ଖାଲି କରିବାକୁ ଉପ-କୁଳସଚିବ ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୭

### ସରକାରୀ ଶିକ୍ଷାନୁଷ୍ଠାନରେ ଅନ୍-ଲାଇନ୍ କ୍ଲାସ ଆରମ୍ଭ

■ ନୂଆଦିଲ୍ଲୀ, ୨୭।୩: ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟର ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି । ଦେଶରେ ଆବଶ୍ୟକ ପରିମାଣର ପେଟ୍ରୋଲିୟମ ସାମଗ୍ରୀ ମହଜୁଦ ଅଛି ଏବଂ ଲକ୍ ଡାଉନ୍ ହେବନାହିଁ ବୋଲି ଗୋଟିଏ ପଟେ କେନ୍ଦ୍ର ସରକାର ଆଶ୍ୱାସନା ଦେଉଥିବା ବେଳେ ଅନ୍ୟପଟେ ସରକାରୀ ଶିକ୍ଷାନୁଷ୍ଠାନରେ ଏହି କାରଣରୁ ଅନ୍-ଲାଇନ୍ କ୍ଲାସ ଆରମ୍ଭ ହୋଇଗଲାଣି । ଇନ୍ଧନ ସଙ୍କଟ ▶ପୃଷ୍ଠା-୭

## ମଧ୍ୟପ୍ରାଚ୍ୟ ଯୁଦ୍ଧ ଚିନ୍ତା: ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦୀଙ୍କ ବୈଠକ

# 'ଟିମ୍ ଇଣ୍ଡିଆ' ସଫଳ ହେବ



■ ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ପାଇଁ ଭାରତରେ ସଙ୍କଟ ସ୍ଥିତି ସୃଷ୍ଟି ହୋଇଛି । ଏଲ୍‌ପିଜିର ଅଭାବ ସହିତ ଅନ୍ୟ ସାମଗ୍ରୀ ପରିବହନ ମନ୍ଥର ହୋଇଯାଇଛି । ଏଭଳି ସ୍ଥିତିରେ ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ଏହାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ

### ଏକାଠି କାମ କରନ୍ତୁ; ପ୍ରସ୍ତୁତ ହୋଇ ରୁହନ୍ତୁ

### ଅପପ୍ରଚାରରୁ ଦୂରେଇ ରହି ଲୋକଙ୍କୁ ସଠିକ ସୂଚନା ଦିଅନ୍ତୁ

### ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅ

ବୈଠକ କରିଛନ୍ତି । ସବୁ ରାଜ୍ୟଙ୍କୁ ଟିମ୍ ଇଣ୍ଡିଆ ପରି ମିଳିମିଶି କାର୍ଯ୍ୟ କରିବାକୁ ଏବଂ ପ୍ରସ୍ତୁତି ମଜବୁତ କରିବାକୁ ଆହ୍ୱାନ ଦେଇଛନ୍ତି । ମିଳିମିଶି କାର୍ଯ୍ୟ କଲେ ଟିମ ଇଣ୍ଡିଆ ସଫଳତାର ସହ ଏହି ସଙ୍କଟର ମୁକାବିଲା କରିପାରିବ ବୋଲି ମୋଦୀ କହିଛନ୍ତି । ସେ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ଯୋଜନାର ସମୀକ୍ଷା କରିଛନ୍ତି । ଆର୍ଥିକ-ବାଣିଜ୍ୟିକ ସ୍ଥିରତା ବଜାୟ, ଶକ୍ତି ସୁରକ୍ଷା ସୁନିଶ୍ଚିତ, ▶ପୃଷ୍ଠା-୭

## ଇରାନର ପ୍ରଚଣ୍ଡ କ୍ଷେପଣାସ୍ତ୍ର ଆକ୍ରମଣ

# ଆମେରିକାର ୧୩ ସାମରିକ ଘାଟି ଧ୍ୱସ୍ତ



■ ତେହରାନ, ୨୭ ।୩(ଏଜେନ୍ସି): ଅସ୍ତ୍ରବିରତି ପାଇଁ ଉଦ୍ୟମ ଚାଲିଥିଲେ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୟଙ୍କର ହେବାରେ ଲାଗିଛି । ଟ୍ରମ୍ପଙ୍କ କଥାକୁ ଇରାନ ଶୁଣନାହିଁ କିମ୍ବା ଖାତିର କରୁନାହିଁ । କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରି ଆମେରିକାର ସାମରିକ ଘାଟୀକୁ ଛାରଖାର କରିଦେଲାଣି । ଆଜି ସାଉଦି ଆରବ ଉପରେ ଇରାନ ୮ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି । କୁଏତରେ ବଡ଼ଧରଣର ଆକ୍ରମଣ କରି ଅଲ-କବିର ପୋର୍ଟ ଏବଂ ବିମାନବନ୍ଦରକୁ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ବନ୍ଦର ବୁବିୟାନ ଦ୍ୱୀପରେ ରହିଛି । ବନ୍ଦର ଭୀଷଣ ଭାବେ

### ଯୁଦ୍ଧ ପରିଚାଳନା ପାଇଁ ଅନୁପଯୁକ୍ତ ପାଲଟିଛି ସାମରିକ ଘାଟି

### ହୋଟେଲରୁ ହେଉଛି ଯୁଦ୍ଧ ପରିଚାଳନା

### ଇରାନର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍‌ର ଆକ୍ରମଣ

କ୍ଷତିଗ୍ରସ୍ତ ହୋଇଥିବା ବେଳେ କାତାରକୁ ମଧ୍ୟ ନିଶାଣ କରିଛି । ଏଥିପାଇଁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି । ଇସ୍ରାଏଲର ବୋମା ଆଶ୍ରୟସ୍ଥଳକୁ ନିଶାଣ କରି ଇରାନ କ୍ଷେପଣାସ୍ତ୍ର ମାଡ଼ କରିବାରୁ ଅନେକ ଆହତ ହୋଇଛନ୍ତି । ଇସ୍ରାଏଲରେ ସାଇରନ ଗୁଞ୍ଜି ଉଠିଛି । ଇରାନର ଏଭଳି ଆକ୍ରମଣ ଦେଖି ଆମେରିକା ନୟାନ୍ତ ହୋଇଗଲାଣି । ଟ୍ରମ୍ପଙ୍କୁ ନିଜ ଦେଶରେ ଦୋଷ ଦିଆଯାଉଛି । ହର୍ମୁଜ ସ୍ଥିତି ପାଇଁ ଆମେରିକୀୟ ସିନେଟର ଟ୍ରମ୍ପଙ୍କୁ ଦୋଷ ଦେଉଥିବା ବେଳେ ଭୟଙ୍କର ରିପୋର୍ଟ ଆସିଛି । ଇରାନର କ୍ଷେପଣାସ୍ତ୍ର ମାଡ଼ରେ ▶ପୃଷ୍ଠା-୭

# କମିଲା ଉତ୍ପାଦ ଶୁଳ୍କ

## କମିବନି ପେଟ୍ରୋଲ, ଡିଜେଲ ଦର

### ତୈଳ କମ୍ପାନୀଙ୍କୁ ଆଶ୍ୱସ୍ତି; ଖାଉଟି ହତାଶ



■ ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ହରମୁଜ୍ ପ୍ରଣାଳୀ ଦେଇ ଯୋଗାଣ ବାଧାପ୍ରାପ୍ତ ହେବା ନେଇଦେଖାଦେଇଥିବା ଚିନ୍ତା ମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ ହ୍ରାସ ଘଟାଇଛନ୍ତି ।

### ଉଭୟରେ ଶୁଳ୍କ ୧୦ ଟଙ୍କା ହ୍ରାସ

### ଶୁଳ୍କଶୂନ୍ୟ ହେଲା ଡିଜେଲ

ସରକାରଙ୍କ ଏହି ନିଷ୍ପତ୍ତି ତୈଳ କମ୍ପାନୀଗୁଡ଼ିକୁ ବଡ଼ ଆଶ୍ୱସ୍ତି ଦେଇଛି । ଏହି ଅନୁଯାୟୀ, ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ ହୋଇଛି । ନିଷ୍ପତ୍ତି ଅନୁଯାୟୀ, ପେଟ୍ରୋଲ ଉପରୁ ଉତ୍ପାଦ ଶୁଳ୍କ ୧୩ ଟଙ୍କାରୁ ୩ ଟଙ୍କାକୁ ହ୍ରାସ ଘଟିଛି । ଯେତେବେଳେ କି ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ୧୦ ଟଙ୍କା ହ୍ରାସ କରି ତାହାକୁ ଶୂନ୍ କରାଯାଇଛି । ହେଲେ ସରକାରଙ୍କ ଏହି ନିଷ୍ପତ୍ତିରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡିକ ମାଲେମାଲ ହେବାକୁ ଥିବାବେଳେ ଦୀର୍ଘ ଦିନ ହେବ ଉଚ୍ଚ ▶ପୃଷ୍ଠା-୭




## ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ପୌରାଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

# 'ସ୍ୱାୟତ୍ତ ଶାସନ'କୁ ସରକାରଙ୍କ କରାୟତ୍ତ

■ ଭୁବନେଶ୍ୱର, ୨୭।୩ (ସମିସ): ପଞ୍ଚାୟତ ସମିତି ଅଧ୍ୟକ୍ଷମାନଙ୍କ କ୍ଷମତା ହଡ଼ପ କରିବା ପରେ ଏବେ ସରକାର ପୌରାଧ୍ୟକ୍ଷମାନଙ୍କ କ୍ଷମତା ସଙ୍କୋଚନ ପାଇଁ କରିଛନ୍ତି ବ୍ୟବସ୍ଥା । ପୌରସଂସ୍ଥାଗୁଡ଼ିକର ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଆର୍ଥିକ କ୍ଷମତା ସଂକୁଚିତ କରି ସେମାନଙ୍କୁ ରାଜନୈତିକ ପଙ୍ଗୁ କରି ଦେଇଛନ୍ତି । ବ୍ଲକ୍ ଅଧ୍ୟକ୍ଷଙ୍କ ପରି ପୌରସଂସ୍ଥାଗୁଡ଼ିକରେ ମଧ୍ୟ ଲୋକପ୍ରତିନିଧିଙ୍କ ହାତରୁ ଆର୍ଥିକ କ୍ଷମତା ଛଡ଼ାଇ ନେଇଛନ୍ତି । ପୌର ପରିଷଦର ଅଧ୍ୟକ୍ଷଙ୍କ ବଦଳରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏବେ ଆର୍‌ଠଥକ କାରବାରରେ କ୍ଷମତାଶାଳୀ ହୋଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପରେ ଏବେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ କରାୟତ୍ତ କରିବାକୁ ଚାହୁଁଥିବା ସନ୍ଦେହ କରାଯାଉଛି ।

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବିପୁଳ ଆସନରେ ବିଜୟୀ ହୋଇଥିଲା । ଏନ୍‌ଏସି ଓ ମ୍ୟୁନସିପାଲଟିରେ ବିଜେଡିର ପ୍ରାର୍ଥୀମାନେ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ । ବ୍ଲକଗୁଡ଼ିକରେ ମଧ୍ୟ

### ଆର୍ଥିକ କ୍ଷମତା ସଙ୍କୋଚନ ପଛରେ ଅସୂୟା ରାଜନୀତି

### ନିର୍ବାଚିତ ଅଧ୍ୟକ୍ଷଙ୍କୁ ନିୟନ୍ତ୍ରଣ କରିବାକୁ ଅଧିକାରୀ ଅସ୍ତ୍ର

ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ରାଜ୍ୟର ୯୦% ପୌରାଞ୍ଚଳ ଓ ୮୦%ରୁ ଊର୍ଦ୍ଧ୍ୱ ପଞ୍ଚାୟତ ସମିତିରେ ବିଜେଡି କ୍ଷମତା ଦଖଲ କରିଥିଲା । ମାତ୍ର ୨୦୨୪ରେ ବିଜେପି କ୍ଷମତାକୁ ଆସିବା ପରେ ୨୦୨୫ ମସିହାରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଥିଲେ ଓ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍‌ଠଥକ କାରବାରରେ ଆଉ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେବ ନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଅଧ୍ୟକ୍ଷଙ୍କ ବିନା ଦସ୍ତଖତରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଡିଓମାନେ ନିଷ୍ପତ୍ତି ନେଇପାରିବେ ବୋଲି ନିଷ୍ପତ୍ତି ହେଲା । ଏହି ନିଷ୍ପତ୍ତିକୁ ଉଭୟ ବିଜେଡି ଓ କଂଗ୍ରେସ ପ୍ରବଳ ବିରୋଧ କରିବା ସହ ପଞ୍ଚାୟତ ସିମିତିର ସଭ୍ୟ ସଂଘ ମଧ୍ୟ ଆପତ୍ତି ଉଠାଇଥିଲା । ମାତ୍ର ସରକାର ଏହାକୁ କର୍ଣ୍ଣପାତ କଲେ ନାହିଁ । ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ ପରି ଏବେ ପୌରାଞ୍ଚଳରେ ଅନୁରୂପ ପନ୍ଥା ଆପଣେଇଛନ୍ତି । ଓଡ଼ିଶା ପୌର ନିୟମାବଳୀ-୧୯୫୩ରେ ସଂଶୋଧନ କରି ରାଜ୍ୟ ▶ପୃଷ୍ଠା-୭



ସିଟି କଟକ

## ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ରୌପ୍ୟନଗରୀ

# ଶାନ୍ତିଶୃଙ୍ଖଳାରେ ସରିଲା ଶୋଭାଯାତ୍ରା

କଟକ,୨୭ ।୩(ସମିସ):

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମତିଥି "ରାମନବମୀ' ଅବସରରେ ଆଜି ଐତିହାସିକ କଟକ ସହରରେ ଏକ ଭବ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ସକାଳୁ ଶଙ୍ଖ ନାଦ ଓ ମନ୍ତ୍ରପାଠରେ ସହରର ଗଳିକନ୍ଦି ଝଙ୍କୃତ ହୋଇଥିବା ବେଳେ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ବିଶାଳ ଶୋଭାଯାତ୍ରା ଭକ୍ତିର ଏକ ଅପୂର୍ବ ଜୁଆର ଖେଳାଇ ଦେଇଥିଲା। ଶ୍ରୀରାମଙ୍କ ପତାକାରେ ସଜ୍ଜିତ ହୋଇ ଚୌଧୁରୀବଜାର ମାରୁତି ମଣ୍ଡପରୁ ବାହାରିଥିବା ଏହି ଭବ୍ୟ ଯାତ୍ରା ସହର ପରିକ୍ରମା କରିବା ସମୟରେ "ଜୟ ଶ୍ରୀରାମ' ଧ୍ୱନୀରେ ରୌପ୍ୟନଗରୀ ପ୍ରକମ୍ପିତ ହୋଇଉଠିଥିଲା। କମିଶନରେଟ ପୁଲିସର କଡ଼ା ସୁରକ୍ଷା ବଳୟ ଓ ସୁବ୍ୟବସ୍ଥିତ ଟ୍ରାଫିକ୍ ପରିଚାଳନା ମଧ୍ୟରେ ସହରବାସୀ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଏହି ଧର୍ମୀୟ ମହାକୁମ୍ଭରେ ସାମିଲ ହୋଇ ପ୍ରଭୁଙ୍କ କୃପା ଲାଭ କରିଥିଲେ।

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମତିଥି ଉପଲକ୍ଷେ ଆଜି ସହରବାସୀ ଏକାଠି ହୋଇଥିଲେ। ସହରର ବିଭିନ୍ନ ରାମ ମନ୍ଦିରରେ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ହିନ୍ଦୁ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପୁରୀଘାଟ ଥାନା ଅନ୍ତର୍ଗତ ଚୌଧୁରୀବଜାର ମାରୁତି ମଣ୍ଡପ ଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ପ୍ରଭୁ ଶ୍ରୀରାମଙ୍କ ସୁସଜ୍ଜିତ ବିମାନ ସହ ହଜାର ହଜାର ଭକ୍ତ ହାତରେ ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଯାତ୍ରା ଚୌଧୁରୀବଜାରରୁ ବାହାରି ନୟାସଡ଼କ, ନିମଚୌଡ଼ି, ଚାନ୍ଦିନୀଚୌକ, ଡଗରପଡ଼ା, କାଫଲା ବଜାର, କନିକା ଛକ, ଚଣ୍ଡିଛକ, ବକ୍ସିବଜାର ଓ ଦରଘାବଜାର ଦେଇ ସହର ପରିକ୍ରମା କରିଥିଲା। ସହରର ବିଭିନ୍ନ ବଜାର କମିଟି ଓ ସାହି ବାସିନ୍ଦାଙ୍କ ପକ୍ଷରୁ ପୁଷ୍ପବୃଷ୍ଟି କରାଯାଇ ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏତେ ବଡ଼ ଶୋଭାଯାତ୍ରା ଓ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୨ ପ୍ଲାଟୁନ୍ ଫୋର୍ସ ଏବଂ ୪ ଜଣ ଅତିରିକ୍ତ ଡିସିପିଙ୍କ ସମେତ ୧୮୦ରୁ ଅଧିକ ପୁଲିସ ଅଫିସର ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଶୋଭାଯାତ୍ରା ଯାଉଥିବା ରୁଟ୍‌ରେ ସାଧାରଣ ଯାନବାହାନ ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ବିଶେଷ କରି ଚୌଧୁରୀବଜାର, ବକ୍ସିବଜାର ଓ ଚଣ୍ଡିଛକ ଅଞ୍ଚଳରେ ଯାତାୟାତ ପାଇଁ ବିକଳ୍ପ ରାସ୍ତାର ବ୍ୟବସ୍ଥା କରାଯାଇଥିଲା। ଏହି ବିଶାଳ ଶୋଭାଯାତ୍ରା ସହର ପରିକ୍ରମା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।















# ରାମ ନବମୀରେ ଦୀପ ଜାଳିଲେ ଶ୍ରଦ୍ଧାଳୁ











ରାମ ନବମୀ ଅବସରରେ ସହରର ବିଭିନ୍ନ ମନ୍ଦିର ଗୁଡ଼ିକରେ ଆଜି ସକାଳୁ ସକାଳୁ ପ୍ରବଳ ଗହଳି ଲାଗି ରହିଥିଲା। ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଆସି ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଭକ୍ତ ହନୁମାନଙ୍କ ଦର୍ଶନ କରିବା ସହିତ ଭୋଗ ଲାଗି କରିଥିଲେ। ମୁଖ୍ୟତଃ ଚହଟା ରାମ ମନ୍ଦିର, ରଘୁନାଥ ଜୀଉ ମନ୍ଦିର, ପଞ୍ଚମୁଖି ହନୁମାନ ମନ୍ଦିର ସହିତ ସହରର ସମସ୍ତ ରାମ ମନ୍ଦିର ଓ ହନୁମାନ ମନ୍ଦିର ପରିସର ଆଜି ଉତ୍ସବମୁଖର ହୋଇଉଠିଥିଲା।

## ସ୍ୱରାଜ ଆଶ୍ରମରେ 'ଗାନ୍ଧୀ ଦିବସ' ସମାରୋହ



କଟକ,୨୭।୩(ସମିସ): ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଐତିହାସିକ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସ୍ୱରାଜ ଆଶ୍ରମ ପରିସରରେ ରାଜ୍ୟସ୍ତରୀୟ "ଗାନ୍ଧୀ ଦିବସ' ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆହ୍ୱାନକ୍ରମେ ଗାନ୍ଧିଜୀ ପ୍ରଥମ କରି କଟକ ଆସିଥିଲେ। ସେହି ଦିନଟିକୁ ସ୍ମରଣ କରି ଓଡ଼ିଶା ଗାନ୍ଧିବାଦୀ ଫୋରମ୍, ହରିଜନ ସେବକ ସଂଘ, ଭାଗୀରଥୀ ମହାପାତ୍ର-ସରଳା ଦେବୀ ଟ୍ରଷ୍ଟ ଏବଂ ମହାତ୍ମା ବିଚାର ମଞ୍ଚର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାନ୍ଧିବାଦୀ ଜ୍ଞାନରଞ୍ଜନ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଫୋରମର ଉପାଧ୍ୟକ୍ଷ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ସ୍ୱାଗତ ଭାଷଣ ରଖିଥିଲେ। ପ୍ରାକ୍ତନ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗାନ୍ଧୀ ଏକ ଅସରନ୍ତି ସମ୍ମୋହନ ଏବଂ ତାଙ୍କ ବିଚାରର କେବେ ମୃତ୍ୟୁ ନାହିଁ। ମୁଖ୍ୟବକ୍ତା ଭାବେ ସର୍ବସେବା ସଂଘର ଜାତୀୟ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଗାନ୍ଧିଜୀଙ୍କ ସହ ଓଡ଼ିଶାର ଆତ୍ମିକ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସେଦିନ ବ୍ରିଟିଶ୍ ସରକାରଙ୍କ ୧୪୪ ଧାରା ସତ୍ତ୍ୱେ କାଠଯୋଡ଼ି ବାଲିରେ ହଜାର ହଜାର ଜନତାଙ୍କୁ ବାପୁ ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହା ଓଡ଼ିଆ ଜାତିକୁ ଜାଗ୍ରତ କରିଥିଲା। ଏହି ଅବସରରେ ଶ୍ରୀମଦ୍ ବାୟାବାବା, ବୃନ୍ଦାବନ ମହାରାଜ, ଆର୍ଯ୍ୟଭଟ୍ଟ ମହାନ୍ତି, ନିରଞ୍ଜନ ପଣ୍ଡା ଓ ଶଶିଭୂଷଣ ଦାସ ପ୍ରମୁଖ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଆଗମନର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ "ଗାନ୍ଧୀ କବିତା ପାଠୋତ୍ସବ' ଅନୁଷ୍ଠିତ ହେବା ସହ ଲକ୍ଷ୍ମୀପ୍ରକାଶ ମହାପାତ୍ର, ପ୍ରଦୀପ ସାହୁ, ବନଜ୍ୟୋତ୍ସ୍ନା ମହାପାତ୍ର ଏବଂ ଗୌରାଙ୍ଗ ଚନ୍ଦ୍ର ମହାପାତ୍ରଙ୍କୁ "ଗାନ୍ଧୀ ଦିବସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ୪ ଜଣ ରିକ୍ସା ଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ।

## ଉରାଳୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



କଟକ,୨୭ ।୩(ସମିସ): ଉରାଳୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱଜିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟ ବକ୍ତା ଭାବେ ଡଃ ଦେବାଶିଷ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ବେରି ଅତିଥି ପରିଚୟ ପ୍ରଦାନ କରିଥିଲେ। ମନ୍ଦାକିନୀ ସାମଲ, ସୁନିତା ବେହୁରା, ମୀନାକ୍ଷୀ ଦାସ, ଗାୟତ୍ରୀ ସାହୁ ଏବଂ କୋରିଓଗ୍ରାଫର୍ ଜି.ଅମିତ୍ କୁମାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବିତା ମହାପାତ୍ର, କଲ୍ୟାଣୀ ରାଉତ, ଉଷାରାଣୀ ସାହୁ, ଅନୁପମା ସାହୁ, ସୌମ୍ୟଲତା ସାହୁ, ନିରୂପମା ଶରଣ, ଶୁଭଶ୍ରୀ ସାହୁ, ସୂଚିସ୍ମିତା ସାହୁ, ସୁବ୍ରତ ନନ୍ଦୀ, ବିପିନ ବିହାରୀ ମହାପାତ୍ର ଏବଂ ଗୁରୁକଲ୍ୟାଣ ବିଶ୍ୱାଳ ଏଥିରେ ସହଯୋଗ କରିଥିଲେ। ଦିପ୍ତୀମୟୀ ନାଟିଆ ଧନ୍ୟବାଦ ଦେଇଥିଲେ।

**ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ କରିବାକୁ ଗୁରୁତ୍ୱ**

# ପଙ୍କ ଉଦ୍ଧାର କାର୍ଯ୍ୟ ସମୀକ୍ଷା କଲେ ମେୟର



କଟକ,୨୭।୩(ସମିସ): ଆସନ୍ତା ବର୍ଷା ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଡ୍ରେନ୍ ସଫେଇ କାର୍ଯ୍ୟକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ କଟକ ମେୟର ସୁବାସ ସିଂହ ଏବଂ ସିଏମସି କମିଶନର କିରଣଦୀପ କୌର ସହୋତା ବିଭିନ୍ନ ଅଞ୍ଚଳ ଗସ୍ତ କରି ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ୨୯ ନମ୍ବର ୱାର୍ଡ ଅନ୍ତର୍ଗତ ବାଦାମବାଡ଼ି ମୋନାଲିସା ହୋଟେଲ ନିକଟସ୍ଥ ବିଏସଡବ୍ଲୁ ଡ୍ରେନ୍ ଏବଂ ୧୪ ନମ୍ବର ୱାର୍ଡର କାଜିବଜାର ମୁଖ୍ୟ ଡ୍ରେନ୍‌ର ସଫେଇ କାର୍ଯ୍ୟକୁ ମେୟର ଅନୁଧ୍ୟାନ କରିଥିଲେ। ଏହି ସମୟରେ ମେୟର ଶ୍ରୀ ସିଂହ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଡ୍ରେନ୍‌ରୁ ବାହାରୁଥିବା ପଙ୍କକୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ଅପସାରଣ କରାଯାଉ, ଯେପରି ସ୍ଥାନୀୟ ଜନସାଧାରଣଙ୍କ ଯାତାୟତରେ କୌଣସି ବ୍ୟାଘାତ ସୃଷ୍ଟି ନ ହୁଏ। ଏହି କାର୍ଯ୍ୟକ୍ରମରେ ସିଏମସି ଉପାୟୁକ୍ତ ଜୁବୁଲି ବେହେରା, ସ୍ଥାନୀୟ କର୍ପୋରେଟର ସୁମିତ୍ରା ବସ୍ତିଆ, ବସନ୍ତ ବେହେରା, ସାନିଟାରୀ ଅଧିକାରୀ ତ୍ରୈଲୋକ୍ୟ ସାହୁଙ୍କ ସମେତ ସାନିଟାରୀ ସୁପରଭାଇଜର ଓ ସ୍ୱଚ୍ଛସାଥୀମାନେ ଉପସ୍ଥିତ ଥିଲେ। ସହରର ସମସ୍ତ ବଡ଼ ଓ ଛୋଟ ଡ୍ରେନ୍‌ଗୁଡ଼ିକୁ ବର୍ଷା ପୂର୍ବରୁ ସମ୍ପୂର୍ଣ୍ଣ ସଫା କରିବାକୁ ଲକ୍ଷ୍ୟ ରଖାଯାଇଛି।

ସକାଳ
THE SAKALA



### ଶ୍ରୀରାମ ନବମୀରେ ବିରାଟ ପଟୁଆର

# ପୁନେର ଢୋଲକରେ ଦୁଲୁକିଲା ଜୟପୁର



ଜୟପୁର, ୨୭।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଶୁକ୍ରବାରରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିବସ ତଥା ନବମୀ ଅବସରରେ ବିରାଟ ପଟୁଆର ମାଧ୍ୟମରେ ସହରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଟୁଆର ଆରମ୍ଭ ହୋଇ ମାଦଳା ସାହି ଛକ ଠାରେ ପହଞ୍ଚି ଥିବା ବେଳେ ପବନ ଓ ଘଡଘଡି ସହିତ ବର୍ଷା ଏବଂ ବିଦ୍ୟୁତ୍ ବାରମ୍ବାର କାଟ ଯୋଗୁଁ କିଛି ସମୟ ପାଇଁ ଏଥିରେ ବାଧକ ସୃଷ୍ଟି ହୋଇଥିଲା। ପ୍ରାୟ ୧ ଘଣ୍ଟା ପରେ ପୁଣି ଏହି ଶୋଭାଯାତ୍ରା ଆରମ୍ଭ ହୋଇ ପୁଣି ନିର୍ଦ୍ଧାରିତ ରାସ୍ତାରେ ଯାତ୍ରା କରିଥିଲା। ଏହା ବିଭିନ୍ନ ହିନ୍ଦୁ ଯୁବ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ସଂଗଠନକୁ ନେଇ ଗଠିତ ଶ୍ରୀରାମ ନବମୀ ଆୟୋଜକ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ଏହି ପବିତ୍ର ଦିବସକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ସହରରେ ଏହି ପଟୁଆର ଯାତ୍ରା କରିବା ରାସ୍ତା ଗୁଡିକକୁ ପୂର୍ବାହ୍ନ ସାଢେ ୨ ଟାରୁ ବ୍ୟାରକେଟ୍ ଲଗାଇ ପୁଲିସ ଉପସ୍ଥିତିରେ ବନ୍ଦ କରାଯାଇଥିଲା। ଫଳରେ ଦୁଇ , ତିନି ଏବଂ ଚାରି ଚକିଆ ଯାନବାହାନ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଏହି ରାସ୍ତାରେ ବନ୍ଦ ହୋଇଥିଲା। ସେହିପରି ପଟୁଆର ଯାଉଥିବା ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ରାସ୍ତାକୁ ମଧ୍ୟ ବନ୍ଦ କରାଯାଇଥିଲା। ଏହି ଶୋଭାଯାତ୍ରା ଅପରାହ୍ନ ସାଢେ ୫ଟାରୁ ପାୱାରହାଉସ ଛକ ହନୁମାନ ମନ୍ଦିର ଠାରୁ ଯୁବକ, ଯୁବତୀ ଏବଂ ସାଧାରଣ ଲୋକ ହଜାର ହଜାର ସଂଖ୍ୟାରେ ଯୋଗଦେବା ପରେ ଶୁଭାରମ୍ଭ ହୋଇଥିଲା । ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ସୁଦୁର ମହାରାଷ୍ଟ୍ର ରାଜ୍ୟର ପୁନେ ମହାନଗରର ଢୋଲକ ବାଜା। ଏହି ବାଜାରେ ଜୟପୁର ସହର ପ୍ରକମ୍ପିତ ହେବା ସହିତ ଉତ୍ସବ ମୁଖର ହୋଇଥିଲା। ଏହି ବିରାଟ ପଟୁଆର ପାୱାର ହାଉସ ଛକ, ମାଦଳା ସାହି ଛକ, କେବିଏସଡି ରୋଡର ତାରିଣି ଛକ, ଜଗନ୍ନାଥ ମନ୍ଦିର ଏବଂ ଜାମା ମସିଜିଦ ସମ୍ମୁଖ ଦେଇ ରଥପଡିଆ, ରାଜାନହର, ମୁଖ୍ୟରାସ୍ତା, ସରକାରୀ ବସଷ୍ଟାଣ୍ଡ ଟ୍ରାଫିକ, ପାରାବେଡା ଛକ ଦେଇ ଦଶହରା ପଡିଆ ଠାରେ ସମାପ୍ତ ହୋଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଏକ ସୁସଜ୍ଜିତ ରଥରେ ବସାଇ ସହରେ ଶୋଭାଯାତ୍ରା ମାଧ୍ୟମରେ ପରିକ୍ରମା କରାଯାଇଥିଲା। ଏହି ପଟୁଆରକୁ ବିଭିନ୍ନ ଛକ ଓ ସାହିରେ ଫୁଲ, ଧୂପ ଓ ଦୀପ ଏବଂ ଭୋଗ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏଥିରେ କୁନି ଛୁଆ ମାନେ ରାମ, ହନୁମାନ ବେଶ ଧାରଣା କରିଥିବା ବେଳେ ଯୁବତୀ, ଯୁବକ ମାନେ ମାନେ ଗେରୁଆ ବସ୍ତ୍ର ଓ ମୁଣ୍ଡରେ ସିରୋପା ଧାରଣା କରିଥିଲେ। ଏହି ଅବସରରେ ଆଦିବାସୀ ଦୁରୁଆ ନୃତ୍ୟ ଦଳ, ଡିଜେ, ଏବଂ ଅନ୍ୟାନ୍ୟ ବାଜା ବାଜଣାରେ ସମସ୍ତ ଯୁବକ ଯୁବତୀ, କୁନିଛୁଆ ମାନେ ନୃତ୍ୟ ମାଧ୍ୟମରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପବିତ୍ର ଦିବସ ଅବସରରେ ସହରର ମୁଖ୍ୟ ରାସ୍ତାରେ ପଣା, ସରବତ ପାନୀୟ ଜଳ ସହିତ ହାଲବା, ଖଟ୍ଟାଭାତ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସାଧାରଣ ଲୋକ ଏବଂ ଶୋଭାଯାତ୍ରାରେ ସାମିଲ ଲୋକ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ୫୦ହଜାରରୁ ଅଧିକ ଲୋକ ସାମିଲ ହୋଇଥଲେ। ଦଶହରା ପଡିଆ ଠାରେ ରଥ ଓ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ସ୍ଥାନୀୟ ପୂଜା କମିଟି ପକ୍ଷରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଧ୍ୟାହ୍ନରୁ ଜିଲ୍ଲା ଏସ୍‌ପି ରୋହିତ ବର୍ମାଙ୍କ ତତ୍ୱାବଧାନ ଓ ନିର୍ଦ୍ଦେଶକ୍ରମେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀ, ଇନ୍‌ସପେକ୍ଟର, ଏସ୍ଆଇ, ଏଏସଆଇଙ୍କ ସମେତ ୧୪ ପ୍ଲାଟୁନ ପୁଲିସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି। ପରମ୍ପରା ଅନୁଯାୟୀ ଜୟପୁର ସହରର ରାଜାରାଜୁଡା ସମୟର ରଘୁନାଥ ମନ୍ଦିର, ଢେପଗୁଡା, ଜାମଲ ଲାଇନ, ଥୋରିଡିପୁଟ ଗ୍ରାମ ପ୍ରଭୃତି ଗ୍ରାମରେ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା, ହୋମଯଜ୍ଞ, ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ କରାଯାଇଥିଲା। ଜାମାଲ ଲାଇନରେ ରହିଥିବା ମନ୍ଦିରର ଏକ ପଟୁଆରରେ ଶ୍ରୀରାମ, ଦେବୀ ସୀତା ,ଭ୍ରାତା ଲକ୍ଷ୍ମଣଙ୍କ ପିତ୍ତଳ ପ୍ରତିମୂର୍ତ୍ତି ଏକ ବିମାନରେ ବସାଯାଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ କାନ୍ଧରେ ବୋହିବୋହି ଏହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆପିଏସ ଅଧିକାରୀ ପାର୍ଥ କାଶ୍ୟପ ଜଗଦିଶ, ଅତିରିକ୍ତ ଏସ.ପି ଅଭିଷେକ ପାଣିଗ୍ରାହୀ, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ରହି ଆଇନ ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶୋଭାଯାତ୍ରାବେଳେ ଜାମା ମସ୍‌ଜିଦ ନିକଟରେ ଓଏସଏସପିର ଯବାନ ମୁତୟନ ହୋଇଥିଲେ।

### ପୁଲିସର ବ୍ୟାପକ ସୁରକ୍ଷା ବ୍ୟବସ୍ଥା

## ବିଭିନ୍ନ ବଙ୍ଗୀୟ ଗ୍ରାମରେ ବାସନ୍ତୀ ଦୁର୍ଗାପୂଜା



ଉମରକୋଟ,୨୭।୩(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅନ୍ତର୍ଗତ ବିଭିନ୍ନ ବଙ୍ଗୀୟ ଗ୍ରାମରେ ବାସନ୍ତୀ ଦୁର୍ଗା ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଷଷ୍ଠୀ ଠାରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ମା'ଙ୍କର ପୂଜାକୁ ମହାଆଡ଼ମ୍ବରରେ ପାଳନ କରନ୍ତି ଗ୍ରାମବାସୀ। ନଦୀରୁ କଳସ ପାଣି ଆଣିବା ପରେ ବଙ୍ଗୀୟ ରୀତିନୀତି ଅନୁଯାୟୀ ମାଁ ବାସନ୍ତୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା ଚାଲିଛି। କଳସ ଯାତ୍ରା ପରେ ମାଁଙ୍କ ଜୀବନ୍ୟାସ , ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ଚଣ୍ଡୀ ପାଠ , ହୋମ ଆଳତି ଆଦି ଅନୁଷ୍ଠିତ ହୋଇଯାଇଛି। ଷଷ୍ଠୀରେ ମାଁଙ୍କୁ ଆବାହନ କରାଯାଇଥିଲା। ଦଶମୀରେ ଉଦ୍‌ଯାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ମାଁ ଙ୍କ ପୂଜାର୍ଚ୍ଚନା ଦେଖିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା କମିଟି ଗଠନ କରାଯାଇଛି।

## 'ଆମ ଶାବର ଶ୍ରୀକ୍ଷେତ୍ର' ଉଦ୍‌ଘାଟିତ

କୋରାପୁଟ,୨୭।୩(ସମିସ): କୋରାପୁଟ ଜଗନ୍ନାଥ ମନ୍ଦିର ଛକଠାରେ ପୌର ପରିଷଦ ପକ୍ଷରୁ ଆମ ଶାବର ଶ୍ରୀକ୍ଷେତ୍ର ଲାଇଟ ବୋର୍ଡ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ ହୋଇଯାଇଛି।




କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୋରାପୁଟ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, କାଉନସିଲର ମାଲେଶ୍ୱର ରାଓ, ପ୍ରଫୁଲ୍ଲ କୁମାର ମହାପାତ୍ର, ରବି ପରଜା, ସନ୍ଧ୍ୟାରାଣୀ ଜେନାଙ୍କ ସହ ଅନ୍ୟ କାଉନ୍‌ସିଲର ମାନେ ଉପସ୍ଥିତ ଥିଲେ। କୋରାପୁଟ ସହରକୁ ଆସୁଥିବା ପର୍ଯ୍ୟଟକ ମାନେ ସେଲଫି ପଏଣ୍ଟର ମଜା ନେଇପାରିବେ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ମ୍ୟୁନସିପାଲଟି ଅଧୀକ୍ଷଣ ଯନ୍ତ୍ରୀ ମନୋଜ ପାତ୍ର ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ଦଶମନ୍ତପୁର ଓ ପୋଡ଼ାଗଡ଼ରେ ରାମ ନବମୀ



ପୋଡ଼ାଗଡ଼,୨୭।୩(ସମିସ): ଦଶମନ୍ତପୁର ବ୍ଲକ ସଦର ମହକୁମାରେ ରାମ ନବମୀ ପାଳନ କରାଯାଇଛି। ଦଶାନ୍ତପୁର ସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ଏକ ବିରାଟ ଶୋଭାତ୍ରାରେ ହଜାର ହଜାର ଲୋକ ବାହାରି ସହର ପରିକ୍ରମା କରି ଚନ୍ଦନ ଶ୍ରୀକ୍ଷେତ୍ରରେ ପହଞ୍ଚି ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମରୁ ଅନେକ ସଙ୍କୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦଶମନ୍ତପୁର ସହର ଯାକ ଗେରୁଆରଙ୍ଗରେ ସୁସଜ୍ଜିତ କରାଯାଇଥିଲା। ଦଶମନ୍ତପୁର ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସ୍ଥାନୀୟ ଥାନା ଅଧିକାରୀ ଚରଣ ସିଂ ମାଝୀ କହିଛନ୍ତି। ରାମ ନବମୀ କମିଟିର ସଭାପତି ଜୟ ସେନ ଗରଡ଼ା, ଉପଦେଷ୍ଟା ନାରାୟଣ ବିଶଇ, ରମାକାନ୍ତ ଦଳେଇଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ଶୋଭାଯାତ୍ରା କରିଥିବା ଦେଖା ଦେଇଛି। ସେହିପରି ପୋଡ଼ା ଗଡଠାରେ ମଧ୍ୟ ଧୁମ୍‌ଧାମରେ ରାମନବମୀ ପାଳିତ ହେଇଯାଇଛି। ପଟା ମାଲିଗୁଡ଼ା ଗ୍ରାମରୁ ଏକ ଶୋଭାଯାତ୍ରା ବାହାରି ହାଟ ପଦା ପରିକ୍ରମା କରି ହନୁମାନ ବାଟିକା ଠାରେ ପହଞ୍ଚି ଥିଲା। ଏଥିରେ ଆଖ ପାଖ ଗାଁରୁ ଶତାଧିକ ପୁରୁଷ ମହିଳା ସାମିଲ ଯାଇଥିଲେ। ଜୟ ଶ୍ରୀ ରାମ ଧ୍ୱନୀରେ ପୋଡ଼ାଗଡ ପ୍ରକମ୍ପିତ ହେଉଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ କୋରାପୁଟ ସଦର ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିବା ଦେଖା ଦେଇଛି। ଏହି ଶୋଭାଯାତ୍ରାରେ ପ୍ରାୟ ୩ରୁ ୪ଟି ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ରାମ ନବମୀ କମିଟିର ସଭାପତି ଶ୍ରୀକାନ୍ତ ରାୟ ସୀମାଞ୍ଚଳ ରାୟ, ସୀତାରାମ ରାୟ, ସିଲୁ ଜେନା, ସୁଭାଷ ଚନ୍ଦ୍ର ରାୟ, ଜଗନ୍ନାଥ ବିଶଇ, ଦେବେନ୍ଦ୍ର ଜେନା, ବାବୁଲା ଜେନା, ନିରନମାଳି, ଭୀମ ମାଳି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୋଡ଼ାଗଡ଼ ସ୍ଥିତ ହନୁମାନ ବାଟିକା ଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ପାଇଁ ଥାନା ଆଗରେ ଉତ୍ତେଜନା



ନନ୍ଦପୁର, ୨୭।୩ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ନିକଟସ୍ଥ ଏମ୍‌ଡିଆର-୫୫ ମୁଖ୍ୟ ରାସ୍ତାରେ ଗତ ଗୁରୁବାର ରାତିରେ ଘଟିଥିବା ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ସୂଚନା ଅନୁସରେ, ନନ୍ଦପୁର ଠାରୁ ପ୍ରାୟ ୫ କିମି ଦୂରରେ ବାଟ ମଙ୍ଗଳା ମନ୍ଦିର ନିକଟରେ ରାତ୍ର ପ୍ରାୟ ୯ଟା ସମୟରେ ରାସ୍ତା କଡରେ ରଖାଯାଇଥିବା ଏକ ଅଚଳ ଜେସିବି ମେସିନକୁ ବାଇକ ଚାଳକ ଜଣକ ଧକ୍କା ଦେଇଥିଲେ। ଏହି ଘଟଣାରେ ବାଇକ ଚାଳକ ମାଲିବେଲଗାଁ ପଞ୍ଚାୟତର ଗୋପୀନାଥ ହନ୍ତାଳ (୨୧) ଗୁରୁତର ଭାବେ ଆହତ ହୋଇ ପଡ଼ିଥିଲେ।"ଘଟଣା ସମ୍ପର୍କରେ ସୂଚନା ପାଇ ନନ୍ଦପୁର ଥାନା ଆଇଆଇସି ତ୍ରିନାଥ ତୋଟାପାଡିଆ ଓ ଏସଆଇ ପ୍ରତ୍ୟୁଷ ପଟେଲ ସହ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ କୋରାପୁଟ ବଡ଼ ଡାକ୍ତରଖାନା ଓ ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ଖବର ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ କ୍ଷତି ପୂରଣ ଦାବିରେ ଅଞ୍ଚଳବାସୀଙ୍କ ସମେତ ପରିବାର ଲୋକ ଥାନା ଆଗରେ ଶବ ରହି ଅନଶନ କରିଥିଲେ। ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ମାଲିବେଲଗାଁ ସରପଞ୍ଚ ଶ୍ରୀ ମୁଦୁଲିଙ୍କୁ ନେଇ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଶବ ଉଠିଥିଲା। ସେପଟେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଦୁର୍ଘଟଣା ଗ୍ରସ୍ତ ପରିବାରଙ୍କୁ ଦଶ ହଜାର ଟଙ୍କା ରେଡ୍‌କ୍ରସ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

## କୋଷାଗୁମୁଡ଼ାରେ ଶ୍ରୀରାମ ନବମୀ

କୋଷାଗୁମୁଡ଼ା,୨୭।୩(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ସଦର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଜୟ ଶ୍ରୀରାମ ସଂଘ ତରଫରୁ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଛି। ୪ ବର୍ଷ ତଳେ କୋଷାଗୁମୁଡ଼ା



ସଦରର ଯୁବକଙ୍କ ପ୍ରଚେଷ୍ଟାରେ ଜୟ ଶ୍ରୀରାମ ସଂଘ ଅନୁସାରେ କାର୍ଯ୍ୟକ୍ରମଟି ସଫଳ ଭାବେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ କର୍ମୀଙ୍କ ଦ୍ୱାରା ସହରର ସାହି ପରିକ୍ରମାର ତାଳେ ତାଳେ ଶ୍ରୀରାମଙ୍କ ନାମସଂକୀର୍ତ୍ତନ, ହାତରେ ପତାକା ଧରିବା ସହ ଆତସ ବାଜି ସଂଗୀତ, ବଲାଙ୍ଗୀରର ଘଣ୍ଟ ପଟୁଆର ନୃତ୍ୟର ପରିବେଷଣରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା। ଜୟ ଶ୍ରୀରାମ ସଂଘ ତରଫରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ୫ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକ ମଣ୍ଡଳୀ ଉପସ୍ଥିତ ରହି ନଗର ପରିକ୍ରମା କରିଥିଲେ। କୋଷାଗୁମୁଡ଼ା ବ୍ଲକର ବଜ୍ରଗୋଡ଼, କୋଡ଼ିଙ୍ଗା, ରାଜୋଡା, ମାଳି ଆଟିଗାଁ, ତାରାଗାଁ ଏବଂ ବିଭିନ୍ନ ଅଞ୍ଚଳରେ ବହୁ ଆଡମ୍ବରରେ ଶ୍ରୀରାମ ନବମୀ ପାଳନ କରାଯାଇଛି।

## ରାମ ନବମୀ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ



କୋରାପୁଟ,୨୭ ।୩(ସମିସ): କୋରାପୁଟ ସଦରମହକୁମାରେ ରାମ ନବମୀ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ହନୁମାନ ବାଟିକାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ପୂଜାରୀପୁଟ ଶ୍ରୀରାମ ମନ୍ଦିରରେ ଶୋଭାଯାତ୍ରା ଶେଷ ହୋଇଥିଲା। ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବର୍ଷା ସତ୍ତ୍ୱେ ଶୋଭାଯାତ୍ରାରେ ହଜାର ହଜାର ଭକ୍ତ ସାମିଲ ହୋଇଥିଲେ। କୋରାପୁଟ ପୁଲିସ ପକ୍ଷରୁ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ବୋଲି କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ପୂର୍ବତନ ବିଧାୟକ ନିମାଇଁ ଚନ୍ଦ୍ର ସରକାର ଓ ରଘୁରାମ ପଡ଼ାଲଙ୍କ ସହ ହଜାର ହଜାର ପୁରୁଷ ଓ ମହିଳା ଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶ୍ରୀରାମ ନବମୀ ଆୟୋଜନ କମିଟିର ଆନୁକୂଲ୍ୟରେ ଉତ୍ସବ ପାଳନ କରାଯାଇଥିଲା। ସହରର ବିଭିନ୍ନ ଛକରେ ଶୋଭାଯାତ୍ରାକାରୀଙ୍କୁ ଅନେକ ଅନୁଷ୍ଠାନ ତରଫରୁ ପଣା ପ୍ରଦାନ କରାଯାଇଥିଲା। କମିଟିର ରାମ ପ୍ରାସାଦ ସାହୁ, ସନ୍ତୋଷ କୁମାର ଜେନା, ରାଜେଶ ସୋନେଜା, ସୌମେନ୍ଦ୍ର କୁମାର ସ୍ୱାଇଁ, ରାଜେଶ ଯାଦବ, ମହୀପାଳ ସିଂ ପ୍ରମୁଖଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଷୀରାବ୍ଧି ତନୟା ସାହୁ ରାୟଗଡ଼ା ଉପଜିଲ୍ଲାପାଳ

ରାୟଗଡ଼ା,୨୭।୩(ସମିସ): ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଆଜି ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଜେନାଙ୍କୁ ଓଡିଶା ବିଧାନସଭା (ଓଏଲଏ) ସଚିବାଳୟର ଯୁଗ୍ମ ସଚିବ ଭାବେ ପଦନ୍ନୋତି ଦିଆଯାଇ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ପୂର୍ବତନ ଖୋର୍ଦ୍ଧା ବିଡିଓ ତଥା ବର୍ତ୍ତମାନର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଶ୍ରୀମତି କ୍ଷୀରାବ୍‌ôଧତନୟା ସାହୁଙ୍କୁ ରାୟଗଡ଼ା ଉପଖଣ୍ଡର ନୂତନ ଉପଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତ କରାଯାଇଛି।

### ● ରାତି ପାହିଲେ ଘଟଯାତ୍ରା

## ରାସ୍ତା ଉପରେ ପଡ଼ିରହିଛି ବଡ଼ ପଥର

ଜୟପୁର, ୨୭ ।୩(ସମିସ) : ଚୈତ୍ର ମାସ ଉପଲକ୍ଷେ ଜୟପୁର ସହରର ବିଭିନ୍ନ ସାହିରେ ଘଟଯାତ୍ରା ପାଳିତ ହେଉଛି। ଏହିପରି ଗଙ୍ଗାନଗର ଠାରେ ମଧ୍ୟ ଦେବୀ ଗଙ୍ଗାମାଁଙ୍କ ଘଟଯାତ୍ରା ଶନିବାର ଠାରୁ ଶୁଭାରମ୍ଭ ହେବ। ଏହିପରି ଗତ କିଛି ଦିନ ପୂର୍ବରୁ ଉକ୍ତ ଗଙ୍ଗାନଗର ଅଞ୍ଚଳର ପୌରସଂସ୍ଥା ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଥିଲା। କିନ୍ତୁ ଦୀର୍ଘଦିନ ହେଲାଣି କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ବାଲି, ଗୋଡି, ବଡ ପଥର ରାସ୍ତା ଉପରେ ପଡରହିଛି। ଏହିପରି ସାହିବାସିନ୍ଦା ଯାତ୍ରା ଶୁଭାରମ୍ଭ ନେଇ ପୌର ଅଧ୍ୟକ୍ଷ, ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ନିର୍ମାଣକାରୀ ଠିକାଦାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ଏହାକୁ ଉଠାଇବା ନେଇ କୌଣସି ବ୍ୟବସ୍ଥା ହୋଇପାରିନାହିଁ। ଏହିପରି ରାତି ପାହିଲେ ଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ଆଜି କେବଳ ବାଲି ଉଠାଯାଇଥିଲେ ସୁଦ୍ଧା ବଡ ବଡପଥର ରାସ୍ତା ଉପରେ ପଡିରହିଛି। ଏଥିନେଇ ପୌରସଂସ୍ଥା ପକ୍ଷରୁ ସାଧାରଣ ଲୋକଙ୍କ ଅଭିଯୋଗ ଏବଂ ସମସ୍ୟା ଦୂର କରିବା ବଦଳରେ ଏହାକୁ ଦ୍ୱିଗୁଣିତ କରୁଥିବା ନେଇ ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏହିପରି ପୌରସଂସ୍ଥାର ନିର୍ବାଚିତ ଲୋକ ପ୍ରତିନିଧି ଏବଂ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶକ ଠିକାଦାର ମାନେ ଖାତିର କରୁଥିବା ନେଇ ସ୍ପଷ୍ଟ ହୋଇଛି। ଏହିପରି ୫ ଦିନ ଧରି ଗଙ୍ଗାନଗର ସାହି ଭିତରକୁ ପ୍ରବେଶ କରୁଥିବା ଏହି



ବଡ ବଡ ପଥର ପଡିରହିଥିବା ଯୋଗୁଁ ଜନଗହଳୀ ହେଲେ ସାଧାରଣ ଲୋକମାନେ ସମସ୍ୟାର ସମ୍ମୁଖିନ ହେବେ ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିନେଇ ପୌରଯନ୍ତ୍ରୀ ଅଜୟ କୁମାର ଜାନୀଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଠିକାଦାର କାର୍ଯ୍ୟ ଶେଷ ହେବା ପରେ ଏହାକୁ ଉଠାଇବାର ନିୟମ ରହିଛି। କିନ୍ତୁ କେଉଁ କାରଣରୁ ଉଠାଇନାହାନ୍ତି ଏବଂ ତାଙ୍କୁ ଉଠାଇବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# ଉଦ୍‌ଘାଟନ ହେବ ବିଶ୍ୱକଲ୍ୟାଣ ଭବନ

ଜୟପୁର, ୨୭। ୩ (ସମିସ) : ଜୟପୁର ସହର ନିକଟସ୍ଥ ଲାଲାଗୁଡ଼ା ଠାରେ ଆଧ୍ୟାତ୍ମିକ ଜାଗରଣ ଓ ବିଶ୍ୱଶାନ୍ତିର ପ୍ରଚାର ପାଇଁ ନବ ନିର୍ମିତ ବିଶ୍ୱ କଲ୍ୟାଣ ଭବନର ଗୃହ ଆସନ୍ତା ରବିବାର ଉଦ୍ଘାଟନ ହେବ। ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ୯୦ ବର୍ଷ ପାଳନ ଏବଂ ଅନୁଷ୍ଠାନର ଆନ୍ତଃରାଷ୍ଟ୍ରୀୟ ମୁଖ୍ୟ ପ୍ରଶାସିକା ଦାଦୀ ଜାନକୀଙ୍କ ୭ମ ପୂଣ୍ୟ ତିଥି ଅବସରରେ ସଂଗଠନ ପକ୍ଷରୁ ବିଶ୍ୱ କଲ୍ୟାଣ ଭବନର ନିର୍ମାଣର ମୂଳ ଲକ୍ଷ୍ୟ ହେଉଛି ସମାଜରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି, ମନଶାନ୍ତି ଓ ନୈତିକ ମୂଲ୍ୟବୋଧକୁ ସୁଦୃଢ଼ କରିବା। ଏହି କେନ୍ଦ୍ର ମାଧ୍ୟମରେ ସମସ୍ତ ବର୍ଗର ଲୋକମାନେ ଧ୍ୟାନ, ଯୋଗ ଓ ଆ।।ଚିନ୍ତନ ମାଧ୍ୟମରେ ଏକ ସୁସ୍ଥ ଓ ସକାରାତ୍ମକ ଜୀବନ ଗଢ଼ିପାରିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଜୟପୁର ସହରରେ ଗତ ୩୯ ବର୍ଷ ଧରି ସଂଗଠନର କାର୍ଯ୍ୟ ଚାଲୁଥିବା ବେଳେ ବର୍ତ୍ତମାନ ଏହି କେନ୍ଦ୍ର ଅଧିନରେ ୨୫ଟି ଶାଖା କାର୍ଯ୍ୟରତ । ୨୧ଟି ବିଭିନ୍ନ ସେବା ବିଭାଗ ମାଧ୍ୟମରେ ଯୁବ ଶକ୍ତି ବିକାଶ, ମହିଳା ସଶକ୍ତିକରଣ ଓ ସାମାଜିକ ଉନ୍ନତିରେ ନିରନ୍ତର ପ୍ରୟାସ ହେଉଛି। ଏହିପରି ଯୁବକ ମାନଙ୍କୁ ନିଶା ଓ ମାଦକ ଦ୍ରବ୍ୟ ସେବନ ନିରୋଧ, ଧ୍ୟାନ ଓ ଆଧ୍ୟା,କ ଶିକ୍ଷା ମାଧ୍ୟମରେ ସେମାନଙ୍କୁ ସଠିକ୍




ପଥରେ ଆଣିବା ପାଇଁ ବିଶେଷ କାର୍ଯ୍ୟକ୍ରମ ଜାରୀ ରହିଛି। ଏହି ଅବସରରେ ରାଜସ୍ଥାନ ମାଉଣ୍ଟ ଆବୁରୁ ବିଶିଷ୍ଟ ବକ୍ତା ବ୍ରହ୍ମାକୁମାରୀ ଉଷା ଦିଦି ଉପସ୍ଥିତ ରହି ସମ୍ମିଳନୀରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କେନ୍ଦ୍ରର ମୁଖ୍ୟ ଜୟନ୍ତୀ ଦିଦି, ସୁମତି ଦିଦି,ଶଶି ଦିଦି, ସୁଲୋଚନା ଦିଦି ପ୍ରମୁଖ ଉପସ୍ଥିତ ରହିଥିଲେ।

### କାର୍ଯ୍ୟାନୁଷ୍ଠାନ ଡରରେ ଛୁଟିରେ ଥିଲେ ଆଞ୍ଚଳିକ ସାଧନ କର୍ମୀ

# ଆସିବା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ମାଥିଲି ,୨୭।୩ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ଆଞ୍ଚଳିକ ସାଧନ କର୍ମୀଙ୍କ ବ୍ୟବହାର, ଆଚରଣରେ ଓ ଉଚ୍ଚାରଣରେ ଅତିଷ୍ଠ ହୋଇ ପଞ୍ଚାୟତର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାର ଘଟଣା ସମ୍ପର୍କରେ "ସକାଳ" ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ସମ୍ପୃକ୍ତ ଆଞ୍ଚଳିକ ଗୋଷ୍ଠୀ ଶିକ୍ଷା ସାଧନ କର୍ମୀ ଛୁଟିରେ ରହିବା ଘଟଣା ଆଲୋଚନାର ବିଷୟ ହୋଇଥିଲା। ବର୍ତ୍ତମାନ ଆଞ୍ଚଳିକ ସାଧନ କର୍ମୀ ଯୋଗ ଦେଇଛନ୍ତି । କିନ୍ତୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ଇଏଲରେ ଥିବା କୁହାଯାଉଛି।

ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ କସିଗୁଡା କ୍ଲଷ୍ଟର ର ଆଞ୍ଚଳିକ ସାଧନ କର୍ମୀ ନିହାର ରଞ୍ଜନ ଦାସଙ୍କ ନାମରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଗୁରୁତର ଅଭିଯୋଗ କରାଯାଇ ଆସୁଥିଲା। ବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ସହଯୋଗ ପାଇଁ କୌଣସି ପରାମର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ମାଗିଲେ ଶ୍ରୀ ଦାସ କୌଣସି ସହଯୋଗ କରନ୍ତି ନାହିଁ। କୌଣସି ସରକାରୀ ଚିଠି ତଥା ନିର୍ଦ୍ଦେଶନାମା ବିଷୟରେ ସହାୟତା କିମ୍ବା ପରାମର୍ଶ ନ ଦେଇ କଟୁ ଶବ୍ଦ କୁହନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ଛୁଟିରେ ରହିଲେ ପଇସା ମାଗନ୍ତି । ନ ଦେଲେ ଦରମା ବନ୍ଦ କରିବାର ଭୟଦେଖାନ୍ତି। ଶ୍ରୀ ଦାସ ବିଦ୍ୟାଳୟ ପରିଦର୍ଶନକୁ ଖୁବ୍ କମ୍ ଯାଆନ୍ତି। ଏପରି ଅନେକ ଅଭିଯୋଗ ତାଙ୍କ ନାମରେ ଦରଜ ହୋଇଛି। ତାଙ୍କୁ ଉଦୁଲିବେଡ଼ାକୁ ଅଣାଯାଇ ଉକ୍ତ ପଞ୍ଚାୟତକୁ ଉଦୁଲିବେଡ଼ା ପଞ୍ଚାୟତ ସିଆରସିଙ୍କୁ ସେଠାକୁ ନେବାକୁ କୁଆଡେ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ଫାଇଲ ପଡିଛି। ତେବେ ଏପରି ଗୁରୁତର ଅଭିଯୋଗ ସତ୍ତ୍ୱେ ତାଙ୍କ ପ୍ରତି ଜିଲ୍ଲା ଶିକ୍ଷା ବିଭାଗୀୟ ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ପ୍ରଶ୍ନ ଉଠିଛି। ଆଜି ଆସନ୍ତା ବାର୍ଷିକ ପରୀକ୍ଷା ପାଇଁ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା ଓ ନୂତନ ବ୍ୟବସ୍ଥାରେ ପରୀକ୍ଷା ହେବାକୁ ଥିବା ବେଳେ ସେ କିପରି ଓ ତାଙ୍କୁ କେମିତି ଇଏଲ ପ୍ରଦାନ କରାଗଲା ତାହା ବି ଆଲୋଚନା ହେଉଛି।

ସକାଳ
THE SAKALA



www.sakalaepaper.com

## କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ କିଣା ଶେଷ ପର୍ଯ୍ୟାୟରେ

# ୭୨୪୫୪ ଚାଷୀଙ୍କ ୨୫୧୫୧୧୬.୩୮ କ୍ୱିଣ୍ଟାଲ ଧାନ ଉଠିଛି

କେନ୍ଦୁଝର, ୨୭।୩ (ସମିସ): କେନ୍ଦୁଝର ଜିଲ୍ଲାରେ ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କିଣା ଅବଧି ପ୍ରାୟ ଶେଷ ହେବାକୁ ଯାଉଛି। ଯଦି ଚାଷୀଙ୍କର ସମସ୍ୟାକୁ ହୃଦୟଙ୍ଗମ କରି ସରକାର ଧାନ କିଣା ଅବଧି ବୃଦ୍ଧି କରନ୍ତି ତେବେ କଥା ଅଲଗା ମାତ୍ର ସେଭଳି ସମ୍ଭାବନା କମ ଥିବାବେଳେ ଇତିମଧ୍ୟରେ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୯୫ଟି ମଣ୍ଡିରେ ୭୨୪୫୪ ଜଣ ଚାଷୀଙ୍କର ୨୫୧୫୧୧୬. ୩୮ କ୍ୟୁଣ୍ଟାଲ ଧାନ କିଣା ସାରିଥିବା ସୂଚନା ମିଳିଛି।

ବିଭାଗୀୟ ସୂଚନା ମୁତାବକ, ଆକୁଳ ଭୀମକାଣ୍ଡ ପିପିସିରେ ୨୭୧ ଚାଷୀଙ୍କ ଠାରୁ ୮୯୩୫. ୭୨ କ୍ୟୁଣ୍ଟାଲ, ଆଳତୀ ଏସସିଏସରେ ୬୮୬ ଚାଷୀଙ୍କର ୨୧୪୬୪. ୯୮ କ୍ୟୁଣ୍ଟାଲ, ଆମ୍ବୋ ଏସସିଏସରେ ୪୦୦ ଚାଷୀଙ୍କର ୧୩୦୩୦ କ୍ୟୁଣ୍ଟାଲ, ଆନନ୍ଦପୁରର ପଦ୍ମପୁର ପିପିସିରେ ୯୮୧ ଚାଷୀଙ୍କର ୩୨୫୩. ୪୨ କ୍ୟୁଣ୍ଟାଲ, ଆନନ୍ଦପୁର ଏସସି ଏସରେ ୬୧ ଚାଷୀଙ୍କର ୧୧୮୬. ୧୧ କ୍ୟୁଣ୍ଟାଲ, ଆଶନପାଟ ଲ୍ୟାମ୍ପରେ ୬୨୪ ଚାଷୀଙ୍କର ୨୦୯୭୬. ୧୫ କ୍ୟୁଣ୍ଟାଲ ଧାନ କିଣା ସାରିଛି। ସେହିଭଳି ବାବା ରମେଶ୍ୱର ପିପିସିରେ ୧୩୮୪ ଚାଷୀଙ୍କର ୪୪୮୭୮. ୩୨ କ୍ୟୁଣ୍ଟାଲ, ବଡ ପାଳାଶପାଳ ଲ୍ୟାମ୍ପରେ ୭୧୦ ଚାଷୀଙ୍କର ୨୮୪୨୧. ୬୪ କ୍ୟୁଣ୍ଟାଲ, ବଡ଼ରମ୍ପାସରେ ୧୧୧୬ ଚାଷୀଙ୍କର ୫୪୩୦୬. ୮୯ କ୍ୟୁଣ୍ଟାଲ, ବଳରାମପୁର ସର୍ଭିସରେ ୯୭୮ ଚାଷୀଙ୍କର ୩୨୫୯୬. ୬୪ କ୍ୟୁଣ୍ଟାଲ, ବାଲିବନ୍ଧ ଲ୍ୟାମ୍ପରେ ୭୩୧ ଚାଷୀଙ୍କଠାରୁ ୨୪୯୮୦. ୪୫ କ୍ୟୁଣ୍ଟାଲ ଧାନ କିଣା ସାରିଛି। ବଙ୍ଗୋରରେ ୯୮୩ ଚାଷୀଙ୍କର ୨୭୮୫୨. ୬୫ କ୍ୟୁଣ୍ଟାଲ, ବାତୋ ଏସସି ଏସରେ ୫୮୧ ଚାଷୀଙ୍କର ୧୪୪୩୮. ୯୩ କ୍ୱଇଣ୍ଟାଲ, ବାଉଁଶଗଡ଼ ଏସସିଏସରେ ୭୫୮ ଚାଷୀଙ୍କର ୧୯୦୬୯. ୦୪ କ୍ୟୁଣ୍ଟାଲ, ବାଉଁଶୁଳି ଲ୍ୟାମ୍ପରେ ୫୧୭ ଚାଷୀଙ୍କର ୧୭୦୭୧. ୮୪ କ୍ୟୁଣ୍ଟାଲ, ବେଲବାହାଳିରେ ୭୪୧ ଚାଷୀଙ୍କର ୧୩୫୨୭. ୨୮ କ୍ୟୁଣ୍ଟାଲ, ଭଣ୍ଡା ଲ୍ୟାମ୍ପରେ ୭୭୪ ଚାଷୀଙ୍କଠାରୁ ୨୮୪୪୫. ୨୧ କ୍ୟୁଣ୍ଟାଲ, ଭଣ୍ଡାରିଦିହା ଏସସିଏସରେ ୬୮୭ ଚାଷୀଙ୍କର ୨୮୩୬୬. ୭୧ କ୍ୟୁଣ୍ଟାଲ ଧାନ କିଣା ସାରିଲାଣି। ଅନ୍ୟପକ୍ଷରେ ଭୂଇଁପୁର ଲ୍ୟାମ୍ପରେ ୬୮୨ ଚାଷୀଙ୍କର ୨୪୪୫୮. ୬୬ କ୍ୟୁଣ୍ଟାଲ, ବକ୍ସି ବାରିଗାଁରେ ୭୧୨ ଚାଷୀଙ୍କର ୨୨୭୯୭. ୭୬ କ୍ୟୁଣ୍ଟାଲ, କଣ୍ଡରାରେ ୧୦୦ ଚାଷୀଙ୍କର ୩୮୧୫. ୬୩ କ୍ୟୁଣ୍ଟାଲ ଧାନ କିଣାଯାଇଛି। କରଞ୍ଜିଆରେ ୬୬୧ ଚାଷୀଙ୍କର ୨୬୧୪୩.୫୭ କ୍ୱିଣ୍ଟାଲ, ଚମ୍ପୁଆରେ ୪୪୩ ଚାଷୀଙ୍କର ୧୪୨୨୮.୧୯ କ୍ୱିଣ୍ଟାଲ, ଚଉଠିଆ ଲ୍ୟାମ୍ପ୍ସରେ ୬୨୩ ଚାଷୀଙ୍କର ୨୧୫୯୬.୬୪ କ୍ୱିଣ୍ଟା,ଚେମେଣା ଲ୍ୟାମ୍ପ୍ସରେ ୮୯୩ ଚାଷୀଙ୍କର ୨୬୬୨୯.୮୫ କ୍ୱିଣ୍ଟାଲ, ଛାମୁଣ୍ଡା ଲ୍ୟାମ୍ପ୍ସରେ ୮୬୩ ଚାଷୀଙ୍କର ୨୭୬୮୫.୧୩ କ୍ୱିଣ୍ଟାଲ, ଶାଳଣିଆଁରେ ୧୧୧୬ ଚାଷୀଙ୍କର ୪୩୩୩୨.୪୪ କ୍ୱିଣ୍ଟାଲ,ଡଅଁରରେ ୧୫୫୬ ଚାଷୀଙ୍କର ୬୯୯୮୧.୮ କ୍ୱିଣ୍ଟାଲ, ଦରଡିପାଳରେ ଏସ୍ସିଏସ୍‌ରେ ୧୦୯୪ ଚାଷୀଙ୍କର ୪୫୨୪୬.୯୮ କ୍ୱିଣ୍ଟାଲ,ଦେଓଗାଁ ଏସ୍ସିଏସ୍‌ରେ ୫୪୬ ଚାଷୀଙ୍କର ୨୧୭୧୬.୮୭ କ୍ୱିଣ୍ଟାଲ,କରଦାଙ୍ଗି ଦେଉଳଡିହାରେ ୩୯୩ ଚାଷୀଙ୍କର ୧୪୧୬୯.୦୪ କ୍ୱିଣ୍ଟାଲ, କୋଳିମାଟିରେ ୨୬୧ ଚାଷୀଙ୍କର ୬୦୦୦.୧୪ କ୍ୱିଣ୍ଟାଲ, ଧକୋଠା ଏସ୍ସିଏସ୍‌ରେ ୪୮୪ ଚାଷୀଙ୍କର ୧୬୨୦୮.୫୮ କ୍ୱିଣ୍ଟାଲ,ଢେଙ୍କା ଏସ୍ସିଏସ୍‌ରେ ୭୦୨ ଚାଷୀଙ୍କର ୨୯୭୫୮.୬୭ କ୍ୱିଣ୍ଟାଲ, ଢେଙ୍କିକୋଟରେ ୧୧୬୦ ଚାଷୀଙ୍କର ୩୬୫୫୫.୯ କ୍ୱିଣ୍ଟାଲ, ଏରେଣ୍ଡେଇ ଲ୍ୟାମ୍ପ୍ସରେ ୧୨୬୯ ଚାଷୀଙ୍କର ୪୨୨୧୩.୨୫ କ୍ୱିଣ୍ଟାଲ ଏବଂ ଫକିରପୁରରେ ୨୫୮ ଚାଷୀଙ୍କର ୪୩୫୮.୩୫ କ୍ୱିଣ୍ଟାଲ ଧାନ କିଣା ସରି ସାରିଛି।

### ● ଏବେବି ଅନେକ ଚାଷୀ ମଣ୍ଡିର ଧାନ ବିକିବା ଆଶାରେ

ଏତଦ୍ଭିନ୍ନ ଗଡବାନ୍ଧଗୋଡାରେ ୧୦୮୨ ଚାଷୀଙ୍କର ୩୬୮୨୪.୨୯ କ୍ୱିଣ୍ଟାଲ, ଗୟଳମୁଣ୍ଡାରେ ୪୧୩ ଚାଷୀଙ୍କର ୧୪୬୩୧.୬୪ କ୍ୱିଣ୍ଟାଲ, ଘଟଗାଁ ଲ୍ୟାମ୍ପ୍ସରେ ୧୦୨୬ ଚାଷୀଙ୍କର ୩୯୩୮୦.୧ କ୍ୱିଣ୍ଟାଲ,ଗୋନାସିକା ଲ୍ୟାମ୍ପ୍ସରେ ୧୭୩ ଚାଷୀଙ୍କର ୪୫୨୧.୬୩ କ୍ୱିଣ୍ଟାଲ, ଭଗାମୁଣ୍ଡାରେ ୬୪୩ ଚାଷୀଙ୍କର ୧୬୮୮୦.୨୫ କ୍ୱିଣ୍ଟାଲ, ହରିଚନ୍ଦନପୁରରେ ୧୩୮୨ ଚାଷୀଙ୍କର ୫୦୨୩୩.୨୮ କ୍ୱିଣ୍ଟାଲ,ଜାମୁଦଳକ ଲ୍ୟାମ୍ପ୍ସରେ ୫୩୧ ଚାଷୀଙ୍କର ୧୯୧୧୫.୮୯ କ୍ୱିଣ୍ଟାଲ, ଜାମୁପଶି ଲ୍ୟାମ୍ପ୍ସରେ ୪୯୨ ଚାଷୀଙ୍କର ୧୮୬୩୮.୫୬ କ୍ୱିଣ୍ଟାଲ, ଜଘିରା ଲ୍ୟାମ୍ପ୍ସରେ ୮୦୨ ଚାଷୀଙ୍କର ୨୦୮୫୭.୩୪ କ୍ୱିଣ୍ଟାଲ,ଝୁମ୍ପୁରା ଲ୍ୟାମ୍ପସରେ ୧୩୪୫ ଚାଷୀଙ୍କର ୪୩୬୨୯.୯୪ କ୍ୱିଣ୍ଟାଲ,ଜ୍ୟୋତିପୁର ଲ୍ୟାମ୍ପସ ରେ ୩୯୬ ଚାଷୀଙ୍କର ୧୧୯୮୪.୬୬ କ୍ୱିଣ୍ଟାଲ, ଫୁଲକଅଁଳେଇରେ ୪୭୫ ଚାଷୀଙ୍କର ୧୫୧୮୦.୯୨ କ୍ୱିଣ୍ଟାଲ,କାଳିଆହତା ଲ୍ୟାମ୍ପସରେ ୩୮୧ ଚାଷୀଙ୍କର ୧୨୫୫୪.୪୧ କ୍ୱିଣ୍ଟାଲ, କେନ୍ଦେଇପଶି ଲ୍ୟାମ୍ପସରେ ୮୧୨ ଚାଷୀଙ୍କର ୨୪୬୮୨.୦୭ କ୍ୱିଣ୍ଟାଲ, କେଶଦୁରାପାଳରେ ୭୯୧ ଚାଷୀଙ୍କର ୩୮୧୩୦.୯ କ୍ୱିଣ୍ଟାଲ,ଖଜିରାପାଟରେ ୮୮୨ ଚାଷୀଙ୍କର ୨୫୧୨୭.୯୭ କ୍ୱିଣ୍ଟାଲ, ଖଲଣାରେ ୧୭୮୦ ଚାଷୀଙ୍କର ୫୫୮୨୭.୩ କ୍ୱିଣ୍ଟାଲ, ଖାଳିଆମେଣ୍ଟାରେ ୮୯୬ ଚାଷୀଙ୍କର ୨୮୧୫୩.୭୨ କ୍ୱିଣ୍ଟାଲ, କୋଡପଡାରେ ୫୧୯ ଚାଷୀଙ୍କର ୧୫୮୧୯.୮୩ କ୍ୟୁଣ୍ଟାଲ, କୁମୁଣ୍ଡିରେ ୩୫୮ ଚାଷୀଙ୍କର ୧୦୮୬୮.୬୯ କ୍ୟୁଣ୍ଟାଲ, ମୈରେଗାଁରେ ୧୭୯୫ ଚାଷୀଙ୍କର ୮୦୬୨୩.୯୧ କ୍ୱିଣ୍ଟାଲ ଧାନ କିଣା ସରିଥିବା ଜଣାପଡିଛି। ସେହିପରି ନୟାକୋଟ ଲ୍ୟାମ୍ପସରେ ୩୨୩ ଚାଷୀଙ୍କର ୮୩୭୬.୫୬ କ୍ୟୁଣ୍ଟାଲ, ଓରାଳିରେ ୫୪୦ ଚାଷୀଙ୍କର ୨୭୪୬୫.୩୭ କ୍ୱିଣ୍ଟାଲ,ପଦ୍ମପୁରରେ ୧୫୩୨ ଚାଷୀଙ୍କର ୫୩୬୬୮.୫୩ କ୍ୱିଣ୍ଟାଲ,ପଳାଶପଙ୍ଗା ଲ୍ୟାମ୍ପସରେ ୨୩୧୬ ଚାଷୀଙ୍କର ୮୫୦୮୦.୫୪ କ୍ୟୁଣ୍ଟାଲ, ଫଟୁଗୋଛିଆରେ ୮୮୭ ଚାଷୀଙ୍କର ୨୮୬୩୫.୩ କିଣ୍ଟାଲ, ପଣ୍ଡାପଡାରେ ୧୦୨୨ ଚାଷୀଙ୍କର ୩୪୧୨୧.୮ କ୍ୱିଣ୍ଟାଲ,ପଣସଡିହାରେ ୪୩୨ ଚାଷୀଙ୍କର ୧୩୬୦୭.୪୯ କ୍ୱିଣ୍ଟାଲ, ପାଟଣାରେ ୧୧୫୨ ଚାଷୀଙ୍କର ୩୯୭୫୧.୩୨ କ୍ୱିଣ୍ଟାଲ, ପିପିଳିଆରେ ୧୦୭୬ ଚାଷୀଙ୍କର ୪୪୧୯୩.୭୮ କ୍ୱିଣ୍ଟାଲ,ପିଠାଗୋଳା ଲ୍ୟାମ୍ପସରେ ୮୪୯ ଚାଷୀଙ୍କର ୨୯୫୭୩.୪୨ କ୍ୱିଣ୍ଟାଲ, ରଘୁନାଥପୁରରେ ୭୯୯ ଚାଷୀଙ୍କର ୩୩୧୨୩.୬୧ କ୍ୱିଣ୍ଟାଲ, ବଳଭଦ୍ରପୁର ରାଇସୁଆଁରେ ୪୮୦ ଚାଷୀଙ୍କର ୧୬୫୩୬ କ୍ୱିଣ୍ଟାଲ, ରାଜନଗର ଲ୍ୟାମ୍ପସରେ ୫୯୮ ଚାଷୀଙ୍କର ୧୯୧୦୫.୭୪ କ୍ୱିଣ୍ଟାଲ,ରାମଚନ୍ଦ୍ରପୁରରେ ୫୧୪ ଚାଷୀଙ୍କର ୧୩୧୧୮.୫୫ କ୍ୱିଣ୍ଟାଲ, ରେବଣାପଳାଶପାଳରେ ୬୩୪ ଚାଷୀଙ୍କର ୨୦୬୮୬.୪୧ କ୍ୱିଣ୍ଟାଲ, ରିମୁଳି ଲ୍ୟାମ୍ପସରେ ୫୩୧ ଚାଷୀଙ୍କର ୧୫୧୨୯.୯୮ କ୍ୱିଣ୍ଟାଲ, ନରଣପୁର ଲ୍ୟାମ୍ପସ ରାଇସୁଆଁରେ ୭୯୯ ଚାଷୀଙ୍କର ୩୪୩୨୧.୮୬ କ୍ୱିଣ୍ଟାଲ, ସଦର ଲ୍ୟାମ୍ପସ ନରଣପୁରରେ ୯୫୮ ଚାଷୀଙ୍କର ୩୮୦୭୯ କ୍ୱିଣ୍ଟାଲ, ମଇଦାନକେଲରେ ୫୫୭ ଚାଷୀଙ୍କର ୧୯୮୨୭.୮୧ କ୍ୱିଣ୍ଟାଲ, ସଡାରେ ୧୨୬୪ ଚାଷୀଙ୍କର ୫୯୧୯୮.୦୯ କ୍ୱିଣ୍ଟାଲ, ସାହାରପଡା ଲ୍ୟାମ୍ପସରେ ୯୨୧ ଚାଷୀଙ୍କର ୨୬୪୦୫.୩୪ କ୍ୱିଣ୍ଟାଲ, ସଇଲଙ୍ଗରେ ୭୭୭ ଚାଷୀଙ୍କର ୨୧୦୭୭.୯୩ କ୍ୱିଣ୍ଟାଲ, ଶାଳଦେଇରେ ୯୪୦ ଚାଷୀଙ୍କର ୩୩୯୨୫.୬୨ କ୍ୱିଣ୍ଟାଲ, ସମଣାରେ ୧୫୦୨ ଚାଷୀଙ୍କର ୫୩୨୬୩.୬୧ କ୍ୱିଣ୍ଟାଲ,ସିରିଗିଡା ଲ୍ୟାମ୍ପସରେ ୪୨୭ ଚାଷୀଙ୍କର ୧୬୪୨୯.୮୨ କ୍ୱିଣ୍ଟାଲ, ସୋସୋରେ ୭୭୧ ଚାଷୀଙ୍କର ୩୦୨୨୪.୩୭ କ୍ୱିଣ୍ଟାଲ, ବାଲିବରେଇରେ ୧୭୫ ଚାଷୀଙ୍କର ୪୬୦୯.୩ କ୍ୱିଣ୍ଟାଲ,ଶୁଆକାଟୀ ଲ୍ୟାମ୍ପସରେ ୧୬୪ ଚାଷୀଙ୍କର ୪୦୭୫.୩୬ କ୍ୱିଣ୍ଟାଲ, ସୁଲଣରେ ୩୦୨ ଚାଷୀଙ୍କର ୧୨୬୦୦.୭୮ କ୍ୱିଣ୍ଟାଲ, ତରମାକାନ୍ତ ଲ୍ୟାମ୍ପସରେ ୧୭୪ ଚାଷୀଙ୍କର ୫୦୨୮.୯୫ କ୍ୱିଣ୍ଟାଲ,ତରତରାରେ ୮୪୩ ଚାଷୀଙ୍କର ୨୪୮୦୦.୪୬ କ୍ୱିଣ୍ଟାଲ, କଣ୍ଟିପାଳରେ ୩୯୮ ଚାଷୀଙ୍କର ୧୩୭୭୨.୩୩ କ୍ୱିଣ୍ଟାଲ,ତେଲକୋଇ ଲ୍ୟାମ୍ପସରେ ୧୦୦୭ ଚାଷୀଙ୍କର ୪୦୧୭୪.୯ କ୍ୱିଣ୍ଟାଲ,ତେଣ୍ଡେରା ଲ୍ୟାମ୍ପସରେ ୧୧୦୦ ଚାଷୀଙ୍କର ୩୧୫୬୩.୯୪ କ୍ୱିଣ୍ଟାଲ, ଉଦୟପୁର ଲ୍ୟାମ୍ପସରେ ୬୬୬ ଚାଷୀଙ୍କର ୧୮୧୨୯.୩୨ କ୍ୱିଣ୍ଟାଲ ଓ ଉଖୁଣ୍ଡା ଲ୍ୟାମ୍ପସରେ ୧୪୧୧ ଚାଷୀଙ୍କର ୪୯୫୪୯.୩୭ କ୍ୱିଣ୍ଟାଲ ଧାନ ମାର୍ଚ୍ଚ ୨୬ ତାରିଖ ସୁଦ୍ଧା କିଣାଯାଇଥିବା ଜଣାପଡିଛି। ତେବେ ଅନେକ ଚାଷୀ ଆବଶ୍ୟକ ଟୋକନ ନପାଇ ଧାନ ବିକିବା ଅପେକ୍ଷାରେ ଥିବାରୁ ସରକାର ଖରିଫ୍ ଧାନ କିଣା ଅବଧି ବୃଦ୍ଧି କରିବାକୁ ଚାଷୀଙ୍କ ମହଲରେ ଦାବି ଉଠିଛି।

## ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ



କେନ୍ଦୁଝର,୨୭।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ବାଲିସାହିରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଜୟ ଶ୍ରୀରାମ ଜୟ ହନୁମାନ ଶ୍ରୀମନ୍ଦିର ଟ୍ରଷ୍ଟ ପକ୍ଷରୁ ତୃତୀୟ ଜନ୍ମବାର୍ଷିକ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜନ ହୋଇଛି। ସକାଳେ ସ୍ଥାନୀୟ ନଦୀରୁ ଶୋଭଯାତ୍ରାରେ ନାମ ସଂକୀର୍ତ୍ତନ କରି ଜଳ କଳସ ଆସ୍ଥାନରେ ରଖାଯିବା ପରେ ମହାମନ୍ତ୍ର ଆରମ୍ଭ ହୋଇଥିଲା। ପୂଜକ ଶାନ୍ତନୁ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସର୍ବସାଧାରଣଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ବିଦ୍ୟାଧର ମହାନ୍ତ, ରବିନ୍ଦ୍ର ପ୍ରସାଦ ପାତ୍ର, ସବିତାରାଣୀ ମହାନ୍ତ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରୀରାମନବମୀ ଓ ହନୁମାନ ବିଗ୍ରହ ପ୍ରତିଷ୍ଠା




ଆନନ୍ଦପୁର ୨୭।୩ (ସମିସ): ଆନନ୍ଦପୁରରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ରାମନବମୀଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ରାମ ମନ୍ଦିର ଏବଂ ହନୁମାନ ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଛାଳୋ ଛକସ୍ଥିତ ଫିଲିଙ୍ଗ ଷ୍ଟେସନ ରେଡ଼ ବିପିନି ବିହାରୀ ମିଶ୍ର ଓ ଡ଼ ସୁକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିଲ। ଏହି ଅବସରରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଆନନ୍ଦପୁର ଜେଲସ୍ଥିତ ହନୁମାନ ମନ୍ଦିର, ପଞ୍ଚମୁଖୀ ହନୁମାନ, ଝାଡ଼େଶ୍ୱର ମନ୍ଦିର, ଦଧିବାମନଜୀଉ ମନ୍ଦିର ସମେତ ଆନନ୍ଦପୁର ବଡଦାଣ୍ଡଠାରେ ଥିବା ଶ୍ରୀରାମଙ୍କ ମୂର୍ତ୍ତି ପୂଜା ପାଉଥିବା ବେଳେ ବଜରଙ୍ଗୀ ଦଳ ପକ୍ଷରୁ ଝଡ଼େଶ୍ୱର ମନ୍ଦିରରୁ ମଟର ସାଇକଲର ଏକ ଶୋଭାଯାତ୍ରା ବାହାରିଥିଲା। ମନ୍ଦିରଗୁଡିକରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା କମିଟି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ



ଚମ୍ପୁଆ,୨୭।୩(ସମିସ): ଚମ୍ପୁଆ ସଦର ମହକୁମା ଧରଣୀଧର ନଗରଭବନଠାରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅନୁଷ୍ଠାନ ତରଫରୁ ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ନାଟକରେ ବଳିଷ୍ଠ ନିର୍ଦ୍ଦେଶନା ଦେଇଥିବା ପ୍ରକାଶଚନ୍ଦ୍ର କଣ୍ଡୁ, ସହନିର୍ଦ୍ଦେଶକ ରାଜେନ୍ଦ୍ର ଦେଓ, ଦୁଇଟି ନାଟକ "କାହାଣୀ କାନ୍ଦୁଛି ଆଖି ଲୁଚେଇ' ଓ "କଟି କଟି ଡବଲ କଟି" ମଞ୍ଚସ୍ଥ ହୋଇଯାଇଛି। ମଞ୍ଚପରିଚାଳକ ଧରଣୀଧର ଦାସ, ଅନୁଷ୍ଠାନର ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ପ୍ରଧାନ ଓ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ନାଟକ ସଫଳତାର ସହିତ ମଞ୍ଚସ୍ଥ ହୋଇପାରିଛି। ପ୍ରଥମ ଦିନର ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ବିଜେପି ନେତା ସୁମନ୍ତ ତ୍ରିପାଠୀ, ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିଆ, ଚମ୍ପୁଆ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଓକିଲ ସଂଘର ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ଦାସ ପ୍ରମୁଖଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇ ମା'ତାରିଣୀଙ୍କ ଫୋଟରେ ପୂଜାର୍ଚ୍ଚନା ପୂର୍ବକ ପୁଷ୍ପମାଲ୍ୟ ଦୀପ ପ୍ରଜ୍ୱଳନ କରି ଫିତା କାଟିଥିଲେ।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଲୋକଦେଖାଣିଆ

# ମିଳିନି ପାରିଶ୍ରମିକ; ଜବ୍‌କାର୍ଡଧାରୀ ଅନୁପସ୍ଥିତ

ବାଲିବନ୍ଧ, ୨୭।୩(ସମିସ):

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ସମ୍ପର୍କିତ ଜନଶୁଣାଣି ଝୁମ୍ପୁରା ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରକଳ୍ପ ଅଧିକାରୀ (ଏପିଓ) ଭୀମସେନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜନଶୁଣାଣିରେ ବିଡ଼ିଓ ହୃଦାନନ୍ଦ ଅଢା, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ସୁକାନ୍ତ ମାଝୀ, ପ୍ରଦୀପ ଘୋଡାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଧା ମାଝୀ ଯୋଗଦାନ କରିଥିଲେ। ଝୁମ୍ପୁରା ବ୍ଲକ ୨୨ଟି ପଞ୍ଚାୟତରେ ୧-୪-୨୦୨୫ରୁ ୩୦-୯-୨୦୨୫ ମଧ୍ୟରେ ହୋଇଥିବା ମନରେଗା ଯୋଜନାରୁ ହୋଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟଗୁଡ଼ିକ ବିଭାଗ ତରଫରୁ ନିଯୁକ୍ତି ହୋଇଥିବା ଗ୍ରାମ୍ୟ ସମ୍ବଳ ଅଧିକାରୀଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟଗୁଡ଼ିକର ଶତ ପ୍ରତିଶତ ଯାଞ୍ଚ କରି ତଥ୍ୟ ଉପସ୍ଥାପନ କରିବାର ନିୟମ ରହିଛି। ଏହି ବୈଠକରେ ପଞ୍ଚାୟତ ଅଧିକାରୀଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ରହିବା ସହିତ ୨୨ଟି ପଞ୍ଚାୟତରେ ରହିଥିବା ୨୬,୮୭୯ ଜବ କାର୍ଡଧାରୀ ଉପସ୍ଥିତ ରହିବା କଥା କିନ୍ତୁ ବ୍ଲକ ପ୍ରଶାସନ ଜବ କାର୍ଡଧାରୀ ଶ୍ରମିକଙ୍କୁ ଅଣଦେଖା କରିବା ସହିତ ଜନଶୁଣାଣି ସମ୍ପର୍କରେ ଅବଗତ କରୁନାହାନ୍ତି। ଯାହାଫଳରେ ଜବକାର୍ଡଧାରୀ ଶ୍ରମିକମାନେ ଅଧିକାରୀ ପାଖରେ ଅଭିଯୋଗ କରି ପାରୁ ନଥିବାରୁ ତାଙ୍କର ସମସ୍ୟା ସମାଧାନ ହୋଇପାରୁ ନାହିଁ। ଆଜକୁ ୬ ମାସ ତଳେ ଅସନପାଟ ପଞ୍ଚାୟତର ଢିପାସାହି ଶାଳ ଜଙ୍ଗଲରୁ ମାମୁଳି ଯୋଡା ପର୍ଯ୍ୟନ୍ତ କେନାଲ କାମ



ଚମ୍ପୁଆ ଆଇଟିଡିଏ ତରଫରୁ ମନରେଗା ଯୋଜନାରୁ କାମ ହୋଇଥିଲା। ଏହି କେନାଲ କାମରେ ସ୍ଥାନୀୟ ଜବ କାର୍ଡଧାରୀ ଶ୍ରମିକମାନେ କାମ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ ଶ୍ରମିକଙ୍କୁ ପାରିଶ୍ରମିକ ମିଳି ନାହିଁ ବୋଲି ବଳଭଦ୍ର, ପଞ୍ଚରତ୍ନ, ଭାନୁମତୀ, ମିନା, ମୂକା ସମେତ ଅନ୍ୟ କିଛି ଜବ କାର୍ଡଧାରୀ ଶ୍ରମିକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲୋକଦେଖାଣିଆ ଜନଶୁଣାଣି କରି ଦୁର୍ନୀତିକୁ ଘଣ୍ଟା ଗୋଡ଼ାଇ ବାହାବା ନେଉଛି ପ୍ରଶାସନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ପରୀକ୍ଷା ତ୍ରୁଟି

### ରୋଗୀଙ୍କ ଜୀବନ ପାଇଁ ସାଜିଛି ବିପଦ

**ଆନନ୍ଦପୁର,୨୭।୩(ସମିସ):** ଫକୀରପୁରର ଜନୈକ ବ୍ୟକ୍ତି ଚଳିତ ମାସ ୧୬ ତାରିଖରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଜର ଥଣ୍ଡା ଜ୍ୱର ପାଇଁ ଔଷଧ ଆଣିବା ପାଇଁ ଯାଇଥିଲେ। ଉପସ୍ଥିତ ଥିବା ଡାକ୍ତର ରକ୍ତ ପରୀକ୍ଷା ପାଇଁ କହିଥିଲେ। ସରକାରଙ୍କ ଦ୍ୱାରା ପିପିପି ମୋଡ଼ରେ ଏହି ଉପଖଣ୍ଡ ଚିକିତ୍ସାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲୁଥିବା କ୍ରିଷ୍ଣା ଡାଇଗ୍ନୋଷ୍ଟିକ୍ ନିଦାନ କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇଥିଲେ। ସେଇ ପରୀକ୍ଷା ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତ ପରୀକ୍ଷା କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇଥିଲେ। କ୍ରିଷ୍ଣା ଡାଇଗ୍ନୋଷ୍ଟିକ୍‌ରେ ଇସୋନୋଫିଲ୍ ୧୧.୯୦ ଥିବାବେଳେ ଡାକ୍ତରଖାନାରେ କରିଥିବା



ରିପୋର୍ଟରେ ୦୩ ଅଛି। ସେଇ ସମାନ ଦିନ ଏବଂ ସମାନ ସମୟରେ ଏମିତି ବିଭ୍ରାନ୍ତିକର ତଥ୍ୟ କିଭଳି ଆସିଲା ବୋଲି ଯେତେବେଳେ ଜନୈକ ବ୍ୟକ୍ତି ଉପସ୍ଥିତ ଡାକ୍ତରଙ୍କୁ ପଚାରନ୍ତି ଡାକ୍ତର କହିଲେ, ରିପୋର୍ଟ ଯାହା ବାହାରିଛି ସେମାନେ କରିଛନ୍ତି। ମୁଁ କଣ କରିବି ? ଏମିତି ଯଦି ବିଭ୍ରାନ୍ତିକର ଆଉ ଭୁଲ୍ ରିପୋର୍ଟ ବାହାରେ ରୋଗୀଙ୍କ ଅବସ୍ଥା କଣ ହେବ ବୋଲି ଚିନ୍ତାର କାରଣ ହୋଇଛି। ଏହା ରୋଗୀଙ୍କ ପାଇଁ ବିପଦ ସାଜିଛି। ଏନେଇ ରୋଗୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ସୋସୋ ପୁଲିସ ପକ୍ଷରୁ କଡ଼ାକଡି ଯାଞ୍ଚ

ହାଟଡ଼ିହୀ,୨୭।୩(ସମିସ): ସୋସୋ ପୁଲିସ ପକ୍ଷରୁ ପବିତ୍ର ଶ୍ରୀରାମ ନବମୀ ଉତ୍ସବକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡି ହୋଇଛି। ଆନନ୍ଦପୁର ଏସଡ଼ିପିଓ କମଲ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଦିବାରାତ୍ର ସୋସୋ ପୁଲିସ ପକ୍ଷରୁ କଡ଼ାକଡି ପାଟ୍ରୋଲିଂ ସହ ଯାଞ୍ଚ ପ୍ରକ୍ରିୟା ଚାଲିଛି। ସନ୍ଧ୍ୟା ସମୟରୁ ଥାନା ଅଧିକାରୀ କାନନ ସାହୁ ଏବଂ ଇନ୍ସପେକ୍ଟର ଯମୁନା ମାରାଣ୍ଡିଙ୍କ ନେତୃତ୍ୱରେ ଢେଙ୍କା ଛକ, ସୋସୋ କଲେଜ ଛକ, ବିଦ୍ୟାଧରପୁର ବଜାର ଠାରେ ବିଭିନ୍ନ ଯାନବାହନ ଯାଞ୍ଚ ଚାଲିଛି। କିଛି ବାଇକ୍ ଆରୋହୀ ଅତର୍କିତ ଭାବେ ଗାଡ଼ି ଫେରାଇ ଅନ୍ୟ ବାଟଦେଇ ପଳେଇଥିଲେ। ପୁଲିସ ପକ୍ଷରୁ ମେସିନ୍ ଦ୍ୱାରା ନିଶା ସେବନ ଯାଞ୍ଚ ହେଉଥିବାରୁ ଅନେକ ବାଇକ୍ ଆରୋହୀ ମଧ୍ୟ ଅନେକ ସମୟ ଯାଏଁ ଏହି ରାସ୍ତାଦେଇ ଆସିନଥିଲେ। ବିଦ୍ୟାଧରପୁର ବଜାର, ସୋସୋ କଲେଜ୍ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଯାଞ୍ଚ ହୋଇଥିଲା।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

କେନ୍ଦୁଝର, ୨୭।୩(ସମିସ): କେନ୍ଦୁଝରଗଡ଼ ମାଇନିଙ୍ଗ୍ ରୋଡ୍‌ସ୍ଥିତ ଶ୍ରୀଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ କେନ୍ଦୁଝର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାତୃନିଳୟ ସମାଧି ମଣ୍ଡପରେ ମା'ଶ୍ରୀଅରବିନ୍ଦଙ୍କୁ ପୁଷ୍ପାର୍ପଣ ସହ ସାମୂହିକ ନିରବ ଧ୍ୟାନ ଓ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପରେ ପରେ ମାଇନିଙ୍ଗ ରୋଡ଼ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ ସଭାଗୃହ ଦୁଇ ମିନିଟ ନିରବ ଧ୍ୟାନ ସହ ମାତୃବନ୍ଦନା ଗାନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭରେ ଆଗାମୀ ଅପ୍ରେଲ ୧୩ତାରିଖରେ ମାତୃନିଳୟ କେନ୍ଦୁଝରଠାରେ ହେବାକୁ ଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ନିମନ୍ତ୍ରଣ ହୋଇଥିଲା। ଏ ଅବସରରେ କର୍ମୀ ସମ୍ମିଳନୀର ଉଦ୍ଦେଶ୍ୟ ଓ ସବିଶେଷ ବିବରଣୀ ପାଠ କରାଯାଇଥିଲା। ଜିଲ୍ଲା ସଂଗଠକ ଗୁନଚରଣ ସାହୁ, ପଦ୍ମନାଭ ମହାନ୍ତ ଓ ରାଜନ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ପରିଚାଳିତ ହୋଇଥିଲା। କର୍ମୀମାନେ ନିଜ ନିଜ ଅଞ୍ଚଳର ନୂତନ ପାଠଚକ୍ର ଗଠନ ଓ ସେମାନଙ୍କ ମାତୃକାର୍ଯ୍ୟଧାରାର ବିବରଣୀ ପ୍ରଦାନ କରିବା ସହ ଜିଲ୍ଲାର ବିଭିନ୍ନ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ପାଠଚକ୍ର ଆଲୋଚନା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ କୁହାଯାଇଥିଲା। ଏହି ଅବସରରେ ଜିଲ୍ଲାର ଆନନ୍ଦପୁର, ସୋସୋ, ବେଲବାହାଳୀ, କଇନିପୁରା, ବିନିଦା, ଢେଙ୍କିକୋଟ, ପାଟଣା, ସାହାରପଡା, କେନ୍ଦୁଝର ସଦର, ରାଙ୍କି, ତେଲକୋଇ, ସରୁଆଳୀ ଝୁମ୍ପୁରା, ରାଇକଳା, ଚମ୍ପୁଆ, ବଡବିଲ, ବାଂଶପାଳ, ହାଟଡିହି, ନନ୍ଦରା, ଲକ୍ଷ୍ମୀପୁର, ସଡା, ସଡୁସୁଡିଆ, ତରତରା, ରେମାଳ, ବ୍ରାହ୍ମଣୀପାଳ, ଦୈତାରି ଆଦି ଅଞ୍ଚଳରୁ ସମସ୍ତ ମାତୃକର୍ମୀ/ ମାତୃପ୍ରେମୀଙ୍କ ସହ ବ୍ଲକ ସଙ୍ଗଠନର ଆବାହକ ଓ ଦଶକର୍ମଧାରାର ପ୍ରମୁଖ ସଂଗଠକ ଅନ୍ୟୂନ ୧୦୦ରୁ ଉର୍ଦ୍ଧ୍ୱ ଅପାଭାଇ-କର୍ମୀ



ସମ୍ମିଳନୀର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଗଠକ ଗୁନଚରଣ ସାହୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ମା'ଙ୍କ ସାଇଲେନ୍ସ୍ ମ୍ୟୁଜିକ୍ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ଯୋଡ଼ା ସହରରେ ରନ୍ଧନ ଗ୍ୟାସ୍ ସମସ୍ୟା

# ଛୋଟ ହୋଟେଲ ଓ ଠେଲା ଦୋକାନ ବନ୍ଦ

ଯୋଡ଼ା, ୨୭।୩(ସମିସ):

ଯୋଡ଼ା ସହରରେ ବର୍ତ୍ତମାନ ରନ୍ଧନ ଗ୍ୟାସର ଗୁରୁତର ସମସ୍ୟା ଦେଖାଦେଇଛି, ଯାହାର ପ୍ରଭାବ ସର୍ବାଧିକ ଛୋଟ ଛୋଟ ହୋଟେଲ ଓ ଠେଲା ଜଳଖିଆ ଦୋକାନ ଉପରେ ପଡ଼ିଛି। ଗ୍ୟାସ ଅଭାବରୁ ଅନେକ ବ୍ୟବସାୟୀ ତାଙ୍କ ଦୋକାନ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବାନୁସାରେ, ପୂର୍ବରୁ କିଛି ଦିନ ଧରି ଗ୍ୟାସ ସିଲିଣ୍ଡର ଯଥାସମୟରେ ମିଳୁନାହିଁ। ଏହାର ଫଳରେ ସକାଳ ଜଳଖିଆ ଓ ଦୈନନ୍ଦିନ ଖାଦ୍ୟ ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୈନିକ ଠେଲା କରି ଜଳଖିଆ ବିକ୍ରି କରୁଥିବା ଛୋଟ ବ୍ୟବସାୟୀମାନେ ଏହାରେ ଭାରି କ୍ଷତି ଭୋଗୁଛନ୍ତି। ଏହାସହିତ ଗ୍ରାହକ ମଧ୍ୟ ଖାଇବାକୁ ନ ପାଇ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏକ ଠେଲା ଦୋକାନୀ କହିଲେ, 'ଗ୍ୟାସ ନଥିବାରୁ ଦୋକାନ ଖୋଲିପାରୁନି। ଆମର ଦୈନିକ ଆୟ ପୁରାପୁରି ବନ୍ଦ ହୋଇଯାଇଛି'। ସେହିପରି ଅନ୍ୟ ଏକ ହୋଟେଲ ମାଲିକ କହିଲେ ଯେ, ଗ୍ୟାସ ମିଳିବାରେ ବିଳମ୍ବ ହେବାରୁ ଗ୍ରାହକମାନେ ଅସନ୍ତୁଷ୍ଟ ହେଉଛନ୍ତି ଓ ବ୍ୟବସାୟ ନଷ୍ଟ ହେଉଛି।

ସ୍ଥାନୀୟ ପ୍ରଶାସନ ଓ ଗ୍ୟାସ ଯୋଗାଣ କମ୍ପାନୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଦେଖିବାକୁ ମିଳିନାହିଁ ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଏହି ସମସ୍ୟା ଦ୍ରୁତ ସମାଧାନ ପାଇଁ ସାଧାରଣ ଲୋକ ଦାବି କରୁଛନ୍ତି। ଯଦି ଶୀଘ୍ର ଗ୍ୟାସ ସରବରାହ ସାଧାରଣ ହେବନାହିଁ, ତେବେ ଯୋଡ଼ା ସହରରେ ଜୀବନଯାପନ ଅଧିକ କଷ୍ଟସାଧ ହେବ ବୋଲି ଅନୁମାନ କରାଯାଉଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଯୋଡ଼ା ସହରରେ ଦୁଇ ଦୁଇଟି ଏଲ ପିଜି ଗ୍ୟାସ ଏଜେନସି ରହିଛି ହେଲେ କେଉଁଥିରେ ମଧ ଗ୍ୟାସ ଷ୍ଟକରେ ନାହିଁ। ଉପୋଭୋକ୍ତା ବୁକିଂ କରିବାର ମାସ ଟିଏ ବିତି ଯାଉଥିଲେ ମଧ ତାଙ୍କୁ ସୁଚାରୁରୂପେ ଗ୍ୟାସ ମିଳିପାରୁନାହିଁ। କିଛି ହୋଟେଲ ମାଲିକଙ୍କ କହିବା କଥା, ଗ୍ୟାସ ସିଲିଣ୍ଡର ଅସୁବିଧାର ସୁଯୋଗରେ ସ୍ଥାନୀୟ କାଠ ବିକ୍ରି କରୁଥିବା ଲୋକ ବି କାଠର ମୂଲ୍ୟ ବୃଦ୍ଧି କରି ଦେଇଛନ୍ତି। ଗ୍ୟାସ ଏଜେନସି ପର୍ଯ୍ୟାପ୍ତ ସିଲିଣ୍ଡର ଲୋକଙ୍କୁ ଯୋଗାଇ ପାରୁ ନଥିବା ନେଇ ଏଜେନସି କର୍ମଚାରୀ ଆମକୁ ପର୍ଯ୍ୟାପ୍ତ ଗ୍ୟାସ ମିଳିପାରୁନାହିଁ। ଆମେ ମଧ ଉପଭୋକ୍ତାଙ୍କୁ ଠିକ ସମୟରେ ଯୋଗାଇ ପାରୁ ନାହୁଁ ବୋଲି କହିଛନ୍ତି।

ସକାଳ THE SAKALA



www.sakalaepaper.com

# ବୈତାଳି କ୍ଲଷ୍ଟରରେ ଶିକ୍ଷାବର୍ଷ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ



ବରଗଡ଼, ୨୭।୩(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବୈତାଳି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ବୈତାଳି କ୍ଲଷ୍ଟରର ସିଆରସିସି ଦିବସ ସାହୁ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସେବାଶ୍ରମ ବିଦ୍ୟାଳୟ, ସକ୍ରିର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ ଓ ଲଳିତ ମଲ୍ଲିକଙ୍କ ସହ ମିଶି ବିଭିନ୍ନ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଏଥିରେ ଶିକ୍ଷକ ସବିତ ମହାଲିଙ୍ଗ ସହଯୋଗ କରିଥିଲେ। ସେହିପରି ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରଣା ଓ ସହାୟକ ଶିକ୍ଷକ ଉପେନ୍ଦ୍ର ପଟେଲଙ୍କ ସହ ମିଶି ଘରେ ଘରେ ଯାଇ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। କ୍ଲଷ୍ଟର ଅଧୀନ ଅନ୍ୟାନ୍ୟ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଘରକୁ ଘର ବୁଲି ଓଡ଼ିଶା ସରକାରଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରୁଛନ୍ତି। ଆସନ୍ତା ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଶିଶୁବାଟିକାରେ ନୂତନ ଭାବେ ନାମ ଲେଖାଇବାକୁ ଯାଉଥିବା କୁନିକୁନି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବା ଓ ଆନନ୍ଦମୟ ଶିକ୍ଷା ପରିବେଶ ସୃଷ୍ଟି କରିବା ସହ ଅଭିଭାବକଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶା ସରକାର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଶିଶୁବାଟିକା ଶ୍ରେଣୀ ଆରମ୍ଭ କରିଥିବା ବେଳେ ପ୍ରତି ୩୦ ଶିଶୁ ପାଇଁ ଜଣେ କରି ଶିଶୁସେବିକା ନିଯୁକ୍ତି କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୫ ବର୍ଷରୁ ଊର୍ଦ୍ଧ୍ୱ ଶିଶୁମାନେ ଶିଶୁବାଟିକାରେ ଏବଂ ୬ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବେ। ଆସନ୍ତା ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

# ଝାରସୁଗୁଡ଼ା-କନକତୋରା ଜାତୀୟ ରାଜପଥ ପ୍ରକଳ୍ପ ରୂପରେଖ ଚୂଡ଼ାନ୍ତ

ଝାରସୁଗୁଡ଼ା, ୨୭।୩(ସମିସ)




ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟରାଜପଥ ୪୯ର ସମ୍ପ୍ରସାରଣ ତଥା ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ସମୀକ୍ଷା ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖକୁ ଚୂଡାନ୍ତ ରୂପ ଦିଆଯାଇଛି। ଏହି ପ୍ରକଳ୍ପର

- **ଏନ୍‌ଏଚ୍ ୪୯ ର ସମ୍ପ୍ରସାରଣ ନିଷ୍ପତ୍ତି**
- **୪ ଲେନ୍ ରାସ୍ତା ହେବ, ସୋଲାର୍ ଲାଇଟ୍ ଲାଗିବ**

ମୋଟ ଦୈର୍ଘ୍ୟ ୫୯.୭୨ କିମି ରହିଛି। ବର୍ତ୍ତମାନ ରାସ୍ତାଟି ୨ ଲେନ୍ ବିଶିଷ୍ଟ ରହିଛି। ଗମନାଗମନ ଓ ପରିବହନ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ୪ ଲେନ୍ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକ ପ୍ରାରମ୍ଭରେ ଭାରତୀୟ ଜାତୀୟରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସ୍ତାବିତ ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ତ ବୈଷୟିକ ଦିଗ ଏବଂ ସ୍ଥାନୀୟ ଆବଶ୍ୟକତାକୁ ବିଚାରକୁ ନେଇ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପ୍ରସ୍ତାବିତ ୫୯.୭୨ କିମି ରାସ୍ତାରେ ସୌର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଏନଏଚଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ରାଜପଥରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ମୂଳ ପ୍ରକଳ୍ପ ରୂପରେଖରେ ଏହାକୁ ସାମିଲ କରିବାକୁ କହିଛନ୍ତି। ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି, ବରଗଡ଼ ସାଂସଦଙ୍କ ପ୍ରତିନିଧି ଏବଂ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ଗେଲ୍ କର୍ତ୍ତୃପକ୍ଷ, ଏମସିଏଲ୍ କର୍ତ୍ତୃପକ୍ଷ ଏବଂ ବେଦାନ୍ତ କୁରାଲୋଇ କୋଇଲା ବ୍ଲକର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶୀଦାରଙ୍କ ସହମତି ପରେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ସଂଯୋଗ ବେଳେ ବ୍ୟକ୍ତିଙ୍କ ମୃତ୍ୟୁ

ଦେବଗଡ଼, ୨୭।୩(ସମିସ): ଦେବଗଡ଼ ଥାନା ରମ୍ଭେଇ ପଞ୍ଚାୟତ ଅଧୀନ ପୁରୁକୁଣ୍ଡା ଗାଁରେ ୩୩ କେଭି ବିଦ୍ୟୁତ ଖମ୍ବ ଉପରେ ଚଢ଼ି ବିଦ୍ୟୁତ ସଂଯୋଗ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ନିକଟସ୍ଥ ଖଜୁରୀବାହାଳ ଗାଁର ଘନଶ୍ୟାମ ପ୍ରଧାନ। ମୃତ ଘନଶ୍ୟାମ ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀ ହୋଇ ନଥିବା ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷଙ୍କ ପ୍ରକାଶ କରିଛନ୍ତି। କିନ୍ତୁ ପୂର୍ବରୁ ବିଦ୍ୟୁତ ବିଭାଗର ଅସ୍ଥାୟୀ କର୍ମଚାରୀ ଭାବେ ଅଞ୍ଚଳ ପାଇଁ ମୃତ ଘନଶ୍ୟାମ ନିଯୁକ୍ତ ଥିଲେ। ସୂଚନା ଅନୁଯାୟୀ, ନିକଟସ୍ଥ ତିଳେଇମାଳ ଗାଁରେ ବିଦ୍ୟୁତ ସରବରାହରେ ବ୍ୟାଘାତ ହୋଇଥିଲା। ସେହି ଅଞ୍ଚଳର ପୂର୍ଣ୍ଣ ପର୍ଣ୍ଣା ନାମକ ବ୍ୟକ୍ତିଙ୍କ ଅନୁରୋଧରେ ବିଦ୍ୟୁତ ସଂଯୋଗ ସଜାଡିବାକୁ ଘନଶ୍ୟାମ ଆଜି ଖୁଣ୍ଟରେ ଚଢ଼ିଥିଲେ। ତେବେ ଅସାବଧାନବଶତଃ ଘନଶ୍ୟାମ ଜୀବନ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତତ୍‌କ୍ଷଣାତ୍ ଖୁଣ୍ଟରେ ହିଁ ଘନଶ୍ୟାମଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ଜଳି ଯାଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଦମକଳ ବାହିନୀ ସହାୟତାରେ ବିଦ୍ୟୁତ ଖୁଣ୍ଟରୁ ମୃତଦେହ ଓହ୍ଲାଇଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ହରିହରପୁର ଓ ଚିଙ୍ଗୁଡ଼ିଝରଣରେ ଶ୍ରୀରାମନବମୀ

କୁଣ୍ଢେଇଗୋଳା, ୨୭।୩(ସମିସ): ରିଆମାଳ ବ୍ଲକ ଅଧୀନ ହରିହରପୁର ଓ ଚିଙ୍ଗୁଡିଝରଣ ଗାଁରେ ଶୁକ୍ରବାର ରାମ ନବମୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଛି। ଉଭୟ ଗାଁରେ ସୂର୍ଯ୍ୟ ପୂଜା, ହନୁମାନ ପୂଜନ, ଗଣପତି ପଞ୍ଚ ଦେବତା ପୂଜା, ଷୋଡଶ ମାତୃ ପୂଜା, ବସୁଧରା ଅଗ୍ନି ସ୍ଥାପନ, ନବଗ୍ରହ ମଣ୍ଡଳ ପୂଜା ଓ ପ୍ରଭୁରାମଚନ୍ଦ୍ରଙ୍କ ପୂଜନ ଅନୁଷ୍ଠିତ ହୋଇଥିଲା। ହରିହରପୁର ରାମ ନବମୀ ପୂଜନର ସଭାପତି ସନ୍ତୋଷ ଦେହୁରୀ ଓ ସମ୍ପାଦକ ତଅଁଲୁ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାରାୟଣ ସାହୁ ଓ ତାଙ୍କ ପତ୍ନୀ ରଞ୍ଜୁଲତା ପ୍ରଧାନ କର୍ତ୍ତା ଦାୟିତ୍ୱ ଏବଂ ସଞ୍ଜୟ ମିଶ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଚିଙ୍ଗୁଡିଝରଣରାମ ନବମୀ ପୂଜନରେ ନରେନ୍ଦ୍ର ପ୍ରଧାନ ଓ ତାଙ୍କ ପତ୍ନୀ ନଳିନୀ ସାହୁ କର୍ତ୍ତା ହୋଇଥିବା ବେଳେ ପ୍ରଶନ୍ନ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ହରିହରପୁର ଠାରେ ନୟାଗଡ଼ର ରାମ ନାଟକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚିଙ୍ଗୁଡିଝରଣ ଠାରେ ଅପେରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବ ଉତ୍ସବ ଉପରେ ପଡ଼ିଥିଲା।

## ରାଞ୍ଜନଦୀ ପୋଲରୁ ଖସିଲା ଟ୍ୟାଙ୍କର

ବରପାଲି/ମହଦା, ୨୭।୩(ସମିସ): ବରପାଲି ବ୍ଲକ ମହଦା ରାଞ୍ଜନଦୀ ପୋଲ ଉପରୁ ଟ୍ୟାଙ୍କର ତଳକୁ ଖସିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ୨୬ ନମ୍ବର ଜାତୀୟରାଜପଥରେ ଭାରୀଯାନଟି ବଲାଙ୍ଗିର ପଟରୁ ଆସୁଥିଲା। ଏହି ସମୟରେ ଦୁର୍ଘଟଣାର ଶିକାର ହୋଇ ପୋଲ ତଳକୁ ଖସି ପଡ଼ିଥିଲା। ତେବେ ଦୁର୍ଘଟଣାର କାରଣ ସଠିକ ଭାବେ ଜଣାପଡ଼ି ନଥିବା ବେଳେ ଯାନରେ



ଚାଳକ ବ୍ୟତୀତ ଅନ୍ୟ କୌଣସି ସବାରି ନଥିବା ଅନୁମାନ କରାଯାଇଛି। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ସହିତ ଖୋଳତାଡ଼ ଆରମ୍ଭ କରିଛି।

## ରାମଚଣ୍ଡୀ ପୀଠରେ ଚୈତ୍ର ନବରାତ୍ର ଓ ଶ୍ରୀରାମ ନବମୀ ପୂଜା





ଝାରସୁଗୁଡ଼ା, ୨୭।୩(ସମିସ): ବ୍ରଜରାଜନଗରର ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କ ପୀଠରେ ଚୈତ୍ର ନବରାତ୍ର ପୂଜା ଏବଂ ରାମନବମୀର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହୋଇଯାଇଛି। ରାମନବମୀ ହୋଇଥିବାରୁ ସମଗ୍ର ଅଞ୍ଚଳ ଶ୍ରୀରାମମୟ ହୋଇଉଠିଥିଲା। ରାମନବମୀ ଅବସରରେ ମାଁ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ସହିତ ମାଁଙ୍କ ଦର୍ଶନ କରିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏବଂ ପଡୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ରଜରାଜନଗର ପୁଲିସ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଧାଡିରେ ସୁରୁଖୁରୁରେ ଶ୍ରଦ୍ଧାଳୁ କିପରି ଦର୍ଶନ କରିପାରିବେ ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ବ୍ରଜରାଜନଗର ଠାରୁ ମାଁ ରାମଚଣ୍ଡୀଙ୍କ ପୀଠ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସରବତ, ତରଭୁଜ, ଭୋଗ, ପ୍ରସାଦ, ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତ ମାନଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଜୟଦୁର୍ଗା ମହିଳା ସମିତି ପକ୍ଷରୁ ବାସନ୍ତିକ ଦୁର୍ଗାପୂଜା

ଝାରସୁଗୁଡ଼ା/ବ୍ରଜରାଜନଗର, ୨୭।୩(ସମିସ): ବ୍ରଜରାଜନଗର ସାନଯୋବ ମଧୁବନନଗରର ଜୟଦୁର୍ଗା ମହିଳା ସମିତିର ସଭାପତି



ନଳିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମଧୁବନନଗର କଲ୍ୟାଣ ମଣ୍ଡପରେ ଦୁଇ ଦିନ ଧରି ଚାଲିଥିବା ବାସନ୍ତିକ ଦୁର୍ଗା ପୂଜା ଉଦ୍‌ଯାପିତ ହୋଇଯାଇଛି। ବାସନ୍ତିକ ଦୁର୍ଗା ପୂଜାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲଜକୁରା କୋଇଲା ଖଣିର ପ୍ରୋଜେକ୍ଟ ଅଫିସର୍ ପ୍ରଶାନ୍ତ ମିଶ୍ର, ପ୍ରୋଜେକ୍ଟ ମ୍ୟାନେଜର ଶଶି ଭୂଷଣ ସାହୁ, ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ବିଏମସ୍ ସଭାପତି ଗୋବିନ୍ଦ ସିଂହ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟା ଆଳତି ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆୟୋଜନ କରାଯାଇଥିଲା। ପୂଜାରେ କର୍ତ୍ତା ଭାବେ ଜୟଦେବ ପ୍ରଧାନଙ୍କ ସହ ତାଙ୍କ ଧର୍ମପତ୍ନୀ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ଗୁରୁ ଚରଣ ସିଂହ, ବିଜୟ ସାହୁ, ଲବ ପ୍ରଧାନ, କୁସ ପ୍ରଧାନ, ଜିତେନ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ଜିଏମ୍‌ଙ୍କ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେସନର ନିରୀକ୍ଷଣ

ଝାରସୁଗୁଡ଼ା/ବ୍ରଜରାଜନଗର, ୨୭।୩(ସମିସ): ବ୍ରଜରାଜନଗର-ବେଲପାହାଡ ରେଳ ଷ୍ଟେସନରେ ବିଲାସପୁର ରେଳ ମଣ୍ଡଳର ମହାପ୍ରବନ୍ଧକ ତରୁଣ ପ୍ରକାଶ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ଦଳ ସହ ଇବ, ବ୍ରଜରାଜନଗର ଓ ବେଲପାହାଡ ଷ୍ଟେସନର ବ୍ୟାପକ ନିରୀକ୍ଷଣ କରିଛନ୍ତି। ଏଥିରେ

### ଯାତ୍ରୀ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ



୧୬ଟି ବଗି ଥିବା ବିଶେଷ ନିରୀକ୍ଷଣ ଟ୍ରେନ ସହିତ ପ୍ରାୟ ୨୦୮ ଜଣ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଜିଏମ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା କାମକୁ ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ବ୍ରଜରାଜନଗର ରେଳ ଷ୍ଟେସନରେ ନୂଆ ସିଡ଼ି ଓ ଟିକେଟ୍ କାଉଣ୍ଟର ପାଇଁ ଆଶ୍ୱାସନା ଦେଇଥିଲେ। ପ୍ଲାଟଫର୍ମ ୨ ଓ ୩କୁ ଯିବା ପାଇଁ ପୁରୁଣା ଲୁହା ସିଡ଼ିକୁ ହଟାଇ ଚଉଡ଼ା ଓ ଆଧୁନିକ ସିଡ଼ି ନିର୍ମାଣ କରାଯିବ, ଷ୍ଟେସନ ପଶ୍ଚିମ ପଟେ ନୂତନ ସିଡ଼ି କରାଯିବ ବୋଲି ଜିଏମ୍ କହିଥିଲେ। ପ୍ଲାଟଫର୍ମ ନମ୍ବର ୩ ପଟେ ଟିକେଟ୍ କାଉଣ୍ଟର ସମସ୍ୟା ବାଣିଜ୍ୟ ବିଭାଗ ପକ୍ଷରୁ ୬ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ସୂଚନା ଦିଆଯାଇଛି। ନିରୀକ୍ଷଣ ଦଳ ବେଲପାହାଡ ଷ୍ଟେସନକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ସମସ୍ୟା ନେଇ ଆଲୋଚନା କରିଥିଲେ। ଜିଏମ ବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ସୁବିଧା ପାଇଁ ଲିଫ୍ଟ ସ୍ଥାପନ ଓ ଫୁଟ ଓଭରବ୍ରିଜ ବିସ୍ତାର, ଅଣ୍ଡର ବାଇପାସ ନିର୍ମାଣ ଆଦିର ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯିବ ବୋଲ କହିଥିଲେ। ନିରୀକ୍ଷଣ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀମାନେ ଷ୍ଟଲର ଖାଦ୍ୟ ପଦାର୍ଥର ଗୁଣବତ୍ତା ଓ ଲାଇସେନ୍ସ ଯାଞ୍ଚ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ନିରୀକ୍ଷଣ ପରେ ଦଳ ବିଲାସପୁରକୁ ଫେରିଯାଇଥିଲା।

## ଜିଲ୍ଲାରେ କୃଷି ବିବିଧିକରଣ ଓ ଫୁଲଚାଷକୁ ଗୁରୁତ୍ୱ

- **କାଜୁ ବଗିଚା ପୁନରୁଦ୍ଧାର ପାଇଁ ପ୍ରସ୍ତାବ**
- **ଝାରସୁଗୁଡ଼ା ମହୁ'ର ହେବ ସ୍ୱତନ୍ତ୍ର ବ୍ରାଣ୍ଡିଂ**

ଝାରସୁଗୁଡ଼ା, ୨୭।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶୁକ୍ରବାର ଜିଲ୍ଲା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରି ଜିଲ୍ଲାରେ କୃଷିର ଉନ୍ନତି ଓ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାରେ କୃଷି ବିବିଧିକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଲଖନପୁର ବ୍ଲକର ଜଳପ୍ଲାବିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ସେଠାରେ ଧାନ ବଦଳରେ ସ୍ୱଳ୍ପ ମିଆଦି ପନିପରିବା ଚାଷ କରିବାକୁ ସେ କହିଛନ୍ତି। ଏହାଦ୍ୱାରା ଚାଷୀ ପାରମ୍ପରିକ ଚାଷରୁ ବାହାରି ଅଧିକ ଲାଭବାନ ହୋଇପାରିବେ। କୋଲାବିରା ବ୍ଲକର ଚାନ୍ଦନୀମାଲଠାରେ ଥିବା ପୁରାତନ କାଜୁ ବଗିଚାଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ ବୈଷୟିକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲ୍ଲାରେ ବର୍ଷସାରା ଫୁଲ ଚାଷ କରିବା ପାଇଁ ପୁଷ୍ପଚାଷ ଅଞ୍ଚଳର ସମ୍ପ୍ରସାରଣ ଉପରେ ସେ ଜୋର୍ ଦେଇଛନ୍ତି। ସେହିପରି ଜିଲ୍ଲାରେ ମହୁ ଉତ୍ପାଦନ ବୃଦ୍ଧି ଏବଂ ଏହାର ବଜାର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଲାଇକେରା ହନି ଫେଡ୍ ଫାର୍ମର୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ଉତ୍ପାଦିତ ମହୁର ସ୍ୱତନ୍ତ୍ର ବ୍ରାଣ୍ଡିଂ ପାଇଁ ଉଦ୍ୟାନ କୃଷି ଅଧିକାରୀଙ୍କ ପ୍ରସ୍ତାବ ଜିଲ୍ଲାପାଳ ଗ୍ରହଣ କରିଛନ୍ତି।

## ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଆଲୋଚନାଚକ୍ର

ଦେବଗଡ଼, ୨୭।୩(ସମିସ): ବିଶ୍ୱ ନାଟ୍ୟ ଦିବସ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ 'ଆଧୁନିକ ସମାଜର ଗତିଶୀଳତାରେ ନାଟକର ଭୂମିକା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।




ଏହି ଅବସରରେ ଜାଗରଣ କଳାକାର ମାନଙ୍କ ଦ୍ୱାରା ଏକ ନାଟକର କିଛି ଦୃଶ୍ୟ ପରିବେଷଣ କରାଯାଇଥିଲା। ଆଲୋଚନାରେ ନାଟ୍ୟ ଭୂଷଣ ମାର୍କଣ୍ଡେଶ୍ୱର ଶତପଥୀ, ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର, ବାଣୀ ଗୌରବ ନିରଞ୍ଜନ ଦ୍ୱିବେଦୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସମ୍ପାଦକ ସୁଜିତ କମାର ପାତ୍ର, ବିଶାଲ ନାୟକ ଏବଂ ଅମ୍ଳାନସୁ ପୂଜାରୀ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ପ୍ରକାଶ ଦେବତା, ଜନ୍ମାଜୟ ନାୟକ, ଶୁଭମ୍ ମହାଙ୍କୁର, ରାକେଶ ଶତପଥୀ, ଶିବାଶିସ ଝାଙ୍କର, ନମନ ନାୟକ, ଶାଶ୍ୱତୀ ପରିଡ଼ା, ବିଷ୍ଣୁପ୍ରିୟା ଗଡ଼ତିଆ, ଜୁଲି ଷଣ୍ଡ, ଏବଂ ସିଦ୍ଧି ପ୍ରଜ୍ଞା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ ଉତ୍ସବରେ ଶିଶୁ ମନ୍ଦିରର ନୂତନ ଭବନ ଉଦ୍‌ଘାଟିତ

ଝାରବନ୍ଧ, ୨୭।୩(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଝାରବନ୍ଧରେ ନୂତନ ଭବନର ଶୁଭ ଉଦ୍‌ଘାଟନ ସହ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ନିରାକାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୱତ ପରିଷଦ ସଭାପତି ଓ ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ.ବାଞ୍ଛାନିଧି ପଣ୍ଡା ଛାତ୍ରଛାତ୍ରୀଙ୍କୁ ନୈତିକ ମୂଲ୍ୟବୋଧ ଓ ଆଦର୍ଶ ଜୀବନ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର



ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତ୍ରିବିକ୍ରମ ଶତପଥୀ, ମୋହନ ପ୍ରଧାନ ଓ ଦ୍ୱାଦଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରକାଶ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ରଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବୀନ ମିତ୍ତଲ, ଉମେଶ ସାହୁ, ଦୀପ୍ତି ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହିଳା ଆଇନଜୀବୀଙ୍କୁ ପୁଲିସ ଓ ଅଣଓଡ଼ିଆ ଆଇନଜୀବୀଙ୍କ ନିର୍ଯାତନା

ଝାରସୁଗୁଡ଼ା, ୨୭।୩(ସମିସ)

ଝାରସୁଗୁଡ଼ାର ମହିଳା ଆଇନଜୀବୀ କଳ୍ପନା ସାହୁଙ୍କୁ ଜିଲ୍ଲା ଓକିଲ ସଂଘର କିଛି ମହିଳା ଆଇନଜୀବୀ ଓ ପୁଲିସ କର୍ମଚାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ସହରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଳ୍ପନା ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏକ ନିର୍ଦ୍ଦିଷ୍ଟ ମାମଲାରେ ଜିଲ୍ଲାର ଜଣେ ମହିଳା ପୁଲିସ ଅଧିକାରୀ କଳ୍ପନାଙ୍କୁ ସାହାଯ୍ୟ କରିବାକୁ କହିଥିଲେ। କିନ୍ତୁ ସେ ମନା କରିଦେବାରୁ ପୁଲିସ ଅଧିକାରୀ ଓ ସହକାରୀ ପୁଲିସ କର୍ମଚାରୀ କଳ୍ପନାଙ୍କୁ ଧମକ ଦେଇଥିଲେ। ଏନେଇ କଳ୍ପନା ଟାଉନ ଥାନାରେ ଗତ ୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୯ ଦିନ ପରେ ଜଣେ ପୁଲିସ କର୍ମଚାରୀଙ୍କ ପକ୍ଷରୁ କଳ୍ପନାଙ୍କ



ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ

ନାମରେ ଜାତିଆଣ ଆକ୍ଷେପ ମାମଲା ରୁଜୁ ହୋଇଥିଲା। ସେହି ମାମଲାରେ ଆଇନଜୀବୀ କଳ୍ପନା ହାଇକୋର୍ଟରୁ ଜାମିନ ଆଣିଥିଲେ। କିନ୍ତୁ ତାଙ୍କ ପକ୍ଷରୁ ହୋଇଥିବା ମାମଲାକୁ ପୁଲିସ ଖାରଜ କରିଦେଇଥିଲା। ଏହା ବିରୋଧରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଏସପି, ଆଇଆଇସି ଏବଂ ମାମଲା ହୋଇଥିବା ପୁଲିସ ଅଧିକାରୀଙ୍କୁ ହାଇକୋର୍ଟରେ ଉପସ୍ଥିତ ରହି ନିଜର ପକ୍ଷ ରଖିବା ପାଇଁ ନୋଟିସ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ କଳ୍ପନା ସୂଚନା ଦେଇଛନ୍ତି। ସେହିପରି କୋଭିଡ ସମୟରେ କଳ୍ପନା କୋରୋନା ପଜିଟିଭ ନ ହୋଇ ମଧ୍ୟ କିଛି ଅଣ ଓଡ଼ିଆ ଆଇନଜୀବୀ ତାଙ୍କୁ କରୋନା ପଜିଟିଭ କହି ବିଭିନ୍ନ ସାମାଜିକ ଗଣମାଧ୍ୟମ ଗ୍ରୁପରେ ପୋଷ୍ଟ କରିଥିଲେ। ଏହାସହ ସବୁବେଳେ ତାଙ୍କର ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି ସେମାନେ ମାନସିକ ନିର୍ଯାତନା ଦେଉଥିବା ଆଇନଜୀବୀ ସାହୁ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ତାଙ୍କ ଉପରେ ହେଉଥିବା ନିର୍ଯାତନା ଏବଂ ଅତ୍ୟାଚାର ଉପରେ ସରକାର ଓ ଜିଲ୍ଲା ପ୍ରଶାସନ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ସେ ଅନୁରୋଧ କରିଛନ୍ତି।

# ଦୀପା ବାରିକଙ୍କୁ ଅନ୍ତର୍ଜାତୀୟ ସମ୍ମାନ

ବରଗଡ଼, ୨୭।୩(ସମିସ): ଜିଲ୍ଲାର ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର ଯୁବ ସ୍ୱେଚ୍ଛାସେବୀ ଦୀପା ବାରିକ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇ ଜିଲ୍ଲାର ଗୌରବ ବଢ଼ାଇଛନ୍ତି। 'ହାପି ମୋମେଣ୍ଟସ ଇଣ୍ଡିଆ' ସଂସ୍ଥାର ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଟେମରି ପରି ଉପାନ୍ତ ଅଞ୍ଚଳରେ ଜନ୍ମ ହୋଇଥିବା ଦୀପା ନିଜ ସେବା ମାଧ୍ୟମରେ ଆଜି ସାରା ରାଜ୍ୟରେ ପରିଚିତ। ୨୦୧୯ରୁ ଆରମ୍ଭ ଏପର୍ଯ୍ୟନ୍ତ ସେ ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରି ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ପ୍ରତିଦିନ ତାଙ୍କ ଘରେ ଅନେକ ଅସହାୟ ଓ ପୀଡିତ ଲୋକମାନେ ସହାୟତା ପାଇଁ ଆସିଥାନ୍ତି। ଦୀପା ସେମାନଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ପଦକ୍ଷେପ ନେଇଥାନ୍ତି। ବିଶେଷକରି ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସେ ଅନେକ ଜଟିଳ ସମସ୍ୟାର ସମାଧାନ କରିପାରିଥିବାରୁ ରାଜ୍ୟ ସାରା




ସେ 'ଟ୍ୱିଟର ଗାର୍ଲ' ଭାବେ ପରିଚିତ ହୋଇଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିବା ପରେ ଅଞ୍ଚଳରେ ଖୁସିର ଲହରୀ ଦେଖାଯାଇଛି। ବିଭିନ୍ନ ମହଲରୁ ଦୀପାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି।

# ଗାଁଠୁ ସହର ସବୁଠି ଜୟ ଶ୍ରୀରାମ





## ମନ ଛୁଇଁଲା ରାମସୀତା ବେଶ

ବୌଦ୍ଧ/କଣ୍ଟାମାଳ/ଜହ୍ନାପଙ୍କ,୨୭ ।୩ (ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଛି। ଶିଶୁମାନେ ଶ୍ରୀରାମ ଓ ସୀତା ବେଶରେ ବାହାରି ଜହ୍ନାପଙ୍କ ଓ ନାରାୟଣ ନଗର ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରମଣି ବେହେରା, ସମ୍ମାନିତ ଅତିଥି ଭାବେ ଉପ ସଭାପତି ଜଗନ୍ନାଥ ବେହେରା, ସଂପାଦକ ଦେବ ନାରାୟଣ ପ୍ରଧାନ, ଯୁଗ୍ମ ସଂପାଦକ ନାରାୟଣ ମହାରଣା, କୋଷାଧ୍ୟକ୍ଷ କାହ୍ନୁଚରଣ ମେଶୁଆ, ପୂର୍ବତନ ଜିଲ୍ଲା ପ୍ରମୁଖ ପ୍ରଭାତ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବହିରାରେ ୧୧ ତାରିଖ ପର୍ଯ୍ୟନ୍ତ ରାମଲୀଳା

ବୌଦ୍ଧ ବ୍ଲକ୍ ବହିରା ଗ୍ରାମରେ ବିରାଜିତ ଶ୍ରୀ ଦଧିବାବନଙ୍କ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଥିଲା। ରାତିରେ ଶ୍ରୀ ରାମ ଜନ୍ମ ନାଟକ ଅଭିନିତ ହୋଇଥିଲା। ଚଳିତ ବର୍ଷ ବହିରା ଶ୍ରୀରାମ ଲୀଳା ୨୧୦ ବର୍ଷରେ ପଦାର୍ପଣ କରିଛି। ଏହି ଶ୍ରୀରାମ ଲୀଳା ଉତ୍ସବ ଆସନ୍ତା ଅପ୍ରେଲ୍ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ରାତିରେ ରାମାୟଣର ବିଭିନ୍ନ ପ୍ରସଙ୍ଗକୁ ନେଇ ଶ୍ରୀ ରାମଲୀଳା ନାଟକ ଅଭିନିତ ହେବ।

## ବଜରଙ୍ଗ ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା

ବୌଦ୍ଧରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବୁଟୁପାଲି ହାଇସ୍କୁଲ ସମ୍ମୁଖରୁ ଶୋଭାଯାତ୍ରା ବାହାରି ବୁଟୁପାଲି ଦେଇ ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମନୋରଞ୍ଜନ ଦାଶ, ଉପସଭାପତି ଶ୍ୟାମ ସୁନ୍ଦର ପୁରୋହିତ, ସମାଜସେବୀ ଇଂ ବିକାଶ ମହାକୁଳଙ୍କ ସମେତ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ବିଜେପିର କର୍ମକର୍ତ୍ତା ଓ ସଦସ୍ୟ ଏବଂ ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ। ଶୋଭାଯାତ୍ରାରେ କୃଷ୍ଣଗୁରୁ ସଙ୍କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଦ୍ୟ ଦଳ, ହୁଲୁହୁଲି କଳାକାର ସାମିଲ୍ ହୋଇଥିଲେ।

## କଣ୍ଟାମାଳ ବ୍ଲକ୍ ଛକରେ ପୂଜାର୍ଚ୍ଚନା

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଛକ ଶ୍ରୀରାମ ମନ୍ଦିରଠାରେ ଶୁକ୍ରବାର ଶ୍ରୀରାମ ଚରିତ ମାନସ କମିଟି ଦ୍ୱାରା ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଛି। ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜା ଦାୟିତ୍ୱ ତୁଲାଇ ଥିବାବେଳେ ମନ୍ଦିର କମିଟି ସମ୍ପାଦକ ସନ୍ତୋଷ ବିଶି ପ୍ରଭୁଙ୍କ ଜନ୍ମ ବୃତ୍ତାନ୍ତ ପାଠ କରିଥିଲେ। ହରିବନ୍ଧୁ ପୁରୋହିତ, ଡକ୍ଟର ମାନବ ଦାସ, ପ୍ରେମଶଙ୍କର ସେଠି, ଅବିନାଶ ମିଶ୍ର, ଜୟ କୁମାର ମହାରଣା, ମନୋଜ ରାଜହଂସ, ଭୀମସେନ ସ୍ୱାଇଁ, ସନ୍ତୋଷ ସାହୁ, ପ୍ରଦୀପ ପ୍ରଧାନ, ଅପର୍ତ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣ୍ଟାମାଳ, ବରପଦର, ପଲସାଗୋରା, ସିଲଟପଡା, ବରଗାଁ, ବିରସିଂହପୁର, ଶ୍ରୀମାକ୍, ଘୁଚଙ୍ଗି, ବନ୍ଧପାଲି, ଘଣ୍ଟାପଡା, ମସିନାଗୋରା, ସମାକୁପା ସମେତ ବିଭିନ୍ନ ରାମ ମନ୍ଦିରରେ ରାମନବମୀ ପାଳିତ ହୋଇଛି। ଅନେକ ସ୍ଥାନରେ ନାଟକ ମାଧ୍ୟମରେ ୧୪ ଦିନ ଧରି ରାମଙ୍କ କଥା ପ୍ରଦର୍ଶିତ ହେବ।

## ପଣ୍ଡକିଟାଲ ଆର୍‌ଏମ୍‌ସିରେ ପ୍ରତିଯୋଗିତା

ଡୁଙ୍ଗୁରିପାଲି: ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପଣ୍ଡକୀଟାଲ ଆରଏମସିଠାରେ ବଜରଙ୍ଗ ଦଳ ପକ୍ଷରୁ ରାମନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ରାମଙ୍କର ବିଷୟରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାମପୁର ଥାନା ଅଧିକାରୀ ଡୋଲାମଣି ନାଏକ ଯୋଗ ଦେଇଥିଲେ। ଚୟନ କର୍ତ୍ତା ଭାବେ ସୁଶୀଲ ସାହୁ, ହେମସାଗର ବାଘ, ଅକ୍ଷୟ ମାଝୀ, ରବି ବେହେରା ଓ ରଶାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ବକୃତାରେ କନିଷ୍ଠ ବିଭାଗରେ ଜିତେଶ ସାହୁ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ବିଦ୍ୟାବିନା ସାହୁ, ତୃତୀୟ ଜସ୍ମିନ ଭୋଇ, ବରିଷ୍ଠ ବିଭାଗରେ ପୂଜାରାଣୀ ରାଉତ ପ୍ରଥମ, ରିଷମା ଭୋଇ ଦ୍ୱିତୀୟ, ତୃତୀୟ ତନୁଶ୍ରୀ ସାହୁ ହୋଇଛନ୍ତି। ରଚନା କନିଷ୍ଠ ବିଭାଗରେ ପ୍ରତୀକ ପ୍ରଧାନ ଓ ବରିଷ୍ଠ ବିଭାଗରେ ପ୍ରଥମ ରିଷମା ଭୋଇ, ଦ୍ୱିତୀୟ ସଂସ୍କୃତି ପୁଟେଲ, ତୃତୀୟ ସମୀର ପଧାନ ହୋଇଛନ୍ତି। ଚିତ୍ରାଙ୍କନ କନିଷ୍ଠ ବିଭାଗରେ ଈପ୍‌ସିତା ପଧାନ ପ୍ରଥମ, ପ୍ରୀତି ସୁନା ଦ୍ୱିତୀୟ, ପ୍ରୀତି ମଟାରୀ ତୃତୀୟ ହୋଇଛନ୍ତି। ବରିଷ୍ଠ ବିଭାଗରେ ରାନୀ ଭୋଇ ପ୍ରଥମ, ଜସ୍ମିନ ଭରାସାଗର ଦ୍ୱିତୀୟ, ରୁପେଶ ସାହୁ ତୃତୀୟ ହୋଇଛନ୍ତି। ସଂଗୀତ କନିଷ୍ଠ ବିଭାଗରେ ଆରଭ୍ୟା ସାହୁ ପ୍ରଥମ, ବିଦ୍ୟାଶିନୀ ସାହୁ ଦ୍ୱିତୀୟ, ଶ୍ରାବଣୀ ବାଘ ଓ ବିଘ୍ନ ପଧାନ ତୃତୀୟ ହୋଇଛନ୍ତି। ବରିଷ୍ଠ ବିଭାଗରେ ସୁନିତା ବିଶ୍ୱାଳ ପ୍ରଥମ, ପ୍ରିୟାଂଶି ଦ୍ୱିତୀୟ, ସମୀର ପଧାନ ଓ ସାହିଲ ବଂଛୋର ତୃତୀୟ ହୋଇଛନ୍ତି। ଏଥିରେ ଶୁଭମ, ସୁରଜ, ଅନିଲ, ଶଙ୍କର, ସଚିନ, ଆନନ୍ଦ, ରିକୁନାଥ, ଶକ୍ତି, ଶିବ, ପ୍ରଶାନ୍ତ, ବିକାଶ ପ୍ରମୁଖ ସହଯୋଗ କରିଥିଲେ।

## ମୁରିବାହାଲରେ ଶ୍ରୀରାମ ନବମୀ ପାଇଁ କଳସ ଯାତ୍ରା

ମୁରିବାହାଲ: ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦର ମହକୁମାରେ ଚଳିତ ବର୍ଷ ଶ୍ରୀରାମ ଲୀଳା ପ୍ରଚାର ଓ ପ୍ରସାର ତରଫରୁ ୫୨ତମ ଶ୍ରୀରାମ ନବମୀ ଉତ୍ସବ ପାଇଁ କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ଖଜୁରୀ ବନ୍ଧରୁ ଶତାଧିକ ମହିଳା ଶ୍ରଦ୍ଧାଳୁ ସାଲେପରା ସଂକୀର୍ତ୍ତନ ଦଳ ସହ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଉତ୍ସବ ପାଇଁ ମୁଖ୍ୟ ପୂଜକ କୁଞ୍ଜବିହାରୀ ଯୋଶୀ କାର୍ଯ୍ୟ ନିର୍ବାହ କରୁଛନ୍ତି। ପ୍ରତି ବର୍ଷ ଭଳି କମିଟି ତରଫରୁ ଆସନ୍ତା ୯ ଦିନ ପାଇଁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ପ୍ରଭୁ ଶ୍ରୀରାମଙ୍କ ଲୀଳା ଓ ରାମାୟଣ ଗୀତିନାଟ୍ୟ କାର୍ଯ୍ୟକ୍ରମ ହେବ। ପବିତ୍ର ଷାଣ୍ଡ, ଲକ୍ଷ୍ମୀପ୍ରିୟା ଷାଣ୍ଡ, କାମଦେବ ପଧାନ ବୈଦିହି ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସଭାପତି ନରେନ୍ଦ୍ର ପଶାୟତ, ଉପସଭାପତି ବସନ୍ତ ପଶାୟତ, କୋଷାଧ୍ୟକ୍ଷ ଉମେଶ ସେଠ୍, ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ରୀୟ ଭୋଇ, ଶାନ୍ତରମ ପଧାନ, ଘାସିରାମ ସେଠ, ହୃଷିକେଶ ମାହାର, ମକୁନ୍ଦ ପଧାନ, ଯୁଧିଷ୍ଠିର ବଘାର, ନିରାକାର ବଘାର, ଅଶୋକ ତରିଆ, ହୃଦାନନ୍ଦ ପଧାନ, କୈବଲ୍ୟ ସେଠ, ସ୍ୱସ୍ତିକ ଯୋଶୀ, ମନୋଜ ପୁଟେଲ, ଗୋପୀ ସେଠ, ବାସୁଦେବ ଗହୀର, ନିତ୍ୟାନନ୍ଦ ଗହୀର, ଉମାକାନ୍ତ କର୍ମୀ, ଦୟାନିଧି ପଧାନ, ସୁଧୀର ପଧାନ, ହେମନ୍ତ ବଗର୍ତ୍ତୀ, ଗୌତମ ପଧାନ, ଅନ୍ତରାମ ପଧାନ, ଅଜିତ ତରିଆ, ପ୍ରଶାନ୍ତ ମାହାର, ଅବିନାଶ ଭୋଇ, ସଞ୍ଜୟ ବାଗ, ତପନ ବଘାର, କେଦାର ବଡ଼ଜେନା, କିଶୋର ପଧାନ, ରୁପେଶ ଷାଣ୍ଢ, ବାଳକୃଷ୍ଣ ବଘାର ଓ ବାସୁଦେବ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର

ଡୁଙ୍ଗୁରିପାଲି,୨୭।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ରୋଡରୁ ରେଳ ଷ୍ଟେସନ ମଧ୍ୟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ ବୁର୍ଲା ବଡ଼ ମେଡିକାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ଜଣକ ଝାରଖଣ୍ଡ ଜାମୁରର ସଞ୍ଜୟ ବେନିଆ (୩୦)ବୋଲି ଜଣାପଡିଛି। ସୂଚନା ମୁତାବକ ବେଙ୍ଗାଲୁରରୁ ହାଟିଆ ଯାଉଥିବା ବେଳେ ଡୁଙ୍ଗୁରିପାଲି ରାମପୁର ରୋଡ ରେଳ ଫାଟକ ଓ ଷ୍ଟେସନ ମାଝୀରେ ଯୁବକ ଜଣକ ଟ୍ରେନ୍‌ରୁ କୌଣସି କାରଣରୁ ଖସି ପଡ଼ିଥିଲେ। ଏନେଇ ରେଳବାଇ ପୁଲିସ ଅଧିକ ତଦନ୍ତ କରୁଛି।



## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଶଗଡା,୨୭ ।୩ (ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ଦହ୍ୟା କିରାସିରାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରକ୍ସା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଜୀବନ ବିକାଶ ଡିଗ୍ରୀ କଲେଜ୍‌ର ପ୍ରତିଷ୍ଠାତା କିଶୋର ମେହେର, ସମ୍ମାନିତ ଅତିଥି ଭାବେ ରକ୍ସା ସମବାୟ ସମିତିର ସଭାପତି ଶିବ ଶଙ୍କର କର୍ଣ୍ଣ, ମୁଖ୍ୟବକ୍ତା ଭାବେ ବୌଦ୍ଧ ଆରଏମସିର ଭାସ୍କରଚନ୍ଦ୍ର ପାଣିଗ୍ରାହୀ, ପ୍ରଧାନ ଗୁରୁଜୀ କାହ୍ନୁଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଯାଦବ ମେହେର ସଭାପତିତ୍ୱ କରିଥିଲେ। ଗୁରୁଜୀ ତରଣୀ ସେନ ଦଣ୍ଡସେନା, ଗୁରୁମା ପ୍ରତିମା ମେହେର, ଝରଣା ମେହେର, ଲିପ୍ସା ମିଶ୍ର ସହଯୋଗ କରିଥିଲେ। ସୁରେଶ ମେହେର ଓ କୃତିବାସ ଭୋକ୍ତା ମଞ୍ଚ ପରିଚାଳନା କରିଥିଲେ। ଠାକୁର ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଣ୍ଟାମାଳରେ ଆକ୍ସିସ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କଣ୍ଟାମାଳ,୨୭ ।୩(ସମିସ): କଣ୍ଟାମାଳରେ ଆକ୍ସିସ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଛି। କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଷୀ, କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ, ଜିଲ୍ଲା ସାମ୍ବାଦିକ ଫୋରମର ସଭାପତି ଦିବ୍ୟ ଶଙ୍କର ରାଉତ, ବିଶିଷ୍ଟ ବ୍ୟବସାୟୀ ସ୍ୱସ୍ତିକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବ୍ୟାଙ୍କର ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ବିଭୁତି ଭୂଷଣ ସାହୁ ପରିଚାଳନା କରିଥିଲେ। ଶାଖା ପରିଚାଳକ ଟୁନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶଗଡ଼ା ଅଞ୍ଚଳରେ କାଳବୈଶାଖୀ

ଶଗଡା,୨୭ ।୩(ସମିସ): ବୌଦ୍ଧ ଜିଲ୍ଲା ଶଗଡା, ବରଗୋଚ୍ଛା, ବିଳାସପୁର ଆଦି ଅଞ୍ଚଳରେ ଆଜି ସନ୍ଧ୍ୟାରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଜୋରରେ ପବନ ବହିବା ସହ ଅନେକ ସ୍ଥାନରେ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। କୁଆପଥର ମାଡ଼ରେ ଅନେକ ଧାନ ଫସଲ ଓ ପନିପରିବାର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗଛ ଭାଙ୍ଗିଯିବା ସହ ଚାଳ ଛପର ଘର ମଧ୍ୟ ଭାଙ୍ଗି ନଷ୍ଟ ହୋଇ ଯାଇଛି। ଅବଶ୍ୟ ବର୍ଷା ଯୋଗୁଁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତେବେ ପନିପରିବା ଚାଷରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ତଦନ୍ତ କରି ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

## ଓଲଟିଲା ଲୁହା ସାମଗ୍ରୀ ବୋଝେଇ ଅଟୋ

ବୌଦ୍ଧ,୨୭ ।୩(ସମିସ): ବୌଦ୍ଧ-ବଲାଙ୍ଗୀର ଜାତୀୟ ୫୭ ନମ୍ବର ରାଜପଥର ତେଲିବନ୍ଧ ପନ୍ଥାଇ ହମ୍ପ ନିକଟରେ ଭାରସାମ୍ୟ ହରାଇ ଏକ ଲୁହା ଆଙ୍ଗେଲ ବୋଝେଇ ଡାଲା ଅଟୋ ଓଲଟି ପଡିଥିଲା। ଏହା ଫଳରେ ଦୁର୍ଘଟଣା ସମୟରେ ଅଟୋ ପାଖର୍ ଦେଇ ଗୋଟିଏ ବାଇକରେ ଯାଉଥିବା ୩ ଜଣ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୌଦ୍ଧ ପଟୁ ଏକ ଡାଲା ଅଟୋ (ନଂ ଓଡ଼ି ୨୭ ଇ ୪୧୪୬) ହୁଡ ଉପରେ ଲୁହା ଆଙ୍ଗେଲନେଇ ମନମୁଣ୍ଡା ଆଡକୁ ଯାଉଥିଲା; ହେଲେ ଜାତୀୟ ରାଜପଥର ତେଲିବନ୍ଧ ପନ୍ଥାଇ ହମ୍ପ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ବାମ ପାଖର୍କୁ ଓଲଟି ପଡିଥିଲା। ସେହି ସମୟରେ ସମାନ ଦିଗରୁ ଯାଉଥିବା ବାଉଁଶୁଣି ଥାନା ମାଳତି ଗୋଛାପଡ଼ାର ୩ ଜଣ ବସିଥିବା ଏକ ବାଇକ୍(ଓଡି୩୧ କେ ୩୫୧୫) ରେ ଲୁହା ଆଙ୍ଗେଲ ମାଡ ହୋଇ ବାଇକ୍ ପଡିଯାଇଥିଲା। ବାଇକରେ ଥିବା ୩ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଅଟୋ ଚାଳକ ସ୍ଥାନୀୟ ଲୋକାଙ୍କ ସହାୟତାରେ ଅଟୋ ଉଠାଇ ଲୁହା ଆଙ୍ଗେଲ ଲୋଡ୍ କରି ଫେରାର ମାରିଛି।

## ପେନସନଭୋଗୀଙ୍କ ଦାବିପତ୍ର

ବଲାଙ୍ଗିର,୨୭ ।୩(ସମିସ): ଅଷ୍ଟମ ବେତନ କମିଶନ ପେନସନ ଭୋଗୀଙ୍କ ପେନସନ ଉପରେ ତାରତମ୍ୟ ରଖାଯାଉଛି। ଏହା ଜଣା ପଡ଼ିବା ପରେ ଅଖିଳ ଭାରତୀୟ ପେନସନ ଭୋଗୀ ସଂଘ ତରଫରୁ ଦେଶ ସାରା ଦାବି ପତ୍ର ଦିଆଯାଉଛି। ଏହି କ୍ରମରେ ଅଖିଳ ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମ.ରୀ ସଂଘ ତରଫରୁ ଓ ବଲାଙ୍ଗିର ଜିଲ୍ଲା ପେନସନ ଭୋଗୀ ସଂଘ ତଥା ତୁଷୁରା ଶିକ୍ଷକ କର୍ମ.ରୀ ସଂଘ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ପୁରନ୍ଦର ଦାଶ, ସୁଧାଂଶୁ ଶେଖର ବାବୁ, ଛାୟାକାନ୍ତ ସାହୁ, ଶେଷଦେବ ପଟ୍ଟନାୟକ, ରାମଚନ୍ଦ୍ର ପ୍ରଧାନ ଇତ୍ୟାଦି ପେନସନ ଭୋଗୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରାମଲୀଳା ଯାତ୍ରା ଅଧିବାସ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ,୨୭ ।୩ (ସମିସ): ବୌଦ୍ଧ ସହର ଶ୍ରୀ ରଘୁନାଥ ମନ୍ଦିର ପରିସରରେ ହେବାକୁ ଥିବା ଶ୍ରୀ ରାମଲୀଳା ଯାତ୍ରାର ଅଧିବାସ ପାଇଁ ମହାନଦୀରୁ ଏକ କଳସ ଶୋଭାଯାତ୍ର ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ଶ୍ରୀ ରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତା, ସଦସ୍ୟ ଓ ଶ୍ରଦ୍ଧାଳୁ ମହାନଦୀର ହନୁମାନ ମନ୍ଦିର ଘାଟକୁ ଯାଇ ଗଙ୍ଗାମାତାଙ୍କୁ ଆବହନ କରି କଳସରେ ଜଳଭର୍ତ୍ତି କରିଥିଲେ। କଳସ ଧରି ନାମ ସଂକୀର୍ତ୍ତନ ସହ ୱାରଲେସ ଛକ, ବାଘଗୁଡ଼ା ଛକ, ଗାନ୍ଧୀ ଛକ, ଭୈରବୀ ଛକ, ଶହୀଦ ଛକ ଦେଇ ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଆଜିଠାରୁ ବୌଦ୍ଧର ପ୍ରସିଦ୍ଧ ଶ୍ରୀ ରାମଲୀଳା ଆରମ୍ଭ ହେବ। ଆସନ୍ତା ୧୩ ତାରିଖ ଦିନ ଶ୍ରୀରାମଙ୍କ ରାଜ୍ୟାଭିଷେକ ପରେ ଉଦ୍‌ଯାପିତ ହେବ।

## କଣ୍ଟାବାଞ୍ଜି ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

କଣ୍ଟାବାଞ୍ଜି,୨୭ ।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଶ୍ରୀ ରାମ ନବମୀ ମହୋତ୍ସବ ପାଳିତ ହୋଇଛି। ତେବେ ଏହାକୁ ନେଇ ପୁଲିସ ପକ୍ଷରୁ ମଧ୍ୟ ପ୍ରସ୍ତୁତି ହୋଇଥିଲା। ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ସହରରେ ଏଥିପାଇଁ ପୂର୍ବଦିନ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସ୍ଥାନୀୟ ଥାନା ସମ୍ମୁଖରୁ ପୁଲିସ ଅଧିକାରୀ ଗୋପାଳଚନ୍ଦ୍ର କର୍ଣ୍ଣ, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରାଙ୍କ ସମେତ ୩ ପ୍ଲାଟୁନ ପୁଲିସ ଓ ଅନ୍ୟ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ଏନଏସି ଛକ, ୧ନମ୍ବର ୱାର୍ଡ, ୫ନମ୍ବର ରୋଡ୍, ଇନ୍ଦିରା ଛକ, ଏସଡିପିଓ ଅଫିସ ଛକ, ବାଇପାସ ରାସ୍ତାରେ ଫ୍ଲାଗମାର୍ଚ୍ଚ ହୋଇଥିଲା।

## ପୋଢ଼ଖାଲରେ ନବାହ୍ନ ପାରାୟଣ ଶୁଭାରମ୍ଭ

ବୌଦ୍ଧ,୨୭ ।୩(ସମିସ): ବୌଦ୍ଧ ବ୍ଲକ୍ ତାଳସରଡା ପଞ୍ଚାୟତ ପୋଢଖାଲ ଗ୍ରାମରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ୯ ଦିନ ବ୍ୟାପି ତୁଳସୀ ରାମାୟଣ ପାରାୟଣ ଶୁଭାରମ୍ଭ ହୋଇଯାଇଛି। ଆସନ୍ତା ଅପ୍ରେଲ୍ ୪ ତାରିଖ ଦିନ ଏହା ଉଦ୍‌ଯାପିତ ହେବ। ସେଦିନ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ ଅଧିବାସ ଅନୁଷ୍ଠିତ ହେବ। ସୋନପୁରର ପୁରାଣ ଗାୟକ ରଘୁନାଥ ମିଶ୍ର ବ୍ୟାସ ଭାବରେ ତୁଳସୀ ରାମାୟଣ ପଠନ କରୁଛନ୍ତି। ପୂଜକ ଭାବରେ ନବୀନ ଦାଶ ପୂଜାକାର୍ଯ୍ୟ କରୁଛନ୍ତି। ଦୀନେଶ ଅମାତ ଓ ତାଙ୍କ ପତ୍ନୀ ଦୀପ୍ତିରେଖା ଅମାତ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ହନୁମାନ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

ଜହ୍ନାପଙ୍କ,୨୭ ।୩(ସମିସ): ବୌଦ୍ଧ ବ୍ଲକ ଜଗତି ନିକଟସ୍ଥ ହନୁମାନ ମନ୍ଦିରରେ ହନୁମାନ ମନ୍ଦିର ଭକ୍ତଙ୍କ ତରଫରୁ ଶ୍ରୀରାମ ନବମୀ ଅବସରେ ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଶତାଧିକ ମହିଳା, ପୁରୁଷ ମହାନଦୀରୁ ପୂଜାର୍ଚ୍ଚନା କରି ଗଙ୍ଗାମାତାଙ୍କୁ ନିମନ୍ତ୍ରଣ କରି ଏକ ଶୋଭାଯାତ୍ରାରେ ଜଗତି ଗ୍ରାମ ଦେଇ ହନୁମାନ ମନ୍ଦିରରେ ପହଞ୍ଚିଥଲେ। ଏହା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସଞ୍ଜୁ ମେହେର ତାଙ୍କ ପତ୍ନୀ ପଦ୍ମିନୀ ମେହେର ଦାୟିତ୍ୱ ତୁଲାଇଥିଲେ। ପୂଜକ ନୀଳକଣ୍ଠ ପାଣିଗ୍ରାହୀ ଓ ଆକାଶ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ। ୧୦ଟି କୀର୍ତ୍ତନ୍ନ ମଣ୍ଡଳୀ ଯୋଗ ଦେଇ ହରିନାମ ଗାନ କରିଥିଲେ।

## ପୁରୀ ରଥଯାତ୍ରା ପାଇଁ ମନମୁଣ୍ଡା ରେଞ୍ଜରେ ଗଛକଟା ଶୁଭାରମ୍ଭ

ମନମୁଣ୍ଡା,୨୭ ।୩(ସମିସ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥ ଯାତ୍ରାରେ ରଥ ନିର୍ମାଣ ସକାଶେ ମନମୁଣ୍ଡା ରେଞ୍ଜରେ ଗଛ କଟା ଶୁଭାରମ୍ଭ ହୋଇଛି। ଗୁହୁଲିଆ ସେକ୍ସନ ମାଳତୀଗୋଛାପଡା ଏବଂ ବାଡେପାଙ୍ଗା ବିଟ୍‌ରୁ ଧଉରା ଏବଂ ଅସନ ଗଛ କଟା ଆରମ୍ଭ ହେଇଛି। ସ୍ଥାନୀୟ ଗ୍ରାମବାସୀ ଏବଂ ମନମୁଣ୍ଡା ରେଞ୍ଜର ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ ପ୍ରଭୁଙ୍କ ଆଜ୍ଞାମାଳ ପାଇ ବ୍ରାହ୍ମଣଙ୍କ ଦ୍ୱାରା ନୀତିରୀତିରେ ଗଛ ପୂଜା କରାଯାଇଥିଲା। ନାମକୀର୍ତ୍ତନ, ଘଣ୍ଟ, ଶଙ୍ଖ ଧ୍ୱନି ସହିତ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ମନମୁଣ୍ଡା ରେଞ୍ଜ ଅଫିସର ଶ୍ରୀବସ୍ତ୍ର କୁମୁରାଙ୍କ ଦିଗଦର୍ଶନ, ଗୁହୁଲିଆ ବନପାଳ ଦେବକାନ୍ତ ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଗାର୍ଡ ଭକ୍ତ ଭୋଇ, ପ୍ରଦ୍ୟୁମ୍ନ ପ୍ରଧାନ, ପ୍ରଶାନ୍ତ ସେଠୀ ଓ ଫତିମା ବିବିଙ୍କ ସହଯୋଗରେ ରଥ କାଠ ପାଇଁ ଗଛ କଟା ଶୁଭାରମ୍ଭ କରାଯାଇଥିଲା।

## ବାସନ୍ତିକ ନବରାତ୍ର ଉଦ୍‌ଯାପିତ

ବୌଦ୍ଧ,୨୭ ।୩(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗାୟତ୍ରୀ ମନ୍ଦିରରେ ଗତ ୧୯ ତାରିଖରୁ ଚାଲିଥିବା ବାସନ୍ତୀକ ନବରାତ୍ର ଆଜି ଉଦ୍‌ଯାପିତ ହୋଇଛି। ପ୍ରଜ୍ଞାପୀଠର ବରିଷ୍ଠ ସଦସ୍ୟ ଚିରଞ୍ଜୀବୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଶ୍ରୀରାମଙ୍କ ପୂଜା ମଧ୍ୟ ହୋଇଥିଲା। ଯଜ୍ଞ ପରିଚାଳନାରେ ବ୍ୟାସ ଭାବେ ପ୍ରମୋଦ ଚାନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ମୁଖ୍ୟ ଯଜମାନ ଭାବେ ନିର୍ମଳ ସାହୁ ଓ ତାଙ୍କ ପତ୍ନୀ ଯାଜ୍ଞସେନୀ ବେହେରା ଦାୟିତ୍ୱ ତୁଲାଇଥିଲେ। ପଞ୍ଚକୁଣ୍ଡୀୟ ଯଜ୍ଞରେ ସତ୍ୟ ନାରାୟଣ ପ୍ରଧାନ ଓ ନିଲୀମା ପ୍ରଧାନ, ସନ୍ତୋଷ ବେହେରା ଓ ବାସନ୍ତୀ ବେହେରା, ନୃସିଂହ କର୍ମୀ ଓ ଅନୁପମା କର୍ମୀ, ଡ ପ୍ରଶାନ୍ତ କର ଓ ବର୍ଷାରାଣୀ ତ୍ରିପାଠୀ, ଜଗବନ୍ଧୁ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ସହ କନ୍ୟାମାନଙ୍କୁ ନେଇ ବନଦୁର୍ଗା ପୂଜା କରାଯାଇଥିଲା। ପବିତ୍ର ପ୍ରଧାନ, ଶୁଭେନ୍ଦୁ ମହାକୁଳ, ବଶିଷ୍ଠ ସାହୁ, ପରମାନନ୍ଦ ସାହୁ, ଶାନ୍ତନୁ ମିର୍ଦ୍ଧା, ଭାସ୍କର ଦୋରା ପ୍ରମୁଖ ସହଯୋଗ କରିଥିଲେ।

## ନାରାୟଣନଗରରେ ଶ୍ରୀ ରାମଲୀଳା ନାଟ୍ୟ ଉତ୍ସବ

ଜହ୍ନାପଙ୍କ,୨୭ ।୩ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗର ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ ଜନ୍ମ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଥମେ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତାଙ୍କୁ ନେଇ ନାମ ସଂକୀର୍ତ୍ତନ ହୋଇଥିଲା। ଘଣ୍ଟ ବାଦ୍ୟ ତାଳେ ତାଳେ ଏକ ଶୋଭାଯାତ୍ରାରେ ବାହାରିଥିଲା। ଚାଷୀ ସାହି, ଦୈନିକବଜାର, ସାହୁଗଲି, ଗଙ୍ଗାଧର ଛକ, ହରିବଂଶ ଛକ ଦେଇ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରରେ ଠାକୁରଙ୍କୁ ସ୍ଥାପନ କରାଯାଇଥିଲା। ଗ୍ରାମବାସୀ ପ୍ରତ୍ୟେକ ଘର ସାମ୍ନାରେ ପୂର୍ଣ୍ଣ କଳସ ସ୍ଥାପନ କରି ଠାକୁରଙ୍କ ପାଦ ଧୋଇ ପୂଜା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ କୃଷ୍ଣ ମେହେର, ତାଙ୍କ ପତ୍ନୀ ହେମଲତା ମେହେର ଦାୟିତ୍ୱ ତୁଲାଇଥିଲେ। ପୂଜକ ଅଜିତ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିବା ବେଳେ ସନ୍ତୋଷ ହୋତା ସହଯୋଗ କରିଥିଲେ। ରାମଲୀଳ କମିଟିର ୨ଶହ ଜଣ ସଦସ୍ୟ ବ୍ରତ ଧାରଣ କରି ନିଷ୍ଠାର ସହ ପୂଜା କରିଥିଲେ। ନାରାୟଣନଗର ଗ୍ରାମବାସୀ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ୧୧ ଦିନ ପାଇଁ ଗ୍ରାମରେ ଆମିଷ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ୪୭ ବର୍ଷ ହେଲା ରାମଲୀଳା ନାଟକ ମଞ୍ଚସ୍ଥ ହୋଇ ଆସୁଛି। ଏହା ସହ ରାତିରେ ରାମ ଜନ୍ମ ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ବୌଦ୍ଧ ବ୍ଲକ୍‌ର ତେଲିବନ୍ଧ, ଆନନ୍ଦପୁର, ଧୁଡୁରୁବାହାଲ, ପୋଲାମ, ଗୋବିନ୍ଦପୁର, ଗୁଡ଼ୀଆଳି, ମର୍ଯ୍ୟାଦପୁର ଆଦି ଗ୍ରାମରେ ଶ୍ରୀରାମ ନବମୀ ପାଳିତ ହୋଇଛି।

## କଣ୍ଟାବାଞ୍ଜି ରକ୍ତଭଣ୍ଡାର କାର୍ଯ୍ୟକାରୀ କରିବାକୁ ବିଜେଡିର ଦାବି

କଣ୍ଟାବାଞ୍ଜି,୨୭ ।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଡାକ୍ତରଖାନା ଭିତରେ ଥିବା ରକ୍ତ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ଉଠିଛି। କଣ୍ଟାବାଞ୍ଜି ବିଜୁ ଜନତା ଦଳ ନଗର ସଭାପତି



କିଶୋର ମଜଖଣ୍ଡଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନକୁ ଏକ ଦାବି ପତ୍ର ଦିଆଯାଇଛି। ଏଥିରେ ଦର୍ଶାଇ ଦିଆଯାଇଛି ଯେ ଅନେକ ଦିନ ହେଲା କଣ୍ଟାବାଞ୍ଜି ରକ୍ତ ଭଣ୍ଡାର ବନ୍ଦ ହେତୁ ଏହି ଅଞ୍ଚଳର ଲୋକେ ହଇରାଣ ହେଉଛନ୍ତି। ଦୂର ଦୁରନ୍ତରୁ ଆସୁଥିବା ରୋଗୀ ମଧ୍ୟ ହଇରାଣ ହେଉଛନ୍ତି। ସହରର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର ସହଯୋଗରେ ଏହା ସମ୍ପାଦିତ ହେଉଥିଲା। ଲୋକେ ଉପକୃତ ହେଉଥିଲେ। ଏବେ ଏହା ବନ୍ଦ ଥିବାରୁ ଲୋକ ହଇରାଣ ହରକତ ହେଉଛନ୍ତି। ୧୫ଦିନ ଭିତରେ ଏହାକୁ କାର୍ଯ୍ୟକ୍ଷମ ନ କଲେ ଦଳ ପକ୍ଷରୁ ଆନ୍ଦୋଳନ

**ସ୍ୱର ମିଳାଇଲା ଓଡିଶା ଜନତା କଂଗ୍ରେସ**

କରିବାକୁ ଚେତାବନୀ ଦିଆଯାଇଛି। ପୂର୍ବତନ କାଉନସିଲର ଶେଖ ଅମଜଦ, ତାହୀର ଖାନ, ମନୋଜ ଚଣ୍ଡି, ରାମଚନ୍ଦ୍ର ଶବର, ଉତ୍ତର ପନିକା, ଧ୍ରୁବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡିଶା ଜନତା କଂଗ୍ରେସ ପକ୍ଷରୁ ମଧ୍ୟ କଣ୍ଟାବାଞ୍ଜି ମେଡ଼ିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅରୁଣ ତାଣ୍ଡି, ଗୁପ୍ତେଶ୍ୱର ବେହେରା, ଭୀମରାଜ ବାଗ, ତିଳ ଚିନାଗୁଣ ଜତନ ପୁଟେଲ, ଭିକ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଜନଗଣନାକାରୀ ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ତରଭା,୨୭।୩(ସମିସ): ତରଭା ତହସିଲଦାର ତଥା ବ୍ଲକ୍ ଜନଗଣନା ଚାର୍ଜ ଅଫିସର ଶ୍ୱେତାଲୀନା ମହାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନାକାରୀ ଓ ସୁପରଭାଇଜରମାନଙ୍କ ତିନି ଦିନିଆ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ଜନଗଣନା ପରିଚାଳନାର ଉଦ୍ଦେଶ୍ୟ, ଗଣନାକାରୀ ଓ ସୁପରଭାଇଜରଙ୍କ ଭୂମିକା ଓ ଦାୟିତ୍ୱ ଆଇନଗତ ବ୍ୟବସ୍ଥା, ଗୃହତାଲିକା, ନକ୍ସା ପ୍ରସ୍ତୁତି ଏବଂ ବିଲ୍ଡିଙ୍ଗ ଓ ସେନସସ୍ ଗୃହଗୁଡ଼ିକୁ ନମ୍ବର କରିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଆଜି ଶେଷ ଦିବସରେ ଜନଗଣନାକାରୀଙ୍କୁ ବିଭିନ୍ନ ଦଳରେ ଭାଗକରି ପ୍ରତ୍ୟେକ ଦଳ ଜଣେ ଲେଖାଏଁ ସୁପରଭାଇଜରଙ୍କ ନେତୃତ୍ୱରେ ତରଭା ସହରରେ ଘରକୁ ଘର ବୁଲି ଗୃହ ତାଲିକା ଏବଂ ଗୃହ ଗଣନା କରିଥିଲେ। ଚାର୍ଜ ଅଫିସର ସୁଶ୍ରୀ ମାହାଣା ଓ ସମସ୍ତ କ୍ଷେତ୍ର ପ୍ରଶିକ୍ଷକ ଗଣନାକାରୀ



ଓ ସୁପରଭାଇଜରମାନଙ୍କ ମାର୍ଗଦର୍ଶନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତେ ପ୍ରଶିକ୍ଷଣ କେନ୍ଦ୍ରମାନଙ୍କୁ ଫେରି ନିଜ ମୋବାଇଲ ଫୋନରେ ଗୃହ ଗଣନା ଆପ୍ ଡାଉନଲୋଡ କରି ସର୍ଭେ କରିଥିବା ତଥ୍ୟସବୁ ପୂରଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପଧାନ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। କ୍ଷେତ୍ର ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତରଭା ବ୍ଲକ୍ ପ୍ରଶିକ୍ଷଣ କେନ୍ଦ୍ରରେ ସାଧନକର୍ମୀ ଭାବେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ, ତରଭା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ସହକାରୀ କୃଷି ଅଧିକାରୀ ଲିପ୍ସା ତ୍ରିପାଠୀ ଓ ତରଭା ବାଳିକା ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ତହସିଲଦାର ଦିପ୍ତିମୟୀ ଭୁଏ କ୍ଷେତ୍ର ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତରଭା ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂରଜ ସେଠୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ବରାଇ ସହଯୋଗ କରିଥିଲେ।





# ଭକ୍ତଙ୍କ ନାମରେ ଅସାମାଜିକଙ୍କ ଉତ୍ପାତ

ଭୁବନେଶ୍ୱର, ୨୭।୩(ସମିସ): ରାଜଧାନୀରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମ ଉତ୍ସବ ରାମ ନବମୀ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ବ୍ରତ ରଖି ପୂଜାର୍ଚ୍ଚନା କରିବାକୁ ମନ୍ଦିର ଯାଇଥିଲେ। ହେଲେ କିଛି ଅସାମାଜିକ ଯୁବକ ଭକ୍ତଙ୍କ ବେଶରେ ରହି ସହର ସାରା ଉତ୍ପାତ ମଚାଇଛନ୍ତି। ଖୁଲମ୍ ଖୁଲା ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ଧଜିଆ ଉଡାଇଛନ୍ତି। ପୁଲିସ ସାମ୍ନାରେ ଏସବୁ ହେଉଥିଲା ବେଳେ ପୁଲିସ ଏବଂ ପ୍ରଶାସନ

**ଗାଡ଼ିରେ ପୁଲିସ ବତି, ହୋ ହଲ୍ଲାରେ ଦୁଲୁକିଲା ରାଜଧାନୀ**

**ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ, ବ୍ୟାରିକେଡ୍‌ରେ ପିଟି ହୋଇଗଲେ ବାଇକ ଚାଳକ**

ସେମାନଙ୍କ ଉତ୍ପାତକୁ ଅଖିବୁଜି ଦେଇଥିଲା। ଯାହାକୁ ନେଇ ସହର ସାରା ତୀବ୍ର ପ୍ରତିକ୍ରିଆ ପ୍ରକାଶ ପାଇଛି।

କିଏ କହୁଛି ପୂର୍ବରୁ ଝାଞ୍ଜ, ମୃଦଙ୍ଗ ଧରି ରାମ ନାମ ଜପି ଶାନ୍ତିଶୃଙ୍ଖଳାରେ ଆୟୋଜିତ ହେଉଥିବା ପବିତ୍ର ରାମନବମୀକୁ ଏମାନେ ହିଂସାତ୍ମକ କରିବାକୁ ଚେଷ୍ଟା କରୁଛନ୍ତି। ଆଉ କିଏ କହୁଛି ଏଭଳି କରି ରାଜଧାନୀରେ ଏକ ଭୟର ବାତାବରଣ ସୃଷ୍ଟି କରାଯାଉଛି। ରାଜଧାନୀରେ ସନ୍ଧ୍ୟା ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଥିଲା। ଏହି ଶୋଭାଯାତ୍ରରେ କିଛି ଅସାମାଜିକ ଯୁବକ ନିଜ



ଗାଡିକୁ ଭିନ୍ନ ଢଙ୍ଗରେ ସଜାଇଥିଲେ। ଅସୁରକ୍ଷିତ ଯାତ୍ରା କରୁଥିଲେ। ଥର୍ ଷ୍ଟାଣ୍ଡରେ ପାଦ ରଖି ସ୍ଥାନରେ ଛିଡା ହୋଇ ସହର ପରିକ୍ରାମ କରୁଥିଲେ। ଶୋଭାଯାତ୍ରା ସମୟରେ ଲୋକଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହେଉଛି।

ଶ୍ରୀୟା ଛକ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାମ ଭକ୍ତଙ୍କ ନାମରେ ଅସାମାଜିକ ଯୁବକ ମାନେ ନିଜ ଥର୍ ଗାଡିରେ ବେକନ୍ ଲଗାଇ ଦେଲେ। ଏହି ବେକନ୍ ଲାଇଟ୍‌ର ବ୍ୟବହାର କରି ସହର ପରିକ୍ରମା କରିଥିଲେ। ଏପରିକି ଗାଡ଼ି ଚାଲୁଥିଲା ସମୟରେ କିଛି ଯୁବକ ବିପଦଶଙ୍କୁଳ ଭାବେ ବାହାରେ ଛିଡା ହୋଇଥିଲେ। ଜିପ୍, ଥର ଚାଲୁଥିଲା ବେଳେ କିଏ ସାଇଡ୍‌ରେ ଲଟକି ଯାଉଛି। ଆଉ କିଏ ଚାତ ଉପରେ ବସି ଯାଇଛି। ଏଭଳି ଲାଇଟ୍ ଲଗାଇବା ସମ୍ପୂର୍ଣ୍ଣ ଭାବେ ବେଆଇନ୍ ଜାଣି ମଧ୍ୟ ପୁଲିସ ଉଁ ଚୁଁ ପଦେ ବି କହିଲାନି। ଓଲଟା ଏହି ଗାଡି ଯେପରି ସୁରୁଖୁରରେ ପରିକ୍ରମା କରି ପାରିବା ସେଥିପାଇଁ କମିସନରେଟ୍ ପୁଲିସର କିଛି କନ୍‌ଷ୍ଟେବଲ୍ ରାସ୍ତା ସାଇଡ୍ କରିବାରେ ଲାଗିଥିବା ଭିଡିଓ ଜୋର ସୋର୍‌ରେ ଭାଇରାଲ ହେବାରେ ଲାଗିଛି।

ପୁଲିସ, ପିସିଆର୍, ଅଗ୍ନିଶମ ଗାଡି କିମ୍ବା ଅନ୍ୟାନ୍ୟ ଜରୁରୀକାଳିନ ପରିସ୍ଥିତିର ମୁକାବିଲା ପାଇଁ ବ୍ୟବହୃତ ଗାଡ଼ିଗୁଡ଼ିକରେ ଏହି ନାଲିବତି ବା ବେକନ୍‌ର ବ୍ୟବହାର କରାଯାଏ। ଏହାକୁ ଅନ୍ୟ କେହି ବି ବ୍ୟବହାର କରି ପାରିବେ ନାହିଁ। ତେବେ ଆଇନ୍ ଭାଙ୍ଗୁଥିବା ଲୋକଙ୍କୁ ପୁଲିସ କିଭଳି ସମ୍ମାନରେ ବାଟ କଢାଉଛି ସେ ନେଇ ପ୍ରଶ୍ନ ଉଠିଛି। ଏସମ୍ପର୍କରେ ବିଜେଡି ମୁଖପାତ୍ର ଡଃ ଲେଲିନ୍ ମହାନ୍ତି କହିଛନ୍ତି ନାଲିବତି ରାଜ୍ୟର ମନ୍ତ୍ରୀମାନଙ୍କ ବ୍ୟବହାର ପାଇଁ ବି ଅନୁମତି ନାହିଁ। ହେଲେ ପୁଲିସ ଉପସ୍ଥିତିରେ କିଛି ଘରୋଇଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଯାହା ସ୍ପଷ୍ଟ କରୁଛି ପୁଲିସ ଡରରେ ଏଭଳି କାର୍ଯ୍ୟକ୍ରମକୁ ଅନୁମତି ଦେଇଛି। ଓଡ଼ିଶା ପୋଲିସର ଆଇନହୀନତା, ଆଳସ୍ୟ ଏବଂ ଆରାମଦାୟକ ମନୋଭାବ ସାଧାରଣ ପୁରୁଷ ଏବଂ ମହିଳାଙ୍କୁ ଭୟଭୀତ ଅବସ୍ଥାରେ ରହିବାକୁ ବାଧ୍ୟ କରୁଛି।

ରାଲି ଯୋଗୁଁ ସହର ଏକ ପ୍ରକାର ଜାମ୍ ହୋଇଯାଇଥିଲା। ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଘଣ୍ଟା ଘଣ୍ଟା ଧରି ଲୋକେ ଟ୍ରାଫିକ୍‌ରେ ଫସିଥିଲେ। କିଏ ଘରକୁ ଯାଉଥିଲା। ଆଉ କିଏ ମନ୍ଦିର ଯାଉଥିଲା। କେହି କେହି କାମରେ ଯାଉଥିଲେ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଁଞ୍ଚି ପାରି ନ ଥିଲେ। ୟୁନିଟ୍-୯ ଅଞ୍ଚଳର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଜୋର୍ ସୋରରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ପୁଲିସ ରାସ୍ତା କଢାଉଥିଲା। ହେଲେ ର୍‌ୟାଲିରେ ଥିବା ବାଇକ୍ ଆରୋହୀ ବ୍ୟାରିକେଟ୍‌ରେ ପିଟି ହୋଇଯାଇଥିଲେ।

# ଝିଅ ବାହାଘର ପୂର୍ବରୁ ବିଲରେ ଟଳିପଡ଼ିଲେ ଚାଷୀ

**ମୃତ୍ୟୁ ପରେ ନେତ୍ରଦାନ କଲେ ପରିବାର**

ବାଲିପାଟଣା, ୨୭।୩ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଆସନ୍ତା ମାସରେ ଝିଅର ବିବାହ ପାଇଁ ଘରେ ଚାଲିଥିବା ଖୁସିର



ପ୍ରସ୍ତୁତି ମଧ୍ୟରେ ହଠାତ୍ ଶୋକର ଛାୟା ଛାଇଯାଇଛି। ଗାରେଡି ପାଞ୍ଚଣ ଗ୍ରାମର ଚାଷୀ ମନୋରଞ୍ଜନ ବାରିକ (୫୨) ଖେତରେ କାମ କରୁଥିବା ବେଳେ ଅସୁସ୍ଥ ହୋଇ ପ୍ରଣାହାନୀ ଘଟିଛି।

ସକାଳୁ ମାଣିକ ପୋଖରୀ ନିକଟସ୍ଥ ପରିବା କିଆରୀରେ କାମ କରୁଥିବା ବେଳେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଶରୀର ଅସୁସ୍ଥ ଲାଗିବାରୁ ସେ ଘରକୁ ଫେରୁଥିବା ସମୟରେ ମୁହଁରୁ ରକ୍ତସ୍ରାବ ହୋଇ ଜଙ୍ଗଲିଆ ବଣରେ ଟଳି ପଡ଼ିଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଏବଂ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଅନ୍ୟପଟେ, ଶୋକାକୁଳ ପରିବାର ମନୋରଞ୍ଜନଙ୍କ ନେତ୍ରଦାନ କରି ମାନବିକତାର ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ମୃତ୍ୟୁ ପରେ ମଧ୍ୟ ସେ ଅନ୍ୟକୁ ଆଲୋକ ଦେଇଯିବେ। ଏହି ଘଟଣା ପରେ ଗାଁରେ ଶୋକର ଛାୟା ଛାଇଯାଇଛି। ପରିବାର ସଦସ୍ୟମାନେ ମନୋରଞ୍ଜନଙ୍କ ଅକାଳ ମୃତ୍ୟୁରେ ଭାଙ୍ଗି ପଡ଼ିଛନ୍ତି। ସ୍ଥାନୀୟ ଲୋକମାନେ ମଧ୍ୟ ଏହାକୁ ଦୁଃଖଦ ଘଟଣା ବୋଲି କହିଛନ୍ତି ଓ ପ୍ରଶାସନଙ୍କୁ ପରିବାର ପାଇଁ ସହାୟତା ଯୋଗାଇବାକୁ ଅନୁରୋଧ କରାଯାଇଛି।

# ଗରାଖକୁ ଆକ୍ରମଣ; ଦୋକାନୀ ଗିରଫ



ଭୁବନେଶ୍ୱର, ୨୭।୩(ସମିସ): ଗରାଖକୁ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣେ ଦୋକାନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜିଜିପି କଲୋନୀ ଅଞ୍ଚଳର ମହେଶ ସିଂ। ସୂଚନାଯୋଗ୍ୟ ଯେ, ସକାଳେ ଅଭିଯୋଗକାରୀ ଜିଜିପି କଲୋନୀର ଗଣେଶ ହାର୍ଡୱେୟାର ଦୋକାନକୁ ଏକ ରଶି କିଣିବାକୁ ଯାଇଥିଲେ। ପୂର୍ବରୁ କିଣାଯାଇଥିବା ବାଇଣ୍ଡିଂ ତାରର ମୂଲ୍ୟ ସମ୍ପର୍କରେ ଆଲୋଚନା ସମୟରେ ଅଭିଯୋଗକାରୀ ଏବଂ ଦୋକାନ ମାଲିକ ମହେଶ ସିଂହଙ୍କ ମଧ୍ୟରେ ଉଗ୍ର ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ମହେଶ ସିଂହଙ୍କ ପୁଅ ଘଟଣାସ୍ଥଳକୁ ଆସି ହଠାତ୍ ଅଭିଯୋଗକାରୀଙ୍କୁ ପଛରୁ ଠେଲି ଦେଇଥିଲେ। ଏହା ପରେ ଉଭୟ ବାପା ଓ ପୁଅ ମିଳିତ ଭାବରେ ଅଭିଯୋଗକାରୀଙ୍କୁ ତଳେ ପକାଇ ଦେଇ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ନାକ ଏବଂ ଥୋଡିରେ ରକ୍ତାକ୍ତ ଆଘାତ ଲାଗିଥିଲା।"ତଦନ୍ତ ସମୟରେ, ଅଭିଯୁକ୍ତ ମହେଶ ସିଂହଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ପୁଅ ଜଣେ ନାବାଳକ (ସିସିଏଲ୍) ଥିବାରୁ ତାଙ୍କ ବିରୋଧରେ ନାବାଳକମାନଙ୍କ ପାଇଁ ପ୍ରଚଳିତ ଆଇନ ଅନୁଯାୟୀ ପୃଥକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଜଣେ ଗିରଫ

ଭୁବନେଶ୍ୱର, ୨୭।୩(ସମିସ): ଧାରୁଆ ଅସ୍ତ୍ରରେ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲକ୍ଷ୍ମୀସାଗର ଉପର ସାହିର ଅଭିଷେକ ସାହୁ। ପୁଲିସ ସୂଚନା ମୁତାବକ, ଗତ ୨୬ ତାରିଖରେ ଅଭିଯୋଗକାରୀଙ୍କ ଘର ପରିସର ମଧ୍ୟରେ ୱାଟକୋ କର୍ମଚାରୀମାନେ ସ୍ୱେରେଜ୍ ଟାଙ୍କି



ସଂଯୋଗ କାମ କରୁଥିଲେ। ଅଭିଯୁକ୍ତ ଗୋକୁଳାନନ୍ଦ ସାହୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ମିଳିତ ଭାବରେ କାମରେ ବାଧା ସୃଷ୍ଟି କରିଥିଲେ। ଅଭିଯୋଗକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ଏକ ବେଆଇନ ସମାବେଶ କରି ଧାରୁଆ ଅସ୍ତ୍ର ଏବଂ ଲୁହା ରଡ୍ରରେ ଆକ୍ରମଣ କରିଥିଲେ। ଯାହା ଫଳରେ ଅଭିଯୋଗକାରୀଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ଲାଗିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା। ସେ ଲକ୍ଷ୍ମୀସାଗର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ଗୋକୁଳାନନ୍ଦ ସାହୁଙ୍କ ଘରେ ଚଢାଉ କରି ତାଙ୍କ ପୁଅ ଅଭିଯୁକ୍ତ ଅଭିଷେକ ସାହୁଙ୍କୁ ଗିରଫ କରିଥିଲା।

**ଓଡ଼ିଶା ମଦମୁକ୍ତି ଅଭିଯାନର ଦାବି**

# 'ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ବିଜେପି ତା'ର ନିର୍ବାଚନୀ ସଂକଳ୍ପ ପାଳନ କରୁ'

ଭୁବନେଶ୍ୱର, ୨୭।୩(ସମିସ): ନିଶାମୁକ୍ତ ଓଡ଼ିଶା ସଂକଳ୍ପ ଘୋଷଣା କରି ବିଜେପି ଓଡ଼ିଶାରେ ଶାସନ କ୍ଷମତାକୁ ଆସିବା ସହ ୨୦୨୯ ସୁଦ୍ଧା ଏହା ପାଳନ କରାଯିବ ବୋଲି ୨୦୨୪ର ସାଧାରଣ ନିର୍ବାଚନ ସମୟରେ ଓଡ଼ିଶା ପାଇଁ ଥିବା ରାଜ୍ୟ ବିଜେପିର ମୋଦିଙ୍କ ଗ୍ୟାରେଣ୍ଟି ପତ୍ରରେ ଘୋଷଣା କରାଯାଇଥିଲା। ତାର ବିପରୀତ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ କ୍ଷୋଭର ସହ କୁହାଯାଇଛି। ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ଅବକାରୀ ନୀତି ଓଡ଼ିଶାରେ ନିଶାର ପ୍ରସାର ସହିତ ଅବକାରୀ ରାଜସ୍ୱ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯାନର ଅନ୍ୟତମ ଉପଦେଷ୍ଟା ପ୍ରହ୍ଲାଦ କୁମାର ସିଂହ ଉଲ୍ଲେଖ କରିଛନ୍ତି। ବିଜେପିର ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ନେତାମାନେ ବାରମ୍ବାର ଗୁଜରାଟ ମଡେଲ୍ ବିକାଶ କଥା କହୁଥିବାବେଳେ ଗୁଜରାଟ ପରି ନିଶା ନିବାରଣ କାର୍ଯ୍ୟକ୍ରମକୁ କିନ୍ତୁ ଓଡ଼ିଶାରେ ଗ୍ରହଣ କରାଯିବା ପରିବର୍ତ୍ତେ ନିଶା ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ନୂଆ ଅବକାରୀ ନୀତିରେ ନିଶା କ୍ଷତିକାରକ ବୋଲି ସରକାର ସ୍ୱୀକାର କରୁଥିବାବେଳେ ଏହାକୁ ସାଧାରଣ ଲୋକଙ୍କ ନିକଟରେ ଉପଲବ୍ଧ କରିବା ଲାଗି ଯେଭଳି ବ୍ୟବସ୍ଥା କରୁଛନ୍ତି ତାହା ରାଜ୍ୟରେ ରୋଗ, ଦାରିଦ୍ର୍ୟ, ଅପରାଧ, ଦୁର୍ଘଟଣା, ଅପମୃତ୍ୟୁ, ନାରୀ ନିର୍ଯାତନା, ଶିଶୁ ନିର୍ଯାତନା ଆଦି ବୃଦ୍ଧିର ଅନ୍ୟତମ କାରଣ। ବର୍ତ୍ତମାନର ଓଡ଼ିଶା ସରକାର ଗତ ନିର୍ବାଚନ ସମୟରେ ତାଙ୍କ ସଂକଳ୍ପ ପତ୍ରର ୩୮ ପୃଷ୍ଠାରେ ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବା ଓ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଲାଗି ଯେଉଁ ଘୋଷଣା କରିଛନ୍ତି ତାହା ଅବକାରୀ ନୀତିରେ ପ୍ରତିଫଳିତ ହେଉନଥିବାରୁ ୨୦୨୯ ସୁଦ୍ଧା ଓଡ଼ିଶା କିପରି ନିଶାମୁକ୍ତ ହେବ ବୋଲି ପ୍ରଶ୍ନ ଉଠୁଛି ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ କୁହାଯାଇଛି।

# ଲିଙ୍ଗରାଜ ମହୋତ୍ସବରେ ତୋଗାଡ଼ିଆ

ଭୁବନେଶ୍ୱର, ୨୭ ।୩(ସମିସ): ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା



ଲିଙ୍ଗରାଜ ମହୋତ୍ସବ ଦ୍ୱିତୀୟ ଦିବସରେ କଳାକାରଙ୍କ ନୃତ୍ୟ ବିମୋହିତ କରିଥିଲା। ଏଥିରେ ପ୍ରଥମେ ନୃତ୍ୟାରଚନା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ। ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଗଞ୍ଜାମର ଆଲୋକ ବିଶୋୟୀଙ୍କ ଲୋକ ନୃତ୍ୟ, କେଉଁଝରର ବିଣାପାଣୀ କଳା ନିକେତନ ପକ୍ଷରୁ ନୃତ୍ୟ। ପରେ ପରେ କୋଲକତାର ଆଦି ନୃତ୍ର କଳା ନୃତ୍ୟ ପରିବେଷଣ ହୋଇଥିବା। ଶେଷରେ କେନ୍ଦ୍ରୀୟ ପୂର୍ବାଂଚଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆସାମ ଅଞ୍ଚଳରୁ ଆସିଥିବା ବିହୁ ନାଚ ଚିତାକର୍ଷକ ହୋଇଥିଲା। ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଓ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ଅଧ୍ୟକ୍ଷ ପ୍ରବୀଣ ଭାଇ ତୋଗାଡ଼ିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ହିନ୍ଦୁ ରକ୍ଷା ଓ ସନାତନ ଧର୍ମ ବିଶେଷତ୍ୱ ସମ୍ପର୍କରେ ମତ ପ୍ରକାଶକରିଥିଲେ। ସମ୍ମାନିତ ଅତିଥି ଭାବେ ବଦ୍ରୀନାଥ ପଟ୍ଟନାୟକ, ବିଜେପି ନେତା ସୁରତ ବିଶ୍ୱାଳ ଯୋଗ କଳାକାରଙ୍କୁ ସମ୍ମାନିତ କରିଥିଲେ। ଶିବାନନ୍ଦ ରାୟ ଧନ୍ୟବାଦ ଦେଇଥବା ବେଳେ ଏଥିରେ ମୁଖପାତ୍ର ଡ଼ ଲିଙ୍ଗରାଜ ସାହୁ ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧକ୍ଷ ରତିକାନ୍ତ ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'କହୋ କୁଛ୍ ଇସ୍ ତରହ' ଉନ୍ମୋଚିତ

ଭୁବନେଶ୍ୱର, ୨୭ ।୩(ସମିସ): ପୁସ୍ତକ ପ୍ରକାଶନୀ ସଂସ୍ଥା 'ବର୍ଷା ପବ୍ଲିକେସନ୍' ପକ୍ଷରୁ ଏକ ଆତ୍ମିକ ପରିବେଶରେ ଉନ୍ମୋଚିତ ହେଇଯାଇଛି କବି ଅଜୟ ପ୍ରଧାନଙ୍କ ହିନ୍ଦୀ କବିତା ସଂକଳନ 'କହୋ କୁଛ୍ ଇସ୍ ତରହ'। ଅଜୟଙ୍କ ଓଡ଼ିଆ କବିତାଗୁଡ଼ିକୁ ଅତି ସୁନ୍ଦର ଭାବେ ହିନ୍ଦୀରେ ଅନୁବାଦ କରିଛନ୍ତି କବି ଓ ଅନୁବାଦକ ରାଧୁ ମିଶ୍ର। ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍ ୟୁନିଟ୍-୯, ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟ ପରିସରରେ ଥିବା ସଭାକକ୍ଷରେ ଅନୁଷ୍ଠିତ ଉକ୍ତ ସଭାରେ ବିଶିଷ୍ଟ ଅନୁବାଦକ ରାଧୁ ମିଶ୍ର ନିଜର ଅନୁବାଦକୀୟ ମତପୋଷଣ କରିଥିବାବେଳେ କବି ଅଜୟ ପ୍ରଧାନ ପୁସ୍ତକ ପ୍ରକାଶର ମତ ଉପସ୍ଥାପନା କରିଥିଲେ। ରାଜ୍ୟର ବହୁ



ତରୁଣ କବି-ଲେଖକମାନେ ପ୍ରକାଶିତ କବିତା ପୁସ୍ତକରୁ କବିତା ମଧ୍ୟ ପାଠ କରିଥିଲେ। ସଭାଶେଷରେ ବର୍ଷା ପବ୍ଲିକେସନ୍‌ର ନିର୍ଦ୍ଦେଶକ, କବି ବାଦଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ମିଶ୍ର, ରବୀନ୍ଦ୍ର ସ୍ୱାଇଁ, ବିଜୟ ମହାପାତ୍ର, କେଦାର ମିଶ୍ର, ପବିତ୍ର କର, ଶ୍ରୀଗୋବିନ୍ଦ, ପ୍ରମୋଦ ପ୍ରଧାନ, ରମାକାନ୍ତ ଗୋଛାୟତ, ସଂଗ୍ରାମ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଚୋରି ଅଭିଯୋଗରେ କୁଖ୍ୟାତ ଟୁଟୁଲୁ ଗିରଫ

ଭୁବନେଶ୍ୱର, ୨୭।୩(ସମିସ): ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଶିଥଳ ଗ୍ରାମର ରାକେଶ ଖୁଣ୍ଟିଆ ଓରଫ ଟୁଟୁଲୁ। ତାର ବୟସ ୨୫ ହୋଇଥିଲାବେଳେ ସେ ଭୁବନେଶ୍ୱର ୟୁନିଟ୍-୪ କାଳିମନ୍ଦିର ବସ୍ତିରେ ରହୁଥିଲା। ସେ କ୍ୟାପିଟଲ ହସ୍ପିଟାଲ ପାର୍କିଂରୁ ଜଣେ ରୋଗୀଙ୍କ କାର୍ କାଚ ଭାଙ୍ଗି ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ଚୋରି କରିଥିଲା। ବାପୁଜୀ ନଗରରେ ଏହାକୁ ବିକ୍ରି କରୁଥିଲା ବେଳେ ପୁଲିସ ତାକୁ ଗିରଫ କରିଥିଲା। ତାଠାରୁ ଚୋରା ମୋବାଇଲ ଜବତ କରାଯାଇଛି। ତେବେ ଯାଞ୍ଚରୁ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଜଣାପଡ଼ିଛି। ସେ କ୍ୟାପିଟାଲ, ଲିଙ୍ଗରାଜ ଓ ବଡ଼ଗଡ଼ ଥାନାରେ ଚୋରି, ଡକାୟତି ଓ ଘରଭାଙ୍ଗା ସମ୍ପର୍କିତ ମୋଟ ୧୭ଟି ମାମଲାରେ ପୂର୍ବରୁ ଜଡିତ ଅଛନ୍ତି।

ପୁଲିସ ସୂଚନା ମୁତାବକ, ଗତ ୨୫ ତାରିଖ ମଧ୍ୟରାତ୍ରି ପ୍ରାୟ ସାଢ଼େ ଗୋଟାଏ ସମୟରେ ଅଭିଯୋଗକାରୀ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସ ଭିତରେ ତାଙ୍କ କାର ପାର୍କ କରିଥିଲେ। ଡାକ୍ତରୀ ପରାମର୍ଶ ସାରି ଫେରିବା ପରେ ସେ ଦେଖିଥିଲେ ଯେ କାରର ଡାହାଣ ପାର୍ଶ୍ୱ ଦ୍ୱାର କାଚ ଭଙ୍ଗା ଅଛି ଏବଂ ତାଙ୍କ ଆଇଫୋନ୍ ମୋବାଇଲ୍ ସହିତ ନଗଦ ୨୫, ୦୦୦ ଟଙ୍କା ଅଜ୍ଞାତ ବ୍ୟକ୍ତି ଚୋରି କରିନେଇଛି। ତଦନ୍ତ ସମୟରେ, ହସ୍ପିଟାଲ ପରିସରର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା ଯେଉଁଥିରେ ଜଣେ ବ୍ୟକ୍ତି କାର କାଚ ଭାଙ୍ଗି ଚୋରି କରୁଥିବା ଦେଖାଯାଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ଫୁଟେଜ୍ ବିଶ୍ଳେଷଣ କରି ଅଭିଯୁକ୍ତଙ୍କୁ ୟୁନିଟ୍-୬ କାଳୀମନ୍ଦିର ବସ୍ତିର ରାକେଶ ଖୁଣ୍ଟିଆ ଭାବରେ ଚିହ୍ନଟ କରାଯାଇଥିଲା। ପରେ ବାପୁଜୀ ନଗରରେ ଚୋରି ମୋବାଇଲ ଫୋନ ବିକ୍ରୟ କରିବାରୁ ଚେଷ୍ଟା କରୁଥିବା ସମୟରେ ପୁଲିସ ତାକୁ



ମାଡ଼ି ବସିଥିଲା। ପଚରାଉଚରା ସମୟରେ ସେ ଗାଡ଼ି ଉପରେ କାହାର ନଜର ନଥିବାର ସୁଯୋଗ ନେଇ ଇଟାରେ କାର କାଚ ଭାଙ୍ଗି ସେଠାରୁ ମୋବାଇଲ୍ ଏବଂ ନଗଦ ଟଙ୍କା ଚୋରି କରୁଥିବା ସ୍ୱୀକାର କରିଥିଲେ। ସେ ଚୋରି ଟଙ୍କାକୁ ମଦ ଓ ଖାଦ୍ୟରେ ଖର୍ଚ୍ଚ କରିଥିବା କଥା ମଧ୍ୟ କହିଥିଲେ। ତାଙ୍କ ହେପାଜତରୁ ଚୋରି ଆଇଫୋନ୍ ଉଦ୍ଧାର କରାଯାଇ ଜବତ କରାଯାଇଥିଲା।

# ସଂକୀର୍ଣ୍ଣ ହୋଇ ଆସୁଛି ରଥଦାଣ୍ଡ

ଭୁବନେଶ୍ୱର, ୨୭ ।୩(ସମିସ): ଅଶୋକାଷ୍ଟମୀରେ ରୁକୁଣା ରଥ ରାମେଶ୍ୱର ମନ୍ଦିର ଅଭିମୁଖେ ବାହାରେ ହେଲେ ସେହି ଗୋଟେ ଦିନରେ ପହଁଚିପାରେ ନାହିଁ। ରଥ ପହଁଚିବାକୁ ଦୁଇଦିନ ଲାଗେ।। ରଥ ଯେବେ ରଥ ଦାଣ୍ଡରେ ଗଡ଼ିବା ଆରମ୍ଭ ହୁଏ ସେବେ କେବେ ବାମ ପଟକୁ ତ କେବେ ଡ଼ାହାଣ ପଟକୁ ମୋଡ଼ ନେଇଥାଏ। ଫଳରେ ରଥ କେବେ କେବେ କାହା ଘରେ ମାଡ଼ ହୁଏ। ଏଥିପାଇଁ ଘରର କିଛି ଅଂଶ ଭାଙ୍ଗିବାକୁ ପଡ଼େ।

ଚଳିତ ବର୍ଷ ମଧ୍ୟ ରାମେଶ୍ୱର ମନ୍ଦିରରେ ରଥ ପହଞ୍ଚିଛି। ହେଲେ ଏହି ଦୁଇ ଦିନ ଭିତରେ ରଥ ଦୁଇଟି ଘରର କିଛି ଅଂଶକୁ ମାଡ଼ ହୋଇଛି। ଏହି ସମସ୍ୟା କେବଳ ଏହି ବର୍ଷର ନୁହେଁ ଏହା ପ୍ରତି ବର୍ଷ ଦେଖିବାକୁ ମିଳୁଛି। ପୂର୍ବରୁ ଦେଖିଲେ ରଥ ଦାଣ୍ଡରେ ଚାଳଘର ରହିଥିଲା ଯାହାଫଳରେ ରଥ ଯଦି ମାଡ଼ ହଉଥିଲା ଚାଳ ଛପର ଟିକେ ବାହର କରାଯାଉଥିଲା ଏବଂ ବାରଣ୍ଡା ମଧ୍ୟ ଟିକେ ଭାଙ୍ଗୁଥିଲା। ହେଲେ ଏବେ ଅଧୁନିକତାରେ ବଦଳିଛି ରଥଦାଣ୍ଡର ରୂପ ରେଖା। ଏବେ ଚାଳ ଘରର ସ୍ଥାନ ନେଇଛି ସୁଉଚ୍ଚ କୋଠା ଘର ଧାଡ଼ି ଧାଡ଼ି ହୋଇ ରହିଛି। ଏବଂ ୫ ଫୁଟ ରେ ରାସ୍ତାର ଦୁଇ ପାଶ୍ୱରେ ଡ୍ରେନ୍ ସହ ଦୋକାନ ମଧ୍ୟ ରହିଛି। ରଥ ଯାତ୍ରା ଦିନରେ ଲୋକମାନେ ନିଜ ନିଜର ଦୁଇ ଚକିଆ ଗାଡ଼ିକୁ ରଖୁଛନ୍ତି। ଯେଉଁଥିପାଇଁ ରାସ୍ତା ଛୋଟ ହେବା ସହ ରଥ ଯିବା ଆସିବା



ସମୟରେ ବିଭିନ୍ନ ମୋଡ଼ ନେଇ କେତେବେଳେ ରଥ ଘର ଆଡ଼କୁ ମାଡ଼ି ଯାଉଛି ତ ଆଉ କେତେବେଳେ ଦୋକାନ ଆଡ଼କୁ ଢ଼ଳେଇ ପଡୁଛି। ଫଳରେ ସେହି ଘରର କିମ୍ବା ଦୋକାନର କିଛି ଅଂଶକୁ ଭାଙ୍ଗିବାକୁ ପଡୁଛି। ଏହିପରି ଅନେକ ଅସୁବିଧା ରଥ ଦାଣ୍ଡରେ ଦେଖିବାକୁ ମିଳୁଛି।

ଏନେଇ ସମାଜସେବୀ ନିଳମଣି ମିଶ୍ର କୁହନ୍ତି ଏହି ରାସ୍ତାରେ ମୁଖ୍ୟ ସମସ୍ୟା ହେଉଛି ଡ୍ରେନ୍। ଏହା ଦାଣ୍ଡକୁ ମାଡ଼ିକି ରହିଥିବାରୁ ଲୋକେ ଏହା ସହିତ ନିଜ ଘରର ଆଗକୁ ସମାନ କରି ଦଉଛନ୍ତି। ଫଳରେ ଅନେକାଂଶରେ ରଥ ଏହା ଉପରେ ଚଢ଼ିଯାଇ ଘରକୁ ମାଡ଼ ହେଉଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଅନେକ ଜବରଦଖଲ କାରୀମାନେ ମଧ୍ୟ ରାସ୍ତାକୁ କବ୍‌ଜା କରି ଦୋକାନ ଆଦି କରିଛନ୍ତି। ଯାହାଫଳରେ ରାସ୍ତା ଆସ୍ତେ ଆସ୍ତେ ସଂକୀର୍ଣ୍ଣ ହୋଇପଡୁଛି ବୋଲି ସେ କହିଛନ୍ତି। ପୁରୁଣା ଭୁବନେଶ୍ୱରର ଜଣେ ବାସିନ୍ଦା କୁହନ୍ତି ରଥ ଗଡ଼ିବା ଦିନ ପ୍ରଶାସନ ସବୁ ଦୋକାନ ବନ୍ଦ କରିବା ସହ ରାସ୍ତାକୁ ପୁରା ଗାଡ଼ି ମଟର ଶୂନ୍ୟ କରିବା ଦରକାର। ଯାହା ଫଳରେ ରଥ ଦାଣ୍ଡରେ ଭଲ ଭାବରେ ଗଡ଼ି।ପରିବ ବୋଲି ସେ କହିଛନ୍ତି।



# ନାଲକୋ ନଗରରେ ବାସନ୍ତିକ ଦୁର୍ଗାପୂଜା

ନାଲକୋନଗର,୨୭ ।୩(ସମିସ): ନାଲକୋନଗର ସୌରୀ କ୍ଷେତ୍ର ପ୍ରାଙ୍ଗଣ ଅସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସରେ ୩୨ତମ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ମହାଷ୍ଟମୀ ପୂଜା, ଚଣ୍ଡୀପୂଜା ହୋଇଥିଲା। ମୁଖ୍ୟ ପୂଜକ ରବୀନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା।



କର୍ତ୍ତା ଭାବେ ବାଉରୀ ମିଶ୍ର ଓ ଚିନ୍ମୟୀ ମିଶ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଶ୍ରୀ ରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ଦଶମୀ ପୂଜା, ଅପରାଜିତା ପୂଜା, ମିଷ୍ଟାନ୍ନ ନୈବେଦ୍ୟ, ବନ୍ଦାପନା, ଭିକ୍ଷା ମୁଠି, ଘଟ ବିସର୍ଜନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୂଜା କମିଟି ସଭାପତି କାଳନ୍ଦୀ କୁମାର ଜେନା, ସମ୍ପାଦକ ସୁଧୀର କୁମାର ମିଶ୍ର, ସନାତନ କରଣ, ମହେନ୍ଦ୍ର ସାହୁ, ଅଭିମନ୍ୟୁ ପାତ୍ର, ରାଜକିଶୋର ନାୟକ, ସନ୍ତୋଷ କୁମାର ବିଶ୍ୱାଳ, ନଳିନୀକାନ୍ତ ପଣ୍ଡା ସହଯୋଗ କରୁଛନ୍ତି।

# ଜୈବବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



ଅନୁଗୋଳ,୨୭ ।୩(ସମିସ): ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଜୈବବିବିଧତା ପରିଚାଳନା ସମିତି କର୍ମକର୍ତ୍ତାଙ୍କ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଅନୁଗୋଳ ବନଖଣ୍ଡ ଏବଂ ସାତକୋଶିଆ ବନ୍ୟପ୍ରାଣୀ ଅନ୍ତର୍ଗତ ୧୨ଟି ଜୈବବିବିଧତା ପରିଚାଳନା ସମିତିର ୧୧୭ ଜଣ ବିଏମସି ସଭ୍ୟସଭ୍ୟା ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମ୍ପ୍ରତି ଶାଗୁଣା, ଘରଚଟିଆ, ବାଇଚଢ଼େଇ, ଘଡ଼ିଆଳ କୁମ୍ଭୀର, କଇଁଛ ପ୍ରଭୃତି ଜୀବଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜୈବବିବିଧତା ସଂରକ୍ଷଣ ପ୍ରତି ବିପଦ ସୃଷ୍ଟି ହୋଇଛି। ଜଙ୍ଗଲ, ଜୀବଜନ୍ତୁ, ବିଭିନ୍ନ ଭୂମିରୂପ, ଜଳାଶୟ, କୃଷି ଜମି, ପ୍ରଭୃତି ଜୈବବିବିଧତାର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ବିଏମସି ଆନ୍ତରିକତାର ସହ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିବାକୁ ଡ. ସ୍ୱାଇଁ ପରାମର୍ଶ ଦେଇଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର ପ୍ରତିରୋଧ କ୍ଷେତ୍ରରେ ଗ୍ରାମବାସୀଙ୍କର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟନାରାୟଣ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବାଶିଷ୍ ମିଶ୍ର, ସହକାରୀ ଉଦ୍ୟାନ ଅଧିକାରୀ ଐଶ୍ୱର୍ଯ୍ୟା ସାହୁ, ଅନୁଗୋଳ ବ୍ଲକ ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରାଏ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜୟଶ୍ରୀ ଛତ୍ରିଆ ପ୍ରମୁଖ ଯୋଗଦେଇ ନିଜ ବିଭାଗରେ ରହିଥିବା ଜୈବବିବିଧତା ସମ୍ପର୍କିତ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଜଙ୍ଗଲ ନିଆଁର ପ୍ରତିରୋଧ ଓ ନିୟନ୍ତ୍ରଣ ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ଜୈବବିବିଧତାର ସଂରକ୍ଷଣ ନେଇ ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ସମସ୍ତଙ୍କୁ ଶପଥପାଠ କରାଇଥିଲେ। ସାଧନବ୍ୟକ୍ତି ଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ଉପବନସଂରକ୍ଷକ ଶିଶିର କୁମାର ମିଶ୍ର ଜୈବବବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସିର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡର ସଂଯୋଜକ ଡ. ଶୁଭ୍ରାଂଶୁ କୁମାର ନାୟକ କୃଷି ଜୈବବିବିଧତା, ଅଣୁଜୀବ ସଂରକ୍ଷଣ, ଦେଶୀୟ ବିହନର ସୁରକ୍ଷା, ଜଙ୍ଗଲୀ କିସମ କୃଷି, ମିଲେଟ୍ କୃଷି ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ଭିଦ ବିଜ୍ଞାନୀ ଡ. ପ୍ରଭାତ କୁମାର ଦାସ, ବନ୍ୟଜୀବ ବିଶେଷଜ୍ଞ ଡ. ଶିବପ୍ରସାଦ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ବୀରେନ୍ ପ୍ରଧାନ, ସୁଶୀଲ୍ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ମୁରଲୀଧର ବେହେରା ପ୍ରମୁଖ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରକୃତି, ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ସମିତିର କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ସଂଯୋଜକ ପ୍ରିୟବ୍ରତ ବେହେରା, ଲିଙ୍କୁନ ପ୍ରଧାନ, ରବୀନ୍ଦ୍ର ସାହୁ, ବିନୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

● ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# କମ୍ପ୍ୟୁଟର ବିଭାଗରେ ଆଲୋଚନା ଓ କର୍ମଶାଳା

ଅନୁଗୋଳ,୨୭ ।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅଗ୍ରଣୀ କାର୍ଯ୍ୟ: ଆଧୁନିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଉତ୍ପାଦନ ବୃଦ୍ଧି ସମ୍ପର୍କିତ କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସଭାପତିତ୍ୱ କରିଥିଲେ।




କମ୍ପ୍ୟୁଟର ବିଭାଗ ମୁଖ୍ୟ ସହକାରୀ ପ୍ରାଧ୍ୟାପକ ସମିତ କୁମାର ପ୍ରଧାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ସାହୁ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ବିଜ୍ଞାନ ଦିଗରେ ନୂତନ ଦିଗନ୍ତ ସମ୍ପର୍କରେ ଉତପ୍ରେରିତ କରିଥିଲେ। ନିମନ୍ତ୍ରିତ ବକ୍ତା ଭାବେ ସରଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର କମ୍ପ୍ୟୁଟର ବିଭାଗ ମୁଖ୍ୟ ପ୍ରଫେସର ଡ. ଶ୍ରୀନିବାସ ସେଠୀ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗାତ୍ମକ ଦିଗ ଉପରେ ଦିଗଦର୍ଶନ ଦେଇଥିଲେ। ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ, ଆଭାସୀ ମାଧ୍ୟମରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଭାଗର ଅଧ୍ୟାପକ ଜ୍ୟୋତି ପ୍ରକାଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ସୁଚିସ୍ମିତା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ତାଳଚେର ବ୍ଲକ କାର୍ଯ୍ୟାଳୟ

ତାଳଚେର,୨୭ ।୩(ସମିସ): ତାଳଚେର ବ୍ଲକ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବହୁ ପୁରାତନ ଏହି କାର୍ଯ୍ୟାଳୟ ଗୃହର ସମ୍ମୁଖ ଭାଗ ବେଶ୍ ଚିକ୍କଣ କରି ଦିଆଯାଇଥିବା ବେଳେ ପଛ ପାର୍ଶ୍ୱରେ ଥିବା ଆଜବେଷ୍ଟସ ଗୃହଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। ଏହି କାର୍ଯ୍ୟାଳୟ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା। ମାତ୍ର ସରକାର ପରେ ସରକାର ବଦଳୁଥିଲେ ମଧ୍ୟ ଏହାର ଅବସ୍ଥା ସୁଧୁରୁନାହିଁ। ଏଠିକାର ରାଜନେତାଙ୍କର ମଧ୍ୟ ଏଥିପ୍ରତି ନିଘା ନାହିଁ। ତୁରନ୍ତ ଏହି କାର୍ଯ୍ୟାଳୟକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସର୍ଭାଇଭର ନେଟୱର୍କ ସଚେତନତା ବୈଠକ




କିଶୋରନଗର,୨୭ ।୩(ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ବାଲ୍ୟ ବିବାହ ରୋକାଯାଇଥିବା ଝିଅ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ସର୍ଭାଇଭର ନେଟୱର୍କ ସଚେତନତା ବୈଠକ ଅନୁଷ୍ଠିତ ହେଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ କୋଷାଧ୍ୟକ୍ଷା ଭାରତୀ ନାୟକ ପିଲାମାନଙ୍କୁ ଶିଶୁ ଅଧିକାର, ଶିଶୁ ଚାଲାଣ, ଶିଶୁ ନିର୍ଯାତନା ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ସୁରକ୍ଷା କମିଟିର ଭୂମିକା, କିଶୋରୀ ଓ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଅବଗତ କରାଇଥିଲେ। କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ, ହର୍ମୋନର ପରିବର୍ତ୍ତନ, ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା, ବାଲ୍ୟ ବିବାହର କୁପ୍ରଭାବ, ଯୌନ ସଂକ୍ରାମକ ରୋଗ, ଏଡ୍ସ ଉପରେ ଆଲୋଚନା କରିଥିଲେ। ଶେଷରେ ସମସ୍ତ ପୀଡ଼ିତାଙ୍କୁ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଉପହାର କୀଟ୍ ପ୍ରଦାନ କରାଯଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଅଭିଷେକ ମହାପାତ୍ର, ପ୍ରକଳ୍ପ ସଂଯୋଜିକା ପୂଜା ସ୍ୱାଇଁ, ଦୀପି ଦେହୁରୀ, ପପି ଦେହୁରୀ କାର୍ଯ୍ୟକ୍ରେ ସହଯୋଗ କରିଥିଲେ।

# କିଶୋରନଗର ଏସ୍‌ଭିଏମ୍‌ର ୫ ଛାତ୍ରଛାତ୍ରୀ ଓଏଭିକୁ ମନୋନୀତ



କିଶୋରନଗର,୨୭ ।୩(ସମିସ): କିଶୋରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ର ପଞ୍ଚମ ଶ୍ରେଣୀର ୫ ଛାତ୍ରଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରଣିଆକଟାରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ କୃତକାର୍ଯ୍ୟ ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ହେଲେ ଅଂଶୁମାନ ପ୍ରଧାନ, ଗିତେନ ରାଉଳ, ଅନ୍ୱେଷା ବିଶ୍ୱାଳ, ହିତେଶ କୁମାର ସେଠୀ ଓ ନୀହାରିକା ମିର୍ଦ୍ଧା। ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।

# ‘ଆମେ ଜାଣିବା ଆମ ବଜେଟ’ ସମ୍ପର୍କିତ ପ୍ରସ୍ତୁତି ବୈଠକ

ଅନୁଗୋଳ,୨୭ ।୩(ସମିସ): ଶୁକ୍ରବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ‘ଆମେ ଜାଣିବା ଆମ ବଜେଟ୍’ ବିଷୟରେ ହେବାକୁ ଥିବା ପଲ୍ଲୀସଭା ଓ ଗ୍ରାମସଭା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ସ୍ୱାଗତ ଭାଷଣ ଦେବା ସହ ବୈଠକର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଆସନ୍ତା ୧ ଏପ୍ରିଲରୁ ୧୫ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଏହି ଅବସରରେ ଏକ ବଜେଟ୍ ସଚେତନତା କାର୍ଯ୍ୟକ୍ରମ କରାଯାଇ ପଲ୍ଲୀସଭା ଓ ଗ୍ରାମସଭା ଅନୁଷ୍ଠିତ ହେବ। ଓଡ଼ିଶା ସମ୍ପର୍କିତ କେନ୍ଦ୍ରୀୟ ବଜେଟ ଓ ରାଜ୍ୟ ବଜେଟରେ ଥିବା ଜନହିତକର ପଦକ୍ଷେପଗୁଡ଼ିକ ବିଷୟରେ ତୃଣମୂଳ ସ୍ତରରେ ଲୋକଙ୍କୁ ଅବଗତ କରାଇବା ଏହାର ଲକ୍ଷ୍ୟ। ଗ୍ରାମସଭା ଓ ପଲ୍ଲୀସଭା ଦ୍ୱାରା ବଜେଟର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସରଳ ଭାଷାରେ ଲୋକଙ୍କ ନିକଟରେ ଉପସ୍ଥାପନ କରାଯିବ। ସରକାରଙ୍କ ଏହି ପ୍ରୟାସକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ଠିକା ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଅନଶନ

କଣିହାଁ,୨୭ ।୩(ସମିସ): ଠିକା ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଶ୍ରମିକ ସଂଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ ହୋଇଛି। କଣିହାଁ ବ୍ଲକ ରେଙ୍ଗାଲିସ୍ଥିତ ପାୱାରଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍)ରେ ପ୍ରାୟ ୩୦ ବର୍ଷ ଧରି କାମ କରୁଥିବା ୬ ଜଣ ଠିକା ଶ୍ରମିକଙ୍କୁ ହଟାଯାଇଥିବାରୁ ଏହି ଆନ୍ଦୋଳନ ଜୋରଦାର ହୋଇଛି।

ରେଙ୍ଗାଲି ପିଜିସିଆଇଏଲ୍ ୱାର୍କର୍ସ ୟୁନିୟନ ପକ୍ଷରୁ ୩ଦଫା ଦାବି ଉଠାଯାଇଛି। ଏହାମଧ୍ୟରେ ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି, ଇଲେକ୍ଟ୍ରିକାଲ ବିଭାଗରେ ସମସ୍ତ କାର୍ଯ୍ୟଦିନରେ କାମ ପ୍ରଦାନ ଓ ସମସ୍ତ ଶ୍ରମିକଙ୍କୁ ଇଏସଆଇ କାର୍ଡ ଯୋଗାଇବା ଦାବି ମୁଖ୍ୟ ରହିଛି। ଏଆଇୟୁଟିୟୁସି ଓ ଏଆଇପିଏଫ୍ ଶ୍ରମିକ ସଂଗଠନ ଆହ୍ୱାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଏହି ଅନଶନ ଚାଲିଛି। ଏଥିରେ ୟୁନିୟନ ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସହ ବିଦ୍ୟାଧର ସାମଲ, ବଂଶୀଧର ସାହୁ, କୈଳାସ ମାଝି, ଗୌତମ ସେଠୀ, ବିନୋଦ ନାଏକ ଓ ଅନ୍ୟ ଠିକା ଶ୍ରମିକ ଯୋଗଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।




# ବ୍ଲକସ୍ତରୀୟ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରଶିକ୍ଷଣ

ବଅଁରପାଳ,୨୭ ।୩(ସମିସ): ବଅଁରପାଳ ବ୍ଲକର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ମାର୍ଚ୍ଚ ୨୪ରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭିନ୍ନକ୍ଷମ ଛାତ୍ରଛାତ୍ରୀ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ, ସେ ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ଶିକ୍ଷା ସମାପ୍ତ ପରେ ସେମାନେ ଦୈନନ୍ଦିନ ଜୀବନରେ ନିଜ କୌଶଳ ଓ ଶିକ୍ଷାର ଉପଯୋଗ କିପରି କରିପାରିବେ, ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ



ଅବଧିରେ ଦୃଷ୍ଟିବାଧିତ ଓ ଶାରୀରିକ ଅସମର୍ଥ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ଏହି ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାସହ ବଅଁରପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଅନୁଗୋଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପ୍ରୟାସରେ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଚିକିତ୍ସା, ବ୍ୟାୟାମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ଓ ବିଆରସିସି ସୁଶୀଲ କୁମାର ନାଏକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ଶ୍ରବଣବାଧିତ ଓ ମାନସିକ ଅନଗ୍ରସ ଛାତ୍ରଛାତ୍ରୀଙ୍କ ପାଇଁ ବାଣୀ ପ୍ରଶିକ୍ଷଣ ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି। ଶ୍ରବଣବାଧିତ ଛାତ୍ରଛାତ୍ରୀମାନଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇ ବାଣୀ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ୩୨ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ। ସାଧନ କର୍ମୀ ଭାବେ ସୁଧୀର କୁମାର ପାଣିଗ୍ରାହୀ, ଅଶୋକ କୁମାର ପ୍ରଧାନ ଓ ସରୋଜକାନ୍ତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମଧୁସୂଦନ ପ୍ରଧାନ ଓ କଳ୍ପତରୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜିଠୁ ତିନିଦିନ ଧରି ପାଲଲହଡ଼ା ମହୋତ୍ସବ

ପାଲଲହଡ଼ା,୨୭ ।୩(ସମିସ): ଶନିବାରଠାରୁ ତିନିଦିନ ଧରି ଆୟୋଜିତ ହେବ ପାଲଲହଡ଼ା ମହୋତ୍ସବ। ମହୋତ୍ସବ ଉପଲକ୍ଷେ ଶୁକ୍ରବାର ପାଲଲହଡ଼ା ଓ କଣିହାଁ ଅଞ୍ଚଳର ୭ଟି ଶୈବପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଖୁଲୁଡ଼ିର ବାବା ଗିରୀଶ୍ୱର ପୀଠ, ଇଞ୍ଜିଡ଼ି ପଞ୍ଚାୟତ ମଗରମୁହାଣ ଶିବ ମନ୍ଦିର, ଈଶ୍ୱରନଗର ପଞ୍ଚାୟତ ମାଲ୍ୟଗିରି ପାଦଦେଶ ସମଲ ଶିବମନ୍ଦିର, ରଜଡଙ୍ଗ ଶିବମନ୍ଦିର, ପବିତ୍ରପୁର ଶିବମନ୍ଦିର, ରେଙ୍ଗାଳି ଦେବାହାଳି ରାମେଶ୍ୱର ଶିବମନ୍ଦିର, ବୁରୁକୁନା ପଞ୍ଚାୟତ ମା' କନକେଶ୍ୱରୀ ଶକ୍ତି ପୀଠ ସରଧାପୁରରୁ ସକାଳ ୬ଟାରୁ ମଶାଲ ଶୋଭାଯାତ୍ରା ବାହାରି ପାଲଲହଡ଼ା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଶନିବାର



ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମଶାଲକୁ ପାଲଲହଡ଼ା ଷ୍ଟାଡିୟମ ପରିସର ମହୋତ୍ସବସ୍ଥଳକୁ ନିଆଯିବ। ତିନିଦିନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଜିଲ୍ଲା ଏବଂ ରାଜ୍ୟର ବିଶିଷ୍ଟ ଅଧିକାରୀଙ୍କ ସମେତ ଓଲିଉଡ୍ ଏବଂ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ଓ ସ୍ଥାନୀୟ କଳାକାର ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କମିଟି ଆବାହକ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ସହଯୋଗରେ ସମସ୍ତ ସରକାରୀ ଅଧିକାରୀଙ୍କୁ ମହୋତ୍ସବ ଆୟୋଜନ ଦାୟିତ୍ୱ ପ୍ରଦାନ କରାଯାଇଛି।

# କିଶୋରନଗର ଥାନାରେ ନୂତନ ଆଇଆଇସି



କିଶୋରନଗର,୨୭ ।୩(ସମିସ): କିଶୋରନଗର ଥାନାରେ ନୂତନ ଆଇଆଇସି ଭାବେ ହରେକୃଷ୍ଣ ପ୍ରଧାନ ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ପ୍ରଧାନ ତାଳଚେର କୋଲିୟାରି ଥାନାରେ ଥିଲେ। ଏହି ଥାନାରେ ପୂର୍ବରୁ ଥିବା ଆଇଆଇସି ବିଭୂତି ପ୍ରଧାନଙ୍କ ବନ୍ତଳା ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ହରେକୃଷ୍ଣ ପ୍ରଧାନ ଯୋଗଦାନ କରିଛନ୍ତି। ଅଞ୍ଚଳରେ ଅପରାଧ ଦମନ ପ୍ରତି ଦୃଷ୍ଟି ଦେବା ସହ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ନୂତନ ଆଇଆଇସି ପ୍ରଧାନ ପ୍ରକାଶ କରିଛନ୍ତି।

## ୧୯ ବର୍ଷ ପରେ ବି ମିଳିଲାନି ଅନୁମତି

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶ୍ରୀରାମଙ୍କୁ ଆରାଧନା କଲେ ଆମ୍ବପାଳ ଗ୍ରାମବାସୀ

ଅନୁଗୋଳ,୨୭ ।୩(ସମିସ): ରାମନବମୀ ଅବସରରେ ଶୁକ୍ରବାର ଅନୁଗୋଳ ସହରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁରେ ଯାତ୍ରା ପାଳନ ପାଇଁ ଅନୁମତି ମିଳୁ ନ ଥିବାରୁ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କ ଫଟୋ ରଖି ପୂଜାର୍ଚ୍ଚନା କରିଛନ୍ତି ଆମ୍ବପାଳ ଗ୍ରାମବାସୀ। ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଘଣ୍ଟ, ଶଙ୍ଖ, ଧୂପଦୀପ ଦେଇ ପ୍ରଭୁଙ୍କ ଆରାଧନା କରିବା ସହ ଜୟ ଶ୍ରୀରାମ ଧ୍ୱନିରେ କାର୍ଯ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା। ପ୍ରାଶାସନିକ କଟକଣା ବିରୋଧରେ ଏହା ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ ୨୦୦୭ରେ ଆମ୍ବପାଳ ଗ୍ରାମରେ କୋଇଲା ପରିବହନ ବିବାଦ ଯୋଗୁଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାମ ନବମୀ ଯାତ୍ରା ବନ୍ଦ ରହିଥିଲା। ଦୀର୍ଘ ୧୯ ବର୍ଷ ବ୍ୟବଧାନ ପରେ ଚଳିତ ବର୍ଷ ଗ୍ରାମବାସୀ ପୁଣି ଯାତ୍ରା ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହାକୁ ନେଇ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିବାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ଶାନ୍ତି କମିଟି ବୈଠକ ବିଫଳ ହୋଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ଯାତ୍ରା ପାଳନ ଉପରେ ରୋକ ଲଗାଯାଇଥିଲା। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରିବୋଲ ଓ ହୁଳହୁଳି ପକାଇ ରାମନବମୀ ପାଳନ କରି ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



# ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ



ଅନୁଗୋଳ,୨୭ ।୩(ସମିସ): ସାମାଜିକ ସଂଗଠନ "ସ୍ୱନ୍ଦନ' ତରଫରୁ ଜିଲ୍ଲା ବୈଧ ମାପ ଓଜନ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ବଅଁରପାଳ ବ୍ଲକ ବଅଁରପାଳ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଅନସୂୟା ଗଡ଼ନାୟକ ଉଦଘାଟନ କରି କହିଲେ, ଖାଉଟିମାନେ ସବୁ ସମୟରେ ଶୋଷଣର ଶିକାର ହେବା ସହ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରତି ସଚେତନ ଖାଉଟି ଏଥିପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ସନ୍ତୋଷିନୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭାଗରେ ଖାଉଟିମାନଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ, ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଗ୍ରାମୀଣ ବ୍ୟାଙ୍କ ପ୍ରବନ୍ଧକ ଋଷିରାଜ ସ୍ୱାଇଁ କହିଲେ, ଖାଉଟିମାନେ ସବୁ ସ୍ତରରେ ଠକାମିର ଶିକାର ହେଉଛନ୍ତି। ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହ ଜିନିଷ କିଣିବା ସହିତ ଜାଗ୍ରତ ରହିବାକୁ ସେ ପରାମର୍ଶ ଦେଇଥିଲେ। ବଅଁରପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ହିସାବ ରକ୍ଷକ ସୌଭାଗ୍ୟ ନାଥ ପ୍ରମଖ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ସ୍ୱନ୍ଦନର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ବିକେ ପ୍ରଭାସିନୀ ମିଶ୍ର, ସିଆରପି ସବିତା ସାହୁ, ସୋନିଆ ମିଶ୍ର, ଅମ୍ବିକା ନାଏକ, କାମିନୀ ବେହେରା, ବିନୋତି ଭୋଇ, ସ୍ନେହଲତା ମହାପାତ୍ର, ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଗ୍ୟାସ ସଙ୍କଟର ପ୍ରଭାବ

# ଆହାର କେନ୍ଦ୍ର ସାଜିଛି ସାହା ଭରସା

ରାଇରଙ୍ଗପୁର,୨୭।୩(ସମିସ):

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ହାଣ୍ଡିଶାଳରେ ପଡ଼ିଛି। ଏ ପରିସ୍ଥିତିରେ ସବୁଠି ରନ୍ଧନ ଗ୍ୟାସ ସଙ୍କଟ ମୁଣ୍ଡ ଟେକିଛି। ଗ୍ୟାସ ଅଭାବ ପାଇଁ ମୁନାଫାଖୋର

## କେନ୍ଦ୍ରରେ ଲାଗୁଛି ଧାଡ଼ି






ବ୍ୟବସାୟୀ ଦର ବୃଦ୍ଧି କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ରାଇରଙ୍ଗପୁର ଅଞ୍ଚଳରେ "ଆହାର କେନ୍ଦ୍ର' ଖାଦ୍ୟ ପାଇଁ ଏକ ଭରସା କେନ୍ଦ୍ର ପାଲଟିଛି। ଗ୍ୟାସ ସଂକଟ ପାଇଁ ଖାଦ୍ୟ ପ୍ରସ୍ତୁତିରେ ଅସୁବିଧା ହେଉଥିବାରୁ ଆହାର କେନ୍ଦ୍ରରେ ଦିନକୁ ଦିନ ଭିଡ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଯାହାକୁ ନେଇ ଖାଦ୍ୟ ଆସିବାର କିଛି ସମୟ ମଧ୍ୟରେ ତାହା ସରିଯାଉଥିବା ଦେଖାଯାଉଛି। ବିଶେଷ କରି ମଧ୍ୟବିତ୍ତ ପରିବାର, ହଷ୍ଟେଲ, ମେସରେ ରହୁଥିବା ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଯୁବପିଢ଼ି ୫ ଟଙ୍କିଆ ଏହି ସୁଲଭ ଭୋଜନ ପାଇଁ ଆହାର କେନ୍ଦ୍ରରେ ଭିଡ କରୁଛନ୍ତି। ରାଇରଙ୍ଗପୁର ହସ୍ପିଟାଲ ନିକଟରେ ଥିବା ଆହାର କେନ୍ଦ୍ରରେ କିଛି ଦିନ ହେବ ସମାନ ପରିସ୍ଥିତି ଦେଖାଯାଉଛି।

ଗୋଟିଏ ପଟେ ଗ୍ୟାସ ସଙ୍କଟଜନିତ ଚାପ ଏବେ ସାଧାରଣ ଲୋକଙ୍କ ଖାଦ୍ୟ ସରିଯାଉଛି। ଗତ ସପ୍ତାହକ ହେବ ଏପରି ପରିସ୍ଥିତି ସୃଷ୍ଟି ହେଇଛି। ଗ୍ୟାସ ଅଭାବ ପାଇଁ ମୁନାଫାଖୋର ବ୍ୟବସାୟୀ ଗ୍ୟାସ ଦର ୩ ଗୁଣା ବୃଦ୍ଧି କରି କଳାବଜାରୀ କରୁଛନ୍ତି। ଯାହାକି ଲୋକଙ୍କ ପାଇଁ ରୋଷେଇ କରିବା କଷ୍ଟକର ହେଉଛି। ସେଥିପାଇଁ ଆମେ ଆହାର କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି। ଗ୍ୟାସ ସଂକଟ ପାଇଁ ଥିଲାବାଲା ଲୋକ ପରିବାର ସହ କେନ୍ଦ୍ରରେ ଖାଉଛନ୍ତି। ଫଳରେ ଖାଦ୍ୟ ଜଲଦି ଶେଷ ହେଉଛି। ନିହାତି ଆବଶ୍ୟକ ଗରିବ ଲୋକେ ଓପାସରେ ଫେରୁଥିବା ପରିଲକ୍ଷିତ ହୋଇଛି। ତେଣୁ ଗ୍ୟାସ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଏପରି ସ୍ଥିତି ଆହାର କେନ୍ଦ୍ର ଲାଗି ରହିବ ବୋଲି ଆଶା କରାଯାଉଛି।

## ଚୈତ୍ର ନବରାତ୍ର ଶେଷ ସନ୍ଧ୍ୟା



ବାରିପଦା ମା'ଅମ୍ବିକାଙ୍କ ମାତଙ୍ଗୀ ବେଶ

● ୧ରେ ମାନବ ଧର୍ମ ସମ୍ମିଳନୀ

## ୪ ଜଣଙ୍କୁ ଦିଆଯିବ 'ସେବକଶ୍ରୀ' ସମ୍ମାନ

ବାରିପଦା,୨୭ ।୩(ସମିସ): ସଦ୍‌ଭାବନା ସମିତି ପକ୍ଷରୁ ଆସନ୍ତା ଅପ୍ରେଲ ୧ ତାରିଖ ବୁଧବାର ଅପରାହ୍ନ ୫ ଘଟିକାରେ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଉପସ୍ଥିତ ରହିବାକୁ ସମ୍ମତି ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଆର୍ଯ୍ୟସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ। ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରୋହିତ୍ୟ କରିବେ। ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଆଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ପୌର ପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ 'ସେବକଶ୍ରୀ' ସମ୍ମାନ ପ୍ରଦାନ କରାଯିବ। ଏଥିସହ ଜିଲ୍ଲାର ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଂଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୁଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ୍ଥ, ଇସ୍‌ଲାମ୍ ଶାଖା ଆଦିଙ୍କୁ ଅଭ୍ୟର୍ଥନା ଜଣାଯିବ। ସଦ୍‌ଭାବନା ସମିତିର ପରିବାର ସମସ୍ତ ଧର୍ମପ୍ରାଣ ନାଗରିକ, ସମାଜସେବୀ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଛି। ଏହି ଅନୁଷ୍ଠାନ ଜିଲ୍ଲାରେ ଧର୍ମୀୟ ସଦ୍‌ଭାବନା ଓ ସମ୍ପ୍ରତିର ବାତାବରଣ ସୃଷ୍ଟି କରିବାରେ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି।

● ମବହଲଦା ବିଦ୍ୟାଳୟରେ ଛାତ୍ର ବିଧାନସଭା

## ଜନପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଜ୍ଞାନ ନେଲେ ଛାତ୍ରଛାତ୍ରୀ



ରାଇରଙ୍ଗପୁର,୨୭।୩(ସମିସ): ଗଣଶିକ୍ଷା ବିଭାଗ ପକ୍ଷରୁ ବହଳଦାସ୍ଥ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ "ଛାତ୍ର ବିଧାନସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ଗିରିଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଶାସକ ଦଳ ଓ ବିରୋଧୀ ଦଳ ବିଧାୟକ ଭାବେ ଭୂମିକା ନିର୍ବାହ କରି ବିଧାନସଭାର କାର୍ଯ୍ୟଶୈଳୀକୁ ଅତି ଜୀବନ୍ତ ଭାବେ ଉପସ୍ଥାପନ କରିଥିଲେ। ସଦନରେ ସ୍ୱାସ୍ଥ୍ୟ ସେବା ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା କରାଯାଇଥିଲା। ବିଧାନସଭା ନିୟମ ଅନୁଯାୟୀ ଶୋକ ପ୍ରସ୍ତାବ, ପ୍ରଶ୍ନକାଳ ଓ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରଧାନଶିକ୍ଷକ ମନୋରଞ୍ଜନ ଗିରି, ସହକାରୀ ଶିକ୍ଷକ ବବଲୁ ଦାଙ୍ଗିଲ ଓ ସସ୍ମିତା ମହାନ୍ତ ଛାତ୍ରଛାତ୍ରୀଙ୍କୁ ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବହଳଦା ବ୍ଲକ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂ ଓ ପ୍ରଧାନଶିକ୍ଷକ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ମହାନ୍ତ, ତନୁଜା ନାୟକ, କବିତା ବେହେରା, ବିନୋଦ ବାସ୍କେ, ଅଣଶିକ୍ଷା କର୍ମଚାରୀ ଶୁଭେନ୍ଦୁ ମହାନ୍ତ ଓ ପ୍ରତିଭା ମଲ୍ଲିକ ପ୍ରମୁଖ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀଙ୍କ କବିତା ପାଠ ପରେ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା କଳାକାର ପରିବାର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ବାରିପଦା, ୨୭ ।୩(ସମିସ): ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟ୍ୟ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ନାଟକ ମଣିଷର ସାମାଜିକ ଚଳଣିକୁ ପ୍ରଭାବିତ କରିଥାଏ ବୋଲି ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ନାଟକ ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଥାଏ ବୋଲି ମତପୋଷଣ କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ନାଟକର ଇତିହାସ ଉପରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ



ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଜ୍ଞାନରଞ୍ଜନ ପଣ୍ଡା ପ୍ରଖ୍ୟାତ ନାଟ୍ୟକାର ଉଇଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସନ୍ଦେଶ-୨୦୨୬ ପାଠ କରିଥିଲେ। ଏ ଅବସରରେ ରାଜ୍ୟସ୍ତରୀୟ "ରବୀନ୍ଦ୍ର ସମ୍ମାନ'ରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଅଭିନେତା, ନାଟ୍ୟକାର, ମଞ୍ଚ ଓ ସିନେ ନିର୍ଦ୍ଦେଶକ ତଥା ବାରିପଦା କଳାକାର ପରିବାରର ଉପଦେଷ୍ଟା ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଡଃ କୁମରମଣି ନାୟକ, ଉପଦେଷ୍ଟା ଶ୍ରୀ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଆଶିଷ କୁମାର ବସା ପ୍ରମୁଖ ଆଜିର ଦିବସ ଉପରେ ଆଲୋକପାତ କରିବା ସହ ବାରିପଦାରେ ମଞ୍ଚ ନାଟକ ପ୍ରତି ଦର୍ଶକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି ବୋଲି ପ୍ରକାଶ କରିଥିଲେ।

ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ମାତୃଭାଷାକୁ ଅବହେଳା ଅଭିଯୋଗ

## ଆଦିବାସୀ ଅଭିଭାବକ ସଂଘର ପୂର୍ବତନ ବିଧାୟକଙ୍କୁ ଦାବିପତ୍ର

ରାଇରଙ୍ଗପୁର,୨୭।୩(ସମିସ): ରାଇରଙ୍ଗପୁରଠାରେ ଓଡ଼ିଶା ଆଦିବାସୀ ଅଭିଭାବକ ମହାସଂଘ ପକ୍ଷରୁ ସଭାପତି ଶଙ୍କର ବାସ୍କେଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଓ ଆଦିବାସୀ କଂଗ୍ରେସ ନେତା ପ୍ରହ୍ଲାଦ ପୂର୍ତ୍ତିଙ୍କୁ ସାକ୍ଷାତ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀଙ୍କ ନିଜ ମାତୃଭାଷାରେ ପ୍ରଥମରୁ ପଞ୍ଚମ ବର୍ଗ ପର୍ଯ୍ୟନ୍ତ ନିଜ ନିଜର ସରକାରୀ ସ୍ୱୀକୃତିପ୍ରାପ୍ତ ମାତୃଭାଷାରେ ମୟୂରଭଞ୍ଜ ଜିଲ୍ଲାର ୬୫୧ଟି ବହୁଭାଷୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଆଦିବାସୀ ପିଲାଙ୍କ ସହିତ ନିଜର ମାତୃଭାଷାରେ ଶିକ୍ଷାଦାନରୁ ସରକାରୀ ଅଧିକାରୀଙ୍କ ଅବହେଳାରୁ ବଞ୍ଚିତ କରାଯାଉଛି। ଓଡ଼ିଶାରେ ମାତୃଭାଷାରେ ଶିକ୍ଷାଦାନ ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିବା ଓ ବହୁଭାଷୀ ଶିକ୍ଷକ ନିଯୁକ୍ତି ରହିଥିବା ସତ୍ତ୍ୱେ ଜିଲ୍ଲା ଶିକ୍ଷାଧିକାରୀ ଡିପିସି ଓ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି, ସ୍କୁଲ ପ୍ରଧାନ ଅଧ୍ୟାପକଙ୍କ ମନୋମୁଖୀ କାର୍ଯ୍ୟକଳାପ ଯୋଗୁଁ ବହୁଭାଷୀ ଶିକ୍ଷକଙ୍କୁ ଓଡ଼ିଆ ଭାଷାରେ ହିଁ ପିଲାଙ୍କୁ ଶିକ୍ଷାଦାନ



ପାଇଁ ବାଧ କରାଯାଉଥିବା ଅଭିଯୋଗ କରି ପୂର୍ବତନ ବିଧାୟକଙ୍କୁ ଅବଗତ କରାଇ ଜିଲ୍ଲାର ଆଦିବାସୀ ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇବା ପାଇଁ ନ୍ୟାୟ ଦାବି କରିଥିଲେ। ବାରମ୍ବାର ଓଡ଼ିଶା ଆଦିବାସୀ ମାତୃଭାଷା ଅଭିଭାବକ ମହାସଂଘ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସତ୍ତ୍ୱେ କୌଣସି ପ୍ରକାର ନ୍ୟାୟ ମିଳୁନାହିଁ। ଏଥିସହିତ ଜିଲ୍ଲାପାଳ ଓ ସମସ୍ତ ସଂଲଗ୍ନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଯଦିଓ ପ୍ରାଥମିକ ବିଦ୍ୟାଳୟରେ ମାତୃଭାଷାରେ ଶିକ୍ଷାଦାନ ପାଇଁ ସରକାରୀ ଆଦେଶନାମା ରହିଛି, ତେବେ ଆଦିବାସୀ ପିଲା ସମାଜରେ ମୌଳିକ ଅଧିକାର ଭାଷାଗ ଶିକ୍ଷାଦାନ, ଜାତିଗତ ଓ ସାଂସ୍କୃତିକ ଭେଦଭାବ କରି ମାନସିକ ଶୋଷଣ ଓ ନିର୍ଯାତନା ଶିକାର ହୋଇ ତାଙ୍କ ଭାବିଷ୍ୟତ ସହ ସରକାରୀ ଅଧିକାରୀ ଖେଳ ଖେଳୁଥିବା ଅଭିଯୋଗ ଆଣିଥିଲେ। ପୂର୍ବତନ ବିଧାୟକ ଏ ନେଇ ଅବଗତ ହୋଇଥିବାବେଳେ ଏପରି କାର୍ଯ୍ୟରୁ ସରକାରୀ ଅଧିକାରୀଙ୍କୁ ନିବୃତ ରହିବାକୁ କହିଥଲେ। ସେ ବହୁଭାଷୀ ବିଦ୍ୟାଳୟ ପରିଦର୍ଶନ କରି ତଦନ୍ତ କରିବା ପରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ସହିତ ସାକ୍ଷାତ କରି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ଅବସରରେ ମହାସଂଘ ସଦସ୍ୟ ସୂପାଇ ମାର୍ଣ୍ଡି, ନାନକରାମ ମାଝୀ, କୁଆଁର ମାର୍ଣ୍ଡି, ସୀତାରାମ ଚାତାର, ମଟକା ବିରୂଆ, ସଂଜୟ ସିଦ୍ଧୁ ଓ ଲମ୍ବୋଦର ବାନରା ଉପସ୍ଥିତ ଥିଲେ।

ଶ୍ରୀରାମ ନବମୀ

# ସବୁଠି ଶୋଭାଯାତ୍ରା ଓ ଉତ୍ସବ ମୁଖର ପରିବେଶ










ବାରିପଦା,୨୭ ।୩(ସମିସ):

ପବିତ୍ର ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡିଥିଲା। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସାରା ସହରକୁ ଗେରୁଆ ପତାକାରେ ସୁସଜ୍ଜିତ କରି ଏକ ବର୍ଣ୍ଣାଢ୍ୟ ପରିବେଶ ସୃଷ୍ଟି କରାଯାଇଥିଲା। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଜିଲ୍ଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ସଂଗଠନଗୁଡିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନରେ ନନ୍ଦିକେଶ ସେଜପଡାଙ୍କ ନେତୃତରେ ହଜାର ହଜାର ଭକ୍ତ ମଧୁବନସ୍ଥ ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବାଣ ରୋଷଣି, ହନୁମାନ ଓ ବାନର ବେଶରେ ନିଜକୁ ସଜ୍ଜିତ କରିଥିବା କଳାକାର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲେ। ଡିଜେ, ବାଜା, ପାରମ୍ପରିକ ନୃତ୍ୟ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଶେଷକରି ବହୁ ସଂଖ୍ୟାରେ ଟ୍ରାକ୍ଟର ସହିତ ଚାଷୀ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ରାମ ଶୋଭାଯାତ୍ରା ଛଉ ପଡିଆରେ ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ ଶୃଙ୍ଖଳାବଦ୍ଧ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଓ ଧୂମଧାମରେ ଏହି ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ମଧୁବନ ଷ୍ଟାଡିୟମରୁ ଅନ୍ୟଏକ ଶୋଭଯାତ୍ରା ସହର ପରିକ୍ରମା କରିଥିଲା।

ମୋରଡ଼ା: ରାମ ନବମୀ ପାଇଁ ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା, ମୋରଡା ଉତ୍ସବ ମୁଖର ହୋଇଥିଲା। ସକାଳ ୭ଟାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ରାଲି ଚିତ୍ରଡା ବଜାର, ସପ୍ଲାଇ ଛକ, କଲେଜ ଛକ, ଶୀର୍ଷାପାଳ ଛକ ହୋଇ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ସପ୍ଲାଇ ଛକରେ ଥିବା ରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଜା ବନ୍ଧରୁ ଘଟ ଉତ୍ତୋଳନ ହେବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଅପରାହ୍ନ ୩ଟା ସମୟରେ ସପ୍ଲାଇ ଛକରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସେହିପରି ଚିତ୍ରଡା ବସଷ୍ଟାଣ୍ଡରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ ବ୍ଲକ ଅଧୀନ ମୋରଡା ମାଳିହତା ହନୁମାନ ମନ୍ଦିରରେ ମଧ୍ୟ ରାମ ନବମୀ ଉତ୍ସବ ପାଳନ କରାଯାଇଛି। ସଭାପତି ସତ୍ୟବାନ ବେହେରା, ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଧିବଦ୍ଧ ଭାବେ ପୂଜା ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମାନସ ବେହେରା ସଂକଳ୍ପରେ ବସିଥିଲେ। କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା, ଶଙ୍କରା ବେହେରା, ସଂଗ୍ରାମ ରାଉତ, ମଧୁସୂଦନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

କପ୍ତିପଦା: ଆଜି ଶ୍ରୀରାମ ନବମୀ ଅବସରରେ କପ୍ତିପଦା ପ୍ରଖଣ୍ଡର ସୋନୋ କଲୋନୀର ଅଖଣ୍ଡଳାମଣି ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ଶ୍ରୀରାମ ମନ୍ଦିରରେ ଭକ୍ତିମୟ ପରିବେଶରେ ଉତ୍ସବ ପାଳନ କରାଯାଇଛି। ଏହି ପବିତ୍ର ଦିବସ ଅବସରରେ ୫୦୦ରୁ ଅଧିକ ପୁରୁଷ ଓ ମହିଳା ଭକ୍ତ ଯୋଗଦେଇ ଉତ୍ସବକୁ ଅଧିକ ଗରିମାମୟ କରିଥିଲେ। ସକାଳ ସମୟରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଘଟ ଶୋଭାଯାତ୍ରା ବିଶେଷ ଆକର୍ଷଣ ହୋଇଥିଲା। ପରେ ନାମ ସଂକୀର୍ତ୍ତନ କରାଯାଇ ପୂଜକଙ୍କ ଦ୍ୱାରା ବିଧିବତ୍ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। କାପ୍ତିପଦା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାଙ୍କ ସମୂହ ଉଦ୍ୟମରେ ଏହି କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ ହୋଇଥିଲା।

ଠାକୁରମୁଣ୍ଡା: ଠାକୁରମୁଣ୍ଡା ଅଞ୍ଚଳରେ ରାମନବମୀ







ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ରାମ ନବମୀ କମିଟି ପକ୍ଷରୁ ଠାକୁରମୁଣ୍ଡା ବଜାର ହନୁମାନ ଛକରେ ଥିବା ହନୁଙ୍କ ମୂର୍ତ୍ତି ନିକଟରେ ରାମନବମୀ ପୂଜା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବଜାର ଓ ବଜାର ନିକଟସ୍ଥ ଗ୍ରାମରେ ତୋରଣ ବନ୍ଧାଯାଇ ସାଜସଜ୍ଜା କରାଯାଇଥିଲା। ଏହି ପୂଜାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇଥିଲେ। ଏ ଅବସରରେ ସରସ୍ୱତୀ ଶିଶୁମନ୍ଦିରର ବାଳକ/ ବାଳିକାଙ୍କ ଦ୍ୱାରା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶ ହୋଇ ପୂଜା ସ୍ଥଳୀ ଓ ବାଇକ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନ ୩ଟା ପରେ ଶତାଧିକ ସଂଖ୍ୟାରେ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବାଇକ ଶୋଭାଯାତ୍ରା ହନୁମାନ ଛକରୁ ଆରମ୍ଭ ହୋଇ ରୁଗୁଡିବେଡାସ୍ଥ ସୀତାରାମ ମନ୍ଦିର, ଚମକପୁର, ଠାକୁରମୁଣ୍ଡା, ଖୁଣ୍ଟାପୋଷି, ବେଣ୍ଟକାରପଡା ଗ୍ରାମ ପରିକ୍ରମା କରିଥିଲା। ସେହିପରି ଦିଗଦର, ସୁନିଦା, ମିଟୁଆଣି, ଖମଡିହା ଇତ୍ୟାଦି ଗ୍ରାମରେ ରାମନବମୀ ପାଳିତ ହୋଇଥିଲା। କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବାକୁ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ନେତୃତ୍ୱ ନେଇଥିଲେ।

ବିଶୋଇ: ବିଶୋଇରେ ପବିତ୍ର ରାମନବମୀ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଅପରାହ୍ନରେ ବିଶୋଇ ବଜରଙ୍ଗ ପୀଠରେ ଏକ ବିଶାଳ ଝଣ୍ଡା ଯାତ୍ରା ଓ ବାଇକ ରାଲି ବାଦ୍ୟର ତାଳେତାଳେ ବାହାରି ବିଶୋଇ ବଜାର ପରିକ୍ରମା କରିଥିଲା। ଏ ଅବସରରେ ଜୟ ଶ୍ରୀରାମ ଧ୍ୱନିରେ ବିଶୋଇ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସେହିପରି ପୀଠରେ ସ୍ଥାପିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ରାମନବମୀଠାରୁ ୩ ଦିନ ଧରି ଅହରହ ନାମଯଜ୍ଞ ସଂକୀର୍ତ୍ତନ ସାଙ୍ଗକୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ।

ରାସଗୋବିନ୍ଦପୁର: ପବିତ୍ର ରାମ ନବମୀ ଅବସରରେ ରାସଗୋବିନ୍ଦପୁର ଅଞ୍ଚଳରେ ଭକ୍ତିମୟ ପରିବେଶ ମଧ୍ୟରେ ଧୂମଧାମରେ ଉତ୍ସବ ପାଳନ କରାଯାଇଛି। ଶୁକ୍ରବାର ଦିନ ରାସଗୋବିନ୍ଦପୁର ଛକରେ ରାସଗୋବିନ୍ଦପୁର ଯୁବକ ସଂଘ ପ୍ରୟାସରେ ଦିନ ବେଳେ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ଦହି ସରବତ ବଣ୍ଟନ କରାଯାଇଥିଲା। ଅପରାହ୍ନ ସମୟରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିଙ୍କୁ ବିଧିବତ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଭବ୍ୟ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇ ରାସଗୋବିନ୍ଦପୁର ଛକରୁ ଆରମ୍ଭ କରି ହନୁମାନ ମନ୍ଦିର, ଦେବଶୋଳ ବାବା ବୁଦ୍ଧେଶ୍ୱର ମନ୍ଦିର ଓ ମୂଷାମାରୀ, ଅଙ୍ଗାରଗଡ଼ିଆ ଗ୍ରାମ ମଧ୍ୟ ଦେଇ ଭ୍ରମଣ କରି ରାସଗୋବିନ୍ଦପୁର ଛକରେ ସମାପ୍ତ କରିଥିଲା। ଶୋଭାଯାତ୍ରାରେ ଯୁବକଙ୍କ ଉତ୍ସାହ ଓ ଭକ୍ତିଭାବ ଦେଖିବାକୁ ମିଳିଥିଲା। ଯାହା ଅଞ୍ଚଳରେ ଏକ ପବିତ୍ର ଓ ଉତ୍ସବମୟ ପରିବେଶ ସୃଷ୍ଟି କରିଥିଲା। ସନ୍ଧ୍ୟାବେଳେ ଯୁବକ ସଂଘ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟକ ଭକ୍ତ ଓ ସ୍ଥାନୀୟ ନିବାସୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଯୁବକ ସଂଘର ସଦସ୍ୟ ରଘୁନାଥ ଦାସ, ସାଇରାମ ସେଠୀ, ସମିତାର୍ଥ ଦାସ, ଆକାଶ ମହାନ୍ତି, ସ୍ୱାଧୀନ ରଥ, ଦେବେନ୍ଦ୍ର ସେଠୀ, ଶିବଶଙ୍କର ସାହୁ ଓ ଇନ୍ଦ୍ରଜିତ ଦାସ, ତ୍ରିଲୋଚନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

### ମାଟି ରାସ୍ତାର ଉନ୍ନତୀକରଣ ନାଁରେ ଲୁଟ୍

# ମେସିନ ଖାଇଗଲା ଶ୍ରମିକଙ୍କ ପଇସା

**ବଡ଼ଚଣା,୨୭।୩(ସମିସ):**



ବଡ଼ଚଣା ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିଛି। ମିଛ ବିଲ୍ କରି ଲକ୍ଷାଧିକ ଟଙ୍କା ଲୁଟି ନେବାକୁ ଠିକାଦାର ମସୁଧା କରୁଛନ୍ତି। ବ୍ଲକ ପ୍ରଶାସନ ସହଯୋଗରେ ବଡ଼ଚଣାରେ ଏନଆର୍‌ଜିଏସ୍ କାମ ନାଁରେ ରୀତିମତ ଲୁଟ୍ ଚାଲିଛି। ଏଥିରେ ଠିକାଦାର ବିଭାଗୀୟ ଯନ୍ତ୍ରୀ ମଧ୍ୟ ସାମିଲ ରହିଥିବା ଲୋକେ ଅଭିଯୋଗ କରିଛନ୍ତି। ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ଶାସନ ପୁରୁଷୋତ୍ତମପୁର ଗ୍ରାମର ଆଇସିଡିଏସ ଅଫିସ ପାଖରୁ ଶିଖର ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ମାଟି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ପଞ୍ଚାୟତ ପକ୍ଷରୁ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏଥିପାଇଁ ୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୨୦୨୫ ଡିସେମ୍ବର ମାସ ୧୨ ତାରିଖରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଫଳକରେ କାର୍ଯ୍ୟ ଶେଷ ତାରିଖ ଉଲ୍ଲେଖ ନାହିଁ। ଯେଉଁଥିରେ ଶ୍ରମିକ ବଦଳରେ ଜେସିବି ମେସିନ ସାହାଯ୍ୟରେ ଏନଆର୍‌ଜିଏସ୍ କାମ କରାଯାଇଛି। ଫଳରେ ଶ୍ରମିକଙ୍କ ପଇସା ମେସିନ ଖାଇ ଦେଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଦୀର୍ଘ ବର୍ଷ ଧରି ଆଇସିଡିଏସ ଅଫିସ ପାଖରୁ ଶିଖରଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ସଧାରଣଲୋକଙ୍କ ଯାତାୟାତରେ ବହୁ ସମସ୍ୟା ଦେଖା ଦେଉଥିଲା। ଏହି ରାସ୍ତାର ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ବଡ଼ଚଣା ପଞ୍ଚାୟତ ପକ୍ଷରୁ ଏହାର ମରାମତି ପାଇଁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଠିକାଦାର ଏନଆର୍‌ଜିଏସ୍‌ରେ ମାଟି ରାସ୍ତା ଅଳ୍ପ ବହୁତେ କରିଛନ୍ତି। କିନ୍ତୁ ସେଥିରେ ଶ୍ରମିକ ନୁହେଁ ମେସିନ ଲଗାଇ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଏନଆର୍‌ଜିଏସ୍ ଯୋଜନାରେ ହେଉଥିବା କାର୍ଯ୍ୟ ଗୁଡିକର ତଦାରଖ ସଠିକ୍ ଭାବେ କରାଯାଉନାହିଁ। ଫଳରେ ବିଭାଗୀୟ ନାଁରେ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବାକୁ ମସୁଧା କରୁଛନ୍ତି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କାମ ସଂପୂର୍ଣ୍ଣ ନ ସରିଲେ ବିଲ୍ ହୋଇ ପାରିବନାହିଁ। ଆଉ ଯଦି ମେସିନ କାର୍ଯ୍ୟ କରିଥାଏ ତା'ହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇସିଡିଏସ ଅଫିସ ପାଖରୁ ଶିଖରଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ମାଟିରାସ୍ତାର ଉନ୍ନତିକରଣ ରାସ୍ତା କାର୍ଯ୍ୟର କଣ ହୋଇଛି ତଦନ୍ତ କରିଲେ ଜଣାପଡିବ। କେବଳ ଏହି ମାଟି ରାସ୍ତା କାମ ନୁହେଁ; ବଡ଼ଚଣା ବ୍ଲକ ଅଧୀନରେ ହେଉଥିବା ବହୁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶ୍ରମିକଙ୍କୁ କାମରେ ନ ଲଗାଇ ମେସିନ ସାହାଯ୍ୟରେ କରାଯାଉଛି। ପୋଖରୀ ଖୋଳିବା ଠାରୁ ଆରମ୍ଭ କରି ରାସ୍ତା ଘାଟ ମରାମତି ପର୍ଯ୍ୟନ୍ତ ସବୁଥିରେ ବ୍ଲକ ପ୍ରଶାସନ ଠିକାଦାରଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ବ୍ଲକ ଏନଆର୍‌ଜିଏସ୍ ହୋଇଥିବା କାର୍ଯ୍ୟ ଗୁଡିକର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଠିକ୍ ଭାବରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ମଙ୍ଗଳପୁର ପଣ୍ଡା ସାହିରେ ଭାଗବତ ସପ୍ତାହ

**ମଙ୍ଗଳପୁର,୨୭।୩(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ପଣ୍ଡାସାହି ଗ୍ରାମରେ ଜଗନ୍ନାଥ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଜିଲ୍ଲା ବିଜେପି ଉପସଭାପତି ସଞ୍ଜୟ ନାୟକ, ମଙ୍ଗଳପୁର ବଜାର କମିଟି ସଭାପତି ଅକ୍ଷୟ ପାତ୍ର, ମନୋରଞ୍ଜନ ମଲ୍ଲିକ, ସଞ୍ଜୟ ରାୟ, ପୂର୍ଣ୍ଣଚନ୍ଦ୍ର ରାଉତ, ଆଲୋକ ବିଶ୍ୱାଳ, ଜଗନ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଏଥିରେ ଗ୍ରାମର ଦୁର୍ଯ୍ୟୋଧନ ନାୟକ ସଂକଳ୍ପ କରିଥିବା ବେଳେ ପୂଜକ ତୁଷାର କାନ୍ତ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଭାଗବତ ସପ୍ତାହ କାର୍ଯ୍ୟକ୍ରମକୁ କାର୍ଯ୍ୟକର୍ତ୍ତା ବିଶ୍ୱନାଥ ପଣ୍ଡା, ଶୈଳେନ୍ଦ୍ର ନାୟକ, ଏକନ ପଣ୍ଡା, ଦେବେନ୍ଦ୍ର ନାୟକ,ପ୍ରମୋଦ କୁମାର ପଣ୍ଡା, ଧୀରେନ୍ଦ୍ର ନାୟକ, ସନ୍ତୋଷ ପଣ୍ଡା, ବିଭୁତି ଭୂଷଣ ପଣ୍ଡା ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଥିବା ନେଇ କମିଟି ପକ୍ଷରୁ କୁହାଯାଇଛି।

## ୟୁନାଇଟେଡ ଚେସ୍ ଆସୋସିଏସନ୍‌ର ବୈଠକ

**ବଡ଼ଚଣା,୨୭।୩(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ଯାଜପୁର ୟୁନାଇଟେଡ ଚେସ୍ ଆସୋସିଏସନ୍‌ର ଏକ ବୈଠକ ଚଣ୍ଡିଖୋଲ ଗାନ୍ଧୀ ଛକ ସ୍ଥିତ ଅବଦୁଲ୍ କଲାମ୍ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ତପନ କିଶୋର ଷଡ଼ଙ୍ଗୀ ଏଥିରେ ସଭାପତିତ୍ୱ କରିଥିଲେ। ସଙ୍ଘର ସଂପାଦକ ସମରେନ୍ଦ୍ର ସାହୁ ପୂର୍ବ ଅଧିବେଶନର ବୀବରଣୀ ପାଠ କରିଥିଲେ। ସଭ୍ୟ ମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ପ୍ରଫେସର ପବିତ୍ର ମୋହନ ମାହାଲା, ଶିଳ୍ପପତି ପ୍ରଭାକର ସାମନ୍ତ, ଚୈତନ୍ୟ ଚରଣ ଜେନା, ମୁଖ୍ୟ ଉପଦେଷ୍ଟା ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟ ପୃଷ୍ଠପୋଷାକ ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ଅନ୍ୟତମ ପୃଷ୍ଠପୋଷାକ ଭାବେ ଆୟକର ବିଭାଗର ସହକାରୀ କମିଶନର ରଞ୍ଜନ କୁମାର ମହାନ୍ତିଙ୍କୁ ଗ୍ରହଣ କରାଯାଇଥିଲା। ଏହା ଦ୍ୱାରା ଯାଜପୁର ଜିଲ୍ଲାରେ ଚେସ୍ ଖେଳର ଦ୍ରୁତପ୍ରଚାର ପ୍ରସାର ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଆସନ୍ତା ମେ' ମାସ ୯ ଓ ୧୦ ତାରିଖରେ ଯାଜପୁର ଅଲ୍ ଓଡ଼ିଶା ଚେସ୍ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ଜେନା, ପ୍ରିତମ୍ ନାୟକ, ରଶ୍ମିରଞ୍ଜନ ସାହାଣୀ, ନଗେଶ ଜେନା, ଦେବେନ୍ଦ୍ର ସାମଲ, ଦେବେନ୍ଦ୍ର ନାୟକ, ସତ୍ୟବ୍ରତ ସେନାପତି, ସତ୍ୟ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଶୋକ କୁମାର ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୨୩ ୟୁନିଟ୍ ରକ୍ତ ସଂଗୃହିତ

**ମଙ୍ଗଳପୁର/ଦଶରଥପୁର,୨୭।୩(ସମିସ):** ଆଜି ରାମନବମୀ ଅବସରରେ ଶ୍ରୀରାମ ସେବା ସମିତି ପକ୍ଷରୁ ତୃତୀୟ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି କରାଣ୍ଡିପୁର ପ୍ରାଥମିକ ବିଦ୍ୟାଳୟ ପରିସର ହୋଇଥିବା ବେଳେ ୨୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅତିଥି ଭାବେ ମଙ୍ଗଳପୁର ଥାନା ଏସ୍‌ଆଇ ସଂକେତ ପଲାଇ ଏବଂ ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠି ଯୋଗଦେଇ ଶିବିରଟିକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନରେନ୍ଦ୍ର ଦାଶ, ମଳୟ ନାୟକ, ସମିତି ସଭ୍ୟ ସୁନନ୍ଦ ଦାଶ, ମନୋଜ କୁମାର ସେଠୀ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ରେଡ କ୍ରସ ରକ୍ତଦାନ କେନ୍ଦ୍ରର ଡ. ପ୍ରଶାନ୍ତ ବିଶ୍ୱାଳ, ସୀତାଂଶୁ କୁମାର ସ୍ୱାଇଁ, ଅଜୟ କୁମାର ଜେନା, ତରୁଣ କୁମାର ନାୟକ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ସମ୍ପାଦକ ବିଶ୍ୱଜିତ୍ ଦାଶ, ସଭାପତି ରଜତଦାଶ, ସଭ୍ୟ ନିରଞ୍ଜନ ନାୟକ , ସନାତନ ନାୟକ, ଗୋପିନାଥ ବିଶ୍ୱାଳ, ସୁରେନ୍ଦ୍ର ଦାଶ, ଅମିୟ ଦାଶ, ପର୍ଶୁରାମ ବାରିକ୍, ଉପେନ୍ଦ୍ର ଦାଶ, ଜୀବନ ଜ୍ୟୋତି ଦାଶ, ବିଶାଳ ଦାଶ, ଦିଲ୍ଲୀପ ନାୟକ, ସତ୍ୟବ୍ରତ ବିଶ୍ୱାଳ, ଅଙ୍କିତ ଦାଶ, ରଶ୍ମିରଞ୍ଜନ ଦାଶ, ଦେବାଶିଷ ଦାଶ, ଦେବଜ୍ୟୋତି ଦାଶ, ସତ୍ୟବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିକୋଇଲି ଓ ଷଠିପୁରରେ ବାସନ୍ତୀକ ଦୁର୍ଗାପୂଜା

**ପାଣିକୋଇଲି,୨୭।୩(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ଷଠିପୁର ଠାରେ ମା' ବାସନ୍ତୀକ ଦୁର୍ଗାପୂଜା ମହାସମାରୋହରେ ପାଳିତ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଦୁର୍ଗମଣ୍ଡପ ଠାରେ ଷଠିପୁର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଚଳିତ ବର୍ଷ ଚାଲୁ ରହିଛି। ଚୈତ୍ର ମାସ ବସନ୍ତ ଋତୁ ଶୁକ୍ଳପକ୍ଷରେ ମା' ବାସନ୍ତୀ ଦୁର୍ଗା ପୂଜା କରାଯାଇଥାଏ। ଚଳିତ ବର୍ଷ ଶୁକ୍ଳ ଷଷ୍ଠୀ ତିଥିରୁ ମା'ଙ୍କ ବେଲ୍ୱବରଣ, ସପ୍ତମୀ କଳସ ଯାତ୍ରା ଓ ଘଟ ସ୍ଥାପନା କରାଯିବା ପରେ ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଆବାହିତ ମଣ୍ଡଳ ଦେବତା ପୂଜା ପରେ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ହୋମ ଯଜ୍ଞ ଆଦି କରାଯାଇଛି। ପୀଠର ପୂଜକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିରଜା ମଣ୍ଡଳୀ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ମନ୍ଦିର ମଧ୍ୟରେ ମା'ଙ୍କ ପାଶ୍ୱର୍ରେ ସ୍ଥାନ ପାଉଥିବା ବାରୁଆଳୀ ମୂର୍ତ୍ତି ବିଭିନ୍ନ ସଚେତନତା ମୂଳକ ସାମାଜିକ ବାର୍ତ୍ତା ବହନ କରୁଛି। ମଣ୍ଡପକୁ ଆର୍କଷଣୀୟ ଆଲୋକ ତୋରଣରେ ସୁସଜ୍ଜିତ କରାଯାଇଛି। ୫ ଦିନ ବ୍ୟାପି ଏହି ପୂଜାକୁ ବଜାର ସଂଘର ସମସ୍ତ କର୍ମକର୍ତ୍ତା ଏବଂ ଷଠିପୁର ଗ୍ରାମବାସୀ ସହଯୋଗ କରୁଛନ୍ତି। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଶର୍ମା ଟାଙ୍କି ଠାରେ ଥିବା ମା' ବାସନ୍ତୀ ଦୁର୍ଗାଙ୍କ ପୀଠରେ ୧୮ତମ ମାଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଜାଗୁଳାଇ ପୋଖରୀରୁ ପବିତ୍ର ଜଳ ଆଣି ମାଙ୍କର ଘଟ ସ୍ଥାପନା କରାଯାଇଥିଲା। ପୂଜକ ଭାବେ ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ କୁମାର ଦାଶ ମା'ଙ୍କର ପୂଜାର୍ଚ୍ଚନା କରିଥିବା ବେଳେ ଆନନ୍ଦ ଚନ୍ଦ୍ର ଓଝା କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ମା'ଙ୍କର ପୂଜାର୍ଚ୍ଚନା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକ୍ରମକୁ ନୀଳମଣୀ ଦାସ, ନିରଞ୍ଜନ ନାୟକ, ଅରୁପାନନ୍ଦ ମଲ୍ଲିକ, ଦାମୋଦର ବିଶ୍ୱାଳ, ଅମରେନ୍ଦ୍ର ବିଶ୍ୱାଳ, ଇନ୍ଦ୍ରମଣୀ ନାୟକ, ପୂର୍ଣ୍ଣ ମଲିକ, ଗଣେଶ ମଲ୍ଲିକ ଓ ଚକ୍ରଧର ଓଝା ପରିଚାଳନା କରିଥିଲେ।



## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ବରୀ,୨୭।୩(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତ ଅଭିମନ୍ୟୁ ବାଲିଆ ଗ୍ରାମର ଧର୍ମପ୍ରାଣା ମହିଳା ଅନୁପମା ଜେନା (୭୪)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଜଣେ ଅନୁଷ୍ଠାନ ପ୍ରେମୀ, ଧର୍ମପ୍ରାଣା ତଥା ସଂସ୍କୃତି ସମ୍ପନ୍ନା ମହିୟସୀ ମହିଳା ଥିଲେ। ତାଙ୍କ ବିୟୋଗରେ ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ର, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଅଜୟ କୁମାର ଜେନା, ସାମାଜିକ କର୍ମୀ ବିକ୍ରମ କେଶରୀ ଜେନା, ସାମ୍ବାଦିକ ଚୈତନ୍ୟ ଚରଣ ଜେନା ପ୍ରମୁଖ ନିଜର ଶୋକପ୍ରକାଶ କରିଛନ୍ତି। ସ୍ୱର୍ଗତା ଜେନାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ଜୀବନେନ୍ଦୁ ଓ ଅନ୍ୟ ପୁଅ ବୋହୂମାନେ ଉପସ୍ଥିତ ଥିଲେ।

## ଦଶରଥପୁରରେ ଶ୍ରୀରାମ ନବମୀ



**କୟାଁଗୋଲା,୨୭।୩(ସମିସ):** ଦଶରଥପୁର ବ୍ଲକର ବିଭିନ୍ନ ଦେବାଦେବୀ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ଦଶରଥପୁର ବ୍ଲକ ଶାଖା ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଶ୍ରୀରାମ ନବମୀ ଝୁମ୍ପୁରୀ ବଜାରର ହନୁମାନ ଛକ ଠାରେ ବିଗ୍ରହ ପ୍ରତିଷ୍ଠା ସହ କଳସ ଶୋଭାଯାତ୍ରା ଯାକଜମକରେ ଅନୁଷ୍ଠିତ ହୋଇଯାଇଛି। ନଗର ପରିକ୍ରମା ସହ ବହୁ ଆଡମ୍ବର ରେ ସହିତ ପାଳିତ ହୋଇଛି। ଅନୁ ଦାସ, ସୁଜିତ କୁମାର ନାୟକ, ଅକ୍ଷୟ ସାହୁ, ଉମାକାନ୍ତ ସାହୁ, ବିଷ୍ଣୁ ବେହେରା, ରାଜା ସାହୁ, ନିର୍ମଳ ନାୟକ, ଜିତେନ୍ଦ୍ର ସାହୁ ଓ ବିରଜା ପ୍ରସାଦ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପାଣିକୋଇଲି ରାମ ନବମୀ

**ପାଣିକୋଇଲି,୨୭।୩(ସମିସ):** ପବିତ୍ର ରାମନବମୀ ଅବସରରେ ପୁରପଲ୍ଲୀରେ ମହାସମାରୋହରେ ଏହା ପାଳିତ ହୋଇଛି। ପାଣିକୋଇଲି ମା' ତାରିଣୀ ମନ୍ଦିର ଓ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଥିବା ରାମ, ସୀତା ଲକ୍ଷ୍ମଣ ହନୁମାନଙ୍କ ପୂଜାପାଠ କରାଯାଇଥିଲା। ସବୁ ମନ୍ଦିରରେ ଭକ୍ତ ଓ ଦର୍ଶକ ପୂଜାପାଠ କରି ବିଭୂକୃପା ଲାଭ କରିଥିଲେ। ଅନେକ ନୂତନ ଅନୁଷ୍ଠାନର ମଧ୍ୟ ଆଜି ଶୁଭାରମ୍ଭ କରାଯାଇଥିଲା। ରାଷ୍ଟ୍ରୀୟ ବଜରଙ୍ଗ ଦଳର ପାଣିକୋଇଲି ଶାଖା ପକ୍ଷରୁ ମା' ତାରିଣୀ ମନ୍ଦିର ପରିସରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ଭାବେ ସରୋଜ ପଣ୍ଡା ଓ ମୁନିଆ ନନା କାର୍ଯ୍ୟଭାର ତୁଲାଇଥିଲେ। ଦିନେଶ ନାୟକ ଗଣେଶ୍ୱର ବାରିକ, ଦେବବ୍ରତ ସାହୁ, ଲକ୍ଷ୍ମୀଧର ପଥାଳ, ନିତିଶ ବେହେରା, ଜୟଦେବ ମଲ୍ଲିକ, ଶିବା ମଲ୍ଲିକ, ସଂଜିତ ଖୁଣ୍ଟିଆ, ଜଗୁ ସାହୁଙ୍କ ସମତେ ବହୁ ବଜରଙ୍ଗୀ ଯୋଗଦେଇଥିଲେ।

## ଶ୍ରୀରାମ ନବମୀ ଓ ବିଶ୍ୱ ଶାନ୍ତି ମହାଯଜ୍ଞ

**କୟାଁଗୋଲା, ୨୭।୩(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ସ୍ଥିତ ଇସମାଇଲପୁର ଠାରେ ଶ୍ରୀରାମ ନବମୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ସହିତ ଜଗନ୍ନାଥଙ୍କ ୨୪ ବେଶ ପ୍ରଦଶର୍ନ କାର୍ଯ୍ୟକ୍ରମ ୧୯ ତାରିଖ ଠାରୁ ଆରମ୍ଭ ହୋଇ ଆଜି ୨୭ ତାରିଖରେ ଶେଷ ହୋଇଛି। ପ୍ରଥମ ଦିନ ମହାପ୍ରଭୁଙ୍କ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୁଜା, ଶାଳପୂଜା, ସନ୍ଧ୍ୟା ଆରତୀ ସହ ପୂଜା ୯ ଦିନ ଧରି ଚାଲିଥିଲା। ଏହି ପୂଜା ଉତ୍ସବ ଦେଖିବା ପାଇଁ ପ୍ରତ୍ୟକ ଦିନ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଆସିଥିଲେ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବରୀ,୨୭।୩(ସମିସ):** ବରୀ ବ୍ଲକ ଅନ୍ତର୍ଗତ ମନ୍ଦାରି ପଞ୍ଚାୟତର ଅଣିକଣା ଛକ ନିକଟ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ଓଡ଼ିଶାର ଯାଜପୁର ଜିଲ୍ଲାସ୍ତରୀୟ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରତ୍ନଗିରି ନିକଟସ୍ଥ କେଲୁଅ କୂଳଠାରୁ ଏକ ଶୋଭାଯାତ୍ରାରେ ଅଲିଆବାଦ, ମେଦୁଆକୁଳ, ଅଜାଣ, ହାଟସାହି, ରାମପୁର, ଚନ୍ଦନପୁର, ରାମଚନ୍ଦ୍ରପୁର, ରଜାତୋଟା ପ୍ରଭୃତି ଗ୍ରାମ ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲେ। ବିଜୟ କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁରେଶ କୁମାର ଭୋଳ, ସମ୍ମାନିତ ଅତିଥି ଉପସଭାପତି ପ୍ରଦ୍ୟୁମ୍ନ କୁମାର ଦାଶ, ରାଜ୍ୟ ଉପସଭାପତି ଅରବିନ୍ଦ ମିଶ୍ର, ରାଜୀବ ମିଶ୍ର, ରାଜ୍ୟ ସଂପାଦକ ସନ୍ତୋଷ କୁମାର ବେହେରା, ସଂଗ୍ରାମ କେଶରୀ ଭୂୟାଁ, ବ୍ରହ୍ମପ୍ରସାଦ ମହାପାତ୍ର, ଦୀନବନ୍ଧୁ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅଣିକଣା ଠାରେ ଗୋଶାଳା ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ସଭା ସ୍ଥଳରେ ଉପସ୍ଥିତ ସମସ୍ତ ପୁରୁଷ ଓ ମହିଳା ମାନଙ୍କୁ ଭଗବତ ଗୀତା ସହିତ ହନୁମାନ ଚାଳିଶା ଓ ପତକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କିଶୋର ଧଳ ପ୍ରମୂଖ ଭୂମିକା ନିର୍ବାହ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ଜେନା, ଅଜୟ ସାମଲ, ତୁଷାର ଶ୍ୟାନ୍ତି, ସୂର୍ଯ୍ୟ ମହାପାତ୍ର, ରାଜ କିଶୋର ମହାନ୍ତି, ବିପିନ ରାଉତ, ସ୍ନେହାଶିଷ ପଣ୍ଡା, ପ୍ରଶାନ୍ତ ସାମଲ, ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପିଙ୍ଗଲ ହିଙ୍ଗୁଳା ଯଜ୍ଞ ଉଦ୍‌ଯାପିତ

**କବାଟବନ୍ଧ,୨୭।୩(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଲ ପଞ୍ଚାୟତର ସାନ ପିଙ୍ଗଲ ଠାରେ ଜଗତଜନନୀ ମହାମୟୀ ମା' ହିଙ୍ଗୁଳା ଦେବୀଙ୍କ ଯଜ୍ଞ ଶେଷ ହୋଇଛି। ଚଳିତ ବର୍ଷ ୩୮ତମ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଗତ ୨୧ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହି ଯଜ୍ଞରେ ଯୋଗ ଦେଇଥିଲେ। ପିଙ୍ଗଲ ଯଜ୍ଞ କମିଟି ପକ୍ଷରୁ ସଭାପତି ରଘୁନାଥ ରାଉତ, ସମ୍ପାଦକ ପଦ୍ମନାଭ ବାରିକ, ଉପସଭାପତି ଅକ୍ଷୟ ବାରିକ, କୋଷାଧକ୍ଷ ଦୈତାରି ପରିଡ଼ା, ସରପଞ୍ଚ ମାନସୀ ଦଳାଇ, ସମିତି ସଭ୍ୟା ନିରୂପମା ବେହେରା, ପ୍ରଦୀପ ସ୍ୱାଇଁ, ମାଗୁଣି ରାଉତଙ୍କ ସମେତ ଅନ୍ୟ ସଭ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଏହି ଯାତ୍ରା ଶେଷ ହୋଇଛି। ଏହି ଉପଲକ୍ଷେ ଅପେରା ପରିବେଷଣ କରାଯାଇଥିଲା। କଳିଙ୍ଗ ନଗର ପୁଲିସ ପକ୍ଷରୁ ବ୍ୟାପକ ଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତି ସଭା

**ମଙ୍ଗଳପୁର,୨୭।୩(ସମିସ):** ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତସ୍ତ ସୋଲପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଗମାନନ୍ଦ ମାହୁନ୍ତଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର କୁମାର ଧଳ, ଅବସର ପ୍ରାପ୍ତ ଶିକ୍ଷକ ନିରଞ୍ଜନ ନାୟକ, କବି ଶୁଭେନ୍ଦୁ କୁମାର ମହାପାତ୍ର, ଉତ୍କଳ ଗୌରବ ହାଇସ୍କୁଲର ଶିକ୍ଷକ ନିରଞ୍ଜନ ସମାଲ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତି, ଜାଫରପୁର ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିୟା, ବିଜୟ କୁମାର ମାହୁନ୍ତ, ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ହିମାଂଶୁ ପରିଡା, ରାଜେଶ ବିଶ୍ୱାଳ, ସାମ୍ବାଦିକ ମହେଶ୍ୱର ଯେନା, ଚିନ୍ମୟ କୁମାର ମାହୁନ୍ତ, ବିନୟ ମାହୁନ୍ତ, ନିଶୁତ ସୁମନ ମାହୁନ୍ତ, ରୁଦ୍ରପ୍ରସନ୍ନ ମାହୁନ୍ତ, ସୁମନ ନାୟକ, ହିମାଂଶୁ ଶେଖର ନାୟକ, କନିକାପଡା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ସାମ୍ବାଦିକ ଜୟପ୍ରକାଶ ନାୟକ, ମନୋରଞ୍ଜନ ମଲ୍ଲିକ, ବିଶ୍ୱଜିତ ପଣ୍ଡା, ବିଶ୍ୱଜିତ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ।

## ନେଉଳପୁରରେ ଖୋଲିଲା ମାଗଣା ଆହାର କେନ୍ଦ୍ର

**ଧର୍ମଶାଳା,୨୭।୩(ସମିସ):** ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ବିବାଦୀୟ ବଲେବଲେ ଢାବା ହୋଇଗଲା ଆମ ଭୋଜନାଳୟ ଆହାର କେନ୍ଦ୍ର। ଯେଉଁଠି ପ୍ରତ୍ୟେକ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବିନା ମୂଲ୍ୟରେ ମିଳିବ ମଧ୍ୟାହ୍ନ ଭୋଜନ। ଚଣ୍ଡିଖୋଲ ଛକ ଠାରୁ ମାତ୍ର କିଛି ଦୂରରେ ଥିବା ନେଉଳପୁର ସ୍ଥିତ ଧର୍ମଶାଳା ଭବନ ଠାରେ ଏହି ଆହାର କେନ୍ଦ୍ରକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବିଜେପି ମୁଖପାତ୍ର ମନୋଜ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ବରୀ ବିଜେପି ନେତା ଉମେଶ ଜେନା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ଏଠାରେ ମାଗଣାରେ ଖାଦ୍ୟ ପରସାଯିବ। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ୫୪ଟି ପଞ୍ଚାୟତର ଲୋକଙ୍କ ସହ ବାହାର ଅଞ୍ଚଳର ଲୋକ ଏଠାରେ ମାଗଣାରେ ଭୋଜନ ଗ୍ରହଣ କରି ପାରିବେ ବୋଲି ବିଧାୟକ କହିଛନ୍ତି।

## ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା




**ବଡ଼ଚଣା,୨୭।୩(ସମିସ):** ଓଡ଼ିଶାର ଅଗ୍ରଣୀ ଟ୍ରକ୍ ମାଲିକ ସଂଘ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଚଣ୍ଡିଖୋଲ ସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱ ଆୟୋଜିତ ଶପଥ ପାଠ ଉତ୍ସବରେ ସଭାପତି ଚନ୍ଦନ କୁମାର ନାୟକ, ଉପସଭାପତି ତୀର୍ଥବାସୀ ନାୟକ, ସଂପାଦକ ସନ୍ତୋଷ କୁମାର ରାଉତ, ସହ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବଳ, ମୁଖପାତ୍ର ମନୋରଞ୍ଜନ ନାୟକ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ନାୟକ, ବିନାୟକ ପଣ୍ଡା, ବିଭୁତି ଭୁଷଣ ଜେନା, ଚିତ୍ତ ରଞ୍ଜନ ମହାପାତ୍ର, ଅଟଳ ଜେନା, ନୃସିଂହ ଚରଣ ଓତା, ତ୍ରୈଲୋକ୍ୟ ନାୟକ, ସୀତାନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଉଚ୍ଚ ନ୍ୟାୟାଳୟ ଆଦେଶ ପାଳନ କରୁ ନାହାନ୍ତି ବିଇଓ

# ଅବସରପ୍ରାପ୍ତ ଶିକ୍ଷକ ପ୍ରାପ୍ୟରୁ ବଞ୍ଚିତ

**ପ୍ରୀତିପୁର,୨୭।୩(ସମିସ):**

ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୂଳ ଦରମା ପ୍ରାପ୍ୟର ବୈଷମ୍ୟ ଦୂର ପାଇଁ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆଦେଶ ବିଞ୍ଝାରପୁର ବିଇଓ ପାଳନ କରୁନାହାନ୍ତି ବୋଲି ଶିକ୍ଷକ ଜଣକ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର କପିଳା ବରପଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଯଦୁନାଥ ସାମଲ ତାଙ୍କର ଟିବିଏ ସ୍କେଲରେ ପାଉନାହାନ୍ତି। ସେ ପାଇଥିବା ଟିବିଏ ସ୍କେଲ ପେ' ଡିସିଆର୍‌ଜି ଠାରୁ ତା ୧.୭.୧୯୯୬ରୁ ୩୧।୭।୨୦୦୨ ପର୍ଯ୍ୟନ୍ତ ଫେରସ୍ତ ହୋଇଥିଲା। ଅବସର ପରେ ୪୪୦୦, ୬୦୦୦ରେ ଫିକ୍ସଡ ହୋଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଏହିପରି ଏକ ସାଦୃଶ୍ୟ ମାମଲାର ଅବତାରଣା କରାଯାଇ ଫେରସ୍ତକୁ ଭୁଲ ପଦକ୍ଷେପ ବୋଲି ବର୍ଣ୍ଣନା କରାଯାଇଛି। ବିନୋଦ ବିହାରୀ ଦାସ ନାମକ ଆବେଦନକାରୀ ୨୦୧୩ ମସିହାରେ ଓଡିଶା ପ୍ରଶାସନିକ ଟ୍ରିବ୍ୟୁନାଲରେ ଦାଏର କରିଥିବା ଓଏ ନଂ ୨୨୩୦ ଗତ ତା୧୯-୦୧-୨୦୧୮ରେ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇବା ପରେ କେସ୍‌ଟିକୁ ବନ୍ଦ କରି ଦେଇଥିଲେ। ରାୟରେ ଟ୍ରିବ୍ୟୁନାଲ ଡିସିଆରଜି ଠାରୁ ଫେରସ୍ତ ନେଇ ଦରମା ରିଫିକ୍ସେସନକୁ ତ୍ରୁଟିଯୁକ୍ତ ଦର୍ଶାଇ ସମଗ୍ର ଅବସର କାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ତଦନୁଯାୟୀ ଆବେଦନକାରୀ ବିନୋଦ ବିହାରୀ ଦାସ ସମସ୍ତ ପ୍ରାପ୍ୟ ପାଇଥିଲେ। ଉଚ୍ଚ ନ୍ୟାୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ସାମଲ ଡବ୍ଲୁ.ପି.(ସି) ନଂ ୨୯୭୮୮ ରୁଜୁ କରିଥିଲେ। ମାମଲାର ଶୁଣାଣି କରି ବିଚାରପତି ସମାନ ମାମଲାରେ ଓଡିଶା ପ୍ରଶାସନିକ ଟ୍ରିବ୍ୟୁନାଲଙ୍କର ପ୍ରଦତ୍ତ ଆଦେଶ ଗ୍ରହଣ କରି ଆବେଦନକାରୀ ଯଦୁନାଥ ସାମଲଙ୍କୁ ସମସ୍ତ ଅବସର ପ୍ରାପ୍ୟ ସେହିଭଳି ଭାବରେ ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ। ମାତ୍ର ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ହାଇକୋର୍ଟଙ୍କର ଆଦେଶର ଅନୁପାଳନ କରିବା ପରିବର୍ତ୍ତେ ଏହାକୁ ବେଖାତିର କରି ଚାଲିଛନ୍ତି। ତେବେ ଅବସର ପରେ ନାନା ସମସ୍ୟା ଓ ଶାରିରୀକ ରୋଗବ୍ୟାଧିରେ ଘାଣ୍ଟି ହେଉଥିବା ଯଦୁନାଥଙ୍କ ଠାରୁ ବିଇଓ ଓରିଜିନାଲ ସର୍ଭିସ ବୁକ ଓ ଅନ୍ୟ କେତେକ କାଗଜାତ୍ କଣ୍ଟ୍ରୋଲର ଅଫ ଆକାଉଣ୍ଟଙ୍କୁ ପଠାଇବା ପାଇଁ ନେଇ ଯାଇଥିବା ବେଳେ ଏବେ ଚୂପ ହୋଇ ବସି ରହିଛନ୍ତି। ବିଇଓଙ୍କ ପରେ ବିଇଓ ବଦଳି ଯାଉଛନ୍ତି ସିନା ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥଙ୍କ ଭାଗ୍ୟ ବଦଳୁ ନଥିବାରୁ ଏବେ ପ୍ରତିପକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ପାଇଁ ସେ ଅଣ୍ଟା ଭିଡିଲେଣି।

# ରାମ ନବମୀରେ ନଗର ସଂକୀର୍ତ୍ତନ



**ବାରିକପୁର,୨୭ ।୩(ସମିସ):** ପବିତ୍ର ରାମ ନବମୀ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ରାଧାଗୋବିନ୍ଦ ଧାମ ପକ୍ଷରୁ ନଗର ସଂକୀର୍ତନ ଅନୁଷ୍ଠିତ ହୋଇଯାଇଛି । ସାନ ମାଳଦା ହନୁମାନ ମନ୍ଦିର ଠାରୁ ସଂକୀର୍ତ୍ତନ ଯାତ୍ରା ବାହାରି କଲ୍ୟାଣପୁର ଛୋଟେଶ୍ୱର ମନ୍ଦିର ଓ ମାଳଦା ଜଗନ୍ନାଥ ବଜାର ପରିକ୍ରମା କରି ରାଧା ଗୋବିନ୍ଦ ଧାମରେ ଶେଷ ହୋଇଥିଲା । ଧାମରେ ପୂଜାର୍ଚ୍ଚନା ସହିତ ହରିନାମ ଆୟୋଜନ ହୋଇଥିଲା । ଗ୍ରାମର ମହିଳା, ପୁରୁଷ, ଯୁବକ ମାନେ ସଂକୀର୍ତନ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । କାର୍ଯ୍ୟକ୍ରମକୁ କ୍ଷୀରୋଦ ଦାସ, ରାମଚନ୍ଦ୍ର ମହାନ୍ତି, ବିପିନ ଦାସ, ଘନଶ୍ୟାମ ସାମଲ, ଲିଟନ ଦାସ, ରଜତ ଜେନା, ସୁରେନ୍ଦ୍ର ଦାସ, ମଣ୍ଟୁ ଜେନା, ସିଲୁ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଆନିକଟରେ ଚଇତି ଦୁର୍ଗାପୂଜା



**ବାରିକପୁର,୨୭ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଆନିକଟ ଠାରେ ଚଇତି ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି । ସବୁବର୍ଷ ଭଳି ଚଳିତ ବର୍ଷ ଭାବ ଭକ୍ତିର ସହିତ ପୂଜା ଆୟୋଜନ ହୋଇଥିଲା । ପୂଜକ ସୀତାକାନ୍ତ ମିଶ୍ର ଓ କାହ୍ନୁ ଚରଣ ପଣ୍ଡା ବୈଦିକ ରୀତିନୀତି ଅନୁଯାୟୀ ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥିଲେ । ଷଷ୍ଠୀ ଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ଏଥିରେ ବେଲ୍ୱ ଅଧିବାସ, ସପ୍ତମୀ ପୂଜା, ମହାଷ୍ଟମୀ ପୂଜା, ମହା ନବମୀ ଓ ଦଶହରା ପୂଜା ଅନୁଷ୍ଠିତ ହୋଇଥିଲା । ସଂକଳ୍ପ କର୍ତ୍ତା ଭାବେ ପ୍ରଦୀପ୍ତ ବେହେରା ଓ ରଞ୍ଜିତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜାରେ ନିକଟସ୍ଥ ଗ୍ରାମର ଶ୍ରଦ୍ଧାଳୁ ମାନେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ ।

# ଛୁଟି ଦିନରେ ମାଟି ଚୋରି ଅଭିଯୋଗ

**ବାରିକପୁର,୨୭ ।୩(ସମିସ):** ସରକାରୀ ଛୁଟି ପଡ଼ିଲେ ଭଣ୍ଡାରିପୋଖରୀ ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ବାଲି ଓ ମାଟି ଚୋରି ବୃଦ୍ଧି ପାଉଛି । ଏବେ ରାମ ନବମୀ, ଚତୁର୍ଥ ଶନିବାର ଓ ରବିବାର ତିନିଦିନ ଛୁଟି ଥିବା ହେତୁ ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି । ବିଶେଷ କରି ବେଆଇନ ମାଟି ଉତ୍ତୋଳନ ଓ ପରିବହନ ହେଉଥିବା ଜଣାଯାଇଛି । ଏବେ ମଞ୍ଜୁରୀରୋଡ଼, ରାଜେନ୍ଦ୍ରପୁର, ଆଖୁଆପଦା, ବନସ୍ତା, ବିରିଡି, ରଣଜିତ, ପାଟୁଳି ପ୍ରମୁଖ ସ୍ଥାନରୁ ମାଟି ଚୋରି ହେଉଥିବା ଅଭିଯୋଗ ମାନ ଆସିଛି । ଦିବାଲୋକରେ ଜେସିବି ଓ ଟ୍ରାକ୍ଟର ଯୋଗେ ଟ୍ରିପ ଟ୍ରିପ ମାଟି ଉତୋଳନ ହୋଇ ଚାଲାଣ ହେଉଛି । ବେସରକାରୀ ସ୍ଥାନ ସହିତ ସରକାରୀ ସ୍ଥାନ ଯଥା ଗୋଚର, ସ୍ମଶାନ, ଖେଳ ପଡିଆ, ଗ୍ରାମ୍ୟ ଜଙ୍ଗଲ, ନୟନଯୋରୀ ଓ ସର୍ବସାଧାରଣ ଗମନାଗମନ ପଥରୁ ମାଟି ଖୋଳାଯାଉଛି । ଏପରିକି କିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରୁ ବାରମ୍ବାର ଏହିଭଳି ମାଟି ଚୋରି ହେଉଥିଲେ ସୁଦ୍ଧା କେହି ଏହା ଉପରେ ଦୃଷ୍ଟି ନଦେବା ପରିତାପର ବିଷୟ ପାଲଟିଛି । ଅବାଧ ମାଟି ଚାଲାଣ ଯୋଗୁଁ ଧୀରେ ଧୀରେ ସମତଳ ଭୂଇଁ ଗର୍ତରେ ପରିଣତ ହେଉଥିବା ବେଳେ ଏଥିପାଇଁ ଅନେକ ସମୟରେ ଜନସାଧାରଣ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମଧୁଗଣେଶ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଅସୁରାଳି,୨୭ ।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତର ଗଡ଼ଗଡି ଗ୍ରାମରେ ଏକସପ୍ତାହ ଧରି ମଧୁଗଣେଶ ପୂଜା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗଡ଼ଗଡି ଗ୍ରାମରେ ଆଜକୁ ତିନିପୁରୁଷ ଧରି ମଧୁଗଣଷ ପୂଜା ପୂଜା ଏବଂ ଆଜକୁ ୩୮ ବର୍ଷ ଧରି ବିଶ୍ୱ ଶାନ୍ତି ମହାଜଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି. ଉକ୍ତ ଗ୍ରାମରେ ମହାସମାରୋହେ ଅନୁଷ୍ଠିତ ହେଉଥୁବା ମଧୁଗଣଷ ପୂଜାରେ ଗତକାଲି ସନ୍ଧ୍ୟା ଆଠ ଘଟିକା ସମୟ ମଧ୍ୟରେ ବିଦ୍ୟାଦାତା ପ୍ରଭୂ ଶ୍ରୀଗଣେଶଙ୍କୁ ଭାବପୂର୍ଣ୍ଣ ସହକାରେ ବିସର୍ଜନ କରାଯିବା ସହ ବିଶ୍ୱଶାନ୍ତି ମହାଯଜ୍ଞ ର ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ବିସର୍ଜନ ଏବଂ ଯଜ୍ଞର ପୂର୍ଣ୍ଣାହୁତି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ । ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।



# ନଈରେ ବୁଡ଼ି ଯୁବକ ମୃତ

**ଦୋଳସାହି,୨୭ ।୩(ସମିସ):** ତିହିଡ଼ି ଥାନା ଅଞ୍ଚଳରେ ଜଣେ ଯୁବକ ନଈରେ ବୁଡ଼ି ପ୍ରାଣ ହରାଇଛନ୍ତି । ତିହିଡ଼ି ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ କୁବେରା ପଞ୍ଚାୟତର ମହାଜିବ ସାଇ ଗ୍ରାମର ଧନେଶ୍ୱର ବଳଙ୍କ ଏକମାତ୍ର ଅବିବାହିତ ପୁତ୍ର ଅନୀଲ କୁମାର ବଳ(୩୪) ବୁଧବାର ସନ୍ଧ୍ୟାରେ ଶୌଚ ହେବାକୁ ନଈକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତଦେହ ଭାସୁଥିବା ଗ୍ରାମଲୋକ ଦେଖିବାକୁ ପାଇଥିଲେ । ଅନୀଲଙ୍କ ଅକାଳ ବିୟୋଗ ନେଇ ସାରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି । ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ

# ସହର ପରିକ୍ରମା କଲା ୧୦୮ ରୁ ଊର୍ଦ୍ଧ୍ୱ ମେଢ଼





**ଭଦ୍ରକ,୨୭ ।୩(ସମିସ):**

ଦୀର୍ଘ ୩ ଦିନର ହୋମଯଜ୍ଞ, ହନୁମାନ ଚାଳିଶା ପାଠ, ଶ୍ରୀରାମ ମହାନବମୀ ଯଜ୍ଞ ଆଦି କାର୍ଯ୍ୟ ସୁଚାରୂ ଭାବେ ସମ୍ପନ୍ନ ହୋଇ ଆଜି ଶେଷ ଦିନରେ ଏହି ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ ହୋଇଛି । ଭଦ୍ରକ ଗାନ୍ଧୀପଡ଼ିଆଠାରେ ୩ ଦିନ ଧରି ଚାଲିଥିବା ଯଜ୍ଞର ଆଜି ପୂର୍ଣ୍ଣାହୁତି କରାଯାଇଛି । ୬୦୦୮ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା, ଗୋମାତା ପୂଜନ ଓ ସାଧୁସନ୍ଥ ପୂଜନ କରାଯିବା ସାଙ୍ଗକୁ ଆରଡ଼ି ଅଯୋଧ୍ୟା ଧାମ, ଆଖଣ୍ଡଳମଣି ପୀଠ, ଯାଜପୁର ବିରଜା କ୍ଷେତ୍ର ଓ ମା' ଭଦ୍ରକାଳୀଙ୍କ ଠାରୁ ଆଜ୍ଞାମାଳ ଅଣାଯାଇ ଯଜ୍ଞକର୍ମ ଆରମ୍ଭ ହୋଇଥିଲା । ପ୍ରତ୍ୟହ ହନୁମାନ ଚାଳିଶା ପଠନ କରାଯାଇଥିଲା । ଏହି ଯଜ୍ଞର ପୂର୍ଣ୍ଣାହୁତି ଆଜି ଶେଷ ହେବା ସହ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ହୋଇଥିଲା । ମେଢ ପରିକ୍ରମାରେ ପ୍ରାୟ ୨ଲକ୍ଷରୁ ଅଧିକ ଭକ୍ତ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଜୟ ଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଭଦ୍ରକ ସହର । ବିଭିନ୍ନ ସଂଗଠନମାନଙ୍କ ପକ୍ଷରୁ ଭକ୍ତଙ୍କ ପାଇଁ ବିଭିନ୍ନ ପ୍ରକାରର ଶୁଖିଲା ଖାଦ୍ୟ, ପାନୀୟ, ଫଳ ଆଦି ବଣ୍ଟନ କରାଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ସଂକୀର୍ତନ କମିଟି ପକ୍ଷରୁ କରାଯାଇଥିବା ଶ୍ରୀରାମ ମେଢ ସବୁ ଆସି ନେହେରୁ ଷ୍ଟାଡିୟମରେ ପହଞ୍ଚିଥିଲା । ୧୦୮ ରୁ ଅଧିକ ମେଢ ଶୋଭାଯାତ୍ରାରେ ଗାନ୍ଧୀ ପଡ଼ିଆକୁ ଯାଇଥିଲା । ପୁରୁଣାବଜାର, ଚରମ୍ପା, ବଙ୍କସାହି, ଗେଲପୁର ଜାନୁଗଞ୍ଜ, ନଳାଙ୍ଗ ପ୍ରଭୃତି ଅଂଚଳରୁ ମେଢମାନ ଆସିଥିଲା । ସେହିଭଳି ଏହି ବିଶାଳ ଶୋଭାଯାତ୍ରାରେ ଭଦ୍ରକ ଜିଲ୍ଲାର ବହୁ ଅଂଚଳରୁ ସୁଦୃଶ୍ୟ ମେଢ ସହ ଶୋଭାଯାତ୍ରା ସାମିଲ ହୋଇ ବିଶାଳ ରୂପ ଧାରଣ କରିଥିଲା । ଏଥିଲାଗି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ବରିଷ୍ଠ ଉପଦେଷ୍ଟା ରାଜ୍ୟସଭା ସାଂସଦ ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଯୁବନେତା ସୂର୍ଯ୍ୟକୁମାର ଦାସ, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଯୁବନେତା ଅସିତ ପଟ୍ଟନାୟକ, ପ୍ରୟାସକାନ୍ତି ସାମଲ, ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଢିଆରୀ, ଗୋବିନ୍ଦ ରାଉତ, ସମ୍ପାଦକ ସ୍ୱାଧୀନସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ଅକ୍ଷୟ ସାହୁ, ନିରଞ୍ଜନ ସାହୁ, ଶିବଶଙ୍କର ଦାସ, ଜଗନ୍ନାଥ ଦାଶ, କହ୍ନେଇ ଚରଣ ଦାସ, ତ୍ରିଲୋଚନ ନାୟକ, ସୁବ୍ରତ ନାୟକ, ଶ୍ରୀହର୍ଷ ସ୍ୱାଇଁ, ଭାଗବତ ବାରିକ, ପୌରାଧକ୍ଷା ଗୁଲମକ୍କି ଦଲାୱାଜି ହବିବି, ଅମ୍ବିକା ଦାସ, ମନୋଜ ବସନ୍ତରାୟ, ଶାନ୍ତନୁ ମହାପାତ୍ର, ମୁକ୍ତିକାନ୍ତ ସାହୁଙ୍କ ସମେତ ବହୁ ରାମଭକ୍ତ ମେଢ଼ ଶୋଭାଯାତ୍ରାରେ ସାମିଲ ଥିଲେ । ସେହିଭଳି ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବିଧାୟକ ଲିକୁ ସାହୁ ମଧ୍ୟ ସଂକୀର୍ତନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଭଦ୍ରକରେ ପ୍ରସିଦ୍ଧ ଶ୍ରୀରାମ ନବମୀ ମହାଯଜ୍ଞର ଆଜି ହେଉଛି ପୂର୍ଣ୍ଣାହୁତି । ନଗର ସଙ୍କୀର୍ତନରେ ଲକ୍ଷଲକ୍ଷ ଭକ୍ତ ସାମିଲ ହୋଇଛନ୍ତି । ୧୦୮ ସୁସଜ୍ଜିତ ମେଢ଼ ନଗର ସଙ୍କୀର୍ତ୍ତନରେ ସାମିଲ ଅଛନ୍ତି ।

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଆଜି ପାଳିତ ହୋଇଛି । ଏହି ଉପଲକ୍ଷେ ଶ୍ରୀରାମ ଦୟା ପରିଷଦ ପକ୍ଷରୁ ପଣ୍ଡିତ ସନ୍ତୋଷ ଦାସଙ୍କ ପୌରାହିତ୍ୟରେ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶା ପଠନ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା ।ପୂଜକ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ବୈଦିକ ରୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମଞ୍ଜୁରୀରୋଡ଼ ରେଳ ଷ୍ଟେସନ ନିକଟରେ ରାମନବମୀ ପୂଜାପାଇଁ କଳସ ପୂଜା ଆୟୋଜିତ ହୋଇଥିଲା । ନାଆମୀ ଠାରେ ମୃଣ୍ମୟୀ ମୂର୍ତି ପୂଜାର୍ଚ୍ଚନା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରାଢୋ, ଖପୁରିଆପଦା, ପଟାପୋଲ ଠାରେ ବାର୍ଷିକ ରାମନବମୀ ପୂଜା ଉତ୍ସବ ପାଇଁ ଆଜି ଘଟସ୍ଥାପନା ହୋଇଛି ।ସ୍ଥଳ ବିଶେଷରେ ସାତ ଓ ନଅ ଦିନ ଧରି ପ୍ରଭୁ ଶ୍ରୀରାମଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ଜଣାଯାଇଛି ।

# ପୋଖରୀ କୂଳରେ ବୋରିଂ; ଜଳ ସଂରକ୍ଷଣ ନା ଅପଚୟ !

**ଦୋବଲ,୨୭।୩(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତର ଦକ୍ଷିଣ କୁରୁଆ ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଏଠାରେ ଥିବା ସରକାରୀ ପୋଖରୀ କୂଳରେ ବୋରିଂ କରାଯାଇଛି । ସେଠାରେ ମଧ୍ୟ ସିମେଣ୍ଟ ଓ ଇଟାରେ ପିଣ୍ଡି କରାଯାଇଛି । କେବଳ ଏହି ସ୍ଥାନ ନୁହେଁ, ବରଂ ଅନ୍ୟ ପଞ୍ଚାୟତର ଅନେକ ସ୍ଥାନରେ ଏଭଳି ବୋରିଂ ଖୋଳାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରକଳ୍ପ କେଉଁ ବିଭାଗର ଏବଂ ଏହାର ପ୍ରକୃତ ଉଦ୍ଦେଶ୍ୟ କ'ଣ, ସେନେଇ ସ୍ଥାନୀୟ ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି । ସରକାରୀ ନିୟମ ଏବଂ ବିଭିନ୍ନ ଯୋଜନା ଅନୁଯାୟୀ ଅନେକ ସମୟରେ ଭୂତଳ ଜଳସ୍ତର ବଢ଼ାଇବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କୃତ୍ରିମ ଜଳ ଭରଣ କୂଅ ନିର୍ମାଣ କରାଯାଏ । ଏଥିରେ ବର୍ଷା ଜଳକୁ ବୋରିଂ ମାଧ୍ୟମରେ ସିଧାସଳଖ ମାଟି ତଳକୁ ପଠାଯାଏ । ଯଦି ପୋଖରୀରେ ଜଳ କମ୍ ରହୁଥାଏ, ତେବେ ଚାଷ କାମ ପାଇଁ ବୋରିଂ କରି ପୋଖରୀକୁ ପାଣି ଦିଆଯାଏ କିମ୍ବା ପୋଖରୀ କୂଳରେ ଥିବା ଜମିକୁ ସେଚନ ପାଇଁ ଏହା ବ୍ୟବହୃତ ହୁଏ । ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଯଦି ଏହା ଜଳ ସଂରକ୍ଷଣ ପାଇଁ, ତେବେ ପୋଖରୀ କୂଳରେ ପାଇପ୍ ପାଣି ସହ କୌଣସି ସମ୍ପର୍କ ନାହିଁ । ଏହାର ଆବଶ୍ୟକତା କ'ଣ? ଅନ୍ୟପକ୍ଷରେ ଏଠାରେ ଏକ ସୂଚନାଫଳକଟେ ଅଛି, କିନ୍ତୁ ସେଥିରେ କୌଣସି ସୂଚନା ଲେଖାଯାଇ ନାହିଁ । ସୂଚନାଫଳକ ନ ଥିବାରୁ କାମର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନେକ ସ୍ଥାନରେ ଏମିତି ବୋରିଂ ହେଉଛି, କିନ୍ତୁ କିଏ କରୁଛି ବା କାହିଁକି ହେଉଛି କେହି ଜାଣିନାହାନ୍ତି । ସରକାରୀ ଅର୍ଥର ଏହା ସଦୁପଯୋଗ ନା କେବଳ ବିଲ୍ କରିବା ପାଇଁ ପ୍ରହସନ? ଏହି କାମ କରୁଥିବା ଠିକାଦାର ଆଲୋକ ସ୍ୱାଇଁଙ୍କ ସହ ଯୋଗାଯୋଗ କରିଥିଲୁ ମାତ୍ର ତାହା ସମ୍ଭବ ହୋଇପାରି ନ ଥିଲା । ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।



# ଦୁର୍ଘଟଣାର ହଟ୍‌ସ୍ପଟ୍ ପାଲଟିଛି ଏନ୍‌ଏଚ୍ ଡିଭାଇଡର

**ଭଣ୍ଡାରିପୋଖରୀ,୨୭।୩(ସମିସ):** ଭଣ୍ଡାରିପୋଖରୀ ଜାତୀୟ ରାଜପଥ (ଏନ୍‌ଏଚ୍) ଉପରେ ପାଳଦା ବାଙ୍କ ଚକବନ୍ଦୀ ପାଖରେ ଓଭରବ୍ରିଜ୍‌ର ମୁଣ୍ଡରେ ରାସ୍ତା ମଝିରେ ଥିବା ଡିଭାଇଡର ମୁକୁଳା ପଡ଼ିରହିଛି । ଯାହା ଫଳରେ ଲୋକେ ଉଭୟ ପଟ ରାସ୍ତାରେ ଯିବାଆସିବା କଲାବେଳେ ଏପଟସେପଟ ହେଉଥିବା ଦେଖିବାକୁ ମିଳିଛି । ଉକ୍ତ ରାସ୍ତାଟି ଅଙ୍କାବଙ୍କା ହୋଇଥିବା ହେତୁ ଜାତୀୟ ରାଜପଥ ଉପରେ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କୁ ଠିକ୍ ସେ ଦୃଶ୍ୟ ହୋଇ ନ ଥାଏ । ତେଣୁ ବାରମ୍ବାର ସେହି ଜାଗାରେ ବାଇକ୍ ଚାଳକଙ୍କ ସହ କେତେବେଳେ ମଧ୍ୟ ଟ୍ରାକ୍ଟର, ଗାଡ଼ି ସହ ଦୁର୍ଘଟଣା ହେଉଛି । ଏହି ସବୁ ଦୁର୍ଘଟଣାଗୁଡ଼ିକୁ ସ୍ଥାନୀୟ ପ୍ରଶାସନ କେବଳ ଏକ ମାମଲା ରୁଜୁ କରିଦେଇ ବସିଯିବା ଦେଖିବାକୁ ମିଳିଛି । କିନ୍ତୁ ପ୍ରତ୍ୟେକ ଦୁର୍ଘଟଣାବେଳେ ସ୍ଥାନୀୟ ବାସିନ୍ଦାମାନେ ଉକ୍ତ ଜାଗାରେ ମୁକୁଳା ପଡ଼ିଥିବା ଡିଭାଇଡରଟିକୁ ସଂଯୋଗ କରି ବନ୍ଦ କରିବା ପାଇଁ ଦାବି କରି ଆସୁଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ଏଥି ନିମନ୍ତେ ପଦକ୍ଷେପ ଗ୍ରହଣ କରି ଡିଭାଇଡରକୁ ବନ୍ଦ କରାଯାଉ ନାହିଁ । ଏଥିନିମନ୍ତେ ଡିବିଏଲ୍ କମ୍ପାନୀ ଅଧିକାରୀମାନଙ୍କୁ ମଧ୍ୟ ବାରମ୍ବାର ଅଭିଯୋଗ ହୋଇଛି । ତେଣୁ ଏହିସବୁ ସମସ୍ୟା ଉପରେ ଅନୁଧ୍ୟାନ କରାଯାଇ ସମାଧାନ କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ।



# ହରପାର୍ବତୀ ପୂଜା ଉଦ୍‌ଯାପିତ



**ବାରିକପୁର,୨୭ ।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାସ୍ଥିତ ପ୍ରସିଦ୍ଧ ହର ପାର୍ବତୀଙ୍କ ବାର୍ଷିକ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ପୂଜକ ପ୍ରହଲ୍ଲାଦ ପଣ୍ଡା ଓ ସୁଦାମ ଦାସଙ୍କ ତତ୍ତ୍ୱାବଧାନରେ ପୂଜା ନୀତି ସମ୍ପନ୍ନ ହୋଇଥିବା ବେଳେ ଏଥିରେ ସଂକଳ୍ପ କର୍ତ୍ତା ଭାବେ ଶରତ ଚନ୍ଦ୍ର ଜେନା ଓ ଶକୁନ୍ତଳା ଜେନା ଦାୟିତ୍ୱ ନିର୍ବାହ କରିଥିଲେ । ପୀଠରେ ଅଧିବାସ ହେବାପରେ ବୈତରଣୀରୁ କଳସ ଶୋଭାଯାତ୍ରା ଆୟୋଜନ ହୋଇଥିଲା । ପରେ ହରପାର୍ବତୀଙ୍କ ଅନ୍ନପୂର୍ଣ୍ଣା ପୂଜା ଓ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞରେ ଶ୍ରଦ୍ଧାଳୁମାନେ ଆହୁତି ଦେଇଥିଲେ । ପରମ୍ପରା ଅନୁଯାୟୀ ହରପାର୍ବତୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଆଖୁଆପଦା ସମେତ ଟିକରା, ହିଞ୍ଜିଳି, ଯଶୋଟିକିରି, ନେରଡ଼ା, ପୁରୀପଡ଼ା, ମିଟୁଆଣି, ଡାହାଲା ପ୍ରମୁଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ପୂଜାରେ ଯୋଗଦେଇଥିଲେ । ବାର୍ଷିକ ପୂଜା ଉତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିବା ବେଳେ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ପ୍ରଦର୍ଶିତ ହୋଇଛି ।

# ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ବନ୍ତ/ଆଗରପଡ଼ା,୨୭।୩(ସମିସ):** ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ତୁମ୍ବାପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବାବେଳେ ସାଧନକେନ୍ଦ୍ର ଅଧୀନ ୭ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଏହାଦ୍ୱାରା ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ସହଜ ଓ ସୁଗମ କରିବା ସହିତ ସରକାରଙ୍କ ଅଭିନବ ପ୍ରୟାସ ବୋଲି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି ଓ ମଙ୍ଗୁଳି ସରକାରୀ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ରାଉତ କହିଥିଲେ । ତୁମ୍ବାପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମଲ୍ଲିକ, ବୋଡ଼କ ମୁଆଜିବ ପିପିଏସ୍ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ବୋଡ଼କପାଟଣା ପିଏସ୍ ସ୍କୁଲର ସୂର୍ଯ୍ୟମଣି ଜେନା, ଏନ୍‌ୟୁପିଏସ୍, ଓଡ଼ଙ୍ଗ ବିଦ୍ୟାଳୟର ସନାତନ ଦାସ, ଗୋପାଳପୁର ୟୁଜିଏମ୍‌ଇ ବିଦ୍ୟାଳୟର ମାନସ ରଞ୍ଜନ ସେଠୀ, ମଙ୍ଗୁଳି ଏନ୍‌ୟୁପିଏସ୍ ବିଦ୍ୟାଳୟର ମହାମାୟା ଯେନା, ସରମରା ଉଚ୍ଚ ବିଦ୍ୟାଳୟର ତାପସ ଯେନା, ସରମରା ଉଚ୍ଚ ବିଦ୍ୟାଳୟର ଦିବ୍ୟଜ୍ୟୋତି ଯେନା, ଓଡ଼ଙ୍ଗ ଜେକେ ଏନ୍‌ୟୁପିଏସ୍ ବିଦ୍ୟାଳୟର ନୟନା ଜେନା ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କର୍ମଶାଳାରେ ଯୋଗଦେଇଥିଲେ ।

## ବଢୁଛି ଅବହେଳା

# ଡାକବଙ୍ଗଳାରୁ ବିଚ୍ଛିନ୍ନ ହେବ ବିଦ୍ୟୁତ୍ ସଂଯୋଗ

**ବନ୍ତ/ଆଗରପଡ଼ା,୨୭।୩(ସମିସ):**

ଅବହେଳିତ ହୋଇ ରହିଆସୁଥିବା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳା ଆଉ କିଛି ଦିନ ପରେ ବିଦ୍ୟୁତ୍ ସଂଯୋଗୀକରଣ ବିଚ୍ଛିନ୍ନ ହେବାକୁ ଯାଉଛି । ବକେୟା ବିଦ୍ୟୁତ୍ ବିଲ୍ ପୈଠ ହୋଇ ନଥିବାରୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ଆଗାମୀ ୩୦ ତାରିଖ ସୁଦ୍ଧା ବିଲ୍ ପୈଠ କରାନଗଲେ ସଂଯୋଗୀକରଣକୁ ବିଚ୍ଛିନ୍ନ କରାଯିବ ବୋଲି ଜଣାପଡ଼ିଛି । ଗତ ୨୦୧୧ ମସିହା ଡିସେମ୍ବର ମାସ ୧୯ ତାରିଖରେ ଡାକବଙ୍ଗଳା ପ୍ରତିଷ୍ଠା ହୋଇଥିଲା । ଇତି ମଧ୍ୟରେ ପ୍ରତିଷ୍ଠାକୁ ୧୪ବର୍ଷରୁ ଅଧିକସମୟ ବିତିସାରିଥିଲେ ସୁଦ୍ଧା ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।



ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ବିଭାଗର ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଉକ୍ତ ଡାକବଙ୍ଗଳାର ଉନ୍ନତି ପ୍ରତି ଦୃଷ୍ଟି ନ ଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ୩ ଗୋଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ବ୍ୟବସାୟିକ କେନ୍ଦ୍ର ଆଗରପଡ଼ା ହୋଇଥିବା ସ୍ଥଳେ ଉକ୍ତ ଡାକବଙ୍ଗଳା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସରକାରୀ କାର୍ଯ୍ୟରେ ଉକ୍ତ ଅଞ୍ଚଳକୁ ଜନନାୟକ ହୁଅନ୍ତୁ ବା କୌଣସି ବିଭାଗୀୟଅଧିକାରୀ କେହିବି ଆସିଲେ ଏଠାରେ ରହୁଥିବା ବେଳେ ଯେ କୌଣସି ସରକାରୀ କିମ୍ବା ବେସରକାରୀ ସଭା, ସମିତି ଆଦି ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ବେସରକାରୀ ଭାବେ କେହିବି ଉକ୍ତ ଡାକବଙ୍ଗଳାକୁ ଭଡ଼ା ସୂତ୍ରରେ ନେଲେ ତା' ବାବଦରେ ଅର୍ଥ ମଧ୍ୟ ପଇଠ କରିଥାନ୍ତି । ତେଣୁ ବିଭିନ୍ନ ସୂତ୍ରରୁ ଅର୍ଥ ମଧ୍ୟ ଆସିବାର ସମ୍ଭାବନା ଥିବା ବେଳେ ଏହାର ମରାମତି କରାନଯିବା ଆଉ ଏକ ପ୍ରଶ୍ନବାଚୀ । ସୂଚନାଯୋଗ୍ୟ ଦୈନିକ 'ସକାଳ'ରେ ବାରମ୍ବାର ଉକ୍ତ ଡାକବଙ୍ଗଳାର ସମସ୍ୟା ପ୍ରକାଶ ପାଇବା ପରେ ୨୦୨୩ ମସିହା ମେ' ମାସରେ ଜରାଜୀର୍ଣ୍ଣ ଡାକବଙ୍ଗଳାର ନବକଳେବର କରାଯାଇଥିଲା । ନବକଳେବର ବେଳେ ଗୃହକୁ ଖାଲି ରଙ୍ଗ ମାରି ବିଭାଗ ତାର କାମ ସାରିଦେଇଥିଲା । ବର୍ତ୍ତମାନ ନୂତନ ସରକାର ଏହାର ଚତୁଃପାର୍ଶ୍ୱରେ ଥିବା ପାଚେରିକୁ ଗେରୁଆମୟ କରିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରେ କୌଣସି ଉନ୍ନତି ଆଣିପାରିନାହାନ୍ତି । ଡାକବଙ୍ଗଳାକୁ ଘେରି ରହିଥିବା ପ୍ରଶସ୍ତ ଜାଗାରେ ବିଭିନ୍ନ ଗଛ ମାନ ଥିଲେ ସୁଦ୍ଧା ଏହାର ଦାଇତ୍ୱ ନିଆଯାଉ ନଥିବା ପରିଲକ୍ଷିତ ହେଉଛି । ଯାହାକି ଆଗାମୀ ଦିନରେ କୋ÷ଣସି ବିପଦକୁ ଆମନ୍ତ୍ରଣ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଯାଉଥିବା ଏହି ଡାକବଙ୍ଗଳାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବା ଓ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହେବା ଆଗରୁ ଏହାର ସ୍ଥାୟୀ ସମାଧାନ ପାଇଁ ବିଭାଗ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।



# ରାଜଧାନୀ ରାମମୟ



ଭୁବନେଶ୍ୱର, ୨୭।୩(ସମିସ): ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ଏକାମ୍ର କ୍ଷେତ୍ର। ଭକ୍ତଙ୍କ ଗହଣରେ ଜନ୍ମ ନେଇଛନ୍ତି ମର୍ଯ୍ୟାଦା ପୁରୁଷ ଶ୍ରୀମରାଚନ୍ଦ୍ର। ଏଥିପାଇଁ ରାଜଧାନୀର ବିଭିନ୍ନ ମଠ ମନ୍ଦିରରେ ସକାଳୁ ଗହଳି ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଶ୍ରୀରାମଚନ୍ଦ୍ରଙ୍କ ଦର୍ଶନ ପାଇଁ ସହରର ବିଭିନ୍ନ ରାମ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ସେହିପରି ୟୁନିଟ୍-୩ ରାମ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା କରାଯାଇଥିଲା।

ରାମ ମନ୍ଦିରରେ ଠାକୁରଙ୍କ ରୀତିନୀତି ଅନୁସାରେ, ନୀତିକାନ୍ତି କରାଯାଇଥିଲା। ରାମ ନବମୀ ଅବସରରେ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ଆକର୍ଷଣୀୟ ଭାବେ ସଜାଯାଇଥିଲା। ଏହାସହ ଭକ୍ତମାନେ କିଭଳି ଶାନ୍ତିଶୃଙ୍ଖଳାରେ ଦର୍ଶନ କରିବେ, ସେଥିପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ସହ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭିଡ଼ ନିୟନ୍ତ୍ରଣ କରିଥିଲେ। ଭୋର୍ ୫ଟା ୩୦ରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ରାମଚରିତ ମାନସ ପାଠ କରିବା ସହ ଦୀପ ଜଳାଇ ଦର୍ଶନ କରିଥିଲେ। ୭.୩୦ରେ ଶ୍ରୀଙ୍ଗାର ଆଳତି ପରେ ପରେ ଶ୍ରୀରାମ ଚରିତ ମାନସ ପାରାୟଣ ଦିନ ୧୦ଟା ଯାଏଁ ଚାଲିଥିଲା। ଏହାପରେ ହୋମଯଜ୍ଞ କାର୍ଯ୍ୟ କରାଯାଇଥିଲା। ଏହାପରେ ଠାକୁରଙ୍କ ନିକଟରେ ଭଜନ କିର୍ତ୍ତନ ୧୨ଟା ଯାଏଁ କରାଯାଇଥିଲା। ଏହାସହ ରାମନବମୀର ନୀତିକାନ୍ତି ପାଳନ ଆରମ୍ଭ ହୋଇଥିଲା। ୧୨ଟାରେ ଠାକୁରଙ୍କ ଜନ୍ମ ଉତ୍ସବ ଆଳତି, ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଯାହାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହ ପ୍ରଭୁ ଶ୍ରୀରାମ, ସୀତା ଏବଂ ଲକ୍ଷ୍ମଣଙ୍କ ଦିବ୍ୟ ଦର୍ଶନ କରିଥିଲେ। ଏହାପରେ ପୁଣି ୧.୩୦ରୁ ମନ୍ଦିର ଦର୍ଶନ ବନ୍ଦ ରହିଥିଲା। ପରେ ୪ଟାରେ ଭକ୍ତଙ୍କ ପାଇଁ ପହଡ ଖୋଲିଥିଲା। ୭ଟାରେ ସନ୍ଧ୍ୟା ଆଳତୀ କରାଯିବା ସହ ଦିନ ତମାମ ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ଭକ୍ତମାନେ ଯୋଗଦେଇ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ରାତି ପାଖାପାଖି ୧୦.୨୫ରେ ଭୋଗ ଆଳତୀ ପରେ ୧୦.୩୦ପରେ ଠାକୁରଙ୍କ ପହଡ଼ ପଡ଼ିଥିଲା। ଭକ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ପୁଲିସ ମୁତୟନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦିନ ସମୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମନ୍ଦିର ନିକଟରେ ପଣା ଓ ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



## ରାମ ନବମୀରେ କଳସ ଶୋଭାଯାତ୍ରା



ନନ୍ଦନକାନନ, ୨୭।୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଶ୍ରୀରାମ ସେନା ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ମହାସମାରୋହରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେଇଛି। ୨୬ ତାରିଖରୁ ୨୭ ତାରିଖ ଦୁଇଦିନ ବ୍ୟାପୀ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଛି। ୨୬ ତାରିଖ ଅପରାହ୍ଣରେ ଲୁମ୍ବିନୀ ବିହାରରୁ କଳସ ଶୋଭାଯାତ୍ରା ବାହାରି ହୋଇ ଶୈଳଶ୍ରୀ ବିହାର ଫେଜ ୨ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସନ୍ଧ୍ୟାରେ ପ୍ରବଚନ ସହ ରାମ ଲୀଳା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ସହ ପବିତ୍ର ଶ୍ରୀରାମ ନବମୀ ଦିନ ରାମଙ୍କ ଉଦ୍ଦେଶ୍ୟରେ ବିଶାଳ ପଦଯାତ୍ରା, ବାଇକ ରାଲି ଓ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଟ୍ରାଫିକ ସମସ୍ୟା ଓ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀ ନିୟୋଜିତ ହୋଇ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଶ୍ରୀରାମ ସେନାର ସୌମ୍ୟ ରଞ୍ଜନ ଜେନା, ତପନ କୁମାର ନାୟକଙ୍କ ସଂଯୋଜନାରେ ନିର୍ମଳ ପଣ୍ଡା, ସୂର୍ଯ୍ୟ ପ୍ରକାଶ ମହାନ୍ତି, ରଞ୍ଜନ ରାଉତ, ପ୍ରିୟବ୍ରତ ମହାପାତ୍ର, ଅରୁପ ଜେନାଙ୍କ ସମେତ ସେନାର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡଫେୟାର ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ



ଭୁବନେଶ୍ୱର, ୨୭।୩(ସମିସ): ଜି.ଏସ୍. ମାର୍କେଟିଂ ଆସୋସିଏଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ ଦ୍ୱାରା ଆୟୋଜିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ ଫେୟାର ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୬ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଜି.ଏସ୍. ମାର୍କେଟିଂ ଆସୋସିଏଟ୍ସର ଆସୋସିଏଟ୍ ଡାଇରେକ୍ଟର ଅନୁପମ ଘୋଷ ଏବଂ ଶିଳ୍ପ ଜଗତର ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ଓଡ଼ିଶା ଡେଭଲପର୍ସ ଫେଡେରେସନ୍‌ର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ରିଅଲ୍ ଇଷ୍ଟେଟ୍ ସଂସ୍ଥା ଅଂଶଗ୍ରହଣ କରି ସାମୂହିକ ଭାବେ ୧୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି। ଏହି ଏକ୍ସପୋ ପାଇଁ ପ୍ରବେଶ ଶୁଳ୍କ ୪୦ ଟଙ୍କା ରଖାଯାଇଛି ଏବଂ ଏହି ପ୍ରଦର୍ଶନୀ ୨୭ ମାର୍ଚ୍ଚରୁ ୪ ଏପ୍ରିଲ୍ ପର୍ଯ୍ୟନ୍ତ ଖୋଲା ରହିବ।

## ସେବାନିବୃତ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଅନୁଷ୍ଠାନର ବାର୍ଷିକ ସାଂସ୍କୃତିକ ଉତ୍ସବ



ଭୁବନେଶ୍ୱର, ୨୭।୩(ସମିସ): ଭୁବନେଶ୍ୱର ସ୍ଥିତ ଗୁରୁ କେଳୁ ଚରଣ ଓଡିଶୀ ରିସର୍ଚ୍ଚ ସେଣ୍ଟର ପ୍ରେକ୍ଷାଳୟରେ ବରିଷ୍ଠ ସେବାନିବୃତ୍ତ ବ୍ୟାଙ୍କ ଅଫିସରମାନଙ୍କ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ୟାବସାୟିକ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ଏହି ସଂସ୍ଥା ଗତ ୨୫ ବର୍ଷ ଧରି ସମାଜ ସେବା ଓ ଗଠନମୂଳକ କାର୍ଯ୍ୟରେ ସଂଶ୍ଲିଷ୍ଟ ହେବା ସହିତ କଳା, ସାହିତ୍ୟ, ସଙ୍ଗୀତ, ନାଟକ ଆଦି କ୍ଷେତ୍ରରେ ମଧ୍ୟ ସକାରାତ୍ମକ ଯୋଗଦାନ ଦେଇ ଆସିଛି।

ଏ ବର୍ଷର ବାର୍ଷିକ ଉତ୍ସବ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭରପୁର ଥିଲା। ପ୍ରଥମେ ଜଗନ୍ନାଥ ବନ୍ଦନା ପରେ ଡ଼ଃ ଗୀତିକା ପଟ୍ଟନାୟକ କି ବୋର୍ଡରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ତତ୍ ପଶ୍ଚାତ ସୁଲଳିତ କଣ୍ଠରେ ଅନୁଷ୍ଠାନର ସଭ୍ୟ ଓ ସଭ୍ୟାମାନେ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟ ସଙ୍ଗୀତ, ବିଭିନ୍ନ ଶୈଳୀର ନୃତ୍ୟ ଓ କବାଲି ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୃତ୍ୟଶିଳ୍ପୀ ସିକତା ଦାସଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା "ଛୋଟ ମୋର ଗାଁ ଟି" କାର୍ଯ୍ୟକ୍ରମ। ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଅବୁଝା ରାଜାକୁ ପାଳବିଣ୍ଡା ମନ୍ତ୍ରୀ'। ସୁବାସ ମହାପାତ୍ରଙ୍କ ଦ୍ୱାରା ରଚିତ ଏହି ବ୍ୟଙ୍ଗାତ୍ମକ ନାଟକର ନିର୍ଦ୍ଦେଶନା ଦେଇଥିଲେ ଜଗଦାଶ ମହାରଣା, ମାନସ ପରିଡ଼ା ଓ ଅମରଦୀପ ମହାନ୍ତି। ଅନୁଷ୍ଠାନର ସଭାପତି ଅମୃତନାଥ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ଡ଼ଃ ମନୋରଞ୍ଜନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗ ବିହାରରେ ରାମନବମୀ ଉତ୍ସବ



ଭୁବନେଶ୍ୱର, ୨୭।୩(ସମିସ): ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମତିଥି ଅବସରରେ କେ-୪ କଳିଙ୍ଗ ବିହାରରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶହଶହ ରାମଭକ୍ତଙ୍କ ଉପସ୍ଥିତିରେ ଶଙ୍ଖଧ୍ୱନୀ, ପୂଜାପାଠ ଓ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ପୂଜା ଶେଷରେ ୨ ହଜାର ଭକ୍ତଙ୍କୁ ପ୍ରସାଦ ସେବନ କରାଯାଇଥିଲା।

## ସୀତାରାମ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ



ଭୁବନେଶ୍ୱର, ୨୭।୩(ସମିସ): ସୀତାରାମ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଜିଉଙ୍କର ଶ୍ରୀରାମ ନବମୀ ଉତ୍ସବ ପାରମ୍ପରିକ ରିତିନୀତି ଅନୁଯାୟୀ ପାଳିତ ହୋଇଛି। ସକାଳ ୫.୩୦ରେ ମଙ୍ଗଳ ଆଳତୀ, ମହାଆଳତି, ମହାସ୍ନାନ, ସମୂହ ଶ୍ରୀରାମ ଚରିତ ପାଠ, ଶ୍ରୀରାମ ଖେଚୁଡି ପ୍ରସାଦ ତଥା ଚାଳିଶା ପାଠ କରାଯାଇଥିଲା। ସନ୍ଧ୍ୟା ୭ଟାରେ ରାମ ଚରିତ ମାନସ ପ୍ରବଚନ ପରେ ପରେ ରାତି ୧୦.୩୦ରେ ପ୍ରଭୁଙ୍କର ପହଡ କାର୍ଯ୍ୟ ସମାପନ କରାଯାଇଥିଲା। ଏହି ଉତ୍ସବରେ ଶହ ଶହ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ ବୋଲି ପରିଷଦର ସମ୍ପାଦକ ପ୍ରଫୁଲ୍ଲ କୁମାର ସେନାପତି ସୂଚନା ଦେଇଥିଲେ।

## ମୁଣ୍ଡମୁହାଣରେ ରାମନବମୀ ଆରମ୍ଭ ହେଲା ରାମ ନାଟକ

ଝାଁଲା, ୨୭।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ମୁଣ୍ଡମୁହାଣ ଗ୍ରାମର ରଘୁନାଥ ମନ୍ଦିର ପରିସରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭୋର ୪ଟାରେ ପ୍ରଭୁ ଶ୍ରୀ ରଘୁନାଥ ଦେବଙ୍କ ପହଡ଼ ଖୋଲିବା ପରେ ବିଧି ଅନୁସାରେ ସକାଳ ସାଢେ ୫ଟା ସୁଦ୍ଧା ସମସ୍ତ ନୀତିକାନ୍ତି ସରିଥିଲା। ନୀତିକାନ୍ତି ସରିବା ପରେ ରାମ ଲୀଳା ନାଟକ ପାଇଁ ବ୍ରତଧାରୀ ଙ୍କୁ ସଂକଳ୍ପ କରାଯାଇ ବ୍ରତ ଧାରଣ କରାଯାଇଥିଲା। ରଘୁନାଥ ଦେବଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା, ସ୍ଥାନୀୟ ମୁଣ୍ଡମୁହାଣ, ଝାଁଲା, ଓଗାଳପଡ଼ା, ଗୋପାଳପୁର, କାଶିପୁର, ଅରିସଲ, ଗକ୍ଷଙ୍ଗପଡ଼ା, ଛେଲଦା ଆଦି ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା, ପ୍ରବଳ ଖରା ସତ୍ତ୍ୱେ ଦିନ ପ୍ରାୟ ଦୁଇଟା ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିରହିଥିଲା, ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମାକୁ ବାଜା, ବାଣ, ରୋଷଣି କରି ପାରମ୍ପରିକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା, ସେହିପରି ଆଜକୁ ୮୧ ବର୍ଷ ଧରି କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ଲାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ରାମ ନାଟକ ଦୀର୍ଘ ୧୪ ଦିନ ବ୍ୟାପି ପରିବେଷଣ କରାଯିବ, ଆଜି ପ୍ରଥମ ରଜନୀରେ ଶ୍ରୀ ହନୁମାନ ଜନ୍ମ ଓ ଶ୍ରୀ ପୁରୁଷୋତ୍ତମ ରଘୁନାଥ ଜୀଉଙ୍କ ଜନ୍ମୋତ୍ସବର ଦୃଶ୍ୟକୁ କଳା କାରମାନେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିବାବେଳେ ଶ୍ରଦ୍ଧାଳୁମାନେ ଦେଖି ବିମୋହିତ ହୋଇଥିଲେ, ଆଜି ନାଟକରେ ଦଶରଥ ଭୂମିକାରେ ଦାଶରଥି ସ୍ୱାଇଁ, କୌଶଲ୍ୟ ଭୂମିକାରେ ସଞ୍ଜୟ ପରିଡ଼ା, କୈକେଇ ଭୂମିକାରେ ପ୍ରମୋଦ ମହାପାତ୍ର, ଅଞ୍ଜନା ଭୂମିକାରେ ପ୍ରସନ୍ନ ପରିଡ଼ା, ପବନ ଭୂମିକାରେ ରବୀନ୍ଦ୍ର ବାରିକ୍, ସୁମିତ୍ରା ଭୂମିକାରେ କୁନା ପ୍ରଧାନ, ଇନ୍ଦ୍ର ଭୂମିକାରେ ରବୀନ୍ଦ୍ର ପ୍ରଧାନ, ବ୍ରହ୍ମା ଭୂମିକାରେ ବେଣୁଧର ପ୍ରଧାନଙ୍କ କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଆକର୍ଷଣୀୟ କରିଥିଲା।






ଏସବିଆଇର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱରସ୍ଥିତ ୧୨୦ ବ୍ୟାଟାଲିୟନକୁ ଏକ ୬ ସିଟର ଇଲେକ୍ଟ୍ରିକ୍ ଭେହିକଲ୍ ଏବଂ ରାଜଧାନୀର କ୍ୟାପିଟାଲ୍ ହସ୍ପିଟାଲକୁ ବିଭିନ୍ନ ପ୍ରକାରର ଚିକିତ୍ସା ଉପକରଣ ପ୍ରଦାନ କରାଯାଇଛି। ଏହି ହସ୍ତାନ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଜିଏମ୍ ଏ.ଡି. ରତ୍ନ ତେଜା, ଡିଜିଏମ୍ ପ୍ରଶାନ୍ତ କୁମାର ଏବଂ ଆର୍‌ଏମ୍ ଅନିଲ୍ କୁମାର ମିଶ୍ର ଉପସ୍ଥିତ ଥିଲେ।

## ମହାନଗରସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ



ଭୁବନେଶ୍ୱର, ୨୭।୩(ସମିସ): ବରମୁଣ୍ଡା ସ୍ଥିତ ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁକ୍ତ ୨ ସ୍ତରର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏକ ଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ରେଡକ୍ରସ୍ ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଏବଂ ରାଜ୍ୟ ଯୁବରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ. ସରୋଜ କାନ୍ତ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଡ. ବି ଗୋବିନ୍ଦ ରାଓ ଏବଂ ଡ. ଦିଲ୍ଲୀପ କୁମାର ଭୋଇ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ମନ୍ମଥ ନାଥ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁବ ରେଡ କ୍ରସ ପରାମର୍ଶ ଦାତା ଡ. ସମୀର କୁମାର ପାତ୍ର କାର୍ଯ୍ୟକ୍ରମରେ ଧନ୍ୟବାଦ୍ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୧୨ଟି ମହାବିଦ୍ୟାଳୟର ୧୨୦ ଜଣ ସ୍ୱେଚ୍ଛାସେବୀ ଏବଂ ପରାମର୍ଶ ଦାତା ଯୋଗ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସତ୍ୟ ସାଇ ସଂଗଠନ ଭୁବନେଶ୍ୱର ଶାଖା ଦ୍ୱାରା ସିପିଆର ଶିକ୍ଷା ପ୍ରଦାନ୍ କରାଯାଇ ଥିଲା। ସ୍ୱେଚ୍ଛାସେବୀମାନଙ୍କୁ ଦୁର୍ଘଟଣା ସମୟରେ ତ୍ୱରିତ ସହାୟତା ପ୍ରଦାନ, ଅଚେତ ବ୍ୟକ୍ତିକୁ ସହାୟତା ପ୍ରଦାନ, ଜୀବନ ରକ୍ଷା କରିବାର ଉପାୟ, ରକ୍ତସ୍ରାବ, ଅସ୍ଥି ଭଙ୍ଗ, ଅଂଶୁଘାତ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

## ପରଲୋକରେ ଶୂନ୍ୟବାସୀ

ଭୁବନେଶ୍ୱର, ୨୭।୩(ସମିସ): ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ପାଇକରାପୁର ଗ୍ରାମର ଶୂନ୍ୟବାସୀ ମହାରଣାଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ଥିଲା ବେଳେ ଗତକାଲି ବିଳମ୍ବିତ ରାତିରେ ଶୋଇଥିବା ବେଳେ ତାଙ୍କର ପରଲୋକ ଘଟିଛି। ଶୂନ୍ୟବାସୀଙ୍କ ଶେଷଦର୍ଶନ ପାଇଁ ପାଇକରାପୁର ଗ୍ରାମରେ ଲୋକଙ୍କ ଭିଡ଼ ଜମିଥିଲା। ସେ ସରକାରୀ ଚାକିରିରୁ ଅବସର ନେବା ପାଇଁ ଗ୍ରାମାଞ୍ଚଳରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ତଥା ପ୍ରତିଷ୍ଠିତ ଶିକ୍ଷକ ଗୁଣନିଧି ମହାରଣା, ପୁତ୍ର ଅଭିମନ୍ୟୁ ମହାରଣା, ପୁରୁଷୋତ୍ତମ ମହାରଣା, ବିରଞ୍ଚି ମହାରଣା ଉପସ୍ଥିତ ଥିଲେ।

## ବିଶ୍ୱ ନାଟ୍ୟ ଦିବସରେ ସଂସ୍କୃତିର ପଦଯାତ୍ରା

ଝାଁଲା, ୨୭।୩(ସମିସ): ଆଜି ବିଶ୍ୱ ନାଟ୍ୟ ଦିବସ ଅବସରରେ ଇନ୍ଦ୍ରଧନୁ ଥିଏଟର ତରଫରୁ ଏହାର କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ ପଦଯାତ୍ରା ପରିବେଷଣ କରାଯାଇଥିଲା। ଇନ୍ଦ୍ରଧନୁ ଥିଏଟର ପ୍ରାଙ୍ଗଣରେ ପଦଯାତ୍ରାକୁ ସମାଜସେବୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରଦୋଷ ଜେନା ଏବଂ ଅନୁଷ୍ଠାନର ସଦସ୍ୟ ଜ୍ଞାନେନ୍ଦ୍ର କୁମାର ସେନାପତି, କିରିଟୀ ସାମନ୍ତରାୟ, ବରିଷ୍ଠ କଳାକାର ରବି ରାୟ, ମହେନ୍ଦ୍ର ପଟ୍ଟନାୟକ ଏବଂ ଇନ୍ଦ୍ରଧନୁର ପ୍ରତିଷ୍ଠାତା ନାଟ୍ୟକାର ତଥା ନିର୍ଦ୍ଦେଶକ ଶ୍ରୀବତ୍ସ ମହାନ୍ତି ଉଦଘାଟନ କରିଥିଲେ। କଳାକାରମାନେ ବିଶ୍ୱନାଟ୍ୟ ଦିବସର ପ୍ଲାକାର୍ଡ ଏବଂ ବ୍ୟାନର୍ ଧରି ବିଭିନ୍ନ ପ୍ରକାର ବେଶରେ ସୁସଜ୍ଜିତ ହୋଇ ସାଂସ୍କୃତିକ ପଦଯାତ୍ରା କରି ଥିଏଟର, ମଞ୍ଚ ନାଟକ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ସହିତ ପୁନର୍ବାର କିଭଳି ଦର୍ଶକମାନେ ଟିକଟ କାଟି ମଞ୍ଚନାଟକ ତଥା ଥିଏଟର ମନସ୍କ ହେବେ ସେଥିପାଇଁ ନିବେଦନ କରିଥିଲେ। ଏଥିରେ ବହୁତ ସଂଖ୍ୟାରେ ପୁରୁଷ, ନାରୀ ଏବଂ ଶିଶୁ କଳାକାରମାନେ ଯୋଗ ଦେଇଥିଲେ।




## ମାଉଣ୍ଟ୍ ଲିଟେରା ଜୀ ସ୍କୁଲ୍‌ରେ 'ଏକ ପେଡ୍ ମାଆ କେ ନାମ୍'



ଭୁବନେଶ୍ୱର, ୨୭।୩(ସମିସ): ମାଉଣ୍ଟ୍ ଲିଟେରା ଜୀ ସ୍କୁଲ୍ ପରିସରରେ 'ଏକ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟର ପ୍ରଫୁଲ୍ଲ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଭାରେ ଲାୟନ୍ସ କ୍ଲବ୍ ସଭାପତି ପ୍ରସନ୍ତ କୁମାର ପରିଡ଼ା, ଏସ୍‌ବିଆଇ ଏଜିଏମ୍ ରତ୍ନ ତେଜା, ଡିଜିଏମ୍ ପ୍ରସାନ୍ତ କୁମାର, ଆର୍‌ଏମ୍ ଅନିଲ୍ କୁମାର ମିଶ୍ର ଏବଂ ଅମିତାବ ଦାସଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ସଚେତନତା ଓ ମାତୃତ୍ୱର ସମ୍ମାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଆନ୍ତଃ ଆଇନ ମହାବିଦ୍ୟାଳୟ ପ୍ରତିଯୋଗିତା; ରାଉରକେଲା କଲେଜର ସଫଳତା



**ରାଉରକେଲା, ୨୭।୩(ସମିସ):** କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଆନ୍ତଃ ଆଇନ ମହାବିଦ୍ୟାଳୟ ଦୁଇ ଦିନିଆ ମୁଟକୋର୍ଟ ପ୍ରତିଯୋଗିତାରେ ରାଉରକେଲା ଆଇନ ମହାବିଦ୍ୟାଳୟ ଛାତ୍ର ସଫଳତା ଅର୍ଜନ କରିଛନ୍ତି। ୩୬ ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ଏହି ପ୍ରତିଯୋଗିତାରେ ରାଉରକେଲା ଆଇନ ମହାବିଦ୍ୟାଳୟର ଛାତ୍ର ଚିନ୍ମୟ ନାରାୟଣ ପ୍ରଧାନ ଶ୍ରେଷ୍ଠ ବକ୍ତା ଭାବେ ପୁରସ୍କୃତ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏଥିସହ ଛାତ୍ର ଅମିତ ପାତ୍ର ଓ ଛାତ୍ରୀ ତାନିୟା ୱାର୍ଷି ଭାଗ ନେଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଭାରପ୍ରାପ୍ତ ଅଧକ୍ଷା ଡ. ସମ୍ପାଦିକା ମହାନ୍ତି, ପରିଚାଳନା ସମିତିର ସଭାପତି ଯତୀନ୍ଦ୍ର ନାୟକ, ହରଦୀପ ସିଂହ ଉପସ୍ଥିତ ରହି ସଫଳତା ଆଣିଥିବା ଛାତ୍ରଛାତ୍ରୀମାନଙ୍କୁ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଇଁ ପ୍ରସ୍ତୁତି



**ରାଉରକେଲା, ୨୭।୩(ସମିସ):** ସୁନ୍ଦରଗଡ଼ ସଦଭାବନା ଭବନଠାରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଦେଶାତୋବାଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହେବ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଭାତଫେରି କରାଯିବ। ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବା ସହ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ଆଲୋକମାଳାରେ ସାଜସଜ୍ଜା କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜିତ ହେବ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଓଡ଼ିଶା ଦିବସ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ।

# ଜିଲ୍ଲାସ୍ତରୀୟ ସଚେତନତା ଶିବିର




**ବଣାଇଁ, ୨୭।୩(ସମିସ):** ବଣାଇଁଗଡ଼ ବ୍ଲକ ବଡ ଗୋଗୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ ଗୋଗୁଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ଖରସେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବଣାଇଁଗଡ଼ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ, ସିଡିପିଓ ବୀଣାପାଣି ନାୟକ, ସୁନ୍ଦରଗଡ଼ ଡିପିଓ ଜିତେନ୍ଦ୍ରିୟ ମୁଣ୍ଡା, ଗୋଷ୍ଠୀ ସହକାରୀ ଶିକ୍ଷା ଅଧିକାରୀ ବାବୁରାମ ମାହାନ୍ତ, ସରପଞ୍ଚ ଲଳିତ କୁମାର କିସାନ ଓ ଏଡିଓ ସୀତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ମତ୍ସ୍ୟ, ଶିକ୍ଷା, ପଶୁପାଳନ ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର ସାଗର ଟୁଟୁମ, ପିଏଆଇଟିଡିଏର ପୂର୍ଣ୍ଣଚନ୍ଦ୍ର ମନ୍ତ୍ରୀ, ଚକ୍ଷୁ ବିଭାଗର ରିମା ସୁରେନ, କୃଷି ଅଧିକାରୀ ଶାଳିନୀ ମାହାନ୍ତି, ପଶୁ ଚିକିତ୍ସା ବିଭାଗର ହିମାଳୟ ସାହୁ, ସ୍ୱାସ୍ଥ୍ୟ ବିଭାଗର ଜୟପ୍ରିୟା ପ୍ରଧାନ ଓ ମତ୍ସ୍ୟ ବିଭାଗର ସୁନିତା କିଣ୍ଡୋ ସହ ଅନ୍ୟାନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବଡ ଗୋଗୁଆ ପଞ୍ଚାୟତର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ।

## ସୀମାନ୍ତ ଗାଁରେ ବିକାଶର ନଗ୍ନ ଚିତ୍ର

# କଦମଡିହକୁ ଅପହଞ୍ଚ ଯୋଜନା; ଶତାଧିକ ଶିଶୁଙ୍କୁ ଅପପୁଷ୍ଟି

**ରାଉରକେଲା/କୋଇଡା, ୨୭।୩(ସମିସ)**

କୋଇଡା ବ୍ଲକର ଅନେକ ଗାଁକୁ ସ୍ୱାଧୀନତାର ୭୮ ବର୍ଷ ପରେ ବି ବିକାଶ ଛୁଇଁପାରିନି। ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ହେଲେ ଏ ସମସ୍ତ ଯୋଜନା ସେହି ଗାଁ ଗୁଡିକକୁ ଅପହଞ୍ଚ ହୋଇରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି

## ଡିଏମ୍ଏଫ୍ ପାଣ୍ଠିର ଗତି କୁଆଡେ ?

କୋଇଡା ବ୍ଲକର ପାଟମୁଣ୍ଡା ପଞ୍ଚାୟତର କଦମଡିହ ଗାଁ। ଏହି ଗାଁର ଲୋକଙ୍କ ପାଇଁ ଏବେ ବି ରାସ୍ତାଘାଟ, ବିଜୁଳି ଆଲୁଅ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ଅପହଞ୍ଚ ହୋଇ ରହିଛି। ଖାଦ୍ୟାଭାବରୁ ଶତାଧିକ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ନଜରକୁ ଆସିଛି। ସୂଚନାଯୋଗ୍ୟ, ଯେ ସ୍ୱାଧୀନ ଭାରତର ପରାଧୀନ ଗାଁ କଦମଡିହି ବ୍ଲକ ହେଡକ୍ୱାର୍ଟର୍ସରୁ ୧୮ କିଲୋମିଟର ଓ ପଞ୍ଚାୟତ ହେଡକ୍ୱାଟର୍ସ ପାଟମୁଣ୍ଡା ରୁ ୧୨ କିଲୋମିଟର ଦୂର ପାହାଡ ଜଙ୍ଗଲ ଘେରରେ ରହିଛି। ଗ୍ରାମ ପଞ୍ଚାୟତ ହେଡକ୍ୱାର୍ଟର୍ସକୁ ଯିବାକୁ ଗ୍ରାମବାସୀଙ୍କୁ ବିପଦସଙ୍କୁଳ ପଥୁରିଆ ରାସ୍ତାରେ ଚାଲି ଚାଲି ଯିବାକୁ ପଡୁଛି। ଏହି ଗାଁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲା ସୀମାରେ ଅବସ୍ଥିତ। ସ୍ୱାଧୀନତା ପରେ ଆଜି ପର୍ଯ୍ୟନ୍ତ ଗାଁକୁ ବିଜୁଳି ପହିଞ୍ଚିନି। ଏହାବ୍ୟତିତ ଗାଁକୁ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ମଧ୍ୟ ସାତ ସପନ ହୋଇରହିଛି। ଏ ଗ୍ରାମକୁ ସରକାରଙ୍କ ଆମ୍ବୁଲାନ୍ସ, ସ୍କୁଲ ବସ୍, ଆସୁନଥିବା





ବେଳେ ମେଗା ପାନୀୟଜଳ ପ୍ରକଳ୍ପ ତାଲିକାରେ ଏ ଗ୍ରାମର ନାଁ ନାହିଁ। ନିକଟରେ ଏକ ଖଣି ଖୋଲିବାରୁ ଗ୍ରାମର ଉପର ଭାଗରେ କିଛି ସୋଲାର ଲାଇଟ୍ ଓ କିଛି ସୋଲାର ବୋରୱେଲ୍ ଯୋଗାଇଦିଆଯାଇଛି। ହେଲେ କେନ୍ଦୁଝର ଜିଲ୍ଲା ସୀମାକୁ ଲାଗି ତଳ ଭାଗରେ ରହିଥିବା ଏହି ଗାଁରେ କିଛି ନାହିଁ। କେନ୍ଦୁଝର ପଟରେ ରହିଥିବା ଏହି ଗାଁର ଅଂଶରେ ଏକ ସୋଲାର ବୋରୱେଲ୍ ସହିତ ୫୦୦୦ ଲିଟର ଟାଙ୍କି କେନ୍ଦୁଝର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଯେଉଁଠି କେନ୍ଦୁଝର ଓ ସୁନ୍ଦରଗଡ଼ ସୀମାରେ ଥିବା ଉଭୟ ଶତାଧିକ ପରିବାର ପାନୀୟଜଳ ସଂଗ୍ରହ କରନ୍ତି, କିନ୍ତୁ ଗାଧୋଇବା, ଶୌଚ, କପଡ଼ାଧୁଆ ପାଇଁ ୪୦ ବର୍ଷ ପୂର୍ବେ ସୁନ୍ଦରଗଡ଼ ପଟ ନିର୍ମାଣ ହୋଇଥିବା ପଖୋରୀ ହିଁ ଦୁଇ ଜିଲ୍ଲାର ଭରସା। ଏମିତିକି ମେଘୁଆ ପାଗ, ବର୍ଷା ଦିନେ ସମସ୍ତେ କେବଳ ଏହି ପୋଖରୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପୋଖରୀ ପାଖରେ ଏକ ଚୁଆ ସାହାର୍ଯ୍ୟରେ ପାନୀୟଜଳ ଆଣି ଥାଆନ୍ତି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଦୀର୍ଘ ୪୦ ବର୍ଷ ଧରି ପୋଖରୀ ପଙ୍କ ଉଦ୍ଧାର ନ ହେବା ଫଳରେ ଏବେ ଛୋଟ ଶିଶୁ ଠାରୁ ନେଇ ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା ସମସ୍ତେ ଜଟିଳ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାକୁ ଯେତେ ଉପଚାର କଲେ ମଧ୍ୟ ଭଲ ହେଉନି ବୋଲି ଅଭିଯୋଗ କରିଛନ୍ତି। ଏପରି ଅବସ୍ଥାରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଅଞ୍ଚଳବାସୀ। ସେପଟେ କଦମଡିହ ଗାଁରେ ପ୍ରଥମରୁ ଅଷ୍ଟମ ଯାଏଁ ବିଦ୍ୟାଳୟ ରହିଛି। କିନ୍ତୁ ବିଡମ୍ବନାର ବିଷୟ ଏଠିକାର ଛାତ୍ରଛାତ୍ରୀ ହୁଅନ୍ତୁ ବା ଶିକ୍ଷକ ଶିକ୍ଷୟିତ୍ରୀ ପାଣି ବା ଶୌଚ ପାଇଁ ସେହି ଝରଣା ପାଣିକୁ ଭରସା କରନ୍ତି। ଗ୍ରାମରେ ପ୍ରାୟ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ନିର୍ମିତ ହୋଇଛି, ପାଣି ନଥିବାରୁ ସେଗୁଡିକ ଅଚଳ ହୋଇପଡ଼ିଛି। ଏବେ ସେ ସବୁଥିରେ ଲୋକେ ଜାଳକୁଟା ରଖୁଛନ୍ତି। ଅପରପକ୍ଷେ ଯେଉଁ ଗ୍ରାମରେ ଭୋକ ବିକଳରେ ଲୋକେ ମୁଠାଏ ଦାନା ପାଇଁ ସଂଘର୍ଷ କରି ଆସୁଛି, ଯେଉଁଠି ପିଇବା ପାଣି ପାଣି ଟୋପେ ନାହିଁ, ଗାଁ ମୁଣ୍ଡର ଝରଣା ପାଣି ହିଁ ଭରସା, ଯେଉଠିଁ ବିଜୁଳି ନାହିଁ, ଡିବିରି ଆଲୁଅ ଭରସା, ସେଠି ଇଟା ବାଲି ସିମେଣ୍ଟ ତିଆରି ଶୌଚାଳୟ ଗ୍ରାମ ଲୋକଙ୍କ ପାଇଁ ଉପହାସ ନୁହେଁ ତ ଆଉ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତୂରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ■ ସଲଙ୍ଗାବୁଡ଼ ପଞ୍ଚାୟତ ହାଇସ୍କୁଲ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣା

# ମେଡିକାଲରେ ସ୍ୱାସ୍ଥ୍ୟବସ୍ଥା ବୁଝିଲେ ବିଜେଡି ପ୍ରତିନିଧି ମଣ୍ଡଳୀ



**ରାଉରକେଲା, ୨୭।୩ (ସମିସ):** ଆଜି ସୁନ୍ଦରଗଡ଼ ବିଜୁ ଜନତାଦଳର ନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଯାଇ ଗତ ୨୫ ତାରିଖ ସନ୍ଧ୍ୟାରେ ବରା ଓ ସିଙ୍ଗଡ଼ା ଖାଇ ଅସୁସ୍ଥ ହୋଇପଡ଼ିଥିବା ସୁନ୍ଦରଗଡ଼ ସଦର ବ୍ଲକ ଲହଣ୍ଡାବୁଡ଼ ପଞ୍ଚାୟତ ସଲଙ୍ଗାବୁଡ଼ ପଞ୍ଚାୟତ ହାଇସ୍କୁଲର ୫୭ ଜଣ ଛାତ୍ରଛାତ୍ରୀଙ୍କୁ ଭେଟିଛନ୍ତି। ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପ୍ରଣୟ ପାତ୍ରଙ୍କୁ ବିଧାୟକ ପ୍ରତିନିଧି ଶ୍ରୀ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ୩୮ ଜଣ ଛାତ୍ର ସୁସ୍ଥ ହୋଇଯାଇଥିବା ବେଳେ ୧୯ ଜଣ ଛାତ୍ରୀ ଗୁରୁତର ଥିବାରୁ ମଝାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ କେବଳ ଜଣେ ଛାତ୍ରୀଙ୍କ ବ୍ୟତୀତ ବାକି ସମସ୍ତେ ଠିକ୍ ଥିବା ଡାକ୍ତର କହିଛନ୍ତି। ବିଜୁ ଜନତା ଦଳର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବିଜେଡି ଯୁବନେତା ଅଶୋକ ମହାନ୍ତି, ସଞ୍ଜୟ ପଟ୍ଟନାୟକ, ବରୁନ ବାଗ ଏବଂ କୈଳାଶ ତନ୍ତି ପ୍ରମୁଖ ସାମିଲ ଥିଲେ।

# ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଯୁବତୀ ଉଦ୍ଧାର

**ରାଉରକେଲା, ୨୭।୩(ସମିସ):** ଝିରପାଣି ବ୍ରିଜ୍ ତଳୁ ଜଣେ ଗୁରୁତର ଅବସ୍ଥାରେ ପଡ଼ିଥିବା ଯୁବତୀଙ୍କୁ ଝିରପାଣି ଥାନା ପୁଲିସ ଉଦ୍ଧାର କରିଛି। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ରିଜ୍ ତଳେ ଯୁବତୀ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ତେବେ ଯୁବତୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି କେହି କହୁଥିବା ବେଳେ ଆଉ କିଏ ସେଲଫି ନେବା ସମୟରେ ଭାରସାମ୍ୟ ହରାଇ ପଡ଼ି ଯାଇଥିବା କହୁଥିବା ଶୁଣିବାକୁ ମିଳିଛି। ତାଙ୍କର ପରିଚୟ ଜଣାପଡ଼ି ନଥିବା ବେଳେ ବିଶ୍ରା ଥାନାଞ୍ଚଳର ହୋଇଥିବା ଚର୍ଚ୍ଚା ଚାଲିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ୪ ଏସ୍ଆଇଙ୍କ ପଦୋନ୍ନତି

**ରାଉରକେଲା, ୨୭।୩(ସମିସ):** ଓଡ଼ିଶା ପୁଲିସରେ କାର୍ଯ୍ୟରତ ୪ ଜଣ ଏସଆଇଙ୍କ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ହୋଇଥିବା ରାଜ୍ୟ ପୁଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ରାଉରକେଲା ଜିଲ୍ଲା ପୁଲିସ ଅଧୀନରେ କାର୍ଯ୍ୟରତ ଏସଆଇ ମିତାଲି ମଧୁଛନ୍ଦା ସ୍ୱାଇଁଙ୍କ ନୟାଗଡ଼ ଜିଲ୍ଲା ପୁଲିସ ଇନ୍ସପେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ଏସ୍ଆଇ ମନ୍ଦାକିନି ବିଶୋଇଙ୍କ କମିଶନରେଟ ପୁଲିସରୁ ଜଗତସିଂପୁର, ଚିରଞ୍ଜିବୀ ବେହେରାଙ୍କ କନ୍ଧମାଳରୁ ବୌଦ୍ଧ ଓ ନିର୍ମଳା ଲିମାଙ୍କ କୋରାପୁଟରୁ ପୁରୀ ଜିଲ୍ଲା ପୁଲିସକୁ ବଦଳି ହୋଇଥିବା ଜଣାପଡ଼ିଛି।

# ୧୧କୁ ଘୁଞ୍ଚିଲା ରାଉରକେଲା ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା, ୨୭।୩(ସମିସ):** ଅନ୍ୟତମ ସାମାଜିକ ସାଂସ୍କୃତିକ ସଂଗଠନ କାନଭାସ୍ ପକ୍ଷରୁ ରାଉରକେଲା ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ ମାର୍ଚ୍ଚ ୨୮ ଓ ୨୯ ତାରିଖରେ ହେବାକୁ ଥିବା ବେଳେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ଏପ୍ରିଲ ୧୧ ଓ ୧୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମର ପରିଚାଳନା ପାଇଁ ସଂଗଠନର ସଭାପତି ଭାବେ ନଚିକେତା ମହାପାତ୍ର, ସାଂଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ରଜତ କୁମାର ଜେନା, କାର୍ଯ୍ୟାଳୟ ସମ୍ପାଦକ ଅଜୟ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। କେତେକ ଅନିବାର୍ଯ୍ୟ କାରଣ ପାଇଁ ପୂର୍ବରୁ ଘୋଷିତ ମାର୍ଚ୍ଚ ୨୮ ଓ ୨୯କୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ନୂଆ ଉତ୍ସାହ ଓ ନୂଆ ଚିନ୍ତାଧାରା ନେଇ ଏପ୍ରିଲ ୧୧ ଓ ୧୨ ଦୁଇ ଦିନ ସେକ୍ଟର -୧୩ ମେଳନ ପଡ଼ିଆରେ ଏହା ପାଳନ ହେବ ବୋଲି ସଂଗଠନ ପକ୍ଷରୁ ସୂଚାଯାଇଛି।

# ଓଡ଼ିଶା ଦିବସ ଉପଲକ୍ଷେ ପ୍ରତିଯୋଗିତା

**ରାଉରକେଲା, ୨୭।୩(ସମିସ):** ସେକ୍ଟର - ୨୦ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଓଡ଼ିଶା ଦିବସ ଉପଲକ୍ଷେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚବିଦ୍ୟାଳୟସ୍ତରୀୟ ଓଡ଼ିଆ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ସେକ୍ଟର - ୨୦ର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେର୍କେଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶ୍ରା ବ୍ଲକ ଶିକ୍ଷା ଅଧିକାର ସୁପ୍ରଭାତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ବିଚାରପତି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବଳରାମ ରାଉଳ, ପ୍ରାକ୍ତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ବେଉରିଆ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିନୋଦ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ର, ସହକାରୀ ଶିକ୍ଷକ ସୁନୀତ୍ ତିର୍କି, ଚୁମ୍ନୁ ଓରାମ ଓ ପଲ୍ଲବିକା ପଟ୍ଟନାୟକ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୫୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏବିଇଓ ସତ୍ୟଭାମା ବେହେରା ଉପସ୍ଥିତ ଥିଲେ। ସିଆରସିସି ଦୀପକ କୁମାର ସାମଲ, ସିପ୍ରା ସାହୁ, ଦିପ୍ତିମୟୀ ପରିଡ଼ା, ବିଦ୍ୟୁତଲତା ସୂତାର, ସତ୍ୟାନନ୍ଦ ପରିଡ଼ା, ହରିହର ବେହେରା, ମନୋଜ ମିଶ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍ଏସ୍‌ପିର ଏସଏମଏସ-୧ରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍

**ରାଉରକେଲା, ୨୭।୩(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗରେ ଏକ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। ସିମୁଲେଟେଡ୍ ପରିସ୍ଥିତିରେ ଉତ୍ତପ୍ତ ଧାତୁ ନମୁନା ସଂଗ୍ରହ ସମୟରେ, କନଭର୍ଟରରେ ଫିଟିଂ ଖସି ଗରମ ଧାତୁ ଛିଟିକି ପଡ଼ିବା ଓ ଉତ୍ତପ୍ତ ଧାତୁ ଜନିତ ନିଆଁ ନିକଟସ୍ଥ କର୍ମଚାରୀ ଏବଂ ସାମଗ୍ରୀକୁ ପ୍ରଭାବିତ କରିବାର ଏହି ସ୍ଥିତି ଉକ୍ତ ମକ୍‌ଡ୍ରିଲ୍‌ର ଅଂଶ ଥିଲା। ଏହି ମକ୍ ଡ୍ରିଲ୍ ସକାଳ ୧୧ଟା୨୦ରେ ଆରମ୍ଭ ହୋଇଥିଲା ଏବଂ ଘଟଣା ନିୟନ୍ତ୍ରକ, ଷ୍ଟିଲ ମେଲ୍ଟିଂ ଶପ୍-୧ ବିଭାଗର ଜିଏମ ସି. ତିର୍କୀ ସକାଳ ୧୧ଟା୫୦ ରେ ପରିସ୍ଥିତି ନିୟନ୍ତ୍ରଣାଧୀନ ବୋଲି ଘୋଷଣା କରିଥିଲେ। ମକ୍ ଡ୍ରିଲ୍‌ର ପ୍ରତିକ୍ରିୟା ତିନୋଟି ଦଳ ଶଙ୍କର ଆଜାଦଙ୍କ ନେତୃତ୍ୱରେ 'ମୁକାବିଲା', ଏଭି. ପ୍ରଦୀପଙ୍କ ନେତୃତ୍ୱରେ 'ଉଦ୍ଧାର' ଏବଂ ଟି. ପି. ଗାରେୱାଲଙ୍କ ନେତୃତ୍ୱରେ 'ଆନୁଷାଙ୍ଗିକ' ପରିଚାଳିତ ହୋଇଥିଲା। ଏସ୍ଏମ୍ଏସ୍-୧ ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ସକ୍ରିୟ ଅଂଶଗ୍ରହଣ ସହିତ ଦଳଗୁଡ଼ିକ ଦକ୍ଷତାର ସହିତ ସେମାନଙ୍କର ଭୂମିକା ନିର୍ବାହ କରିଥିଲେ। ପ୍ରମୁଖ ଦଳର ସଦସ୍ୟମାନଙ୍କ ମଧ୍ୟରେ ଜିଏମ୍ ଆରଏସ୍ ଫ୍ଲୋରା, ଏଜିଏମ୍ ୟୁଏନ୍ ଶିଅଲ, ମେନେଜର ମନୀଷ କୁମାର, ସୁରକ୍ଷା ବିଭାଗ ଡେପୁଟି ମେନେଜର ଚିନ୍ମୟ ସାହୁ ଏବଂ ଏସିଷ୍ଟାଣ୍ଟ ମ୍ୟାନେଜର (ଅଗ୍ନିଶମ ସେବା) ଡିଏସ୍ ରେଣ୍ଟ ସାମିଲ ଥିଲେ। ଏସ୍ଏମ୍ଏସ୍-୧ର ସିଜିଏମ ବି. ସୁନିଲ କାର୍ଥାଙ୍କ ଦ୍ୱାରା ଡ୍ରିଲ୍ ପରବର୍ତ୍ତୀ ସମୀକ୍ଷା କରାଯାଇଥିଲା। ବିଭାଗୀୟ ସୁରକ୍ଷା ଅଧିକାରୀ ଡିଜିଏମ୍ ନାଗେନ ବେହେରା, ଏବଂ ଅଗ୍ନିଶମ ସେବା (ଏଜିଏମ) ପିକେ ସାମଲ ସମସ୍ତ ଦଳ ସହିତ ସମନ୍ୱୟ ରକ୍ଷା କରିଥିଲେ।



# ବଣାଇଁର ବିଭିନ୍ନ ସ୍ଥାନରେ ରାମନବମୀ

**ବଣାଇଁ, ୨୭।୩(ସମିସ):** ବଣାଇଁର ବିଭିନ୍ନ ସ୍ଥାନରେ ରାମ ନବମୀ ଉତ୍ସବ ପାଳିତ ହୋଇଛି। ବଣାଇଁଗଡ଼ ବସଷ୍ଟାଣ୍ଡ ସ୍ଥିତ ହନୁମାନ ମନ୍ଦିର, ତେଲି ସାହି, ଉପ କାରାଗାର, ଦେଓଗାଁ ମନ୍ଦିର ପ୍ରଭୃତି ବିଭିନ୍ନ ସ୍ଥାନରେ ବ୍ରାହ୍ମଣୀ ନଦୀରୁ କଳସ ଯାତ୍ରାରେ ଜଳ ଆଣି ମନ୍ଦିରରେ କଳସ ସ୍ଥାପନା କରାଯାଇଥିଲା। ସକାଳୁ ନିର୍ଦ୍ଧାରିତ ସମୟ ସୂଚୀ ଅନୁଯାୟୀ ପ୍ରତ୍ୟେକ ମନ୍ଦିରରେ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବଣାଇଁ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଦେବସେନା ପ୍ରଭୃତି ସମସ୍ତ ଦଳର ମିଳିତ ସହଯୋଗରେ ଭକ୍ତମାନେ ଏକତ୍ରିତ ହୋଇ ବାବା ବାଣେଶ୍ୱର ମନ୍ଦିର ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ। ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁଙ୍କ ସମେତ ଅନ୍ୟ ସହକର୍ମୀ ଶୋଭାଯାତ୍ରାରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଇଡି-ୱର୍କ୍ସ କୌଶଳ ଉତ୍କର୍ଷ ପୁରସ୍କାର ବଣ୍ଟନ ସମାରୋହ

**ରାଉରକେଲା, ୨୭।୩(ସମିସ)**



ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଶୁକ୍ରବାର ୧୫ତମ 'ଇଡି-ୱର୍କ୍ସ, କୌଶଳ ଉତ୍କର୍ଷ ପୁରସ୍କାର' ବଣ୍ଟନ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ କୌଶଳ ବିକାଶ କିପରି ଉନ୍ନତ ଜ୍ଞାନ ଏବଂ ଦକ୍ଷତା ନିର୍ମାଣର ଏକ ପ୍ରକ୍ରିୟା ରୂପେ ବ୍ୟକ୍ତିଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସାହାଯ୍ୟ କରେ ସେ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସମ୍ପ୍ରତି ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ କୌଶଳ ବୃଦ୍ଧି ଅତ୍ୟାବଶ୍ୟକ ଯାହା କେବଳ ବ୍ୟକ୍ତି ନୁହେଁ ବରଂ ସଂଗଠନଗୁଡ଼ିକୁ ମଧ୍ୟ ଲାଭ ପହଞ୍ଚାଏ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପ୍ରତିଯୋଗୀତା ପାଇଁ ଶୁଭକାମନା ଜଣାଇଥିଲେ। ପ୍ରାରମ୍ଭରେ, ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ପିକେ ସାହୁ ସମାବେଶକୁ ସ୍ୱାଗତ କରିଥିଲେ। ପରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ ଏଚ୍. ପତି ପ୍ରତିଯୋଗିତାର ଏକ ସଂକ୍ଷିପ୍ତ ଇତିହାସ ଏବଂ ଆଭିମୁଖ୍ୟ ସହ ଏହାର ଭବିଷ୍ୟତ ରୂପରେଖ ବର୍ଣ୍ଣନା କରିଥିଲେ। ଆର୍ଏସପି ଓ ଓଡ଼ିଶା ଖଣି ସମୂହରୁ ମୋଟ ୧୪୮ ଜଣ ପ୍ରତିଯୋଗୀ ୮ଟି ଭିନ୍ନ ଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କୌଶଳ ଉତ୍କର୍ଷ ପ୍ରତିଯୋଗିତାରେ ବିଜେତା ଆଗାମୀ ସମୟରେ ସିଆଇଆଇ ଦ୍ୱାରା କୋଲକାତାଠାରେ ଆୟୋଜନ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହେବେ। ସେହିପରି ଆଞ୍ଚଳିକ ରାଉଣ୍ଡର ବିଜେତାମାନେ ପରବର୍ତ୍ତୀ ସମୟରେ ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ପ୍ରତିଯୋଗିତା ସମୟରେ ମୂଲ୍ୟାଙ୍କିତ ହୋଇଥିବା କୌଶଳ ମଧ୍ୟରେ ରହିଛି ହାଇଡ୍ରୋଲିକ୍ସ, ଟର୍ନର, ଫିଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ ମେକାନିକ୍, ଇନ୍ସ୍ଟ୍ରୁମେଣ୍ଟେସନ ମେକାନିକ୍ ଏବଂ କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଂ। ଏହି ପୁରସ୍କାର ସମାରୋହକୁ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଏଲ୍‌କେ ମାରାଣ୍ଡି ସଂଯୋଜନା କରିଥିବା ବେଳେ ବିଭାଗର ଜିଏମ ଏମ୍‌କେ ଅଗରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟଙ୍କ ସହ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ।

# ବିରିଙ୍ଗାଟୋଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୨୭।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବିରିଙ୍ଗାଟୋଲିଠାରେ ଥିବା ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୀନା କୁମାରୀ ଜେନା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୀନି ରାଣୀ ସୋରେନ, ପୂଜା ସାହୁ, ବାମରା ଶ୍ରମ ଅଧିକାରୀ ମୀନକେତନ ସୁନ୍ୟାନୀ, କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସିନୀ, ଅମରେଶ ବେହେରା, ନିତ୍ୟାନନ୍ଦ ବେହେରା, ସୁନିତା ସରୋନିଆ, ତେଲେନଡିହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ପଟେଲ, ଅଲେଖ ଦଲେଇ, ସିଆରସିସି ବୈଦ୍ୟନାଥ ଜୟପୁରୀଆ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଭାଷା ଶିକ୍ଷକ ଡମ୍ବରୁଧର କିଶାନ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦ୍ରୁପତୀ ବୁଖା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଜୟଶ୍ରୀ ବିରଗଣ୍ଡିଆ, ମମତା ନାୟକ, ଲିଲି କୁଲ୍ଲୁ, ବୈଦେହୀ ଖଡିଆ, ମାଗ୍ରିତା କୁଲ୍ଲୁ, ଦୋଳରଞ୍ଜନ ନାଏକ, ଗଣେଶ ଟପ୍ପୋ ସହଯୋଗ କରିଥିଲେ।



# 'ଜୟ ଶ୍ରୀରାମ' ନାରାରେ କମ୍ପିଲା ସହର

**ସମ୍ବଲପୁର, ୨୭ ।୩(ସମିସ)**

ଭବ୍ୟ ମହାଆଡ଼ମ୍ବରରେ ସହରରେ ଆଜି ରାମନବମୀ ଉତ୍ସବ ପାଳିତ ହୋଇଛି । ସହରର ଗଳି କନ୍ଦି ସବୁଠି ଝଣ୍ଡା ଲାଗିଛି । ସମସ୍ତ ରାମ ଓ ହନୁମାନ ମନ୍ଦିରରେ ସକାଳୁ ସକାଳୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଭକ୍ତମାନେ ସକାଳୁ ଆସି ଠାକୁରଙ୍କ ଆଶିଷ ଲାଭ କରିଛନ୍ତି । ପ୍ରାୟ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିଲା । ଏନେଇ ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ମାନ ଆୟୋଜନ ହୋଇଥିଲା ।












## ଶ୍ରୀରାମ ଜନ୍ମୋତ୍ସବ ସମିତି

## ବର୍ଷାରେ କମିଲାନି ଜୋସ୍, ରାମଲାଲାଙ୍କୁ ନେଇ ବିଶାଳ ଶୋଭାଯାତ୍ରା

ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ ରାମନବମୀ ଅବସରରେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସମ୍ପନ୍ନ ହୋଇଛି । ସମିତିର କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ସାଂସ୍କୃତିକ ଶୋଭାଯାତ୍ରା କ୍ଷେତରାଜପୁର ରେଳ ଷ୍ଟେସନ୍‌ରୁ ଆରମ୍ଭ ହୋଇଥିଲା । ଷ୍ଟେସନରେ ରାମଲାଲାଙ୍କ ଅଭିଷେକ, ଆରତୀ ଓ ପୁଷ୍ପାଞ୍ଜଳୀ ହୋଇଥିଲା । ହେଲେ ଠିକ ସନ୍ଧ୍ୟାରେ ସମ୍ବଲପୁରରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସହ ବର୍ଷା ହୋଇଥିଲା । ବିଜୁଳି ଘଡଘଡି ସହ ବର୍ଷା ଏତେ ମାତ୍ରାରେ ହୋଇଥିଲା ଯେ ବାହାରେ ଛିଡା ହେବା ସମ୍ଭବ ନଥିଲା । କିନ୍ତୁ ଭକ୍ତଙ୍କ ମନରେ ଏତେ ଉତ୍ସାହ ଥିଲା ଯେ ବର୍ଷାରେ ଓଦା ହୋଇ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ଫାର୍ମ ରୋଡ, ମୋଦିପଡ଼ା ଛକ, ପଟ୍ଟନାୟକ ପଡ଼ା ଛକ, ବୈଦ୍ୟନାଥ ଛକ, ଗୋଲବଜାର ଛକ, ଲକ୍ଷ୍ମୀ ଟକିଜ୍ ଛକ ଦେଇ ବୃଦ୍ଧିଲ ସ୍ଥିତ ଶ୍ରୀ ରାମ ମନ୍ଦିରରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଅନେକ ପାରମ୍ପାରିକ ନୃତ୍ୟ ସ୍ଥାନ ପାଇଥିଲା । ବିଶେଷ ଭାବରେ ରାମଲାଲଙ୍କ ପ୍ରତିମୂର୍ତ୍ତି ଦେଖଣାହାରୀଙ୍କ ମନମୁଗ୍ଧ କରିଥିଲା । ପରେ ମନ୍ଦିରରେ ପହଞ୍ଚି ମହା ଆଳତି କରାଯାଇଥିଲା । ଏହି ଉତ୍ସବରେ ରାଜପଥରେ ଏକ ଭବ୍ୟ ଓ ଐତିହାସିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସାଂସ୍କୃତିକ ସଂଗଠନ ମାନଙ୍କ ଦ୍ୱାରା ନୃତ୍ୟ ସହ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା । ଭକ୍ତିମୟ ପରିବେଶରେ ଧାର୍ମିକ ଏବଂ ସାଂସ୍କୃତିକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ଏକତା ଓ ଭାଇଚାରାର ପ୍ରତୀକ ପ୍ରଦାନ କରିଥିଲେ ।

## ଡ.ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ

## ଏକ ଟଙ୍କାରେ ମିଳିବ ଏକ୍ସରେ ଓ ଭେଣ୍ଟିଲେଟର ସୁବିଧା

**ସମ୍ବଲପୁର, ୨୭ ।୩ (ସମିସ):** ଡେଣ୍ଟାଲ ଏକ୍ସରେ ଓ ବାଇପାପ ଭେଣ୍ଟିଲେଟର ସେବା ପାଇଁ ଦେବାକୁ ପଡ଼ିବନି ଟଙ୍କା । ଏହି ଦୁଇ ସେବା ଏବେ ଏକ ଟଙ୍କାରେ ମିଳିବ । ଡ. ଶଙ୍କର ରାମଚନ୍ଦାନୀଙ୍କ ଲାଜବନ୍ତୀ ଏକ ଟଙ୍କିଆ ଚିକିତ୍ସାଳୟ(ଟଙ୍କିକିଆ କ୍ଲିନିକ)ରେ ଏହି ସେବା ଏପ୍ରିଲ ୧ରୁ ଆରମ୍ଭ ହେବ । ଏହି କ୍ଲିନିକରେ ବର୍ତ୍ତମାନ ସୁଦ୍ଧା ମେଡିସିନ, ଇସିଜି, ସ୍ପିରୋମେଟ୍ରି, ଦାନ୍ତ ଚିକିତ୍ସା, ନେବୁଲାଇଜର ଏକ ଟଙ୍କାରେ ମିଳୁଛି । ଏପ୍ରିଲ ମାସରୁ ଡେଣ୍ଟାଲ ଏକ୍ସରେ ଓ ବାଇପାପ ଭେଣ୍ଟିଲେଟର ଏକ ଟଙ୍କାରେ ମିଳିବ ବୋଲି କ୍ଲିନିକର ପ୍ରତିଷ୍ଠାତା ଡାକ୍ତର ରାମଚନ୍ଦାନୀ କହିଛନ୍ତି । ଏହି କ୍ଲିନିକରୁ ଏକ ଲକ୍ଷ ୪୦ ହଜାର ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି ।

# ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ






**ସମ୍ବଲପୁର, ୨୭।୩(ସମିସ):** ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଭାଇବ୍ରେନସ'ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଏମ୍‌ସିଏଲ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମଡି) ଉଦୟ ଅନନ୍ତ କାଓଲେ ଯୋଗ ଦେଇଥିଲେ । ଏମ୍‌ସିଏଲ ନିର୍ଦ୍ଦେଶକ ମାନବ ସମ୍ବଳ କେଶବ ରାଓ, ଏମ୍‌ସିଏଲ ଜାଗୃତି ମହିଳା ମଣ୍ଡଳ ଉପସଭାପତି ଅଞ୍ଜନା ଶୁକ୍ଳା, ଉପସଭାପତି ସରିତା ପଟେଲ, ଡାଇରେକ୍ଟର ଫାଇନାଇନ୍ସ ଅଜିତ କୁମାର ବେହୁରା, ରଶ୍ମି ବେହୁରା, ସଞ୍ଜୟ କୁମାର ଝା, ଶଶିକଳା ଝା, ମାନବ କଲ୍ୟାଣ ସାଧାରଣ ପ୍ରବନ୍ଧକ ଜଗବନ୍ଧୁ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅହଲ୍ୟା ବେହେରା, ଡିଏଭି ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ସମସ୍ତଙ୍କୁ ସ୍ୱାଗତ କରି ବିଦ୍ୟାଳୟ ଭବିଷ୍ୟତ ଆଭିମୁଖ୍ୟ କହିଥିଲେ । ଦୁଇ ଛାତ୍ରୀ ପ୍ରଜ୍ଞା ରୂପା ବହିଦାର ଓ ବାନୀ ଆରୋରା ବାର୍ଷିକ ବିବରଣୀ ପ୍ରସ୍ତୁତ କରିଥିଲେ । ସମସ୍ତ ଅତିଥିଙ୍କ ଉପସ୍ଥିତିରେ ବାର୍ଷିକ ପତ୍ରିକା ରେଭିଲେସନ ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ଉଦୟ ଅନନ୍ତ କାଓଲେ ଏମସିଏଲର ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୋହରାଇବା ସହ ବିଦ୍ୟାର୍ଥୀଙ୍କ ଭବିଷ୍ୟତ କାମନା କରିଥିଲେ । ଡିଏଭି ଆଞ୍ଚଳିକ ଅଧିକାରୀ ଶ୍ରୀ ପ୍ରଧାନ ବିଦ୍ୟାର୍ଥୀଙ୍କ ଆଗ୍ରହକୁ ପ୍ରଶଂସା କରିବା ସହ ଶିକ୍ଷାର ଆବଶ୍ୟକତାକୁ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ ଚନ୍ଦନ ମହାନ୍ତି, ଇତିଶ୍ରୀ ପାଣିଗ୍ରାହୀ ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଟ୍ରେନରୁ ପଡ଼ି ଜଣେ ଗୁରୁତର

**କୁଚିଣ୍ଡା, ୨୭ ।୩(ସମିସ):** ବାମରାସ୍ଥିତ ଦୁମେରମୁଣ୍ଡା ରେଳ ଫାଟକ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡ଼ି ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ତାଙ୍କୁ ରାଉରକେଲା ରେଫର କରାଯାଇଛି । ସୂଚନା ଅନୁସାରେ ଝାରଖଣ୍ଡ ରାଜ୍ୟ ଗୁମଲା



ଅଞ୍ଚଳର ମନୀଷ କେର୍କେଟା ଶୁକ୍ରବାର ଅହମଦାବାଦ ହାୱଡା ଏକ୍ସପ୍ରେସ ଟ୍ରେନ ଯୋଗେ ଅହମଦାବାଦରୁ ରାଉରକେଲାକୁ ଫେରୁଥିବା ବେଳେ ଅସାବଧାନତାବଶତଃ ଟ୍ରେନରୁ ଖସି ପଡ଼ିଥିଲେ । ଫଳରେ ତାଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ ।କାର୍ଯ୍ୟରତ କି ମେନ୍ ସିଏସ ରୋହିଦାସଙ୍କ ଠାରୁ ସୂଚନା ପାଇ ଆରପିଏଫ୍ ଉଦୟ କୁମାର ଓ ଏନସି ମହତୋ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ଆର୍‌ଜିଏଚକୁ ରେଫର କରାଯାଇଛି । ଟ୍ରେନ ଗେଟ୍‌ରେ ବସିଥିବା ଯୋଗୁଁ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିବା ସୂଚନା ରହିଛି ।

## ରାମ ନବମୀ ପାଳିତ

**କୁଚିଣ୍ଡା, ୨୭ ।୩(ସମିସ):**କୁଚିଣ୍ଡା ଅଞ୍ଚଳରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । କୁଚିଣ୍ଡାସ୍ଥିତ ଜେଲ ନିକଟସ୍ଥ ହନୁମାନ ମନ୍ଦିରରେ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସହ କମିଟି ପକ୍ଷରୁ ଭକ୍ତ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ ।ପୁରୁଣା ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର ମହାବୀର କମିଟି ପକ୍ଷରୁ ପୂଜାର୍ଚ୍ଚନା ସହ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇ ଥିଲା ।ରାଜୀବ ଗାନ୍ଧୀଛକ ରାମନବମୀ ପୂଜା କମିଟି ରାମସେବକମାନେ ପୂଜାର୍ଚ୍ଚନା ପରେ ମିଠା ବଣ୍ଟନ କରିଥିଲେ । ସନ୍ଧ୍ୟାରେ ମଧ୍ୟ ପୁଡ଼ି, ଛୋଲେ, ଖିରି, ଗୁଲାପ ଜାମୁନ ଆଦି ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା । କୁଣ୍ଡାପୋଷୀସ୍ଥିତ କୁଣ୍ଡେଶ୍ୱର ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରସାଦ ବ୍ୟବସ୍ଥା ପୂଜା କମିଟି ପକ୍ଷରୁ କରାଯାଇଥିଲା । ରାମଜୀପଡ଼ାରେ ନବ ନିର୍ମିତ ରାମଜୀ ମନ୍ଦିର ରେ ଯଥା ରୀତି ନୀତି ଅନୁସାରେ ପୂଜା କରାଯାଇଥିଲା । ବିହାରୀପଡ଼ା ମହାବୀର ପୂଜା କମିଟି ପକ୍ଷରୁ ବିରାଟ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବେଶରେ ସଜ୍ଜିତ ହୋଇ ସୁସଜ୍ଜିତା ଗାଡ଼ିରେ ବସି ସହର ପରିକ୍ରମା କରାଯାଇଥିଲା । ସେହିପରି ଡାକ୍ତରଖାନା ପରିସରରେ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କରାଯାଇ ନବମୀ ପାଳନ କରାଯାଇଥିଲା ।

## ଶ୍ରୀମୁଙ୍ଗାଲାଲ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ସମ୍ବଲପୁର, ୨୭।୩(ସମିସ):** ସମ୍ବଲପୁର ବଡବଜାରସ୍ଥିତ ଶ୍ରୀମୁଙ୍ଗାଲାଲ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଏବିଇଓ ରମେଶ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ.ଶ୍ୟାମସୁନ୍ଦର ଧର, ଡ. ରାମଚନ୍ଦ୍ର ଅଗ୍ରୱାଲ ଏବଂ ସ୍କୁଲର ଟ୍ରଷ୍ଟି ମେମ୍ବର ଜୟଦଲାଲ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିମଲେଶ କୁମାର ପୁରୋହିତ ପରିଚାଳନା କରିଥିଲେ । ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଯୋତିକା ଖଡିଆ, ଅର୍ଚ୍ଚିତା ସାହୁ, ଅଙ୍କିତା ବେହେରା, ମିନାକ୍ଷୀ ବିଶ୍ୱାଳଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଥିଲା । ପରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଗୋପାଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମାଁମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ବିଶେଷ ଆକର୍ଷଣୀୟ ରହିଥିଲା ।

## ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**ସମ୍ବଲପୁର, ୨୭ ।୩ (ସମିସ):** ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ବୃତ୍ତି ମାର୍ଗଦର୍ଶନ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଉଦ୍‌ଘାଟନ କରିଥିଲେ । ସେ କହିଥିଲେ, ପ୍ରଦର୍ଶନ କଳା ଏକ ଉତ୍କୃଷ୍ଟ କଳା ଓ ଏହା ମାଧ୍ୟମରେ ଆମେ ବିଶ୍ୱର ଯେ କୌଣସି ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରି ପାରିବା । ପ୍ରଦର୍ଶନ କଳାକୁ ଉଭୟ ରୁଚି ଓ ପେଶା ଭାବରେ ନିଆଯାଇପାରେ । ସାମ୍ପ୍ରତିକ ସମୟରେ କଳାକୁ ଜଣେ ଜୀବିକା ବାବରେ ଗ୍ରହଣ କରିବାକୁ ବହୁତ ସୁଯୋଗ ରହିଛି । ତେଣୁ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିଶ୍ଚିତ ଭାବରେ ଉଜ୍ଜ୍ୱଳମୟ । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପରିସରରେ ପ୍ରଦର୍ଶନ ବିଭାଗ ତରଫରୁ ଅନୁଷ୍ଠିତ ହୋଇଥିବା ଏହି କ୍ୟାରିଅର କାଉନ୍‌ସେଲିଂ କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ୍ ପୌରୋହିତ୍ୟ କରିଥିଲେ । ଏଥିରେ ରିସୋର୍ସ ପର୍ଶନ୍ ଭାବରେ ଡ. ଶ୍ୟାମ ସୁନ୍ଦର ଧର ଓ ଡ. ରାଜେନ୍ଦ୍ର ସିଂ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ. ସପନ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇ ଅତିଥି ପରିଚୟ ସହ ପ୍ରଦର୍ଶନ କଳା କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ । ଡ. ଶ୍ୟାମ ସୁନ୍ଦର ଧର ପ୍ରଦର୍ଶନ କଳା କ୍ଷେତ୍ରରେ ଥିବା ବିଭିନ୍ନ ସୁବିଧା ସୁଯୋଗ ବାବଦରେ ସୂଚନା ଦେଇଥିଲେ । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ସଂସ୍କୃତି ଓ ସଙ୍ଗୀତ-ନାଟକ ବିଭାଗ ପ୍ରଦର୍ଶନ କଳାକାରଙ୍କ ପ୍ରଦର୍ଶନ ଓ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଚଳନ କରିଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ । ଡ. ରାଜେନ୍ଦ୍ର ସିଂ ନିଜସ୍ୱ ଅନୁଭୂତିରୁ ପ୍ରଦର୍ଶନ କଳାକୁ କିପରି ଆୟ-ଉପାର୍ଜନର ମାଧ୍ୟମ କରାଯାଇପାରେ ସେ ସମ୍ପର୍କରେ ପ୍ରକାଶ କରିଥିଲେ । ଶେଷରେ ଡ. ମୋହିତ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମରେ



ବିଭାଗର ଅଧ୍ୟାପକ, ଅଧ୍ୟାପିକା ମମତା ସାହୁ, ଅରବିନ୍ଦ ପଣ୍ଡା, ଡ.ଚନ୍ଦ୍ରକାନ୍ତ ମହାନନ୍ଦ, ସୁଶ୍ରୀ ଜ୍ୟୋତିରେଖା ତ୍ରିପାଠୀ, ଡ. କୃପାସିନ୍ଧୁ ମହନ୍ତ ଉପସ୍ଥିତ ଥିଲେ । ବିଭାଗୀୟ ସେକ୍‌ସନ୍ ଅଫିସର୍ ପୁରୁଷୋତ୍ତମ ସାହୁ, ସୁବିମଲ୍ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ କଲଚରାଲ ଆସୋସିଏସନର ନାଟ୍ୟ ଦିବସ

**ସମ୍ବଲପୁର, ୨୭ ।୩(ସମିସ):**ଧନୁପାଲି ସରସ୍ୱତୀ ଶିଶୁମନ୍ଦିର ସଭାଗୃହରେ ଶ୍ରୀ କଲଚରାଲ ଆସୋସିଏସନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହେଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିବସର ଉଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସଙ୍ଗୀତା ସାହୁ ଉଇଲମ ଡାଫୋଙ୍କ ଦେଇଥିବା ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତାକୁ ପାଠ କରିଥିଲେ । ଅନୁଷ୍ଠାନ ଲଳିତ ମୋହନ ବେବର୍ତ୍ତା, ଆଶିଷ ସୋନାର, ସନ୍ତୋଷ ରାଇଗୁରୁ, ବଳରାମ ହୋତା, ସୌମ୍ୟଜିତ ବଡ଼ପଣ୍ଡା ପ୍ରମୁଖ ନାଟକ ପ୍ରଦର୍ଶନ ବେଳେ ନିଜର ଅନୁଭୂତି ତଥା ନାଟ୍ୟ ଅଭ୍ୟାସ ସମୟ ରେ ବିଭିନ୍ନ ଅସୁବିଧା ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ । ଶେଷରେ ଆଶିଷ ସୋନାର ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ନାଟ୍ୟକଳା ପରିଷଦର ବିଶ୍ୱ ନାଟ୍ୟ ଦିବସ

**ସମ୍ବଲପୁର, ୨୭ ।୩(ସମିସ):** ସମ୍ବଲପୁରର ପୁରାତନ ନାଟ୍ୟ ସଂସ୍ଥା ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଆଜି ସ୍ଥାନୀୟ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଛି । ପରିଷଦର ଉପସଭାପତି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ନାଟ୍ୟ ସମୀକ୍ଷକ ମୋହନ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନାଟକ ହୋଇ ପାରିବ ଏହାର ଅନେକ ଦୃଷ୍ଟାନ୍ତ ଆମ ଅଞ୍ଚଳରେ ରହିଛି, ପ୍ରକୃତରେ ସମ୍ବଲପୁରରେ ସମ୍ବଲପୁରୀ ନାଟ୍ୟ ଆନ୍ଦୋଳନ ସକାଶେ ଅର୍ଦ୍ଧ ଶତାବ୍ଦି ପୂର୍ବରୁ ପ୍ରୟାସ ଆରମ୍ଭ ହୋଇଯାଇଥିଲା ଯାହା ପରବର୍ତ୍ତୀ ସମୟରେ ସଫଳ ହୋଇଛି ନିଶ୍ଚୟ କାରଣ ସମ୍ବଲପୁରରେ ନାଟ୍ୟ ଉତ୍ସବ, ନାଟ୍ୟ ସମାରୋହମାନ ବଢ଼ିବାରେ ଲାଗିଛି । ନାଟକର ଚାହିଦା ସବୁ କାଳରେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ । ବର୍ଷୀୟାନ ନାଟ୍ୟାଭିନେତା ମନୋରଞ୍ଜନ ସାହୁଙ୍କୁ ପରିଷଦ ପକ୍ଷରୁ 'ନାଟ୍ୟକଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ଲଘୁନାଟିକା ପ୍ରତିଯୋଗିତାର ବିଚାରକ ନରେନ୍ଦ୍ର ବେହେରା ଓ ମିନାକ୍ଷୀ ସୂପକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ସୁକାନ୍ତ କର ଚଳିତ ବର୍ଷର ନାଟ୍ୟ ଦିବସର ବାର୍ତ୍ତା ପଠନ କରିଥିଲେ । ଉପଦେଷ୍ଟା ଶିରୀଷ ଚନ୍ଦ୍ର ପୂଜାରୀ ମାନପତ୍ର ପାଠ କରିଥିଲେ । ଶେଷରେ ସହସମ୍ପାଦକ ବିରୂପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ସଭାପରେ ନାଟ୍ୟଶ୍ରୀ ବିପିନ ବିହାରୀ ଦାଶଙ୍କ ରଚନା ଓ ନିର୍ଦ୍ଦେଶନାରେ କଳାକେନ୍ଦ୍ରର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନାଟକ 'ଝଗ୍‌ଡା' ମଞ୍ଚସ୍ଥ ହୋଇଥିଲା । ନାଟକ ପରିବେଷଣ ପରେ ଗତ ୨୨ ତାରିଖ ଦିନ ହୋଇଥିବା ଲଘୁ ନାଟିକା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଲିସା ପଧାନ, ସରକାରୀ ମହିଳା ମହାବିଦ୍ୟାଳୟର ଉଜ୍ଜୟିନୀ ପାଣିଗ୍ରାହୀ ଏବଂ ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀର ସ୍ୱସ୍ତିକ ସୌରଭ ଦାଶ




ସେହିଭଳି ପାଣ୍ଡୁଲିପିରେ ସ୍ୱସ୍ତିକ ସୌରଭ ଦାଶ, ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡ. ସତ୍ୟନାରାୟଣ ଠାକୁର ଏବଂ ଡିଆଇଇଟିର ବିଶ୍ୱ ରାଜହଂସ, ନିର୍ଦ୍ଦେଶନାରେ ଡିଆଇଇଟିର ଆଜାତ ଶେଖର ପ୍ରଧାନ, ବିଏଡ୍ କଲେଜର ଅଭିଷେକ ଶର୍ମା ଏବଂ ମା'ଝାଡେଶ୍ୱରୀ ସ୍ନାତକ ମହାବିଦ୍ୟାଳୟର ସୁଶ୍ରୀ ପାଢ଼ୀ ତଥା ପ୍ରଯୋଜନାରେ 'ଅଛୁତ୍ ଜାତିର୍ କଲ୍‌ବଲ୍' ନାଟକ ପାଇଁ ଜିଲ୍ଲା ଶିକ୍ଷା ଓ ତାଲିମ ଅନୁଷ୍ଠାନ, ଆରୁ କେତେ ଦିନ' ନାଟକ ପାଇଁ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ 'ମାଟିର୍ ମହକ୍' ନାଟକ ପାଇଁ ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀକୁ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତିତ ଜିଲ୍ଲା ଶିକ୍ଷା ଓ ତାଲିମ ଅନୁଷ୍ଠାନକୁ ଶ୍ରେଷ୍ଠ ଶ୍ରେଷ୍ଠ ସଙ୍ଗୀତ ସକାଶେ ପୁରସ୍କାର ପ୍ରଦାନ କରାଯାଇଥିଲା । ବିରୂପାକ୍ଷ ପ୍ରଧାନ ତାଙ୍କ ପିତା ସ୍ୱର୍ଗତ ଧରଣୀଧର ପ୍ରଧାନଙ୍କ ସ୍ମୃତିରେ ଶ୍ରେଷ୍ଠ ପାଣ୍ଡୁଲିପି ପାଇଁ, ଡ. ଅତିଶ କୁମାର ଶତପଥି ତାଙ୍କ ପିତା ତଥା ନାଟ୍ୟକଳା ପରିଷଦର ପୂର୍ବତନ ସଭାପତି ଡ. ଶିବନାରାୟଣ ଶତପଥୀଙ୍କ ସ୍ମୃତିରେ ଶ୍ରେଷ୍ଠ ନିର୍ଦ୍ଦେଶନା ସକାଶେ ତଥା ଶ୍ରେଷ୍ଠ ପ୍ରଯୋଜନା ନିମନ୍ତେ ସୂର୍ଯ୍ୟ ପାଣିଗ୍ରାହୀ ତାଙ୍କ ଅଜା ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ମୃତିରେ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ସମ୍ବଲପୁରର ବହୁ ନାଟ୍ୟପ୍ରେମୀ ଯୋଗ ଦେଇଥିଲେ ।

## 'ନାଟ ନାଟୁଆ' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

# ସମାଜକୁ ସଂସ୍କାରିତ କରିବା ପାଇଁ ନାଟକର ସୃଷ୍ଟି ଅତ୍ୟନ୍ତ ଜରୁରୀ

**ସମ୍ବଲପୁର, ୨୭।୩(ସମିସ)**

ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି 'ନାଟ ନାଟୁଆ' ପକ୍ଷରୁ ସମ୍ବଲପୁର ସାମ୍ବାଦିକ ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ଆଜି ପାଳିତ ହୋଇଯାଇଛି ।ନାଟ ନାଟୁଆର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ନାଟ୍ୟବିତ ଡ.ଦ୍ୱାରିକା ନାଥ ନାୟକ, ସମ୍ମାନିତ ଅତିଥି ଭାବରେ ଆର୍ଥିକ ସେବା ବିଭାଗର ସହକାରୀ ନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀ ଓ ମୁଖ୍ୟବକ୍ତା ଭାବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ପ୍ରଦୀପ ପଣ୍ଡା ଯୋଗ ଦେଇଥିଲେ । ନାଟ ନାଟୁଆର ଯୁଗ୍ମ ସଂଯୋଜକ ବିରୁପାକ୍ଷ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ସତ୍ୟରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରମୋଦ ମିଶ୍ରଙ୍କର ଗୀତ ରଚନା ଓ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସୁଶ୍ରୀ ଶ୍ରଦ୍ଧା ମିଶ୍ର । ବରିଷ୍ଠ ସାମ୍ବାଦିକ ସୁକାନ୍ତ କର, ଏହି ବର୍ଷ ବିଶ୍ୱ ନାଟ୍ୟ ଦିବସରେ ଆମେରିକାର ଲୋକପ୍ରିୟ ଅଭିନେତା ଉଇଲିମ ଡାଫୋ ଦେଇଥିବା ବାର୍ତ୍ତା ସମ୍ବଲପୁରୀ ଭାଷାନ୍ତର ପାଠ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ସେଠୀ ଯୁଗ ଯେତେ ପରିବର୍ତ୍ତନ ହେଲେବି ନାଟକ ଚିରଦିନ ତାର ଜୀବନ୍ତ ଭାବ ଅପରିବର୍ତ୍ତିତ ହୋଇ ରହିଥିବ ବୋଲି କହିଥିଲେ । ମୁଖ୍ୟବକ୍ତା ଶ୍ରୀ ପଣ୍ଡା କହିଥିଲେ ଯେ, ରାଷ୍ଟ୍ରୀୟସ୍ତରରେ ନାଟକ ଯେତେ ଉନ୍ନତ ହେଲେବି ଆମ ଅଞ୍ଚଳର ନାଟକ ବି କେବେ ପଛରେ ରହିଯାଇନାହିଁ । କେବଳ ମାତ୍ର, ସୁଯୋଗର ଅଭାବ ରହିଯାଇଛି । ମୁଖ୍ୟ ଅତିଥି ଡ. ଦ୍ୱାରିକାନାଥ ନାୟକ କହିଥିଲେ ଯେ, ଆଗେ ବି ନାଟକ ହେଉଥିଲା ଆଜି ବି ନାଟକ ହେଉଛି, ହେଲେ ନାଟକ ପାଇଁ ଅନୁସାଙ୍ଗିକ ବ୍ୟବସ୍ଥାରେ କମି ରହିଯାଉଛି । ନାଟକ ପାଇଁ ନୂତନ ପିଢ଼ି ବି ସେଇ ତୁଳନାରେ ସୃଷ୍ଟି ହେଉନାହାନ୍ତି । ସମାଜକୁ ସଂସ୍କାରିତ କରିବା ପାଇଁ ନାଟକର ସୃଷ୍ଟି ଅତ୍ୟନ୍ତ ଜରୁରି ବୋଲି ଡ. ନାୟକ ମତ ରଖିଥିଲେ ।




ନାଟ ନାଟୁଆର ଯୁଗ୍ମ ସଂଯୋଜକ ଅତିଶ ଶତପଥିଙ୍କର ପରିଚାଳନାରେ ବିଶିଷ୍ଟ ଅଭିନେତ୍ରୀ କନକଲତା ମହାନ୍ତିଙ୍କୁ 'ନାଟ୍ୟ ଭବଭୂତି ସମ୍ମାନ' ଓ ବିଶିଷ୍ଟ ମଞ୍ଚ ସଜ୍ଜା ଶିଳ୍ପୀ ତଥା ନାଟ୍ୟ ସଂଗଠକ ଅଶୋକ କୁମାର ମିଶ୍ରଙ୍କୁ 'ନାଟ ନାଟୁଆ ସମ୍ମାନ' ପ୍ରଦାନ କରାଯାଇଥିଲା । ସତ୍ୟ ନାରାୟଣ ସାହୁ ଓ

### ଦୁଇ ଜଣଙ୍କୁ ନାଟ୍ୟ ଭବଭୂତି ଓ ନାଟ ନାଟୁଆ ସମ୍ମାନ

ମମତା ନାଥ ମାନପତ୍ର ପାଠ କରିଥିଲେ । ଏଥିସହ ସୁକାନ୍ତ କର, ପ୍ରମୋଦ ମିଶ୍ର, ସୁଶ୍ରୀ ଶ୍ରଦ୍ଧା ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବରିଷ୍ଠ ସଭ୍ୟ ମହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ପ୍ରଶାନ୍ତ ମାଝୀ, ଯୋଗେଶ ନନ୍ଦ, ଲଳିତ ମୋହନ ବେବର୍ତ୍ତା, ପଙ୍କଜିନୀ ମେହେର, ଶଙ୍କର ବେହେରା, ବଳରାମ ହୋତା, ସଞ୍ଜୀବ ପାଢ଼ୀ, ସୌମିକ ବାବୁ, ମମତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଆନ୍ତଃ ଆଇନ ମହାବିଦ୍ୟାଳୟ ପ୍ରତିଯୋଗିତା; ରାଉରକେଲା କଲେଜର ସଫଳତା



**ରାଉରକେଲା, ୨୭।୩(ସମିସ):** କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଆନ୍ତଃ ଆଇନ ମହାବିଦ୍ୟାଳୟ ଦୁଇ ଦିନିଆ ମୁଟକୋର୍ଟ ପ୍ରତିଯୋଗିତାରେ ରାଉରକେଲା ଆଇନ ମହାବିଦ୍ୟାଳୟ ଛାତ୍ର ସଫଳତା ଅର୍ଜନ କରିଛନ୍ତି। ୩୬ ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ଏହି ପ୍ରତିଯୋଗିତାରେ ରାଉରକେଲା ଆଇନ ମହାବିଦ୍ୟାଳୟର ଛାତ୍ର ଚିନ୍ମୟ ନାରାୟଣ ପ୍ରଧାନ ଶ୍ରେଷ୍ଠ ବକ୍ତା ଭାବେ ପୁରସ୍କୃତ ହୋଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏଥିସହ ଛାତ୍ର ଅମିତ ପାତ୍ର ଓ ଛାତ୍ରୀ ତାନିୟା ୱାର୍ଷି ଭାଗ ନେଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି, ପରିଚାଳନା ସମିତିର ସଭାପତି ଯତୀନ୍ଦ୍ର ନାୟକ, ହରଦୀପ ସିଂହ ଉପସ୍ଥିତ ରହି ସଫଳତା ଆଣିଥିବା ଛାତ୍ରଛାତ୍ରୀମାନଙ୍କୁ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ।

## ଉପରପଡ଼ା ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

# ୫୬ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ



**ଭେଡେନ, ୨୭।୩(ସମିସ):** ଭେଡେନ ଉପର ପଡ଼ା ଠାରେ ଅନୁଷ୍ଠିତ ହେଉଥିବା ନାମଯଜ୍ଞର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା ୫୬ପ୍ରହରୀ ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ କାର୍ଯ୍ୟକ୍ରମର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ ମଣ୍ଡପରୁ ବାହାରି ଭେଡେନ ନିକଟସ୍ଥ ଦନ୍ତା ନଦୀରୁ କଳସରେ ପାଣି ଆଣି ଗାଁ ପରିକ୍ରମା କରି ନାମଯଜ୍ଞ ମଣ୍ଡପ ସ୍ଥଳରେ ପହଞ୍ଚି କଳସ ସ୍ଥାପନ କରାଯାଇ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ପୂଜାରେ ପୂଜକ ଭାବେ ପଣ୍ଡିତରାଜ ପଣ୍ଡା ଦାୟିତ୍ୱ ତୁଲେଇଥିବା ବେଳେ ସହଯୋଗୀ ଭାବେ ଆକାଶ ନନ୍ଦ, ସୁରୁ ନନ୍ଦ ଦାଇତ୍ୱ ତୁଲାଇଥିଲେ। କର୍ତ୍ତା ଭାବେ ତୁଷାରକାନ୍ତ ମିଶ୍ର ଓ ପ୍ରିୟଙ୍କା ଦାସ, ଜୟନାରାୟଣ ମେହେର ଓ ପୂର୍ଣ୍ଣିମା ମେହେର, ଲିଙ୍ଗରାଜ ମେହେର ଓ ବାସନ୍ତୀ ମେହେର, ନିମାଇଁ ଚରଣ ମେହେର ଓ ପ୍ରେମସିଲା ମେହେର, ତରଣୀ ମେହେର ଓ ତିଲୋତ୍ତମା ମେହେର, ହେମନ୍ତ ଅଦାବର ଓ ଚିନ୍ମାମଳି ଅଦାବର, ସତ୍ୟପ୍ରକାଶ ମେହେର ଓ ନମିତା ମେହେର, ରାମାକାନ୍ତ ଭୁକ୍ତା ଓରାସେଶ୍ୱରୀ ଭୁକ୍ତା ସପତ୍ନୀକ ଦାୟିତ୍ୱ ତୁଲାଥିଲେ। କାର୍ଯ୍ୟକ୍ରମରେ ଗାଁର ଶତାଧିକ ଭକ୍ତଙ୍କ ସମାବେଶ ନାମମଣ୍ଡପ ଓ ବିଶ୍ୱଶାନ୍ତି ମହାଯଜ୍ଞ ମଣ୍ଡପରେ ହୋଇଥିଲା। କାର୍ଯ୍ୟକ୍ରମକୁ କମିଟିର ଗଜରାଜ ମେହେର, ତପୋବନ୍ତ ମେହେର, ବିଶ୍ୱ ମେହେର, ସରୋଜ ମିଶ୍ର, ଦଶରଥ ମେହେର, ମନୋଜରଥ, ଅଶୋକ ସିଂ, ଜୋସ୍ନାମୟୀ ସିଂ, ଜୟଦେବ ମେହେର, ନେହେରୁ ମେହେର, ସିବଲାଲ ମେହେର, ପ୍ରମୋଦ ମେହେର, ଆନନ୍ଦ ମେହେର, ବାବୁଲୁ ମେହେର, ବିଶାଖା ମେହେର, ରାଜେଶ ଅଗ୍ରୱାଲ, ବୃନ୍ଦାବନ ମେହେର, ଭୀଷ୍ମ ମେହେର, ରୋହିତ ମେହେର, ଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ। ସମସ୍ତ ଭକ୍ତଙ୍କ ପାଇଁ ତୋପବନ୍ତ ମେହେର ଅନ୍ନପ୍ରସାଦ ବ୍ୟବସ୍ଥା କରିଥିଲେ।

# ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ୨୦୨୬




**ଗାଇସିଲେଟ, ୨୭।୩(ସମିସ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନବସୃଜନ ଓ ଷ୍ଟାର୍ଟଅପ୍ (ଇନ୍ନୋଭେସନ ଆଣ୍ଡ ଷ୍ଟାର୍ଟଅପ୍) ପ୍ରତିଯୋଗିତା ୨୦୨୬ ଆୟୋଜିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ.ସୁନିଲ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରଦୀପ ପଧାନ ଓ ଅଧ୍ୟାପକ ବାଚସ୍ପତି ପଧାନ ମଞ୍ଚାସୀନ ଥିଲେ। ସଂଯୋଜକ ଅଧ୍ୟାପକ ଦଶରଥ ମେହେର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ୯ ଜଣ ଛାତ୍ରଛାତ୍ରୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ପ୍ରିୟାନଶୁ ସାହୁ ପ୍ରଥମ ସ୍ଥାନ, ବର୍ଷା ସାହୁ ଦ୍ୱିତୀୟ ସ୍ଥାନ ଓ ଆରତୀ ଭୁଏ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଥିଲେ। ଶେଷରେ ଅଧ୍ୟାପକ ବାଚସ୍ପତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମାନ୍ତ ଗାଁରେ ବିକାଶର ନଗ୍ନ ଚିତ୍ର

# କଦମଡିହକୁ ଅପହଞ୍ଚ ଯୋଜନା; ଶତାଧିକ ଶିଶୁଙ୍କୁ ଅପପୁଷ୍ଟି

**ରାଉରକେଲା/କୋଇଡା, ୨୭।୩(ସମିସ)**

କୋଇଡା ବ୍ଲକର ଅନେକ ଗାଁକୁ ସ୍ୱାଧୀନତାର ୭୮ ବର୍ଷ ପରେ ବି ବିକାଶ ଛୁଇଁପାରିନି। ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ହେଲେ ଏ ସମସ୍ତ ଯୋଜନା ସେହି ଗାଁ ଗୁଡିକକୁ ଅପହଞ୍ଚ ହୋଇରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି

### ଡିଏମ୍ଏଫ୍ ପାଣ୍ଠିର ଗତି କୁଆଡେ ?

କୋଇଡା ବ୍ଲକର ପାଟମୁଣ୍ଡା ପଞ୍ଚାୟତର କଦମଡିହ ଗାଁ। ଏହି ଗାଁର ଲୋକଙ୍କ ପାଇଁ ଏବେ ବି ରାସ୍ତାଘାଟ, ବିଜୁଳି ଆଲୁଅ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ଅପହଞ୍ଚ ହୋଇ ରହିଛି। ଖାଦ୍ୟାଭାବରୁ ଶତାଧିକ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ନଜରକୁ ଆସିଛି। ସୂଚନାଯୋଗ୍ୟ, ଯେ ସ୍ୱାଧୀନ ଭାରତର ପରାଧୀନ ଗାଁ କଦମଡିହି ବ୍ଲକ ହେଡକ୍ୱାର୍ଟର୍ସରୁ ୧୮ କିଲୋମିଟର ଓ ପଞ୍ଚାୟତ ହେଡକ୍ୱାର୍ଟର୍ସ ପାଟମୁଣ୍ଡା ରୁ ୧୨ କିଲୋମିଟର ଦୂର ପାହାଡ ଜଙ୍ଗଲ ଘେରରେ ରହିଛି। ଗ୍ରାମ ପଞ୍ଚାୟତ ହେଡକ୍ୱାର୍ଟର୍ସକୁ ଯିବାକୁ ଗ୍ରାମବାସୀଙ୍କୁ ବିପଦସଙ୍କୁଳ ପଥୁରିଆ ରାସ୍ତାରେ ଚାଲି ଚାଲି ଯିବାକୁ ପଡୁଛି। ଏହି ଗାଁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲା ସୀମାରେ ଅବସ୍ଥିତ। ସ୍ୱାଧୀନତା ପରେ ଆଜି ପର୍ଯ୍ୟନ୍ତ ଗାଁକୁ ବିଜୁଳି ପହଞ୍ଚିନି। ଏହାବ୍ୟତିତ ଗାଁକୁ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ମଧ୍ୟ ସାତ ସପନ ହୋଇରହିଛି। ଏ ଗ୍ରାମକୁ ସରକାରଙ୍କ ଆମ୍ବୁଲାନ୍ସ, ସ୍କୁଲ ବସ୍, ଆସୁନଥିବା ବେଳେ ମେଗା ପାନୀୟଜଳ ପ୍ରକଳ୍ପ ତାଲିକାରେ ଏ ଗ୍ରାମର ନାଁ ନାହିଁ। ନିକଟରେ ଏକ ଖଣି ଖୋଲିବାରୁ ଗ୍ରାମର ଉପର ଭାଗରେ କିଛି ସୋଲାର ଲାଇଟ୍ ଓ କିଛି ସୋଲାର ବୋରୱେଲ୍ ଯୋଗାଇଦିଆଯାଇଛି। ହେଲେ କେନ୍ଦୁଝର ଜିଲ୍ଲା ସୀମାକୁ ଲାଗି ତଳ ଭାଗରେ ରହିଥିବା ଏହି ଗାଁରେ କିଛି ନାହିଁ। କେନ୍ଦୁଝର ପଟରେ ରହିଥିବା ଏହି ଗାଁର ଅଂଶରେ ଏକ ସୋଲାର ବୋରୱେଲ୍ ସହିତ ୫୦୦୦ ଲିଟର ଟାଙ୍କି କେନ୍ଦୁଝର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଯେଉଁଠି କେନ୍ଦୁଝର ଓ ସୁନ୍ଦରଗଡ଼ ସୀମାରେ ଥିବା ଉଭୟ ଶତାଧିକ ପରିବାର ପାନୀୟଜଳ ସଂଗ୍ରହ କରନ୍ତି, କିନ୍ତୁ ଗାଧୋଇବା, ଶୌଚ, କପଡ଼ାଧୁଆ ପାଇଁ ୪୦ ବର୍ଷ ପୂର୍ବେ ସୁନ୍ଦରଗଡ଼ ପଟ ନିର୍ମାଣ ହୋଇଥିବା ପଖୋରୀ ହିଁ ଦୁଇ ଜିଲ୍ଲାର ଭରସା।





ଏମିତିକି ମେଘୁଆ ପାଗ, ବର୍ଷା ଦିନେ ସମସ୍ତେ କେବଳ ଏହି ପୋଖରୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପୋଖରୀ ପାଖରେ ଏକ ଚୁଆ ସାହାର୍ଯ୍ୟରେ ପାନୀୟଜଳ ଆଣି ଥାଆନ୍ତି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଦୀର୍ଘ ୪୦ ବର୍ଷ ଧରି ପୋଖରୀ ପଙ୍କ ଉଦ୍ଧାର ନ ହେବା ଫଳରେ ଏବେ ଛୋଟ ଶିଶୁ ଠାରୁ ନେଇ ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା ସମସ୍ତେ ଜଟିଳ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାକୁ ଯେତେ ଉପଚାର କଲେ ମଧ୍ୟ ଭଲ ହେଉନି ବୋଲି ଅଭିଯୋଗ କରିଛନ୍ତି। ଏପରି ଅବସ୍ଥାରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଅଞ୍ଚଳବାସୀ। ସେପଟେ କଦମଡିହ ଗାଁରେ ପ୍ରଥମରୁ ଅଷ୍ଟମ ଯାଏଁ ବିଦ୍ୟାଳୟ ରହିଛି। କିନ୍ତୁ ବିଡମ୍ବନାର ବିଷୟ ଏଠିକାର ଛାତ୍ରଛାତ୍ରୀ ହୁଅନ୍ତୁ ବା ଶିକ୍ଷକ ଶିକ୍ଷୟିତ୍ରୀ ପାଣି ବା ଶୌଚ ପାଇଁ ସେହି ଝରଣା ପାଣିକୁ ଭରସା କରନ୍ତି। ଗ୍ରାମରେ ପ୍ରାୟ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ନିର୍ମିତ ହୋଇଛି, ପାଣି ନଥିବାରୁ ସେଗୁଡିକ ଅଚଳ ହୋଇପଡ଼ିଛି। ଏବେ ସେ ସବୁଥିରେ ଲୋକେ ଜାଳକୁଟା ରଖୁଛନ୍ତି। ଅପରପକ୍ଷେ ଯେଉଁ ଗ୍ରାମରେ ଭୋକ ବିକଳରେ ଲୋକେ ମୁଠାଏ ଦାନା ପାଇଁ ସଂଘର୍ଷ କରି ଆସୁଛି, ଯେଉଁଠି ପିଇବା ପାଣି ପାଣି ଟୋପେ ନାହିଁ, ଗାଁ ମୁଣ୍ଡର ଝରଣା ପାଣି ହିଁ ଭରସା, ଯେଉଠିଁ ବିଜୁଳି ନାହିଁ, ଡିବିରି ଆଲୁଅ ଭରସା, ସେଠି ଇଟା ବାଲି ସିମେଣ୍ଟ ତିଆରି ଶୌଚାଳୟ ଗ୍ରାମ ଲୋକଙ୍କ ପାଇଁ ଉପହାସ ନୁହେଁ ତ ଆଉ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ତରଭୁଜ ବୋଝେଇ ଗାଡ଼ିରେ ଗଞ୍ଜେଇ ଚାଲାଣ

**ସୋହେଲା, ୨୭।୩ (ସମିସ):** ଓଡ଼ିଶାରୁ ଉତ୍ତରପ୍ରଦେଶ ରାଜ୍ୟକୁ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ସିଂଘୋଡା ପୁଲିସ ଦ୍ୱାରା ଜବତ ହୋଇଛି।

### ୨ଟି ଗାଡ଼ି ସହ ୬ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

### ଏକ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଜବତ

ପୁଲିସ ଏହି କାରବାରରେ ବ୍ୟବହୃତ ଏକ ପିକଅପ ଏବଂ ଦାମୀ କାର ସମେତ ୬ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିବା ଜଣା ପଡ଼ିଛି। ସମ୍ବଲପୁର-ରାୟପୁର ଜାତୀୟରାଜପଥ ଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପଡୋଶୀ ଛତିଶଗଡ଼ ସମେତ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜରାଟ ପ୍ରଭୃତି ରାଜ୍ୟକୁ ବିଭିନ୍ନ ଯାନବାହନ ମାନଙ୍କରେ ନିୟମିତ ବେଆଇନ ଗଞ୍ଜେଇ ଚୋରାଚାଲାଣ ଚାଲିଛି। ଏହାକୁ ଦୃଷ୍ଟିରେ ପଡୋଶୀ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା ପୁଲିସ ଏସପି ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଓଡ଼ିଶା ରାଜ୍ୟ ସୀମାନ୍ତ ଥାନା ମାନଙ୍କୁ ଅନୁରୋଧ କରିଥିଲେ। ଏହି କ୍ରମରେ ସମ୍ବଲପୁରରୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏହାପରେ ଏଠାରୁ ପ୍ରାୟ ୧୨ କିମି ଦୂର ଜାତୀୟରାଜପଥ ଉପରେ ରେହେଟିଖୋଲ ଠାରେ ସିଂଘୋଡା ପୁଲିସ ଏବଂ ମହାସମୁନ୍ଦ ପୁଲିସର ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ଦଳ ମିଳିତ ଭାବେ



ଓଡ଼ିଶା ପଟୁ ଆସୁଥିବା ଯାନବାହନ ମାନଙ୍କୁ ଯାଞ୍ଚ କରୁଥିଲେ। ଏହି ସମୟରେ ସୋହେଲା ଆଡୁ ଆସୁଥିବା କାର୍ (ୟୁପି୯୬କ୍ୟୁ-୩୬୫୮) ଏବଂ ତାର ପଛରେ ତରଭୁଜ ବୋଝେଇ ହୋଇଥିବା ଏକ ପିକଅପ (ଓଡି୧୫ୱାଇ-୪୬୭୬)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ତରଭୁଜ ବୋଝେଇ ହୋଇଥିବା ପିକଅପ୍ ଗାଡିରେ ତରଭୁଜ ତଳେ ପ୍ଲାଷ୍ଟିକ ବସ୍ତାରେ ରଖା ହୋଇଥିବା ପ୍ରାୟ ୨କ୍ୱିଣ୍ଟାଲ ୨୫କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧ କୋଟି ୧୨ ଲକ୍ଷ ୫୦ହଜାର ଟଙ୍କା ବୋଲି କୁହାଯାଇଛି। ଗଞ୍ଜେଇ ଜବତ କରି ପୁଲିସ କର୍ମଚାରୀ ଗାଡିରେ ଥିବା ୨ ଜଣ ମଧ୍ୟପ୍ରଦେଶର ସତନା ଜିଲ୍ଲା ନୟାଗାଁ ଥାନା ଚିତ୍ରକୁଟ କାମ୍ପତା ବସ୍ତି ବାସିନ୍ଦା ହରିବାବୁ ବର୍ମା (୪୦) ଏବଂ ରାମବାବୁ ବର୍ମା (୪୮)ଙ୍କୁ ଗିରଫ କରଥିଲା। ପଚରା ଉଚରା କରିବାରୁ ଆଗରେ ଯାଉଥିବା ଉକ୍ତ କାର ସୁରକ୍ଷା ଦେଉଥିବା ପ୍ରକାଶ କରିଥିଲେ। ଏହାପରେ ପୁଲିସ କାରରେ ବସିଥିବା ୟୁପିର ୪ ଜଣ ଯୁବକ ସତୀଶ ଗୁପ୍ତା (୩୫), ଘନଶ୍ୟାମ ଗୁପ୍ତା(୩୫), ସୁରଜ ଗୁପ୍ତା(୨୪) ଏବଂ ଯୋଗେଶକୁଶବାହ(୨୩)ଙ୍କୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ କରିଥିଲା। ସିଂଘୋଡା ପୁଲିସ ଏନେଇ ମାମଲା ରୁଜୁ କରିଥିଲା। ପୁଲିସ ଏହି ଘଟଣାରେ ୧ କୋଟି ୧୨ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ୨ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ସମେତ ପିକଅପ, କାର ଏବଂ ୭୦ ହଜାର ଟଙ୍କା ମୂଲ୍ୟର ୬ଟି ମୋବାଇଲ ଅଭିଯୁକ୍ତ ମାନଙ୍କ ନିକଟରୁ ଜବତ କରିଥିବା ସିଂଘୋଡା ଥାନାଧିକାରୀ ସନ୍ତୋଷ ସିଂ ସୂଚନା ଦେଇଛନ୍ତି।

# ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଯୁବତୀ ଉଦ୍ଧାର

**ରାଉରକେଲା, ୨୭।୩(ସମିସ):** ଝିରପାଣି ବ୍ରିଜ୍ ତଳୁ ଜଣେ ଗୁରୁତର ଅବସ୍ଥାରେ ପଡ଼ିଥିବା ଯୁବତୀଙ୍କୁ ଝିରପାଣି ଥାନା ପୁଲିସ ଉଦ୍ଧାର କରିଛି। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ରିଜ୍ ତଳେ ଯୁବତୀ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ତେବେ ଯୁବତୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି କେହି କହୁଥିବା ବେଳେ ଆଉ କିଏ ସେଲଫି ନେବା ସମୟରେ ଭାରସାମ୍ୟ ହରାଇ ପଡ଼ି ଯାଇଥିବା କହୁଥିବା ଶୁଣିବାକୁ ମିଳିଛି। ତାଙ୍କର ପରିଚୟ ଜଣାପଡ଼ି ନଥିବା ବେଳେ ବିଶ୍ରା ଥାନାଞ୍ଚଳର ହୋଇଥିବା ଚର୍ଚ୍ଚା ଚାଲିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ୪ ଏସ୍ଆଇଙ୍କ ପଦୋନ୍ନତି

**ରାଉରକେଲା, ୨୭।୩(ସମିସ):** ଓଡ଼ିଶା ପୁଲିସରେ କାର୍ଯ୍ୟରତ ୪ ଜଣ ଏସଆଇଙ୍କ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ହୋଇଥିବା ରାଜ୍ୟ ପୁଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ରାଉରକେଲା ଜିଲ୍ଲା ପୁଲିସ ଅଧୀନରେ କାର୍ଯ୍ୟରତ ଏସଆଇ ମିତାଲି ମଧୁଛନ୍ଦା ସ୍ୱାଇଁଙ୍କ ନୟାଗଡ଼ ଜିଲ୍ଲା ପୁଲିସ ଇନ୍ସପେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ଏସ୍ଆଇ ମନ୍ଦାକିନି ବିଶୋଇଙ୍କ କମିଶନରେଟ ପୁଲିସରୁ ଜଗତସିଂପୁର, ଚିରଞ୍ଜିବୀ ବେହେରାଙ୍କ କନ୍ଧମାଳରୁ ବୌଦ୍ଧ ଓ ନିର୍ମଳା ଲିମାଙ୍କ କୋରାପୁଟରୁ ପୁରୀ ଜିଲ୍ଲା ପୁଲିସକୁ ବଦଳି ହୋଇଥିବା ଜଣାପଡ଼ିଛି।

# ୧୧କୁ ଘୁଞ୍ଚିଲା ରାଉରକେଲା ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା, ୨୭।୩(ସମିସ):** ଅନ୍ୟତମ ସାମାଜିକ ସାଂସ୍କୃତିକ ସଂଗଠନ କାନଭାସ୍ ପକ୍ଷରୁ ରାଉରକେଲା ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ ମାର୍ଚ୍ଚ ୨୮ ଓ ୨୯ ତାରିଖରେ ହେବାକୁ ଥିବା ବେଳେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ଏପ୍ରିଲ ୧୧ ଓ ୧୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମର ପରିଚାଳନା ପାଇଁ ସଂଗଠନର ସଭାପତି ଭାବେ ନଚିକେତା ମହାପାତ୍ର, ସାଂଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ରଜତ କୁମାର ଜେନା, କାର୍ଯ୍ୟାଳୟ ସମ୍ପାଦକ ଅଜୟ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। କେତେକ ଅନିବାର୍ଯ୍ୟ କାରଣ ପାଇଁ ପୂର୍ବରୁ ଘୋଷିତ ମାର୍ଚ୍ଚ ୨୮ ଓ ୨୯କୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ନୂଆ ଉତ୍ସାହ ଓ ନୂଆ ଚିନ୍ତାଧାରା ନେଇ ଏପ୍ରିଲ ୧୧ ଓ ୧୨ ଦୁଇ ଦିନ ସେକ୍ଟର -୧୩ ମେଳନ ପଡ଼ିଆରେ ଏହା ପାଳନ ହେବ ବୋଲି ସଂଗଠନ ପକ୍ଷରୁ ସୂଚାଯାଇଛି।

# ବିଜେପୁର ମାଁ ତାରିଣୀ ପୀଠରେ ବାସନ୍ତିକ ନବରାତ୍ର ସମ୍ପନ୍ନ

**ବିଜେପୁର, ୨୭।୩(ସମିସ):** ବରଗଡ଼ ଜିଲ୍ଲା ବିଜେପୁରର ମାଁ ତାରିଣୀ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିପଦା ଦିନରେ ବିଲ୍ୱବରଣ ଓ କଳସ ଯାତ୍ରା ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା। ସ୍ଥାନୀୟ ଦାମୋଦର କଟାରୁ ଦେବାଦେବୀଙ୍କୁ ଆବାହନ କରି ମନ୍ଦିରକୁ ପୂର୍ଣ୍ଣ ଜଳକଳସ ଅଣାଯାଇଥିଲା। ଏହାପରେ ପ୍ରତିଦିନ ନିୟମିତ ଭାବେ ପୂଜା, ହୋମ ଓ ଚଣ୍ଡୀପାଠ ଚାଲିଥିଲା। ପୂଜାରେ ହରେକୃଷ୍ଣ ଓ ସୌଦାମିନୀ ସେନାପତିଙ୍କ ସହ ବିଶ୍ୱରଞ୍ଜନ ଓ ଆନନ୍ଦିନୀ ସେନାପତି, ଶେଷଦେବ ଓ ପଦ୍ମିନୀ ମିଶ୍ର, ବ୍ରଜରାଜ ଓ ସନ୍ଧ୍ୟାରାଣୀ ମାହାଣା, ମଣ୍ଟୁ ଓ ସୁଜାତା ମେହେର, ହୃଷୀକେଶ ଓ ରାଜେଶ୍ୱରୀ ମେହେର, ରୋହିତ ଓ କମଳିନୀ ସାହୁ, ପ୍ରମୋଦ ଓ ସ୍ୱର୍ଣ୍ଣପ୍ରଭା ମହାରଣା, ଯଶୋବନ୍ତ ଓ କୁମୋଦିନୀ ସମରଥ ପ୍ରମୁଖ ଦମ୍ପତି ମାନେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ମଣ୍ଟୁ ସାବତ, ଅବିନାଶ ମହାପାତ୍ର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ନବମୀ ତିଥିରେ ନବକନ୍ୟା ପୂଜନ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଅପରାହ୍ଣରେ ପୂର୍ଣ୍ଣାହୂତି ସହିତ ଉତ୍ସବର ସମାପନ ଘୋଷଣା କରାଯାଇଥିଲା। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ମାଁଙ୍କ ଦର୍ଶନ ଲାଭ କରିଥିଲେ।



# ଇଡି-ୱର୍କ୍ସ କୌଶଳ ଉତ୍କର୍ଷ ପୁରସ୍କାର ବଣ୍ଟନ ସମାରୋହ

**ରାଉରକେଲା, ୨୭।୩(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଶୁକ୍ରବାର ୧୫ତମ 'ଇଡି-ୱର୍କ୍ସ, କୌଶଳ ଉତ୍କର୍ଷ ପୁରସ୍କାର' ବଣ୍ଟନ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ କୌଶଳ ବିକାଶ କିପରି ଉନ୍ନତ ଜ୍ଞାନ ଏବଂ ଦକ୍ଷତା ନିର୍ମାଣର ଏକ ପ୍ରକ୍ରିୟା ରୂପେ ବ୍ୟକ୍ତିଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସାହାଯ୍ୟ କରେ ସେ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସମ୍ପ୍ରତି ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ କୌଶଳ ବୃଦ୍ଧି ଅତ୍ୟାବଶ୍ୟକ ଯାହା କେବଳ ବ୍ୟକ୍ତି ନୁହେଁ ବରଂ ସଂଗଠନଗୁଡ଼ିକୁ ମଧ୍ୟ ଲାଭ ପହଞ୍ଚାଏ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପ୍ରତିଯୋଗୀତା ପାଇଁ ଶୁଭକାମନା ଜଣାଇଥିଲେ। ପ୍ରାରମ୍ଭରେ, ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ପିକେ ସାହୁ ସମାବେଶକୁ ସ୍ୱାଗତ କରିଥିଲେ। ପରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ ଏଚ୍. ପତି ପ୍ରତିଯୋଗିତାର ଏକ ସଂକ୍ଷିପ୍ତ ଇତିହାସ ଏବଂ ଅଭିମୁଖ୍ୟ ସହ ଏହାର ଭବିଷ୍ୟତ ରୂପରେଖ ବର୍ଣନା କରିଥିଲେ। ଆର୍ଏସପି ଓ ଓଡ଼ିଶା ଖଣି ସମୂହରୁ ମୋଟ ୧୪୮ ଜଣ ପ୍ରତିଯୋଗୀ ୮ଟି ଭିନ୍ନ ଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠ ୩ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କୌଶଳ ଉତ୍କର୍ଷ ପ୍ରତିଯୋଗିତାରେ ବିଜେତା ଆଗାମୀ ସମୟରେ ସିଆଇଆଇ ଦ୍ୱାରା କୋଲକାତାଠାରେ ଆୟୋଜନ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହେବେ। ସେହିପରି ଆଞ୍ଚଳିକ ରାଉଣ୍ଡର ବିଜେତାମାନେ ପରବର୍ତ୍ତୀ ସମୟରେ ଜାତୀୟ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ପ୍ରତିଯୋଗିତା ସମୟରେ ମୂଲ୍ୟାଙ୍କିତ ହୋଇଥିବା କୌଶଳ ମଧ୍ୟରେ ରହିଛି ହାଇଡ୍ରୋଲିକ୍ସ, ଟର୍ନର, ଫିଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ଇଲେକ୍ଟ୍ରୋନିକ୍ ମେକାନିକ୍, ଇନ୍ସଟ୍ରୁମେଣ୍ଟେଶନ ମେକାନିକ୍ ଏବଂ କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଂ। ଏହି ପୁରସ୍କାର ସମାରୋହକୁ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଏଲ୍‌କେ ମାରାଣ୍ଡି ସଂଯୋଜନା କରିଥିବା ବେଳେ ବିଭାଗର ଜିଏମ ଏମ୍‌କେ ଅଗରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟଙ୍କ ସହ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ।




# ବିରିଙ୍ଗାଟୋଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୨୭।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବିରିଙ୍ଗାଟୋଲିଠାରେ ଥିବା ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୀନା କୁମାରୀ ଜେନା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୀନି ରାଣୀ ସୋରେନ, ପୂଜା ସାହୁ, ବାମରା ଶ୍ରମ ଅଧିକାରୀ ମୀନକେତନ ସୁନ୍ୟାନୀ, କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସିନୀ, ଅମରେଶ ବେହେରା, ନିତ୍ୟାନନ୍ଦ ବେହେରା, ସୁନିତା ସରୋନିଆ, ତେଲେନଡିହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ପଟେଲ, ଅଲେଖ ଦଲେଇ, ସିଆରସିସି ବୈଦ୍ୟନାଥ ଜୟପୁରୀଆ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଭାଷା ଶିକ୍ଷକ ଡମ୍ବରୁଧର କିଶାନ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦ୍ରୁପତୀ ବୁଖା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଜୟଶ୍ରୀ ବିରଗଣ୍ଡିଆ, ମମତା ନାୟକ, ଲିଲି କୁଲ୍ଲୁ, ବୈଦେହୀ ଖଡିଆ, ମାଗ୍ରିତା କୁଲ୍ଲୁ, ଦୋଳରଞ୍ଜନ ନାଏକ, ଗଣେଶ ଟପ୍ପୋ ସହଯୋଗ କରିଥିଲେ।



# ଜୟ ଶ୍ରୀରାମ ନାରାରେ କମ୍ପିଲା ପୁରପଲ୍ଲୀ

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ପଦ୍ମପୁର, ୨୭।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ରାମନବମୀ ଉତ୍ସବ ପାଳିତ ହୋଇଛି। ଗୋପାଳଜୀ ମନ୍ଦିରରୁ ପୂଜକ ମୁଦ୍ରିରଥ ପଣ୍ଡା ରାଧାକ୍ରିଷ୍ଣ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ଆଣିଥିଲେ। ଏକ ସୁସଜ୍ଜିତ ରଥରେ ଶୋଭାଯାତ୍ରାରେ ଶିଶୁ ମନ୍ଦିରରୁ ବାହାରି ମେହେର ପଡ଼ା, ଅହିଂସା କ୍ଲବ୍ ଛକ, ହନୁମାନ ପଡ଼ା, ଭେଉଁରିଆ ଛକ, ସୂର୍ଯ୍ୟ ନଗର, ଥାନାଛକ ଦେଇ ଶିଶୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶୋଭାଯାତ୍ରାରେ ଶିଶୁ ବିଦ୍ୟାମନ୍ଦିରର



ଛାତ୍ରଛାତ୍ରୀ ବନବାସୀ ରାଜାରାମ, ସୀତା ଓ ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ ହୋଇଥିସେ। ରଥରେ ଡିଜେ ବାଜାର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ଶ୍ରୀରାମ ଧ୍ୱନିରେ ବିଭିନ୍ନ ସ୍ଥାନରେ ଝୋଟି ଚିତା ପକାଇ କଳସ ସ୍ଥାପନ କରି ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡଃ ବାଞ୍ଛାନିଧି ପଣ୍ଡା, ଭକ୍ତଚରଣ ସାହୁ, ଜୟନାରାୟଣ ତ୍ରିପାଠୀ, ସଭାପତି ପୃଥିରାଜ ସାହୁ, ସମ୍ପାଦକ ଜନକଲାଲ ମେହେର, ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ, ମାତୃ ଭାରତୀ ସଭ୍ୟା ବୃନ୍ଦ, ପୂର୍ବଛାତ୍ର ପରିଷଦର ସଭ୍ୟ ସମେତ ଅଭିଭାବକବୃନ୍ଦ, ଗୁରୁଜୀ ଗୁରୁମା ସାମିଲ ଥିଲେ।

## ଶ୍ରୀରାମ ଶିକ୍ଷାନୁଷ୍ଠାନ ସମୂହ

**ସୋହେଲା:** ସୋହେଲା ଶ୍ରୀରାମ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ ଶ୍ରୀରାମ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଗୀର୍ଜେଶ ଖାଡଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଅନ୍ତର୍ଯ୍ୟାମୀ ଖାଡଙ୍ଗାଙ୍କ ସ୍ମୃତିଚାରଣ କରି ଏପରି ଶିକ୍ଷାନୁଷ୍ଠାନ ଗଠନ କରିଥିବାରୁ ପ୍ରତିଷ୍ଠାତା ଗୀର୍ଜେଶ ଖାଡଙ୍ଗା ଏବଂ ମଞ୍ଜୁଲତା ଶତପଥୀଙ୍କ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଟେକଚାନ୍ଦ ଦୁଆନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶେଖ ମିର୍ଜା ଆକବର, ଡ.ଆଦିତ୍ୟ ଖାଡଙ୍ଗା, ଶିକ୍ଷକ କେଦାରନାଥ ସାହୁ, କବିରଞ୍ଜିତ ପଧାନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନର୍ସିଂ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ରୀରାମ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନୀଳାଞ୍ଜଳ ପଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡା ମୋତିଶେଖର ଭୋଇ ସ୍ୱାଗତ




ଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଇଂରାଜୀ ଅଧ୍ୟାପକ ବାଦଲ ପଧାନ ସଂଯୋଜନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ମଞ୍ଜୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶ୍ରୀରାମ କିଡସ୍, ମାଧ୍ୟମିକ ବିଦ୍ୟାଳୟ ଏବଂ ନର୍ସିଂ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜ୍ଞାନ ଭାରତୀ ଗୁରୁକୁଳ

**ଝାରବନ୍ଧ:** ଝାରବନ୍ଧ ବ୍ଲକ ଅଧୀନ ଜଗଦଳପୁର ସ୍ଥିତ ଜ୍ଞାନ ଭାରତୀ ଗୁରୁକୁଳରେ ପବିତ୍ର ରାମନବମୀ ମହୋତ୍ସବ ଧୂମଧାମରେ ପାଳିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ହୋମଯଜ୍ଞ ହୋଇଥିଲା। ପରେ ଜଗଦଳପୁର ନଗରରେ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ଗୁରୁକୁଳର ଛାତ୍ରଛାତ୍ରୀ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ହନୁମାନଙ୍କ ବେଶଭୂଷାରେ ସୁସଜ୍ଜିତ ହୋଇ ସଙ୍କୀର୍ତ୍ତନର ତାଳେ ନଗର ପରିକ୍ରମା କରିଥିଲେ। ନଗରରେ ବିଭିନ୍ନ ସ୍ଥାନରେ ଲୋକମାନେ ଘର ସମ୍ମୁଖରେ ଝୋଟି, କଳସ ଓ ଦୀପ ଜଳାଇ ଶୋଭାଯାତ୍ରାକୁ



ସ୍ୱାଗତ ଜଣାଇଥିଲେ। ଶୋଭାଯାତ୍ରାକୁ ସମ୍ପାଦକ ଦିବ୍ୟ କିଶୋର ପଣ୍ଡା, ପ୍ରଧାନଶିକ୍ଷକ ସାଧୁ ଚରଣ ବରିହା, ଭାରତୀ ସରାଫ, ରଶ୍ମିତା ଦାଶ, ଯାଜ୍ଞସେନୀ ବେରିହା, ପୂଜା, ଦୀପା ଗୁରୁମା ସହ ମାତୃ ମଣ୍ଡଳୀ ଓ ଅଭିଭାବକମାନଙ୍କ ସକ୍ରିୟ ସହଯୋଗ ଥିଲା।

## ଶିରିଡିସାଇ ମନ୍ଦିର

**ବରପାଲି:** ବରପାଲି ଶିରିଡି ସାଇ ମନ୍ଦିର ପରିସରରେ ଶ୍ରୀରାମ ନବମୀ ଓ ମନ୍ଦିର ତୃତୀୟ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଭକ୍ତ ମାନଙ୍କ ଗହଣରେ ହୋମଯଜ୍ଞ ନୀତିକାନ୍ତି ଅନୁସାରେ ପାଳିତ ହୋଇଥିଲା। ସକାଳେ ପୂଜକଙ୍କ ଦ୍ୱାରା କାକଡ ଆରତି ପରେ ବାବାଙ୍କ ମହାଭିଷେକ ପର୍ବ, ଷୋଡଶ ଉପଚାର ପୂଜାର୍ଚ୍ଚନା ହୋଇଥିଲା। ମହିଳା ଭକ୍ତ ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ହୋଇଥିଲା। ପରେ ଦ୍ୱାରକାମାୟୀ ସମ୍ମୁଖରେ ହୋମଯଜ୍ଞହୋଇଥିଲା। ସଞ୍ଜୟ ପଣ୍ଡା ଓ ଧରିତ୍ରୀ ପଣ୍ଡା ପୂଜାକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ପିଣ୍ଟୁ ପାଣିଗ୍ରାହୀ, ଉଦ୍ଧବ ଦେବତା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ଇ-ହୁଣ୍ଡିକୁ ଶାଖା ପରିଚାଳକ ତଥା କମିଟି ସଭ୍ୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ସନ୍ଧ୍ୟା ଆରତି ପରେ ବାବାଙ୍କ ପାଲିଙ୍କି ଯାତ୍ରା ପରିକ୍ରମା ହୋଇଥିବା ବେଳେ ରାତ୍ରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାଇ ମନ୍ଦିର ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଙ୍କ ସହ ଆଖପାଖରୁ ସାଇ ଭକ୍ତ ମାନେ ଯୋଗ ଦେଇଥିଲେ।




ଶ୍ରୀରାମ ନବମୀ ଅବସରରେ ଭଟଲି ଛକରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

# ଗଛ ପଡ଼ି ରାସ୍ତା ବନ୍ଦ, ଚାଷ ଜମି କ୍ଷତିଗ୍ରସ୍ତ

**ଝାରବନ୍ଧ, ୨୭।୩(ସମିସ):** କାଳବୈଶାଖୀ ପବନ ବର୍ଷା ଶୁକ୍ରବାର ଝାରବନ୍ଧ ଅଞ୍ଚଳର ସାଧାରଣ ଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ଅନୁଗୋଳ ମୁଖ୍ୟ ରାସ୍ତାରେ ଏକ ବଡ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଗଛଟିକୁ ହଟାଇ ରାସ୍ତାକୁ ସଫା କରିଥିଲେ। ଏହା ସହିତ ଝାରବନ୍ଧ ବ୍ଲକର ଚଣ୍ଡୀଭଟା,




ଅଡାପାଣି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜୋର ପବନ ସହ ବର୍ଷା ଓ କରାମାଡ଼ ହୋଇଥିବାରୁ ଲୋକମାନେ ଅସୁବିଧାରେ ପଡ଼ିଥିଲେ। ହଠାତ୍ ପାଣିପାଗର ଏହି ପରିବର୍ତ୍ତନ ଦୈନନ୍ଦିନ କାର୍ଯ୍ୟକଳାପରେ ବ୍ୟାଘାତ ସୃଷ୍ଟି କରିଥିଲା। ଅନ୍ୟପଟେ ଏହି ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ କୃଷିକ୍ଷେତ୍ରରେ ଗଭୀର ଭାବେ ପଡ଼ିଛି। ବିଶେଷକରି ମହୁଲ, ଚାର ଓ ଆମ୍ବ ଫସଲରେ ଭୟାବହ କ୍ଷତିଗ୍ରସ୍ତ ହୋଇଥିବାରୁ କୃଷକମାନଙ୍କ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। କ୍ଷତିର ମୂଲ୍ୟାଙ୍କନ କରି ପୀଡିତ କୃଷକମାନଙ୍କୁ ଯଥୋଚିତ ସହାୟତା ଯୋଗାଇବା ପାଇଁ ସରକାରଙ୍କ ତତ୍କାଳ ପଦକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଭେଡେନରେ ବର୍ଷା ପବନ ସହିତ କୁଆପଥର ମାଡ଼

**ଭେଡେନ:** ଭେଡେନ ବ୍ଲକରେ ଆଜି ସନ୍ଧ୍ୟାରେ କାଳବୈଶାଖୀର ପ୍ରଭାବରେ ପବନ, ବିଜୁଳି, ଘଡଘଡି ସହ ମୂଷଳଧାରାରେ ବର୍ଷା ଓ କୁଆପଥର ମାଡ ହୋଇଛି। ଜୋରରେ ପବନ ବହିବା ଯୋଗୁଁ ଗଛ ପଡ଼ି ଯାତାୟାତ ବନ୍ଦ ହୋଇଥିଲା। ଭେଡେନ, କୁବେଡେଗା, ରକ୍ଷୁଡା, ଅର୍ଜୁଣ୍ଡା, ମାନପୁର, ବକଟି, ପପଙ୍ଗା ସମେତ ଅନେକ ପଞ୍ଚାୟତରେ କୁଆପଥରମାଡ ହେବାରୁ ଅଞ୍ଚଳର ଧାନ ଚାଷ, ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ରିପୋର୍ଟ ଲେଖା ଯିବା ବେଳକୁ ବର୍ଷା ପବନ ଲାଗି ରହିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

## ସଙ୍କଟରେ ରାଷ୍ଟ୍ରୀୟ ଜନଜାତି ଆୟୋଗ

# ଖାଲି ପଦ ତୁରନ୍ତ ପୂରଣ ପାଇଁ ସାଂସଦ ନିରଞ୍ଜନଙ୍କ ଦାବି

**ବରଗଡ଼, ୨୭।୩(ସମିସ):** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ରାଷ୍ଟ୍ରୀୟ ଆଦିବାସୀ ଆୟୁକ୍ତ ବା ରାଷ୍ଟ୍ରୀୟ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ଅବସ୍ଥା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଆଦିବାସୀ ଅଧିକାର ସୁରକ୍ଷା ପାଇଁ ଦେଶର ଏହା ଏକ ପ୍ରଧାନ ସମ୍ବିଧାନିକ ଅନୁଷ୍ଠାନ। ଆଦିବାସୀ ମାନଙ୍କ ସ୍ୱାର୍ଥ ସୁରକ୍ଷା ସକାଶେ ଆୟୋଗ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଏହାର ଅବସ୍ଥା ନେଇ ସାଂସଦ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟସଭା ସାଂସଦ ଶ୍ରୀ ବିଶି କହିଛନ୍ତି ଯେ ସମ୍ବିଧାନର ଧାରା ୩୩୮ (କ) ଅନୁଯାୟୀ ଆୟୋଗ ଆଦିବାସୀ ସୁରକ୍ଷା ବିଷୟରେ ତଦନ୍ତ ଓ ନିରୀକ୍ଷଣ କରେ। ଆୟୋଗର ସିଭିଲ୍ କୋର୍ଟ ଏବଂ ଫୌଜଦାରୀ ଅଦାଲତ ଭଳି କ୍ଷମତା ରହିଛି। ବର୍ତ୍ତମାନ ଆୟୋଗ ଗଭୀର ସଙ୍କଟ ଦେଇ ଗତି କରୁଛି। କାରଣ ୨୦୨୩ ଶେଷ ଓ ୨୦୨୪ ଆରମ୍ଭରେ ୫ଟି ମୁଖ୍ୟ ପଦବୀ ମଧ୍ୟରୁ ୪ଟି ଖାଲି ରହିଛି। ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଦୁଇଟି ସଦସ୍ୟ ପଦବୀ ଖାଲିଥିବା ବେଳେ ୧୨୪ଟି ଅନୁମୋଦିତ ପଦବୀ ମଧ୍ୟରୁ ୭୦ରୁ ଅଧିକ ପଦ ଖାଲି ପଡ଼ିଛି। ଆୟୋଗ ୫୦%ରୁ କମ୍ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ କରୁଛି। ଏହି ପରିସ୍ଥିତିରେ ଶ୍ରୀ ବିଶି ସରକାରଙ୍କୁ ତୁରନ୍ତ ସମସ୍ତ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ କରିବା ଓ ଆୟୋଗକୁ ସୁଦୃଢ଼ କରିବାକୁ ଦାବି କରିଛନ୍ତି।

# କାର ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଭେଡେନ, ୨୭।୩(ସମିସ):** ଭେଡେନ ଥାନା ଅଧୀନ ଜାମଡୋଲ ଗାଁ ନିକଟରେ କାର ଧକ୍କାରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ବରଗଡ଼ ବୀରମାଲର ଦୀପକ ବିଶ୍ୱାଳ (୩୨) ଓ ସମ୍ବଲପୁର ହୀରାକୁଦ କଲୋନୀ ଝାରୁଆପଡ଼ାର ଗଙ୍ଗା ବରାଡ (୪୫) କାଦୋବାହାଲ ଗାଁରେ ଏକ ବିବାହରେ ଯୋଗ ଦେଇ ତାଙ୍କ ବାଇକ୍‌ରେ ଏସ ଡୁମ୍ବେରପାଲିର କଟାପାଲି ଗାଁକୁ ଯାଉଥିଲେ। ଏତିକି ବେଳେ ବରଗଡ଼ ଭେଡେନ ମୁଖ୍ୟରାସ୍ତାରେ ଜାମଡୋଲ ଗାଁ ନିକଟସ୍ଥ ଛକରେ ଏକ କାର (ଓଡି୧୫ଏସ୩୦୯୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଭେଡେନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଗଙ୍ଗାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବୁର୍ଲା ବଡ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଦୁର୍ଘଟଣା ଘଟାଇଥିବା କାର ଘଟଣା ସ୍ଥଳରୁ ଫେରାର ହେଉଥିବା ବେଳେ ଗାଡି ଚକା ଲିକ୍ ହୋଇଯିବାରୁ ଗାଡିଟି ରହିଯାଇଥିଲା। ଏହା ଦେଖି ଲୋକମାନେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି କାରକୁ ଥାନାକୁ ନେବା ସହିତ ଘଟଣାର ତଦନ୍ତ କରୁଛି।

# ରଣେଶ୍ୱର ମନ୍ଦିର ପ୍ରାଣ ପ୍ରତିଷ୍ଠା



**ଝାରବନ୍ଧ, ୨୭।୩(ସମିସ):** ଛତିଶଗଡ଼ ରାଜ୍ୟ ବସନା ବ୍ଲକ ଅଧୀନ ଗଡ଼ଫୁଲ ଝରର ପବିତ୍ର ମାଁ ରାମଚଣ୍ଡୀ ମନ୍ଦିର ପରିସରରେ ବାବା ରଣେଶ୍ୱର ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଶାଶହେ କୂଳ କୁଲତା ସମାଜ, ଝାରବନ୍ଧ ବ୍ଲକର ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମାଜର ପ୍ରତିନିଧିମାନେ ଏକତ୍ରିତ ହୋଇ ବାବାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ପଦ୍ମପୁର ଉପଖଣ୍ଡ ସଭାପତି ଯୋଗେନ୍ଦ୍ର ଭୋଇ, ସମ୍ପାଦକ ପୂର୍ଣ୍ଣାନନ୍ଦ ଭୋଇ, ସଭ୍ୟ ଟାଇଲ ଚନ୍ଦ୍ର ଭୋଇ, ଝାରବନ୍ଧ ବ୍ଲକ ସଭାପତି ବାସୁଦେବ ପ୍ରଧାନ, ସମ୍ପାଦକ ଶ୍ୟାମ ସୁନ୍ଦର ବେହେରା, ଉପସଭାପତି ମାନଭଞ୍ଜନ ବେହେରା, ସଭ୍ୟ ଉଦ୍ଧବ ପ୍ରଧାନ, ବିନୋବା ପ୍ରଧାନ, ଭଣ୍ଡାରପୁରୀ ସଭାପତି ହାରାଧନ ପ୍ରଧାନ, ସମ୍ପାଦକ ପଦ୍ମନ ସାହୁ, ପାଇକମାଳ ବ୍ଲକ ସଭାପତି ବିନୋଦ ବିଶ୍ୱାଳ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଓ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜାମଡୋଲ-ଧୁବେନପାଲି ରାସ୍ତା କାମ ନିମ୍ନମାନର

# କାମ ହେବାର ୪୮ ଘଣ୍ଟାରେ ଦବିଗଲା ରାସ୍ତା

**ଭେଡେନ, ୨୭।୩(ସମିସ):** ଭେଡେନ ବ୍ଲକ ଅଧୀନ ଭେଡେନ ପଞ୍ଚାୟତର ବଡଗାଁ ଜାମଡୋଲ ସ୍ଥିତ ମାଁ କାଳିମଣ୍ଡପ ଠାରୁ ଧୁବେନପାଲି ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇଛି। ଏହିରାସ୍ତା ଦେଇ



ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରିଥାନ୍ତି। ବରପାଲି ପର୍ଯ୍ୟନ୍ତ ସଂଯୋଗ କରୁଥିବାରୁ ସବୁବେଳେ ଏହା ବେଶ୍ ବ୍ୟସ୍ତବହୁଳ ରହିଥାଏ। ରାସ୍ତାର ଅବସ୍ଥା ଦେଖି ପ୍ରଶାସନ ତରଫରୁ ରାସ୍ତା ନିର୍ମାଣ ପାଇଁ ଆରଡି ତରଫରୁ ଲକ୍ଷାଧିକ ଟଙ୍କାର ଟେଣ୍ଡେର ହୋଇଥିଲା। ରାସ୍ତାର କିଛି ଅଂଶ ପିଚୁ ହୋଇଥିବା ବେଳେ କିଛି ଜାଗାରେ ଫ୍ଲାଏଆସ୍ ଇଟା ବସା ଯାଇଥିଲା। ତେବେ ରାସ୍ତା ନିର୍ମାଣ ବେଳେ ଠିକାଦାର ମନଇଚ୍ଛା କାମ କରିଥିବା ଦେଖାଦେଇଛି। ରାସ୍ତାର ଦୁଇପାର୍ଶ୍ୱରେ ମାଟି ପକାଇବାକୁ ଥିବାବେଳେ ଠିକାଦାର ତାହା ଠିକ୍ ଭାବେ କରି ନଥିବା ଦେଖାଯାଇଛି। ସେହିପରି ରାସ୍ତା ନିର୍ମାଣର ୪୮ ଘଣ୍ଟା ପୂରିବା ଆଗରୁ ଜାମଡୋଲ ଗାଁରେ ରାସ୍ତାରେ ବସାଯାଇଥିବା ଇଟା ଦବି ଯିବା ସହିତ କେତେକ ସ୍ଥାନରେ ଭାଙ୍ଗି ଯାଇଛି। ଏପରିକି କିଛି ଜାଗାରେ ରାସ୍ତାର ପିଚୁ ଉଠିଗଲାଣି। ଏଥିରୁ ରାସ୍ତା କାମର ବାସ୍ତବ ରୂପ ସାମ୍ନାକୁ ଆସିଛି। ଠିକାଦର ଓ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାକାମ ନିମ୍ନମାନର କରି ସେମାନେ ମାଲାମାଲ ହେଉଛନ୍ତି। ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି। ଏହାଦେଖି ଲୋକେ ରାସ୍ତାକାମର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସେହିପରି ଭେଡେନ ବ୍ଲକର ବିଭିନ୍ନ ଅଞ୍ଚଳରେ ରାସ୍ତା ଭଲ ଥିଲେ ମଧ୍ୟ ତାକୁ ଭାଙ୍ଗି ଫ୍ଲାଏଆସ୍ ଇଟା ବସାଯାଉଛି। ତାହା ଚିରସ୍ଥାୟୀ ହେଉ ନଥିବାରୁ ପୁଣି କିଛିଦିନ ପରେ ରାସ୍ତା ଦବିଯାଇ ଭାଙ୍ଗିଯିବ ବୋଲି ଆଲୋଚନା ହେଉଛି। ପ୍ରଶାସନ ଆଗରେ ରାସ୍ତା ନିର୍ମାଣ ନାଁରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ହରିଲୁଟ ଚାଲିଛି। ସାଧାରଣ ଜନତା ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ମତ ପ୍ରକାଶ କରିଛନ୍ତି।

# ଅମ୍ବାଭୋନା, ଡୁଙ୍ଗୁରିରେ ଖୋଲାରେ ପଡ଼ିଛି ବିପୁଳ ବିସ୍ଫୋରକ

**ବରଗଡ଼, ୨୭।୩(ସମିସ):** ଜିଲ୍ଲାର ଅମ୍ବାଭୋନା, ଡୁଙ୍ଗୁରି ଅଞ୍ଚଳରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ପଡ଼ି ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ, ଚୂନପଥର ଖଣି ଅଞ୍ଚଳରେ ବହୁ ପରିମାଣର ଆମୋନିଆ ଓ ଜିଲେଟିନ ଷ୍ଟିକ୍ ପଡ଼ି ରହିଛି। ଏହା ଯେକୌଣସି ସମୟରେ ଭୟାବହ ଦୁର୍ଘଟଣାର ରୂପ ନେଇପାରେ। ବିସ୍ଫୋରକ ଗୁଡିକ ଚୂନପଥର ଖନନ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇ ଆସୁଥିଲା। କିନ୍ତୁ ଖଣି ବନ୍ଦ ହେବା ପରେ ସେଗୁଡିକୁ ସୁରକ୍ଷିତ ଭାବେ ଅପସାରଣ କରାଯାଇ ନାହିଁ ଏବଂ ଏବେ ବିପଜ୍ଜନକ ଅବସ୍ଥାରେ ସେଗୁଡିକ ପଡ଼ି ରହିଛି। କମ୍ପାନୀ ଅନ୍ୟ ସାମଗ୍ରୀ ନେଇଯାଇଥିବା ବେଳେ ବିସ୍ଫୋରକ ଗୁଡ଼ିକୁ ଛାଡିଯାଇଛି। ଏହା ସ୍ଥାନୀୟ ଲୋକଙ୍କ ସୁରକ୍ଷା ନେଇ ଗୁରୁତର ସମସ୍ୟା ସୃଷ୍ଟି କରିଛି। କୌଣସି ପ୍ରକାରର ପହରା, ସତର୍କତା ସୂଚନା ନଥିବାରୁ ସାଧାରଣ ଲୋକ ଓ ଶିଶୁମାନେ ସହଜରେ ସେଠାକୁ ଯାଇପାରୁଛନ୍ତି। ଏହା ଦୁର୍ଘଟଣାର ସମ୍ଭାବନାକୁ ଆହୁରି ବଢ଼ାଇଛି। ଯଦି ଏଗୁଡ଼ିକ ଦ୍ୱାରା କୌଣସି ବିସ୍ଫୋରଣ ଘଟେ ତେବେ ଡୁଙ୍ଗୁରି ଗାଁ ସହିତ ଆଖପାଖ ଗାଁ ଭୟାବହ ଭାବେ ପ୍ରଭାବିତ ହେବ। ଅନ୍ୟପଟେ ସମ୍ବନ୍ଧିତ ଏସିସି ଲିମିଟେଡ କମ୍ପାନୀର ଖଣି କ୍ଷେତ୍ର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। କମ୍ପାନୀ ପକ୍ଷରୁ ପ୍ରାୟ ସମସ୍ତ କର୍ମଚାରୀଙ୍କୁ ବିଦା କରାଯାଇଥିବା ବେଳେ କେବଳ ଜଣେ ସୁରକ୍ଷାକର୍ମୀ

**ଆତଙ୍କରେ ଅଞ୍ଚଳବାସୀ**




ଉପରେ ଦାୟିତ୍ୱ ନ୍ୟସ୍ତ ରହିଛି। ଏହି ପରିସ୍ଥିତିରେ ଲକ୍ଷଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଖୋଲାଖୋଲି ପଡ଼ିରହିଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ତୁରନ୍ତ ହସ୍ତକ୍ଷେପ କରି ବିସ୍ଫୋରକଗୁଡିକୁ ସୁରକ୍ଷିତ ଭାବେ ଅପସାରଣ କରିବାକୁ ଦାବି କରିଛନ୍ତି। ତଥାପି ଏପର୍ଯ୍ୟନ୍ତ ପ୍ରଶାସନ କିମ୍ବା ସମ୍ବନ୍ଧିତ କମ୍ପାନୀ ପକ୍ଷରୁ କୌଣସି ସ୍ୱଷ୍ଟ ପ୍ରତିକ୍ରିୟା ମିଳି ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦିନକୁ ଦିନ ବଢୁଛି।

# ବରିଷ୍ଠଙ୍କୁ ହତାଦର ବିରୋଧୀ ସଚେତନତା

**ବରଗଡ଼, ୨୭।୩(ସମିସ):** ସ୍ଥାନୀୟ ଫାର୍ମାସ୍ୟୁଟିକାଲ ମହାବିଦ୍ୟାଳୟରେ ପୂର୍ବତନ ବିଧାୟକ ତଥା ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ରାଜୀବ ଲୋଚନ ହୋତାଙ୍କ ୯୨ ତମ ଜନ୍ମତିଥି ଅବସରରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ




ସଂଘ ବରଗଡ଼ ପକ୍ଷରୁ 'ବରିଷ୍ଠ ହତାଦର ସଚେତନତା ସଭା' ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ନରେନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘ ଉପସଭାପତି ଗୌନ୍ତିଆ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ଗୋବିନ୍ଦ ଦାଶ ବରିଷ୍ଠ ହତାଦର ବିଭିନ୍ନ ଉପାଦେୟ ଦିଗକୁ ପରିସଂଖ୍ୟାନ ଓ ଉଦାହରଣ ସହ ଉପସ୍ଥାପିତ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ଭାବେ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ସମ୍ପାଦକ ତୁଳସୀ ଚରଣ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ଅଚ୍ୟୁତାନନ୍ଦ ବାରିକ, ଡ.ଡୋଳାମଣୀ ଶତପଥୀ, ପ୍ରତାପ ଷଡଙ୍ଗୀ ଉପସ୍ଥିତ ଥିଲେ। ଉତ୍ତମ ସେବା କାର୍ଯ୍ୟ ପାଇଁ ଡ.ଅଭୂତ ପ୍ରଧାନଙ୍କୁ 'ଶ୍ରୀରାଜୀବ ଲୋଚନ ହୋତା ସମ୍ମାନ ୨୦୨୫' ପାଇଁ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ଏଥିରେ ଡାଇରେକ୍ଟର ପ୍ରଫେସର ରଞ୍ଜନ ସାହୁ, ପ୍ରଫେସର ଆଶୁତୋଷ ପ୍ରଧାନ, ଡ.ଆଶୁତୋଷ ମେହେର, ଡ.ସନ୍ତୋଷ ଦାଶ, ଅବିନାଶ ସାହୁ, ଡ.ଅର୍ନବାଦିତ୍ୟ ମହାନ୍ତି, ସଚ୍ଚିଦାନନ୍ଦ ମହାପାତ୍ର, ତ୍ରିବିକ୍ରମ ବରେଇ, ଏଲିଜା ନାଏକ, ହେନେରୀତା ଦାଶ, ସୁଲଗ୍ନା ପାତ୍ର, ରଞ୍ଜିତ ଥଇତ, ଅଂଶୁମାନ ପାଣିଗ୍ରାହୀ, ଶରତ ପାଣିଗ୍ରାହୀ, ସ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ, ଯୋଗ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃ ବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟ

# ଦିପ୍ତୀପୁରକୁ ହରାଇ ମେଲଛାମୁଣ୍ଡା ଚାମ୍ପିଅନ

**ମେଲଛାମୁଣ୍ଡା, ୨୭।୩(ସମିସ)**

ପଦ୍ମପୁର ସବଡିଭିଜନ ମେଲଛାମୁଣ୍ଡା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦିପ୍ତିପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ହରାଇ ମେଲଛାମୁଣ୍ଡା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇଛି। ଚିତ୍ତରଞ୍ଜନ ମିଶ୍ର ଓ ମଳୟ ଚୌହାନ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ଜ୍ଞାନରଞ୍ଜନ ପରିଡ଼ା ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି



ଭାବେ ରାଜବୋରାସମ୍ବର ବ୍ଲକର ସମିତି ସଭ୍ୟ ଠାକୁର ପ୍ରସାଦ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଦୀପ୍ତିପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତାନୁ ସାହୁ, ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ସେଠ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସୌରଭ ପୋଡ଼କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଦିଆଯାଇଥିବା ବେଳେ ତୁଲାରାମ ମାଝୀଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମେଲଛାମୁଣ୍ଡା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଦୀପ୍ତୀପୁର, ଘନାମାଲ, ସର୍ଗିବାହାଲ ଉଚ୍ଚ ବିଦ୍ୟାଳୟ ଗୁଡିକ ଅଂଶଗ୍ରହଣ କରିଥିଲେ।

ସକାଳ
THE SAKALA



# ବିଇଏମ୍‌ସିର ମାଗଣା 'ୱାଇ-ଫାଇ' ଭେଳିକି!

ବ୍ରହ୍ମପୁର,୨୭ ।୩(ସମିସ)

ଜୈନ ୨୦୧୮-୧୯ ମସିହାରୁ ବ୍ରହ୍ମପୁରରେ ସହରବାସୀଙ୍କ ପାଇଁ ବିଇଏମସି ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ୱାଇ-ଫାଇ ସେବା ଏକ ଭେଳିକି ମାତ୍ର। ଏଥିରେ ସହରବାସୀଙ୍କୁ ବିଇଏମସି କର୍ତ୍ତୃପକ୍ଷ ପାତରଅନ୍ତର କରୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି। ସହରର ହାତଗଣତି କିଛି ଅଞ୍ଚଳକୁ ନେଇ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ସେବା ଦୀର୍ଘ ବର୍ଷ ପରେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳକୁ ପରିବ୍ୟାପ୍ତ ହୋଇପାରି ନାହିଁ। ଏହି ମାଗଣା ସେବା କେବଳ ନିଗମର କାଁ ଭାଁ ଅଞ୍ଚଳରେ ଉପଲବ୍ଧ ହେଉଥିବା ବେଳେ ବହୁ ଅଞ୍ଚଳରେ ଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ମିଳିଥିବା ସୂଚନା ପ୍ରକାରେ ମାଗଣା ୱାଇଫାଇ ସେବା ପାଇଁ ନିଗମ ପକ୍ଷରୁ ପ୍ରାରମ୍ଭିକ ଭାବେ ବହୁ ଅର୍ଥ ବିନିଯୋଗ କରାଯାଇଥିବା ବେଳେ ପ୍ରତିବର୍ଷ ଏହାର ରକ୍ଷଣାବେକ୍ଷଣ ଓ ଡାଟା ବିନିଯୋଗ ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡିଛି। ଏନେଇ ବିଇଏମସି ପକ୍ଷରୁ ଟେଣ୍ଡର କରାଯାଇ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ସହରରେ ଖାସ କରି ବିଇଏମସି କାର୍ଯ୍ୟାଳୟ, ରାମଲିଙ୍ଗେଶ୍ୱର ପୋଖରୀ ନିକଟ ହନୁମାନ ପ୍ରତିମୂର୍ତ୍ତି ଠାରୁ ଗାନ୍ଧିପାର୍କ, ଗିରିଜା ଛକ ଠାରୁ ଅନ୍ନପୂର୍ଣ୍ଣ ମାର୍କେଟ ଛକ, ଖଲ୍ଲିକୋଟ କଲେଜ ଛକ, ଷ୍ଟେଟ୍ସ ଏରିନା, ଟାଉନ ହଲ ଓ ଏସବିଆଇ ମୁଖ୍ୟଶାଖା ସହିତ ବିଜୁ ପଟ୍ଟନାୟକ ପାର୍କ ଭଳି ହାତଗଣତି ଅଞ୍ଚଳରେ ଏହି ସେବା ଉପଲବ୍ଧ ଥିବା ଜଣାପଡିଛି। ବିଇଏମସି କାର୍ଯ୍ୟାଳୟରେ



ଅନଲିମିଟେଡ ଡାଟାର ବ୍ୟବସ୍ଥା ଥିବା ବେଳେ କୌଣସି ପାସୱାର୍ଡର ଆବଶ୍ୟକତା ନଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ସହରର ବିଭିନ୍ନ ଅଞ୍ଚଳରେ ବିଇଏମସି ପକ୍ଷରୁ ଉପଲବ୍ଧ ମାଗଣା ୱାଇଫାଇ ସେବାରେ ୨୦ଏମବିପିଏସ ସ୍ପିଡରେ ସୀମିତ ଟାଡା ବ୍ୟବହାର କରାଯାଇପାରିବ ବୋଲି ଜଣାପଡିଛି। ତେବେ ଏଥିପାଇଁ ବ୍ୟବହାରକାରୀଙ୍କୁ ପ୍ରଥମେ ଓଟିପି ଆସିବ ଓ ତାହାପରେ ମୋବାଇଲ ନମ୍ବର ପଞ୍ଜିକରଣ ହେବା ପରେ ଡାଟା ଏକ୍ସେସ କରିବା ସମ୍ଭବପର। ସବୁଠାରୁ ବଡକଥା ହେଲା ସହରର କାଁ ଭାଁ ଅଞ୍ଚଳରେ ଏପରିକି ବିଇଏମସି କାର୍ଯ୍ୟାଳୟରେ ମାଗଣା ୱାଇ ଫାଇ ସେବା ପାଇଁ ଯଦିଓ ନିଗମ ପକ୍ଷରୁ ପ୍ରତିବର୍ଷ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି ତେବେ ଏନେଇ ଜନସାଧାରଣ ଏପରିକି ନିଗମ କର୍ମଚାରୀଙ୍କ ନିକଟରେ

- ସହରର କାଁ ଭାଁ ଅଞ୍ଚଳରେ ଉପଲବ୍ଧ ଏହି ମାଗଣା ସେବା, ଅସନ୍ତୁଷ୍ଟ ସହରବାସୀ
- ସାର୍ବଜନୀନ କରାଯାଇନି ପାସୱାର୍ଡ, ଡାଟା ବ୍ୟବହାର ନହୋଇ ସଂସ୍ଥା ମାଲେମାଲ
- ମାଗଣାସେବା ଆଳରେ ପ୍ରତିବର୍ଷ ବୃଦ୍ଧି ପାଉଥିବା ୧୦% ବ୍ୟୟବରାଦକୁ ନେଇ ପ୍ରଶ୍ନ

ମଧ୍ୟ ଯଥେଷ୍ଟ ସୂଚନା ନଥିବା ଜଣାପଡିଛି। ଏଥିପାଇଁ ନିଗମ ପକ୍ଷରୁ ଆବଶ୍ୟକ ପରିମାଣର ପ୍ରଚାର ଓ ପ୍ରସାର ମଧ୍ୟ କରାଯାଇ ନାହିଁ। ସହରର କେତେକ ସ୍ଥାନରେ ଲାଗିଥିବା ଫ୍ଲେକ୍ସ ବୋର୍ଡରେ ଯଥେଷ୍ଟ ସୂଚନା ନଥିବା ବେଳେ ତାହା ସମସ୍ତଙ୍କୁ ଦୃଶ୍ୟମାନ ମଧ୍ୟ ହେଉନାହିଁ।

ସହରରେ ନିଗମ ପକ୍ଷରୁ ଦିର୍ଘ ୭ବର୍ଷରୁ ଉଦ୍ଧ୍ୱର୍ କାଳ ଧରି ଏହି ମାଗଣା ସେବା ପାଇଁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଥିଲେ ହେଁ ଏହାକୁ ଅନ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯାଇନାହିଁ। ଫଳରେ ଏହି ସେବାରୁ ସହରର ଅଧିକାଂଶ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ସବୁଠାରୁ ବଡକଥା ହେଲା ଏହି ୱାଇଫାଇ ସେବା ଜରିଆରେ ଯେତିକି ଡାଟା ବିନିଯୋଗ ବା ଖର୍ଚ୍ଚ ହେବ ସେହି ଅନୁସାରେ ସ୍ପିଡ ଓ ଖର୍ଚ୍ଚ ହେବ। କିନ୍ତୁ ଏହାର ପ୍ରଚାର ଓ ପ୍ରସାର କରାଯାଉନଥିବାରୁ ଡାଟା ଖର୍ଚ୍ଚ କମ୍ ହେଉଥିଲେ ହେଁ ସମ୍ପୃକ୍ତ ସଂସ୍ଥାକୁ ପ୍ରତିବର୍ଷ ବିନା ସମୀକ୍ଷାରେ ୫୦ଲକ୍ଷ ଟଙ୍କା ନିଗମ ଗଣୁଥିବା ଅଭିଯୋଗ ହୋଇଛି। ସେହିଭଳି ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟ ଇଲାକାରେ ବିଇଏମସିର ମାଗଣା ୱାଇ ଫାଇ ସେବା ଥିବା କୁହାଯାଉଥିଲେ ହେଁ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଫଳରେ ବିଶ୍ୱବିଦ୍ୟାଳୟର ନିଜସ୍ୱ ୱାଇଫାଇକୁ ସେମାନେ ପଞ୍ଜିକରଣ କରି ବ୍ୟବହାର କରୁଥିବା କହିଛନ୍ତି। ଏଭଳି ସ୍ଥିତିରେ ନିଗମ ପକ୍ଷରୁ ମାଗଣା ୱାଇ ଫାଇ ସେବା ନାମରେ କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଏହାର ସୁଫଳ ସହରବାସୀ ପାଇପାରୁ ନଥିବାରୁ ଏହି ସେବା କେବଳ ଭେଳିକି ବୋଲି କୁହାଯାଉଛି।

## ଆଜି ଠାରୁ ଆଇପିଏଲର ସଂସ୍କରଣ-୧୯

# ସହରରେ ନେଟୱର୍କ ବିଛାଇଛନ୍ତି ବୁକି ଗ୍ରୁପ

ବ୍ରହ୍ମପୁର,୨୭ ।୩(ସମିସ): ଟି-୨୦ ବିଶ୍ୱକପ୍ ପରେ ସମସ୍ତଙ୍କ ନଜର ଆଇପିଏଲ ବା ଇଣ୍ଡିଆନ ପ୍ରିମିୟର ଲିଗ ଉପରେ। ଭାରତ ଟି-୨୦ ବିଶ୍ୱକପ୍ ବିଜେତା ହେବା ପରେ ଆଇପିଏଲର ପ୍ରତ୍ୟେକ ମ୍ୟାଚ ଉପରେ ରହିଛି ସମସ୍ତଙ୍କ ନଜର। ସେ କେବଳ କ୍ରିକେଟ ପ୍ରେମୀ ବା ଖେଳାଳିଙ୍କ ମଧ୍ୟରେ ସିମୀତ ନୁହେଁ ବରଂ ବେଟିଂ କରୁଥିବା ଯୁବପିଢୀ ଓ ବୁକିଙ୍କର ମଧ୍ୟ। ଆଇପିଏଲର ୧୯ତମ ସଂସ୍କରଣରେ ଚଳିତ ବର୍ଷ ମୋଟ ୧୦ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ବେଙ୍ଗାଲୁରୁ ଠାରେ ବିରାଟ କୋହଲିଙ୍କ ଟିମ ରୟାଲ ଚାଲେଞ୍ଜ ବାଙ୍ଗାଲୁରୁ (ଆରସିବି) ବନାମ ଇଶାନ କିଶାନଙ୍କ ଟିମ ସନ ରାଇଜର୍ସ ହାଇଦରାବାଦ (ଏସଆରଏଚ) ମଧ୍ୟରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ ଚିତାକର୍ଷକ ହେବାକୁ ଥିବା ବେଳେ ପ୍ରତି ବଲ, ରନ ଓ ୱିକେଟ ପିଛା ବୋଲି ବେଶ ଅଧିକ ହେବ ବୋଲି କୁହାଯାଉଛି । ୬୫ଦିନ ଧରି ଖେଳାଯିବାକୁ ଥିବା ତଥା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ମୋଟ ୬୯ଟି ମ୍ୟାଚ ଦେଶର ୧୩ଟି ସହରରେ ଖେଳାଯିବ। ପଶ୍ଚିମବଙ୍ଗ, ଆସାମ ଓ ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଖେଳସୂଚୀରେ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ଆଇପିଏଲ ମ୍ୟାଚ ଆରମ୍ଭ ହେଲେ ଅସ୍ଥିର ହୋଇପଡିଥାନ୍ତି ଯୁବପିଢି। କାରଣ କମ ସମୟରେ ଅଧିକ ଉପାର୍ଜନ କରିବାର ସୁଯୋଗ ସୃଷ୍ଟି କରିଥାନ୍ତି ବୁକି। ଏପରିକି ପ୍ରତି ବଲ ଓ ପ୍ରତି ରନକୁ ନେଇ ପଡିଥାଏ ବାଜି। ଅବଶ୍ୟ ଏଥିରେ କାଁ ଭାଁ ବେଟିଂ କରୁଥିବା ଖେଳାଳୀ ଲାଭବାନ ହେଉଥିବା ବେଳେ ବୁକିମାନେ ବେଶ ଲାଭ କମାଇଥାନ୍ତି। ବେଟିଂ ଯୋଗୁଁ ସର୍ବସ୍ୱ ହରାଇ ପୂର୍ବରୁ ବହୁ ଯୁବପିଢି ଜୀବନ ହାରିଥିବା ନଜିର ମଧ୍ୟ ରହିଛି। ଗତବର୍ଷ ଆଇପିଏଲ ସମୟରେ ବୁକି ଗ୍ରୁପ ସଦସ୍ୟଙ୍କୁ ପୁଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ବହୁ ଅର୍ଥ ଓ ମୋବାଇଲ ଜବତ କରିଥିଲା। ତେବେ ବର୍ତ୍ତମାନ ସହରରେ ଏକାଧିକ ଗ୍ରୁପ ସକ୍ରିୟ ଥିବା ବେଳେ ୨୮ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ୧୯ତମ ସଂସ୍କରଣକୁ ନେଇ ବ୍ରହ୍ମପୁର ସହରରେ ପୁଲିସକୁ ଚକମା ଦେଇ ସକ୍ରିୟ ରହିଛି 'ନମସ୍ତେ' ଗ୍ରୁପ। ଏହି ଗ୍ରୁପ ପଛରେ ରାଜନୈତିକ ପ୍ରୋତ୍ସାହନ ଥିବା ବେଳେ ପରୋକ୍ଷରେ ପୁଲିସର ମଧ୍ୟ ସମର୍ଥନ ଥିବା ନେଇ ଆଲୋଚନା ହେଉଛି। ଯଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଭୟନକରି 'ନମସ୍ତେ' ଗ୍ରୁପରେ 'ସମସ୍ତେ' ସାମିଲ ହେଉଥିବା ଆଲୋଚନା ହେଉଛି। ତେବେ ଅଭିଯୋଗର ସତ୍ୟତା କେତେ ଥାଉ ଅଥବା ନଥାଉ ଯୁବପିଢୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପୁଲିସ ସହରରେ ସକ୍ରିୟ 'ନମସ୍ତେ' ଗ୍ରୁପ ସହିତ ବିଭିନ୍ନ ଗ୍ରୁପ ଉପରେ କଡା ନଜର ରଖିବାକୁ ଦାବି ହୋଇଛି। ସେପଟେ ପୁଲିସ ପକ୍ଷରୁ ମଧ୍ୟ ଆଇପିଏଲ ସମୟରେ ବେଟିଂର ଆଶଙ୍କା କରି ବୁକିଙ୍କ ଉପରେ ନଜର ରଖାଯିବାକୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

- ବୈଦ୍ୟନାଥପୁର ଥାନା ଇଲାକାରେ ସକ୍ରିୟ 'ନମସ୍ତେ' ଗ୍ରୁପ ପଛରେ ରାଜନୈତିକ ପ୍ରୋତ୍ସାହନ!
- 'ନମସ୍ତେ' ଗ୍ରୁପରେ ସାମିଲ 'ସମସ୍ତେ', ପୁଲିସ ସ୍କାନରରେ ବୁକି ଓ ବେଟିଂ କରୁଥିବା ଖେଳାଳି

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୭(ସମିସ): ଆମ୍ବପୁଆ-ଗୋପାଳପୁର ଜଙ୍କସନ ନିକଟ ରେଳ ଧାରଣାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ବଡଗୁମୁଳାର ଯଦୁମଣି ନାହାକ(୩୦)। ମୃତ ଯଦୁମଣି ଯୁବ ଆଇନଜୀବୀ ଚକ୍ରପାଣି ନାହାକଙ୍କ ସାନ ଭାଇ ବୋଲି ଜଣାପଡ଼ିଛି। ଏନେଇ ବ୍ରହ୍ମପୁର ସରକାରୀ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(୧୬/୨୬) ରୁଜୁ ହୋଇଛି। ଆଜି ସନ୍ଧ୍ୟାରେ ପୁରୀ-ଓଖା ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ରେଳବାଇ ଥାନାକୁ ଖବର ମିଳିବା ପରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ମୃତକଙ୍କ ନିକଟରୁ ମିଳିଥିବା ପରିଚୟପତ୍ର ଜରିଆରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ ଯଦୁମଣିଙ୍କ ବାପା ନିରଞ୍ଜନ ନାହାକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## କଳାକାର ଏକତା ମଞ୍ଚ ତରଫରୁ ବିଶ୍ୱ ନାଟ୍ୟ ଦିବସ



ବ୍ରହ୍ମପୁର,୨୭ (ସମିସ): ବ୍ରହ୍ମପୁର କଳାକାର ଏକତା ମଞ୍ଚ ତରଫରୁ ଶୁକ୍ରବାର ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଏକାଧିକ କାର୍ଯ୍ୟକ୍ରମ ବ୍ରହ୍ମପୁର ପ୍ରକାଶମ ହଲରେ ଆୟୋଜିତ ହୋଇଯାଇଛି। ସଂଘ ସଭାପତି ରମେଶ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମଧ୍ୟାହ୍ନରୁ ଆରମ୍ଭ ହୋଇ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ସକାଳ ୧୦ଟା ବେଳେ କଳାକାରଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ନାଟ୍ୟ ବ୍ୟକ୍ତିତ୍ୱଙ୍କ ଗହଣରେ 'ସମାଜରେ ସାମ୍ପ୍ରତିକ ନାଟକର ପ୍ରଭାବ' ଶୀର୍ଷକ ଏକ ନାଟ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମେଜର ରମା ରମଣ ପାଢ଼ୀ, ବରିଷ୍ଠ ନାଟ୍ୟକାର ତିରୁପତି ସାହୁ, ଓଡିଶା ନାଟ୍ୟସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର, ସଂଘ ସମ୍ପାଦକ ଅନିଲ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ସୋମନାଥ ବେହେରା ପଠନ କରିଥିବା ବେଳେ ସଂଘ ସମ୍ପାଦକ ରାମଚନ୍ଦ୍ର ସାସମଲ ବ୍ରହ୍ମପୁର କଳାକାର ଏକତା ମଞ୍ଚର କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ରବି ନାରାୟଣ ବେହେରାଙ୍କ ନିର୍ଦ୍ଦେଶିତ ହାସ୍ୟ ରସାତ୍ମକ ନାଟକ 'ମାଆ ରାଣ ମିଛ କହୁନି' ମଞ୍ଚସ୍ଥ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମଦନ ମିଶ୍ର, ଏନ. ରାମବାବୁ, ସତ୍ୟ ମହାରଣା, ସୁବାସ ମହାରଣା, କୈଳାସ ପାଣିଗ୍ରାହୀ, ନବୀନ ହୋତା, ଅମୂଲ୍ୟ ଅନମୋଲ ପ୍ରମୁଖଙ୍କ ସହ କଳାକାର ଏକତା ମଞ୍ଚର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର,୨୭ (ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ଗତ ମାର୍ଚ୍ଚ ୧୪ତାରିଖରୁ ଆରମ୍ଭ ହୋଇଥିବା ସ୍ନାତକ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀମାନଙ୍କ ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏ ଅବସରରେ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପ୍ର. ନାରାୟଣ ବେହେରା ମୁଖ୍ୟଅତିଥି ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା, ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ, ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ ଓ କ୍ରୀଡ଼ା ଶିକ୍ଷକ ଗୌରୀଶଙ୍କର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରଶିକ୍ଷିତା ଛାତ୍ରୀମାନଙ୍କୁ ଆତ୍ମ-ସୁରକ୍ଷାର ବିଭିନ୍ନ କୌଶଳ ସମ୍ବନ୍ଧରେ ସଦୁପଦେଶ ପ୍ରଦାନ କରିଥିଲେ। ଛାତ୍ରୀ ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଅଧିକାରୀ ଡ. ମଧୁମିତା ନାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଚାଳନା କରିବା ସଂଗେ ସଂଗେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବାଣିଜ୍ୟ ବିଭାଗ ଛାତ୍ରୀ ଶିବାନୀ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଦୁଇଜଣ ମାଷ୍ଟର୍ ଟ୍ରେନର୍ ୧୨ ଦିନ ଧରି +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପଦାର୍ଥ ବିଜ୍ଞାନ ସହଯୋଗୀ ପ୍ରଫେସର୍ ଡ. ଅଚ୍ୟୁତ ବିଶ୍ୱାଳ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବନଲତା ସାହୁ, ରାଜନୀତି ବିଜ୍ଞାନ ମୁଖ୍ୟ ଡ. ଚିତ୍ତରଞ୍ଜନ ମହାନ୍ତି, ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନ୍ନା ମିଳନ୍, ଉଦ୍ଭିଦବିଜ୍ଞାନ ଅଧ୍ୟାପିକା ଡ. ଶୁଭଶ୍ରୀ ଅପରାଜିତାଙ୍କ ସମେତ ସ୍ନାତକ କଳା, ବିଜ୍ଞାନ ଓ ବାଣିଜ୍ୟ ସ୍ରୋତର ଛାତ୍ରୀମାନେ ଯୋଗ ଦେଇଥିଲେ।

## ଗଞ୍ଜାମ ଜିଲ୍ଲା କନିଷ୍ଠ ବର୍ଗ ବାସ୍କେଟ ବଲ୍ ଲିଗ୍ ଉଦ୍‌ଯାପିତ

ବ୍ରହ୍ମପୁର,୨୭(ସମିସ): ଗଞ୍ଜାମ ଜିଲ୍ଲା କନିଷ୍ଠବର୍ଗ ବାସ୍କେଟ ବଲ ଲିଗ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣମେଣ୍ଟରେ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ବ୍ରହ୍ମପୁର ମାମବାସ ବ୍ରହ୍ମପୁର ଫ୍ଲାସ ବୟସକୁ



୫୮-୪୮ ପଏଣ୍ଟରେ ପରାସ୍ତ କରି କରି ଫାଇନାଲରେ ବିଜୟୀ ହାସଲ କରିଥିଲେ। ଏବଂ ସେହିପରି ବାଳିକା ବର୍ଗରେ ବ୍ରହ୍ମପୁର ଆଉରା ବ୍ରହ୍ମପୁର ସ୍ଲାମ-ଷ୍ଟେରଙ୍କୁ ୩୩-୩୦ ପଏଣ୍ଟରେ ଫାଇନାଲରେ ବିଜୟୀ ହାସଲ କରିଥିଲେ। କନିଷ୍ଠ ବାଳକ ବର୍ଗରେ ଡ୍ରିବଲ ଡେମୋନ ବ୍ରହ୍ମପୁର ଲକେରଙ୍କୁ ୩୭-୨୪ରେ ପରାସ୍ତ କରି ଫାଇନାଲ ରେ ବିଜୟୀ ହାସଲ କରି ଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନ ଉତ୍ସବରେ ଅତିଥିଭାବେ କେଦାର ଚୌଧୁରୀ, ବିଜୟ ପଟନାୟକ, ପ୍ରମୋଦ ମହାରଣା, ଜି. ଏମ. ବାବୁ, କବିରାଜ ଗୌଡ଼, ଡ଼ି. ଆପା ରାଓ, ଡମ୍ବରୁ ଧର ଗନ୍ତାୟତ, ଜନାର୍ଦ୍ଦନ ପାତ୍ର, ବିଶ୍ୱନାଥ ପାତ୍ର, ଜି. ଭି. ଜି ରବି ନାରାୟଣ ଓ ରାଜ ନାରାୟଣ ପାତ୍ର ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମସ୍ତ ପଦ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ ରେଫ୍ରି ଭାବେ ଯୋଗ ଦେଇଛନ୍ତି ଜି କେ. ପ୍ରସାଦ, ଭି. ନାଗେଶ୍ୱର, କାଳୀ ପ୍ରସାଦ, ଅଭିଷେକ ପଶୁପାଳକ, ଜ୍ଞାନେନ୍ଦୁ ସାମନ୍ତ, ଦୀପକ ପାତ୍ର, ବର୍ଷା ମହାନ୍ତି, ସ୍ୱନ୍ଦନଦନା ମହାନ୍ତି, ସ୍ୱାଗତିକା ସାହୁ, କରିସ୍ମା ବେହେରା, ପିଙ୍କି ମାଲିକ, ଶିବାନୀ ସାହୁ, ଦୀପ୍ତି ରାଣୀ ସାହୁ, ସ୍ୱାଗତ ସାହୁ, ମୃତ୍ୟୁଞ୍ଜୟ ସାହୁ, ପ୍ରତ୍ୟୁଷ ଲାକ୍ରା, ମୋହିତ ମହାନ୍ତି ଯୋଗ ଦେଇଥିଲେ ବୋଲି ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଜାତୀୟସ୍ତରରେ ଓଡ଼ିଶା ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ଦଳରେ ଗଞ୍ଜାମର ୪ଖେଳାଳି

ବ୍ରହ୍ମପୁର,୨୭ (ସମିସ): ମାର୍ଚ୍ଚ ୩୦ରୁ ଏପ୍ରିଲ ୩ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲିରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ଯାତ୍ରା କରିଛନ୍ତି। ଗଞ୍ଜାମର ବରିଷ୍ଠ ଖେଳାଳି ଏ ଜ୍ୟୋତି ପାତ୍ର ଓଡ଼ିଶା ଦଳର ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ। ଜ୍ୟୋତିଙ୍କ ସହ ଗଞ୍ଜାମରୁ ବର୍ଷାରାଣୀ ସେଠୀ, ଅଙ୍କିତା ପଟ୍ଟନାୟକ ଓ ସଞ୍ଜନା କୁମାରୀ ସ୍ୱାଇଁ ଦଳରେ ସାମିଲ ହୋଇ ବରେଲି ଯାତ୍ରା କରିଛନ୍ତି। ଗତ ଡିସେମ୍ବରରେ ପୁରୀଠାରେ ଅନୁଷ୍ଠିତ ଅନ୍ତଜିଲ୍ଲା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲା ଉନ୍ନତ ଖେଳ ପ୍ରଦର୍ଶନ କରି ରନର୍ସ ହୋଇଥିଲା। ରାଜ୍ୟ ଦଳରେ ସାମିଲ ଏହି ୪ଖେଳାଳି ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ତ ଖେଳାଳି ପ୍ରତିଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ନିୟମିତ ତାଲିମ ନେଉଛନ୍ତି। ପୂର୍ବରୁ ଜ୍ୟୋତି ଏବଂ ବର୍ଷା ୩ଥର ଜାତୀୟ ବରିଷ୍ଠ ମହିଳା ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିପରି ଅଙ୍କିତା ଓ ସଞ୍ଜନା ଜୁନିଅର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳର ସାମିଲ ହୋଇଥିଲେ। ଖେଳାଳିଙ୍କ ଏହି ସଫଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡ୍ର ମନୋଜ କୁମାର ପାତ୍ର ଏବଂ କୋଚ ପ୍ରଶାନ୍ତ କୁମାର ରଥ, ବରିଷ୍ଠ ଖେଳାଳି, ଅବିନାଶ ମେଦି ଓ ସନ୍ଦୀପ କୁମାର ପାତ୍ର ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଖୁସି ବ୍ୟକ୍ତ କରିଚନ୍ତି।



## ଦିଶା କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକ ସମାରୋହ



ବ୍ରହ୍ମପୁର,୨୭ (ସମିସ): ଦିଶା କଲେଜ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ଏବଂ ଦିଶା ଇନଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂର ୧୯ତମ ବାର୍ଷିକ ସମାରୋହ ଡ୍ରିଫ୍ଟ ଗଞ୍ଜମ କଳା ପରିଷଦରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନ୍ୟୁରୋସର୍ଜରୀ ବିଶାରଦ ଡ଼ାକ୍ତର ରବି ନାରାୟଣ ପଣ୍ଡା ଯୋଗଦେଇ ନର୍ସିଂ ଛାତ୍ରମାନଙ୍କର ଭବିଷ୍ୟତ ଏବଂ ଏହି ଯୁଗରେ ସେମାନଙ୍କ କ୍ୟାରିୟର ଅତ୍ୟନ୍ତ ଆବଶ୍ୟକ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପାର୍ଥ ସାରଥି ଚୌଧୁରୀ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଭବିଷ୍ୟତ ପରାମର୍ଶ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ ପାଳ ଓ ସଚିବ ଦିନେଶ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଏହାସହିତ, ଦିଶାର ଟ୍ରଷ୍ଟି ସଦସ୍ୟ ଅରୁଣ ସାବତ, ସୁରେଶ ପାଣି, ଶୈକ ଇଲିଆସ୍ ଏବଂ ମାନସ ସାହୁ ଏହି ଅବସରରେ ଯୋଗ ଦେଇଥିଲେ। ଏ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କଲେଜର ନିର୍ଦ୍ଦେଶକ ସୁରେଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ପଟ୍ଟନାୟକ, ମୁନା ଆଚାର୍ଯ୍ୟ, ନିତ୍ୟାନନ୍ଦ ପଟ୍ଟନାୟକ, ସ୍ନେହାସେନା ମିଶ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ବି ଭେଙ୍କେଟ ରମଣ, ରାଜେଶ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆଜି

ବ୍ରହ୍ମପୁର,୨୭ ।୩(ସମିସ): ଆସନ୍ତାକାଲି 'ୱାନ ବାର ୱାନ ଭୋଟ' ନିୟମରେ ରାଜ୍ୟବ୍ୟାପୀ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଭୋଟଗ୍ରହଣ। ଏହି କ୍ରମରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ କଡାକଡି ଭାବେ ଅନୁପାଳନ କରାଯାଉଛି।

ନିର୍ବାଚନର ସୁପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ଅଧିକ ୫୦ଜଣ ସହକାରୀ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ଗଠିତ କମିଟିରେ ଉଭୟ ପୁରୁଷ ଓ ମହିଳା ଆଇନଜୀବୀଙ୍କୁ ସାମିଲ କରାଯାଇଛି। ୨୮ ତାରିଖ ସକାଳ ସାଢେ ୭ଟା ଠାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ୪ଟା ଠାରୁ ଭୋଟଗଣତି କରାଯାଇ ଗଣତି ଶେଷ ପରେ ଫଳାଫଳ ଘୋଷଣା କରାଯିବ। ପ୍ରତ୍ୟେକ ଭୋଟରଙ୍କୁ ସେମାନଙ୍କ ନିଜର ପରିଚୟ ପତ୍ର ଅର୍ଥାତ୍ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଅଥବା ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମିଳିଥିବା ପରିଚୟପତ୍ର ସାଙ୍ଗରେ ନେଇ ଆସିବା ଜରୁରୀ ବୋଲି କହିଛନ୍ତି ନିର୍ବାଚନ



ଅଧିକାରୀ। ସେପଟେ ଭୋଟଗ୍ରହଣ ପାଇଁ ମହିଳା ଓ ବରିଷ୍ଠ ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ବୁଥ ସହିତ ୪ଟି ପଦବୀ ପାଇଁ ମୋଟ ୧୦ଟି ବୁଥର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘରେ ୪ଟି ପଦବୀ ଯଥା ସଭାପତି, ଉପ ସଭାପତି, ସମ୍ପାଦକ ଓ ସହ ସମ୍ପାଦକ ଭଳି ପଦବୀ ପାଇଁ ମୋଟ ୧୫ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଫଳରେ ସମସ୍ତ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା ହେବା ଏକ ରକମର ସ୍ପଷ୍ଟ ହୋଇଯାଇଛି। ସଭାପତି ପଦବୀରେ ନିରଞ୍ଜନ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦେଓ, ସୀତାଂଶୁ ଶେଖର ପଣ୍ଡା ଓ ତ୍ରିମୁଳ କୁମାର ରେଡ୍ଡୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପ ସଭାପତି ପଦବୀରେ ଅନୀଲ କୁମାର ପଣ୍ଡା, ସତ୍ୟନାରାୟଣ ବସନ୍ତିଆ, ସୀମାଞ୍ଚଳ ବିଶୋୟୀ ଏବଂ ଶ୍ରୀକାନ୍ତ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ସମ୍ପାଦକ ପ୍ରାର୍ଥୀ ଭାବେ ଜଗନ୍ନାଥ ମିଶ୍ର, ମଦନ ମୋହନ ପାତ୍ର ଓ ଟିଟୁ କୁମାର ପାତ୍ର ଏବଂ ସହ ସମ୍ପାଦକ ପଦବୀରେ ମନୋଜ କୁମାର ନାୟକ, ମନୋରଂଜନ ପାଢୀ, ମୀରାବାଇ ପାଣିଗ୍ରାହୀ ଏବଂ ରଂଜନ କୁମାର ସାମନ୍ତରାୟ ନିର୍ବାଚନ ଲଢୁଛନ୍ତି। ସଭାପତି ପଦବୀ ପାଇଁ ହଳଦିଆ, ଉପ ସଭାପତି ପଦବୀ ପାଇଁ ନୀଳ, ସମ୍ପାଦକ ପଦବୀ ପାଇଁ ସବୁଜ ଏବଂ ସହ ସମ୍ପାଦକ ପଦବୀ ପାଇଁ କମଳା ରଙ୍ଗର ବାକ୍ସ ସହିତ ବେଲଟ ପେପର କରାଯାଇଛି। ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘର ମୋଟ ଭୋଟରଙ୍କ ସଂଖ୍ୟା ୧୭୬୧ ଥିବା ବେଳେ ସେଥିରୁ ୧୫୯ଜଣ ନୂତନ ଭୋଟର ବା ନବାଗତ ଅଛନ୍ତି। ତେବେ ୧୭୬୧ଜଣ ଭୋଟରଙ୍କ ମଧ୍ୟରୁ ଶତକଡା ୪୦ପ୍ରତିଶତରୁ ଅଧିକ ନନ ପ୍ରାକ୍ଟିସନର ଥିବା ଜଣାପଡିଛି। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ମୁକ୍ତ ଓ ନିରପେକ୍ଷ କରିବାକୁ ଯାଇ ଭୋଟଗ୍ରହଣ କେନ୍ଦ୍ର ସହିତ ଆଖପାଖ ଅଞ୍ଚଳକୁ ସିସିଟିଭି ନିରୀକ୍ଷଣରେ ରଖିବା ସହିତ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

- ଗଞ୍ଜାମ ଓକିଲ ସଂଘର ୪ ପଦବୀ ପାଇଁ ୧୫ ପ୍ରାର୍ଥୀ, ୧୭୬୧ ଜଣ ଭୋଟର
- ପୂର୍ବାହ୍ନ ସାଢେ ୭ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ, ୪ଟାରୁ ଗଣତି
- କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ସିସିଟିଭି ନିରୀକ୍ଷଣରେ ହେବ ନିର୍ବାଚନ

## ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

# ଚାଳକଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକ

କେନ୍ଦ୍ରାପଡ଼ା,୨୭।୩(ସମିସ)



କେନ୍ଦ୍ରାପଡ଼ା-ବସୁପୁର ରାସ୍ତାର କନ୍ଥିଆ ଛକରେ ଶୁକ୍ରବାର ପ୍ରାତଃ ପ୍ରାୟ ୫ଟା ବେଳେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। କୁଜାନଗଡ଼ୀ ଥାନା ଅନ୍ତର୍ଗତ ମାହାଗାଭୂକ ଗ୍ରାମର ଭାଗବତ ଦାସ ଓ ତାଙ୍କ ପତ୍ନୀ ସୁକାନ୍ତୀ ଦାସ (୫୭) ବିଆନପାଟଣା (ଆଇଟିପୁର)ରୁ ଯାତ୍ରା ଦେଖି ଚାଲି ଚାଲି ଫେରୁଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସୁକାନ୍ତୀଙ୍କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ସୁକାନ୍ତୀ ରାସ୍ତା ଉପରେ ପଡିଯାଇଥିଲେ। ସୁକାନ୍ତିଙ୍କ ମୁଣ୍ଡ ରାସ୍ତାରେ ପିଟି ହୋଇ ମୁଣ୍ଡ ଓ ନାକରୁ ରକ୍ତସ୍ରାବ ହୋଇଥିଲା। ବାଇକଟି ଧକ୍କାଦେଇ ଫେରାର ହୋଇଯାଇଥିଲା। ସୁକାନ୍ତୀଙ୍କ ସ୍ୱାମୀ ଭାଗବତ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ପହଞ୍ଚି ସୁକାନ୍ତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁକାନ୍ତୀଙ୍କ ପୁଅ ଜଗନ ଦାସ ସଦର ଥାନାରେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ରାସ୍ତା ଉପରେ ସୁକାନ୍ତୀଙ୍କ ମୃତଦେହ ରଖି ବାଇକ୍ ଚାଳକଙ୍କୁ ଗିରଫ କରିବା ଦାବିରେ ରାସ୍ତାରୋକ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ପୁଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଭିଯୁକ୍ତଙ୍କୁ ୩ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

## ତୁଳସୀ କ୍ଷେତ୍ରରେ ରାମ ନବମୀ ଉତ୍ସବ ଆରମ୍ଭ

କେନ୍ଦ୍ରାପଡ଼ା,୨୭।୩(ସମିସ): ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ଆଜି ଭକ୍ତିଭାବପୂର୍ଣ୍ଣ ପରିବେଶରେ ରାମ ନବମୀ ଉତ୍ସବ ଆରମ୍ଭ ହୋଇଛି। ସକାଳୁ ମନ୍ଦିରରେ ବିଧିବଦ୍ଧ ପୂଜାର୍ଚ୍ଚନା ସହ ଧୂପ ସମ୍ପନ୍ନ ପରେ ଶ୍ରୀଜୀଉଙ୍କୁ ରୌପ୍ୟ ସଜ୍ଜିତ ବେଶରେ ଶୋଭିତ କରାଯାଇଥିଲା। ମଙ୍ଗଳ ଅର୍ପଣ, ଆଳତି ଓ ବିଭିନ୍ନ ପ୍ରକାର ଭୋଗ ଲାଗି କାର୍ଯ୍ୟକ୍ରମ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରିଥିଲା। ଭୋଗ ସମ୍ପନ୍ନ ପରେ ମନ୍ଦିର ବେଢ଼ାରେ ବିରାଜମାନ ରାମଜୀଉଙ୍କୁ ପବିତ୍ର ସ୍ନାନ କରାଯାଇଥିଲା ଓ ବସ୍ତ୍ର ଓ ପୁଷ୍ପରେ ଅଲଙ୍କୃତ କରାଯାଇଥିଲା। ଏ ଅବସରରେ ଭକ୍ତ ନିଜ ଶ୍ରଦ୍ଧାନୁସାରେ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରିଥିଲେ। ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଆଜିଠାରୁ ନବଦିନ ବ୍ୟାପୀ ଉତ୍ସବ ଅବସରରେ ପ୍ରତିଦିନ ରାତ୍ରି ଧୂପ ସମ୍ପନ୍ନ ପରେ ବିଜେ ପ୍ରତିମା ଗୋବିନ୍ଦଜୀଉ ମନ୍ଦିର ବାହାରେ ଥିବା ରାମ ଚୁଙ୍ଗିକୁ ଯାତ୍ରା



କରିବେ। ଏଥିସହିତ ମନ୍ଦିର ପ୍ରଶାସନଙ୍କ ସହଯୋଗରେ ସମ୍ପୂର୍ଣ୍ଣ ରାମାୟଣ ଆଧାରିତ ରାମଲୀଳା କାର୍ଯ୍ୟକ୍ରମ ପ୍ରତିରାତି ଅନୁଷ୍ଠିତ ହେବାକୁ ଥିବା ଜଣାପଡ଼ିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଉତ୍ସବକୁ ସୁଚାରୁରୂପେ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଛି।

## ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ

ରାଜନଗର,୨୭।୩(ସମିସ): ଶ୍ରୀରାମଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଆଜିଠାରୁ ରାଜନଗରରେ ଆରମ୍ଭ ହୋଇଛି। ରାଜନଗର ଦେବୀ ମଣ୍ଡପରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ



ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତବର୍ଷ ଧୁମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ ପାଣି ରାମଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରୁଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ରାମାୟଣ ପାଠ ଓ ରାମ ନବରାତ୍ର ପୂଜା ଆସନ୍ତା ମାସ ୪ ତାରିଖ ଯାଏଁ ଚାଲିବ। ଆସନ୍ତାକାଲିଠାରୁ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବଣିକ ସଂଘ ସଭାପତି ବାଇଧର ସେଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ଅନିରୁଦ୍ଧ ପରିଡ଼ା, ଶୂନ୍ୟବାସୀ ରାଉଳ, ସୁବାସ ସାହୁ, ସତ୍ୟବାନ ସେଠୀ, ଦେବାନନ୍ଦ ରାଉତ, ସୁରେନ୍ଦ୍ର ସାହୁ, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ବଟକୃଷ୍ଣ ଷଡଙ୍ଗୀ, ବିଜୟ ସାହୁ, ଦୋଳଗୋବିନ୍ଦ ଜେନା, ହୃଷିକେଶ ସାହୁ, ସୋମନାଥ ବାରିକଙ୍କ ସମେତ ସମସ୍ତ ବ୍ୟବସାୟୀ ଭାଇ ପରିଚାଳନା କରୁଛନ୍ତି।

## ଦିନଦ୍ୱିପ୍ରହରରେ ଭାଟିରୁ ହେଉଛି ମଦ ଚାଲାଣ

ରାଜକନିକା,୨୭।୩(ସମିସ): ରାଜକନିକା ଥାନାଞ୍ଚଳରେ ବେପରୁଆ ଭାବେ ଚୋରାମଦ ଚାଲାଣ ବଢ଼ି ଚାଲିଥିବାବେଳେ ଅବକାରୀ ବିଭାଗ ଓ ପୁଲିସ ନିରବ ରହିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଓଳାଭର ବଜାରରେ ଥିବା ସରକାରୀ ମଦଭାଟିରେ ପ୍ରତିଦିନ କାଉଣ୍ଟରରେ ମଦ ବିକିବାକୁ ଗୁରୁତ୍ୱ ନ ଦେଇ ପଶ୍ଚିମକନିକାର ଗାଁ ଗାଁରେ ଚୋରାମଦ କାଉଣ୍ଟର ଖୋଲି ବୋଲେରୋ ଯୋଗେ ମଦ ପହଞ୍ଚାଇବା ଜାରି ରଖିଛନ୍ତି। ସ୍ଥିତି ଏମିତି ହୋଇଛି ଯେ ଏହି ମଦଭାଟି ପାଇଁ ସ୍ୱୀକୃତି ପାଇଥିବା ବ୍ୟକ୍ତି ତାଙ୍କର ଏକ ଅନୁଗତ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଇନକୁ ଫାଙ୍କି ନିଜ ବ୍ୟବସାୟ ବଢ଼ାଇବା ଅବକାରୀ ନୀତିର ଖୋଲା ଉଲ୍ଲଙ୍ଘନ କରିଛି। ଓଳାଭର ମଦ କାଉଣ୍ଟରରେ ଜାରି ରହିଥିବା ଏଭଳି ବେଆଇନ କାରବାର ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଚୋରାମଦ ମାଫିଆ ଉତ୍ପାତ ଆରମ୍ଭ କରି ରାତିରେ ହେଉଥିବା ବୋଲେରୋରେ ମଦ ଚାଲାଣକୁ ଦିନରେ ଆରମ୍ଭ କରିବା ଓ ସାଧାରଣରେ ତାଙ୍କର କିଏ କ'ଣ କରିବ ବୋଲି ଧମକ ଦେଉଛନ୍ତି। ଅବକାରୀ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା

କେନ୍ଦ୍ରାପଡ଼ା,୨୭।୩(ସମିସ): କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ସଙ୍ଗୀତ ଓ ହାସ୍ୟ ରଙ୍ଗରେ ରଙ୍ଗୀନ ହୋଇଥିଲା। ପ୍ରସିଦ୍ଧ ଗାୟକ ସତ୍ୟଜିତ ଜେନାଙ୍କ ସୁମଧୁର ସଙ୍ଗୀତ ପ୍ରଦର୍ଶନ ସହ କମେଡି ସର୍କସ ଟିମର ଦମଦାର ହାସ୍ୟ ଉପସ୍ଥାପନା ଦର୍ଶକଙ୍କୁ ମତୁଆଲା କରିଥିଲା। ଏହି ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ଡ. କଳ୍ପନା ମଲ୍ଲିକ ଯୋଗଦେଇଥିଲେ। ସେ ମହିଳା ସଶକ୍ତିକରଣର ଆବଶ୍ୟକତା ଉପରେ ଜୋର ଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରତାକୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଉପସ୍ଥିତ ଥିଲେ। ଏଥିସହିତ ଲକ୍ଷପତି ଦିଦି ପ୍ରୟାସ ଅଧୀନରେ ମାର୍ଶାଘାଇ ବ୍ଲକର ମହାବୀର ଉତ୍ପାଦକ ଗୋଷ୍ଠୀର ସୁଜାତା ଦାସ (ଆଚାର ପ୍ରସ୍ତୁତି) ଓ ମହାକାଳପଡ଼ା ବ୍ଲକର ମହିମା ଅଲେଖ ସ୍ୱୟଂସହାୟକ ଗୋଷ୍ଠୀର ଶ୍ରେୟା ପାଣି (ସିଲାଇ ୟୁନିଟ) ତାଙ୍କ ସଫଳତା କାହାଣୀ ଉପସ୍ଥାପନ କରିଥିଲେ। ଯାହା ଅନ୍ୟାନ୍ୟ ମହିଳାଙ୍କୁ ପ୍ରେରିତ କରିଥିଲା।

## ଫ୍ରେଣ୍ଡସ୍ କ୍ଲବ୍ ସେବା ସଂଗଠନ ପକ୍ଷରୁ ଜଳଛତ୍ର

ଡେରାବିଶ, ୨୭।୩(ସମିସ): ପବିତ୍ର ରାମଜନ୍ମ ଅବସରରେ ଆଜି ଫ୍ରେଣ୍ଡସ୍ କ୍ଲବ ସେବା ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ଆଜି ଶ୍ରଦ୍ଧାଳୁଙ୍କ ନିମନ୍ତେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। କ୍ଲବ୍‌ର ସଦସ୍ୟ କଟକ-ଚାନ୍ଦବାଲି ରାଜରାସ୍ତାର ଦାନପୁର ପଞ୍ଚାୟତ



ଅନ୍ତର୍ଗତ କେଶରପୁରସ୍ଥ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ ସ୍ୱାଦିଷ୍ଟ ମିଠା ଦହିପାଣି ପ୍ରସ୍ତୁତ କରି ପ୍ରଭୁ ଶ୍ରୀରାମଙ୍କ ମନ୍ଦିରକୁ ଯାଉଥିବା ଶହଶହ ଶ୍ରଦ୍ଧାଳୁଙ୍କ ସମେତ ବାଟୋଇଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ ରଜତ ଦାଶ, ରାକେଶ ପରିଡ଼ା, ସାଇ ସ୍ମାରକୀ ପରିଡ଼ା, ଧନଞ୍ଜୟ ପରିଡ଼ା, ଦିବ୍ୟଜିତ ପଣ୍ଡା, ସଞ୍ଜିତ ଜେନା, ସନ୍ତୋଷ ଜେନା, ଦିନେଶ ପରିଡ଼ା, ପ୍ରମୋଦ ସେଠୀ, ଦିଲ୍ଲୀପ ପୃଷ୍ଟି, ସଞ୍ଜୀବ ମହାନ୍ତି, ଆନନ୍ଦ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ପାଠାଗାରର ନୂତନ ଗୃହ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୭।୩(ସମିସ): ଆୟବା ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଆମ ପାଠାଗାରା ଗୃହ ଉଦଘାଟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ବିଡିଓ ଶୀତଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣ୍ଡାଖିଆ ଛକରେ ଫିତାକାଟି ଉଦଘାଟନ କରି କହିଥିଲେ, ଏହି ପାଠାଗାରରେ ବରିଷ୍ଠ ନାଗରିକ ବହି ପଢି ସେମାନଙ୍କର ସମୟ ଅତିବାହିତ କରିବା ସହିତ ଆଗାମୀ ପିଢିଙ୍କୁ ଉଚିତ ମାର୍ଗରେ ଯିବା ପାଇଁ ପରାମର୍ଶ ଦେଇପାରିବେ। ପ୍ରଥମେ ଗ୍ରାମବାସୀ ଅତିଥିଙ୍କୁ ଗ୍ରାମ ମୁଣ୍ଡରୁ ଶୋଭାଯାତ୍ରାରେ ପାଠାଗାରକୁ ପାଛୋଟି ନେଇଥିଲେ। ଉକ୍ତ ଉତ୍ସବରେ ଗୋବରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର, +୨ ସରକାରୀ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ମିଶ୍ର, ବରିଷ୍ଠ ନାଗରିକ ସଂଯୋଜକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷାବିତ୍ କୈଳାସ ସ୍ୱାଇଁ, ଓଡ଼ିଶା ହାଇକୋର୍ଟର ସରକାରୀ ଆଇନଜୀବୀ ଅବିନାଶ ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅମୂଲ୍ୟ ସ୍ୱାଇଁ, ସମ୍ପାଦକ ସ୍ୱାଧୀନ ସ୍ୱାଇଁ, ଉପଦେଷ୍ଟା ଆଦିକନ୍ଦ ସ୍ୱାଇଁ, ଉପସଭାପତି ଅଜୟ ସ୍ୱାଇଁ, ସହସମ୍ପାଦକ ଅଭୟ ନାୟକ, କୋଷାଧ୍ୟକ୍ଷ ହୃଷିକେଶ ସାହୁ, ଯୁଗ୍ମସମ୍ପାଦକ ଅଲେଖ ସେଠୀ ଓ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର, ଶିକ୍ଷକ ଅକ୍ଷୟ ନାଥ, ଶିକ୍ଷକ ଯଶୋବନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆୟବା ପଞ୍ଚାୟତର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ଶିକ୍ଷାବିତ କୈଳାସ ସ୍ୱାଇଁଙ୍କୁ ବରିଷ୍ଠ ନାଗରିକ ସଂଯୋଜକ ସମ୍ମାନ-୨୦୨୬ରେ ମୁଖ୍ୟଅତିଥି ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶନୀ ସେଠୀଙ୍କୁ ୨୦୨୫ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବାରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବଜିତ୍ ଦାସ +୨ ବିଜ୍ଞାନରେ ୯୦ ଶତକଡା ନମ୍ବର ରଖିଥିବାରୁ ତାଙ୍କୁ ବିରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୁରସ୍କୃତ କରାଯାଇଥିଲା।




## ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

ଗରଦପୁର,୨୭।୩(ସମିସ): ଆଜି ଥିଲା ପବିତ୍ର ରାମ ନବମୀ। ଏ ଅବସରରେ ଆଜି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଇ ସମଗ୍ର ଦେଶ ଉତ୍ସବ ମୁଖର ହୋଇପଡ଼ିଛି। ଏହି ପବିତ୍ର ଦିବସ ଅବସରରେ ଗରଦପୁର ବ୍ଲକ୍ ଅଧୀନ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁରଠାରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ରାମ ନବମୀ ସମାରୋହରେ ପାଳିତ ହୋଇଯାଇଛି। ସକାଳ ସାଢ଼େ ୫ଟାରେ କାକଡ଼ ଆରତି, ସାଢ଼େ ୬ ଟାରେ ସ୍ନାନ ଆରତି, ୯ଟାରେ ମହାଭିଷେକ ପୂଜା, ହୋମ ଓ ୧୨ଟାରେ ମଧ୍ୟାହ୍ନ ଆରତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଦିବସ ଅବସରରେ



ମନ୍ଦିର ପରିସରରେ ଏକ ହାଇମାଷ୍ଟ ଲାଇଟ୍ ଉଦଘାଟିତ ହୋଇଥିଲା। ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି, ସମ୍ପାଦକ ସୁନୀଲ ମହାନ୍ତି, ଟ୍ରଷ୍ଟ ସଦସ୍ୟ ସ୍ୱରୂପ ମହାନ୍ତି, କମଳ ମହାନ୍ତି, ଆଶିଷ ମହାନ୍ତି, ଦେବୀପ୍ରସାଦ ମହାନ୍ତି, ଅମୀୟ କୁମାର ଦାସ, ସଂଯୁକ୍ତା ବିଶ୍ୱାଳ, ଜିତେନ୍ଦ୍ର ନାଥ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ ଦାଶ ପୂଜାର୍ଚ୍ଚନା କରିବା ପରେ ସାମ୍ବାଦିକ ଡକ୍ଟର ଦୀପ୍ତିରଞ୍ଜନ କାନୁନଗୋ ନଡ଼ିଆ ବାଡ଼ାଇ ହାଇମାଷ୍ଟ ଲାଇଟ୍‌ର ସୁଇଚ୍ ଅନ୍ କରି ଉଦଘାଟନ କରିଥିଲେ। ସନ୍ଧ୍ୟା ୫ଟାରେ ଚଉଡ଼ି ଯାତ୍ରା ଓ ୬ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା। ଗ୍ରାମ ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ରାମ ନବମୀ ଉତ୍ସବ ପାଳନରେ ସାମିଲ ହୋଇଥିଲେ।

## ପିଏମ୍‌ଶ୍ରୀ ନାଗା ନାରାୟଣ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ

ରାଜନଗର,୨୭।୩(ସମିସ): ଡାଙ୍ଗମାଳସ୍ଥ ପିଏମ୍‌ଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଶତାଧିକ ଛାତ୍ରଛାତ୍ରୀ ୯ଟି ବସ୍‌ରେ ଭୁବନେଶ୍ୱର, ନନ୍ଦନକାନନ ଓ ରିଜିଓନାଲ ସାଇନ୍ସ ସେଣ୍ଟର ପରିଭ୍ରମଣ କରିଛନ୍ତି। ଏହି ପରିଭ୍ରମଣରେ ପ୍ରତ୍ୟକ୍ଷ ଭାବେ ବିଜ୍ଞାନଭିତ୍ତିକ ଗବେଷଣାତ୍ମକ ଜ୍ଞାନ ହାସଲ କରିବା ସହିତ ନନ୍ଦନକାନନ ଚିଡ଼ିଆଖାନାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଜୀବଜନ୍ତୁ, ସରୀସୃପ ଦେଖି ଆମୋଦିତ ହୋଇଥିଲେ। ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଯାତାୟାତ ସୁବିଧା ସହିତ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର, ପରିଚାଳନା କମିଟି ଅଧ୍ୟକ୍ଷ କାର୍ତ୍ତିକ ବେହେରା, ପରିଚାଳନା କମିଟି ସଭ୍ୟସଭ୍ୟା, ଶିକ୍ଷକ ବିପ୍ଳବ ନାୟକ, ଅନୁରାଧା ସେଠୀ, ନିର୍ମଳ ମହନ୍ତ, ସୂର୍ଯ୍ୟାଂସୁ ବାରିକ, ବିକାଶ ମହନ୍ତ, ସଞ୍ଜୁ ସମୀର ବେହେରା, ଅଭିମନ୍ୟୁ ସବର, ଅନ୍ନପୂର୍ଣ୍ଣା ଚୁଲି, ଓମପ୍ରକାଶ ବାରିକ, ସବ୍ୟସାଚୀ ବେହେରା, ପୂର୍ଣ୍ଣିମା ରାଉତ, କଳୀପଦ ଜନା, ଅଧ୍ୟାପକ ପ୍ରତାପ ଧଳ, ନିତେଶ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ ପରିଦର୍ଶନରେ ସହଯୋଗ କରିଥିଲେ।




## ଲଣ୍ଡା ପଡ଼ିଆ ଆଶ୍ରମରେ ରାମଲୀଳା ଉତ୍ସବ

ପଞ୍ଚୁପାଣ୍ଡବ,୨୭।୩(ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମ ଲଣ୍ଡା ପଡ଼ିଆ ଆଶ୍ରମରେ ରାମଲୀଳା ଅନୁଷ୍ଠିତ ହେଉଛି। ଏହି ରାମଲୀଳା ଅପ୍ରେଲ ୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ଚାଲିବ।



ଏହି ଉତ୍ସବ ବାବା ସନାତନ ରାମଦାସଙ୍କ ମାନସିକ ପୂରଣ କରିବା ପାଇଁ ବାବା ଦୟାନିଧି ରାମଦାସଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ଏହି ନାଟକରେ ରଘୁନାଥଜୀଉ ରାମନାଟ୍ୟ ପରିଷଦର ସମସ୍ତ କଳାକାର ଅଭିନୟ କରୁଛନ୍ତି। ମହାରାମାୟଣର ମହାନ କଥା ଦେଖିବା ପାଇଁ ମଙ୍ଗଳପୁର, ବେଣୀପୁର, କୁରୁଜଙ୍ଗା, ରଘୁଦେଇପୁର ଓ ଛୋଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଥିବାବେଳେ ଆଶ୍ରମ ପରିସରରେ ବିଭିନ୍ନ ପ୍ରକାରର ଦୋକାନ ବଜାର ଲାଗିଥିବା ଦେଖିବାକୁ ମିଳୁଛି। ଶେଷ ଦିବସରେ ରାବଣ ପୋଡ଼ି ହେବ। ଉତ୍ସବକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଶିକ୍ଷକ ସନାତନ ବେହୁରାଙ୍କ ପରଲୋକରେ ଶୋକ

ପଟ୍ଟାମୁଣ୍ଡାଇ,୨୭।୩(ସମିସ): ଓଡ଼ିଶାର ବିଶିଷ୍ଟ କବି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନାତନ ବେହୁରାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଏମଏନ ହାଇସ୍କୁଲରେ ଶିକ୍ଷକତା କରିବା ସମୟରେ ସେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ରାଜନଗର ଥାନା ଫିରିକିଦାଣ୍ଡି ତାଙ୍କର ଜନ୍ମସ୍ଥାନ ହୋଇଥିବାବେଳେ ପଟ୍ଟାମୁଣ୍ଡାଇ ପ୍ରହରାଜପୁର ତାଙ୍କର କର୍ମଭୂମି ଥିଲା। ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସେ ଗାଁରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ପୁଷ୍କରିଣୀ ପୁନରୁଦ୍ଧାର, ରାସ୍ତା ନିର୍ମାଣ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସାରସ୍ୱତ ସାଧକ ଭାବେ ବହୁ ସାମାଜିକ ଚେତନାଧର୍ମୀ ପୁସ୍ତକ ରଚନା କରି ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମରଶରୀର କଟକରୁ ଆସି ପଟ୍ଟାମୁଣ୍ଡାଇ ବାଇପାସରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ, ପୁରାତନ ଛାତ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଶୋଭାଯାତ୍ରାରେ ପ୍ରହରାଜପୁର ନିଆଯିବା ବାଟରେ କର୍ମସ୍ଥଳୀ ଏମଏନ ହାଇସ୍କୁଲ ନିଆଯାଇଥିଲା। ସେଠାରେ ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ, ବରିଷ୍ଠ ନେତା ଡା ବାସୁଦେବ ପାତ୍ର, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଶିକ୍ଷକ ନେତା ମାନଗୋବିନ୍ଦ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୭।୩(ସମିସ): ମହାକାଳପଡ଼ା ଗ୍ରାମର ଦକ୍ଷ ସଂଗଠକ, ଆଦର୍ଶ ଶିକ୍ଷକ ମାନଗୋବିନ୍ଦ ଚୌଧୁରୀଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବୈକଣ୍ଠ ସ୍ୱାଇଁ ବେଦ ପାଠ କରିଥିବାବେଳେ ୨ ମିନିଟ୍ ନିରବ ପ୍ରାର୍ଥନା



କରାଯାଇଥିଲା। ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ କେଶବ ପରମାଣିକ, ବିଜୟ ଜେନା, ବିଦ୍ୟୁତ୍ ଖୁଣ୍ଟିଆ, ଭଞ୍ଜକିଶୋର ସ୍ୱାଇଁ, ପ୍ରଫୁଲ୍ଲ ମହାପାତ୍ର, ମହାକଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଭ୍ରମରବର ରାଉତ, ଅଶୋକ ମହାପାତ୍ର, ଦିବାକର ରାଉତ, ପ୍ରଫୁଲ୍ଲ ପ୍ରଧାନ, ମାଧବା ବାରିକ, ଅନନ୍ତ ପରିଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଜୟ ପରିଡା, ବିଜୟ ନାଥ, ଡ. ସରୋଜକାନ୍ତ କାନୁନ୍‌ଗୋ, ଅବସରପ୍ରାପ୍ତ ଶିକ୍ଷକ ରମେଶ ସାହାଣୀ, ନାରାୟଣ ପ୍ରସାଦ ପଣ୍ଡା, ପୀତାମ୍ବର ମଲ୍ଲ, ରତ୍ନାକର ରାଉତରାୟ, ବରିଷ୍ଠ ସାମ୍ବାଦିକ ଅଶୋକ ସ୍ୱାଇଁ, କଳ୍ପତରୁ ସାମଲ, ରଞ୍ଜନ ରାଉତ, ଜନ୍ମେଜୟ ମଲ୍ଲିକ, ସମାଜସେବୀ ସରପଞ୍ଚ ରତିକାନ୍ତ ପଣ୍ଡା, ସୁରଭି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅମୀୟ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଭିନ୍ନ ରାମ ମନ୍ଦିରରେ ରାମ ଜନ୍ମୋତ୍ସବ

ଡେରାବିଶ, ୨୭।୩(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ରାମ ମନ୍ଦିରରେ ଆଜି ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପବିତ୍ରପଡ଼ା, ଦାନପୁର ପଞ୍ଚାୟତର କେଶରପୁର, ନରସିଂହପୁର, ହରିଅଙ୍କ ପଞ୍ଚାୟତର ପାଣିଓଲା, ଯଅଁରାବାରିମୂଳ ପଞ୍ଚାୟତର ଅର୍ତାମୂଳ ସମେତ ବହୁ ମଠ ଓ ମନ୍ଦିରରେ ଏହି ଉତ୍ସବ ପାଳନ କରାଯାଇଛି। ପ୍ରତ୍ୟୁଷରୁ ମଠ ଓ ମନ୍ଦିରରେ ଯଥାରୀତି ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ଶ୍ରଦ୍ଧାଳୁ ଆଜି ଦିନ ତମାମ ଉପବାସ ରହି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ବିଶେଷକରି ମୁକୁନ୍ଦପୁର, ପବିତ୍ରପଡ଼ା, କେଶରପୁର, ନରସିଂହପୁର, ଅର୍ତାମୂଳ ଆଦି ଗ୍ରାମରେ ଆଜିଠାରୁ ୯ ଦିନ ବ୍ୟାପୀ ସମ୍ପୂର୍ଣ୍ଣ ରାମାୟଣ ଗାଥା ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହେବ। ଏଥିସହିତ ଚୈତ୍ର ପୂର୍ଣ୍ଣିମାରେ ପ୍ରଭୁ ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା ଅନୁଷ୍ଠିତ ହେବ।

## ରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ

କେନ୍ଦ୍ରାପଡ଼ା,୨୭।୩(ସମିସ): ଆଜି କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ତିନିମୁହାଣିସ୍ଥ ରାମ ମନ୍ଦିର ପରିସରରେ ମନ୍ଦିର କମିଟି ସଭାପତି ବିବେକାନନ୍ଦ ମହାରଣାଙ୍କ ସଭାପତିତ୍ୱରେ



ଶ୍ରୀରାମ ନବମୀ ପାଳନ କରାଯାଇଛି। ରାମ ମନ୍ଦିର ପରିସରରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ଗୁଲନଗର ପଞ୍ଚାୟତ ସୁଜାନଗର ଗ୍ରାମସ୍ଥ ଗୋବରୀ ନଦୀ ମହାବୀର ତୁଠ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଭକ୍ତ କଳସରେ ପାଣି ଆଣିବା ପରେ ଶୋଭାଯାତ୍ରାରେ ରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ କଳସ ସ୍ଥାପନ ହେବା ପରେ ବିଧି ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶୋଭାଯାତ୍ରାରେ କୁନିକୁନି ପିଲା ରାମ, ଲକ୍ଷଣ, ହନୁମାନ, ସୀତା ବେଶରେ ସାମିଲ ହୋଇଥିଲା। କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ବିଜେପି ନେତା ଭୁବନ ଜେନା, ବିକ୍ରମ ରାଉତ, ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପୂର୍ବତନ ବିଜେପି ବିଧାୟକ କିଶୋର ତରାଇ, ସାମାଜସେବୀ ରଞ୍ଜିତ ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ସୁନାକାର ବେହେରା, କନ୍ତିଆ ମଠ ବାବା ସିଦ୍ଧାର୍ଥ ଶଙ୍କର ଦାସ, ଛେଦରା ମଠର ମଠାଧୀଶ ଯଶୋବନ୍ତ ଦାସମହାରାଜ, ବାବାଜୀ ଅଦ୍ୱିତ୍ୟ ଦାସ ମହନ୍ତ ମହାରାଜ, ଗୁଲନଗର ସରପଞ୍ଚଙ୍କ ପ୍ରତିନିଧି କରୁଣାକର ଦାସ, ସମାଜସେବୀ ଉମେଶ ଦାସ, ସରକାରୀ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ତୁଷାର ଘୋଷ, ସମାଜସେବୀ ପଦ୍ମନାଭ ଦାସ, ପୁଲିସ କର୍ମଚାରୀ ଗଣେଶ୍ୱର ବେହେରା ଓ ପ୍ରଶାନ୍ତ ସାମଲ, ରାଜନେତା ସରୋଜ ପରିଡା, ଦେବୀପ୍ରସାଦ ତ୍ରିପାଠୀ, ନାରୀନେତ୍ରୀ ପାର୍ବତୀ ନାୟକ ପ୍ରମୁଖ ସାମିଲ ଥିଲେ।

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

# ଅସହାୟ କାଞ୍ଚନଙ୍କୁ କେବେ ମିଳିବ ଆବାସ

ମହାକାଳପଡ଼ା,୨୭।୩(ସମିସ)

ଜଣେ ୬୦ ବର୍ଷୀୟ ଅସହାୟ ବୃଦ୍ଧାଙ୍କ ନିକଟରେ ପହଞ୍ଚିନି ସରକାରୀ ଆବାସ ଯୋଜନା। ଫଳରେ ସେ ଭଙ୍ଗା କୁଡ଼ିଆରେ ଜୀବନ କାଟିବାକୁ ବାଧ ହେଉଛନ୍ତି। ସରପଞ୍ଚ କି ପ୍ରଶାସନ ତାଙ୍କ ଉପରେ ନଜର ପକାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ପଞ୍ଚାୟତ ଅର୍ନ୍ତଗତ ବାଲିସୁଆଁ ଗ୍ରାମର ଆକୁଳି ପରିଡାଙ୍କ ୬୦ ବର୍ଷୀୟା ପତ୍ନୀ ହେଉଛନ୍ତି କାଞ୍ଚନ ପରିଡା। ସ୍ୱାମୀ ଆରପାରିକୁ ଚାଲିଯିବା ପରେ କାଞ୍ଚନ ଭଙ୍ଗା ଚାଳଛପର ଘରେ ଏକାକୀ ଜୀବନ ବିତାଉଛନ୍ତି। କାନ୍ଥ ଭାଙ୍ଗି ଯାଇଥିଲାବେଳେ ଛପର ଉପରେ ପଡିଥିବା ଜରିପାଲ ତାଙ୍କ ମନରେ ଅଜଣା ଭୟ ସୃଷ୍ଟି କରୁଛି। ବିଧବା ଭତ୍ତା ଏକ ହଜାରକୁ ବାଦ୍ ଦେଲେ ରୋଜଗାରର ପନ୍ଥା କାଞ୍ଚନଙ୍କ ପାଇଁ ଆଉ କିଛି ନାହିଁ। ଏମିତି ପରିସ୍ଥିତିରେ ସେ ଆବାସ ଘର ଖଣ୍ଡିଏ ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟକୁ ଦୌଡି ଦୌଡି ନିରାଶ ହେବା ପରେ ଏବେ ଭାଗ୍ୟକୁ ଆଦରି ସେଇ ଭଙ୍ଗା କୁଡ଼ିଆରେ ଜୀବନ କାଟିବାକୁ ବାଧ ହେଉଛନ୍ତି।



ଏଠି ପ୍ରଶ୍ନ ସରକାର ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଦେବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଉଥିବାବେଳେ କାଞ୍ଚନଙ୍କ ଉପରେ ସେମାନଙ୍କ ଦୃଷ୍ଟି ନ ପଡିବାର କାରଣ କ'ଣ? ଥିଲା ବାଲା ଅସାଧୁ ଉପାୟରେ ସରକାରୀ ଆବାସ ହାତେଇ ନେଉଥିବା ଅଭିଯୋଗ ହେଉଥିଲାବେଳେ କାଞ୍ଚନଙ୍କ ଭଳି ଜଣେ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିବା ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର କାଞ୍ଚନଙ୍କୁ ଖଣ୍ଡିଏ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଦାବି କରିଛି।

# ଶ୍ରୀକ୍ଷେତ୍ର ସିଟି

୨୭/୩/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୨,୩୬୮/- ସୁନା: ୯୦.୦୦୦ ଗ୍ରାମ୍ ରୁପା: ୦୯.୦୦୦ ଗ୍ରାମ୍





# ଆରମ୍ଭ ହେଲା ସାହିଯାତ; ଚଳଚଞ୍ଚଳ ଶ୍ରୀକ୍ଷେତ୍ର

ପୁରୀ,୨୭।୩(ସମିସ)



ଜଗନ୍ନାଥ ସଂସ୍କୃତିରେ ଉଭୟ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଭଗବାନ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଶ୍ରୀମନ୍ଦିର ନୀତିକାନ୍ତିରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଉପାସନା ତିଥି ନକ୍ଷତ୍ର ଅନୁସାରେ ଅନୁଷ୍ଠିତ ହୋଇଥାଏ। ଶ୍ରୀରାମଙ୍କ ଲୀଳାଖେଳାକୁ ସାହିଯାତ ମାଧ୍ୟମରେ ପରିବେଷଣ କରାଯାଏ, ଯାହାକି ଆମ ଉତ୍କଳୀୟ ସଂସ୍କୃତିର ଏକ ଅନନ୍ୟ ତଥା ଅଦ୍ୱିତୀୟ ପରମ୍ପରା। ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଛି ସାହିଯାତ। ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ରତା ବହନ କରୁଥିବା ଏହି ଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇପଡିଛି ସହର। ଶ୍ରୀରାମଙ୍କ ଜନ୍ମ ଲୀଳାରୁ ଆରମ୍ଭ ହୋଇଥିବା ଏହି ଯାତ ଆସନ୍ତା ଏପ୍ରିଲ ୧୨ ତାରିଖରେ ରାମାଭିଷେକରେ ସମାପନ ହେବ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଙ୍ଗ। ଏହି ଲୀଳା ଶ୍ରୀମନ୍ଦିରରେ ପାଳିତ ହେବା ସହିତ ଶ୍ରୀକ୍ଷେତ୍ରରେ ସାହିଯାତ ମାଧ୍ୟମରେ ପାଳିତ ହୋଇଆସୁଛି। ସାହିଯାତରେ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରାର ସମ୍ମିଶ୍ରଣ ଭରପୂର ହୋଇରହିଛି। ଶ୍ରୀକ୍ଷେତ୍ରର ଆଠସାହି ଆଖଡା ପକ୍ଷରୁ ଏହି ଯାତ ସମ୍ପନ୍ନ ହୋଇଥାଏ। ଏହି ଯାତରେ ଶ୍ରୀରାମ ଜନ୍ମ, ଯଜ୍ଞରକ୍ଷା, ସୀତାବିବାହ, ଶ୍ରୀରାମଙ୍କ ବନବାସ, ମାୟାମୃଗ ପ୍ରସ୍ତାବ, ଲଙ୍କାପୋଡି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ସାହିଯାତର ପ୍ରଥମ ଦିବସ। କାଳିକାଦେବୀ ସାହି ଆଖଡା ପକ୍ଷରୁ ସମ୍ପନ୍ନ ହୋଇଛି ଶ୍ରୀରାମ ଜନ୍ମ ନୀତି। ଶ୍ରୀମନ୍ଦିରରେ ଦ୍ୱିପହର ଧୂପ ସରିବା ପରେ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ସାହି ଆଖଡାରୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନ ବାହାରି ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ବାଦିସାହି ମାଟିମଣ୍ଡପ ସାହି ଦେଇ ପୁଣି କାଳିକାଦେବୀ ସାହିକୁ ଫେରିଥିଲେ। ରାତିରେ ସାହି ଆଖଡାରୁ ଆଗରେ ନିଶାଣ ରହି ପଟୁଆର ବାହାରିଥିଲା। ପଟୁଆର କାଳିକାଦେବୀ ସାହି ପରିକ୍ରମା କରି ସିଂହଦ୍ୱାରକୁ ଆସିଥିଲା। ସେଠାରୁ ମିତ୍ର ସାହି ମାଟିମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲା।

# ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି




ପୁରୀ,୨୭।୩(ସମିସ): ଶ୍ରୀମନ୍ଦିରରେ ଶୁକ୍ରବାର ଶ୍ରୀରାମ ନବମୀ ତଥା ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଛି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଶୁଦ୍ଧସୁଆର ଭଣ୍ଡାର ଘର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଶ୍ରୀରାମଦେବଙ୍କୁ ମହାଜନ ସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀରାମଦେବ ମଣ୍ଡଳ ଉପରକୁ ବିଜେ କରିଥିଲେ। ସେଠାରେ ଜଣେ ମହାଜନ ସେବକ ଦଶରଥ ଏବଂ ଅନ୍ୟଜଣେ କୌଶଲ୍ୟା ରୂପରେ ଖଣ୍ଡୁଆ ଘୋଡି ହୋଇ ଜନ୍ମନୀତି ସମ୍ପନ୍ନ କରିଥିଲେ। ଏହାପରେ ଠାକୁରଙ୍କୁ କର୍ପୁର ଆଳତି ବନ୍ଦାପନା କରାଯାଇଥିଲା। ମହାସୁଆର ସେବକ ଗଣ୍ଡୁସ ମସଲା ଓ କ୍ଷୀର ମଣୋହି କରିଥିଲେ। ପୂଜାପଣ୍ଡା ଜନ୍ମ ବିଧିମାନ କରାଇ ପଇତା ଲାଗି ବଢିବା ପରେ ଶୀତଳ ଭୋଗ ମଣୋହି ହୋଇଥିଲା। ମହାସୁଆର ସେବକ ଜୟ ବିଜୟ ଦ୍ୱାର ଚରୁଭାତ ମଣୋହି କରାଇଥିଲେ। ଏହାପରେ ଠାକୁର ଦକ୍ଷିଣୀ ଘରକୁ ବିଜେ ହୋଇଥିଲେ।

ଅନ୍ୟପକ୍ଷରେ ପବିତ୍ର ରାମନବମୀ ପାଇଁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ରାମମନ୍ଦିର ଥିଲା ଲୋକାରଣ୍ୟ। ହଜାର ହଜାର ଶ୍ରଦ୍ଧାଳୁ ଏହି ପବିତ୍ର ଦିନରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମଣିଥିଲେ।

## ଆନନ୍ଦ ବଜାରକୁ ଭକ୍ତଙ୍କୁ ଛାଡ଼ିଲେନି

# ବଳିପଡ଼ିଲା ଅବଢ଼ା, ସୁଆର ସେବକ ଅସନ୍ତୋଷ

ପୁରୀ,୨୭।୩(ସମିସ): ଶୁକ୍ରବାର ଆନନ୍ଦ ବଜାରରେ ବଳିପଡିଲା ବହୁ ପରିମାଣର ଅବଢା। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ସୁଆର ମହାସୁଆର ନିଯୋଗ। ଶ୍ରୀମନ୍ଦିର ପ୍ରଶାସନର ମନମାନୀ ପାଇଁ ସେମାନଙ୍କର ପ୍ରାୟ ୪/୫ ଲକ୍ଷ ଟଙ୍କା କ୍ଷତି ହେଲା ବୋଲି କହିଛନ୍ତି ସୁଆର ମହାସୁଆର ନିଯୋଗର ସାଧାରଣ ସମ୍ପାଦକ ନାରାୟଣ ମହାସୁଆର। ସେ କହିଛନ୍ତି, ଶୁକ୍ରବାର ଥିଲା ପବିତ୍ର ରାମନବମୀ। ଲଗାତର ତିନିଦିନିଆ ଛୁଟି ପଡିଥିବାରୁ ବହୁ ସଂଖ୍ୟାରେ ଭକ୍ତ ପୁରୀକୁ ଆସିଥିଲେ। ଏହାକୁ ନଜରରେ ରଖି ସୁଆର ସେବକମାନେ ମଧ୍ୟ ଅଧିକ ପରିମାଣରେ ଅବଢା ପ୍ରସ୍ତୁତ କରିଥିଲେ। ହେଲେ ଶ୍ରୀରାମଙ୍କ ଜନ୍ମ ନୀତି ପାଇଁ ପ୍ରଶାସନ ୫ ଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି କହିଥିଲା। କିନ୍ତୁ ଭକ୍ତଙ୍କୁ ଆଦୌ ମନ୍ଦିର ପରିସର ଏପରି କି ଆନନ୍ଦ ବଜାରକୁ ଛଡାଯିବ ନାହିଁ କୁହାଯାଇ ନ ଥିଲା। ହେଲେ ଶୁକ୍ରବାର ରାମଙ୍କ ଜନ୍ମ ନୀତି ପାଇଁ ଭକ୍ତଙ୍କୁ ଛାଡାଯାଇ ନ ଥିଲା। ଫଳରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସ୍ତୁତ ଅବଢା ବିକ୍ରି ହୋଇପାରି ନ ଥିଲା। ସୁଆର ସେବାକଙ୍କ ପ୍ରାୟ ୪/୫ଲକ୍ଷ ଟଙ୍କା କ୍ଷତି ହୋଇଛି ବୋଲି ନାରାୟଣ କହିଛନ୍ତି।

# ଏମାର ମଠ ପାର୍ଶ୍ୱ ବାହାର ପରିକ୍ରମା ମାର୍ଗ ସଫା କଲେ ସ୍ୱେଚ୍ଛାସେବୀ

ପୁରୀ,୨୭।୩(ସମିସ): ଶ୍ରୀରାମ ଜନ୍ମ ଲୀଳା ତଥା ପ୍ରସିଦ୍ଧ ସାହି ଯାତ ଆରମ୍ଭ ପୂର୍ବରୁ ଶ୍ରୀମନ୍ଦିର ସମ୍ମୁଖରେ ପବିତ୍ରତା ରକ୍ଷା ପାଇଁ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ପକ୍ଷରୁ ଏମାର ମଠ ପାର୍ଶ୍ୱ ବାହାର ପରିକ୍ରମା ମାର୍ଗ ସଫେଇ କରାଯାଇଛି। ଦୁଇମାସ ପୂର୍ବେ ସ୍ୱେଚ୍ଛାସେବୀ ମାନେ ଦୁର୍ଗନ୍ଧ ଛାଡୁଥିବା ଏହି




ଅଞ୍ଚଳ ସଫା କରି କନା ବାଡ ଘେରାଇଥିଲେ। ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରା ନ ଯିବାରେ ଦିଅଁ ବିଜେ ପୂର୍ବରୁ ପୁନଃ ଏହି ପୂତି ଗନ୍ଧମୟ ଅଞ୍ଚଳରେ ବ୍ଲିଚିଂ ପକାଇ ସଫା କରାଯିବା ସହ କନାବାଡ ଦେବା ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ କିଛି ସ୍ଥାନୀୟ ଯୁବକ ସ୍ୱତଃ ଯୋଡ଼ି ହୋଇ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିବା ସହ ସୋସିଆଲ ମିଡିଆରେ ସଚେତନତା ସୃଷ୍ଟି ଲାଗି ଚେଷ୍ଟା କରିଥିଲେ। ସେଠାରେ ପୋଷ୍ଟର ଲଗାଇ "କି ଭକ୍ତ ତୁମେ' ବୋଲି ପରିଶ୍ରା କରିବାକୁ ଆସୁଥିବା ଲୋକଙ୍କୁ ପ୍ରଶ୍ନ କରିଥିଲେ। ପରିକ୍ରମା ମାର୍ଗରେ ନିୟୋଜିତ ସଫେଇ କର୍ମଚାରୀ ମଧ୍ୟ ଏଥିରେ ସହଯୋଗ କରିଥିଲେ। ପର୍ଯ୍ୟାପ୍ତ ଶୌଚାଳୟ ନ ଥିବାରେ ଶ୍ରୀମନ୍ଦିର ସମ୍ମୁଖରେ ପ୍ରତିଦିନ ହଜାର ହଜାର ଲୋକ ପରିଶ୍ରା ଓ ମଳ ତ୍ୟାଗ କରୁଛନ୍ତି। ପତିତପାବନଙ୍କୁ ଦର୍ଶନ ସମୟରେ ଶ୍ରଦ୍ଧାଳୁମାନେ ଅତିଷ୍ଠ ହେଉଛନ୍ତି। ଏହି ରାସ୍ତା ଦେଇ ଶ୍ରୀମନ୍ଦିର ପାର୍ଶ୍ୱ ଅତିକ୍ରମ କରିବାବେଳେ ପରିଶ୍ରା ଗନ୍ଧରେ ନାକ ଫାଟିଯାଉଛି। ଅତିଷ୍ଠ ହୋଇପଡୁଛନ୍ତି ମନରେ ଭକ୍ତିଭାବ ନେଇ ଆସିଥିବା ଶ୍ରଦ୍ଧାଳୁ। ମାସ ମାସ ହେଲା ଏଭଳି ସ୍ଥିତି ଜାରି ରହିଥିଲେ ସୁଦ୍ଧା ପ୍ରଶାସନ କୌଣସି ପ୍ରତିକାର ନ କରିବାରୁ ସାଧାରଣ ଲୋକଙ୍କ ମନରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ସୁପ୍ରିମକୋର୍ଟ ନିୟମ ଅନୁସାରେ କାର୍ଯ୍ୟରେ ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

ଶ୍ରୀମନ୍ଦିର ନିକଟରେ ଅଧିକ ଶୌଚାଳୟ ଦାବି ସହ ସେଠାରେ ଜଗୁଆଳି ଜଗାଇ ଶ୍ରୀମନ୍ଦିର ପରିବେଶର ସ୍ୱଚ୍ଛତା ରକ୍ଷା ପାଇଁ ଦାବି କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଆସ୍ଥାନର ପବିତ୍ରତା ରକ୍ଷା ପାଇଁ ପ୍ରତ୍ୟେକ ଜଗନ୍ନାଥପ୍ରେମୀ ମଧ୍ୟ ସଚେତନ ହେବା ଉଚିତ ବୋଲି ଶ୍ରମଦାନକାରୀମାନେ ନିବେଦନ କରିଛନ୍ତି।

## ସମୁଦ୍ରରେ ଅଘଟଣ

# ଗାଧୋଇବା ବେଳେ ଯୁବକ ନିଖୋଜ

ପୁରୀ,୨୭।୩(ସମିସ): ପୁରୀ ସମୁଦ୍ରରେ ଅଘଟଣ। ସ୍ନାନ କରୁଥିବା ବେଳେ ନିଖୋଜ ହୋଇଯାଇଛନ୍ତି ଜଣେ ଯୁବକ। ନିଖୋଜ ଯୁବକ ଜଣକ ଯାଜପୁର ଅଞ୍ଚଳର ଶୁଭେନ୍ଦୁ ପ୍ରଧାନ। ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଘଟିଛି ଏହି ଅଘଟଣ। ଶୁକ୍ରବାର ସକାଳ ସମୟରେ ଶୁଭେନ୍ଦୁ ତାଙ୍କ ସାଙ୍ଗମାନଙ୍କ ସହିତ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ।

ଏହି ସମୟରେ ଶୁଭେନ୍ଦୁ ଏକ ଉଚ୍ଚ ଜୁଆର ମାଡ଼ରେ ସମୁଦ୍ର ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ତାଙ୍କ ସାଙ୍ଗମାନେ ଉଦ୍ଧାର ପାଇଁ ଡାକ ପକାଇବା ସହ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳିଥିଲା।

ଖବର ପାଇ ଅଗ୍ନିଶମ କର୍ମଚାରୀ ଏବଂ ଲାଇଫଗାର୍ଡ ମଧ୍ୟ ସେଠାରେ ପହଞ୍ଚିଥିଲେ। ଜେଟସ୍କି ସାହାଯ୍ୟରେ ଲାଇଫଗାର୍ଡ ସମୁଦ୍ରରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

# ରଥକାଠ ଚିରଟ ଅନୁକୂଳ



ପୁରୀ,୨୭।୩(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆ କରତ କଳର ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ୧୨ ଜଣିଆ ଟିମ୍ କଟକ ଗସ୍ତ କରିଥିଲେ। ଭୁବନେଶ୍ୱରରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଯାଇଥିବା ବେଳେ ପୁରୀରୁ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଓଏସ୍‌ଡି ରତ୍ନଭଣ୍ଡାର ଜିତେନ୍ଦ୍ର କୁମାର ସାହୁ, ଓଆଇସି ନୀତି ରବୀନ୍ଦ୍ର ଦାସ, ତତ୍ତ୍ୱାବଧାରକ ଚିତ୍ତରଞ୍ଜନ ମହାପାତ୍ର, ତିନିରଥର ମୁଖ୍ୟ ବିଶ୍ୱକର୍ମା, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ କଟକ ଯାଇଥିଲେ। ଏହି ଟିମ୍ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମାହାର୍ଦ୍ଦ, ଲଡୁ ମହାପ୍ରସାଦ, ଧୂପଦୀପ, ପତନୀ, ନଡ଼ିଆ ପ୍ରଭୃତି ନେଇଥିଲେ। ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସରିବା ପରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ଚିରଟ ଅନୁକୂଳ ହୋଇଥିଲା।

## ଶ୍ରୀସଦାଶିବ ପରିସରରେ ବିଶେଷ ବ୍ୟାଖ୍ୟାନ

# ଭାଷା ଏକ ଜାତିର ସଂସ୍କୃତି ଓ ସ୍ୱାଭିମାନର ପ୍ରତିଫଳନ

ପୁରୀ,୨୭।୩(ସମିସ): ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଆଧୁନିକ ବିଭାଗ ଆନୁକୂଲ୍ୟରେ 'ଭାରତୀୟ ଭାଷା ଓ ଓଡ଼ିଆ ଅସ୍ମିତା' ଶୀର୍ଷକ ଏକ ସ୍ୱତନ୍ତ୍ର ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାରତୀୟ ଭାଷା ସମୂହର ସମୃଦ୍ଧି ଓ ଓଡ଼ିଆ ଜାତିର ପରିଚୟ ଉପରେ ଗଭୀର ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ସତ୍ୟନାରାୟଣ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ଓ ଅସ୍ମିତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, "ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ, ବରଂ ଏହା ଏକ ଜାତିର ସଂସ୍କୃତି ଓ ସ୍ୱାଭିମାନର ପ୍ରତିଫଳନ। ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ନୂତନ ପିଢି ନିଜ ମାତୃଭାଷା ପ୍ରତି ଗର୍ବ ଅନୁଭବ କରିବା ଆବଶ୍ୟକ। ଅଧ୍ୟକ୍ଷୀୟ ଅଭିଭାଷଣରେ ପ୍ରଫେସର ମହାପାତ୍ର ସଂସ୍କୃତ ସହିତ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାର ଅବିଚ୍ଛେଦ୍ୟ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଧୁନିକ ବିଭାଗର ବିଭାଗ ମୁଖ୍ୟ ଡ. ସୁଶାନ୍ତ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମଗ୍ର ସଭାପତ୍ରୁ ଛାତ୍ରୀ ଅର୍ପିତା ପଟ୍ଟନାୟକ ଅତି ସୁନ୍ଦର ଭାବେ ସଂଯୋଜନା କରିଥିବା ବେଳେ ଶେଷରେ ଛାତ୍ର ଦୁର୍ଗାପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିସରର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ସମେତ ଆଧୁନିକ ବିଭାଗର ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର, ଅଧ୍ୟାପିକା ଡ. ରଶ୍ମି ମିଶ୍ର, ଡ. ସ୍ୱାଗତିକା ମହାନ୍ତି, ପଦ୍ମଜା ଶତପଥୀ, ସୁଶ୍ରୀ ମଧୁସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ନାଟ୍ୟ ଦିବସ ଉଦ୍‌ଘାଟିତ

# ଅନ୍ନପୂର୍ଣ୍ଣାରେ 'ମାର୍ଫତ ଈଶ୍ୱର' ମଞ୍ଚସ୍ଥ

ପୁରୀ,୨୭।୩(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମେ ଆସୋସିଏଶନ କର୍ମକର୍ତ୍ତାଙ୍କ ଦ୍ୱାରା ବଳଗଣ୍ଡି ଛକରୁ ଏକ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ନିକଟରେ ପହଞ୍ଚିଥିଲା। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସେଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପହଞ୍ଚିଥିଲା। ନାଟକ ମଞ୍ଚସ୍ଥ ପୂର୍ବରୁ ସଭାପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପରାମର୍ଶଦାତା ପ୍ରଦ୍ୟୁମ୍ନ କୁମାର ମିଶ୍ର, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ଲକ୍ଷ୍ମୀଧର ଖୁଣ୍ଟିଆ, ବରିଷ୍ଠ ଆଇନଜୀବି ପ୍ରଧାନ ଧିରେନ ରାୟ, କିଶୋର ଚନ୍ଦ୍ର ସାହୁ, ଅନୁଷ୍ଠାନର ସଭାପତି ଭରତ ନାୟକ, କାର୍ଯ୍ୟକାରୀ ସଭାପତି ରାଧେଶ୍ୟାମ ରଥ ଏବଂ ସମ୍ପାଦକ ରାମକୃଷ୍ଣ ମହାପାତ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟକ ଉପରେ ଏକ ଆଲୋଚନାଚକ୍ର କରାଗଲେ ନାଟକର ଅନେକ ରହସ୍ୟମୟ ତଥ୍ୟ ମିଳିପାରନ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହରାଞ୍ଚଳରୁ ଗୋପବନ୍ଧୁ ପ୍ରତିହାରୀ ଏବଂ ଗ୍ରାମାଞ୍ଚଳରୁ ଗଦାଧର ବାରିକଙ୍କୁ ଆଜୀବନ ନାଟକ ସାଧନା ସମ୍ମାନରେ ସମ୍ମାନିତ କରାଯିବା ସହ ନାଟକ ନିର୍ଦ୍ଦେଶକ ବିକାଶ ଦତ୍ତ, ଆରାଧନା ପଣ୍ଡା, ସୁମିତ୍ରା ମହାନ୍ତି, ପ୍ରଦୀପ କୁମାର ବେହେରା, ସସ୍ମିତା ଶତପଥୀ, ବିଚାରକ ମଞ୍ଜୁଲତା ମିଶ୍ର, ଆଦ୍ୟାଶା ମହାପାତ୍ର, ପ୍ରଦୀପ କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ବିକାଶ ଦତ୍ତଙ୍କ ନିର୍ଦ୍ଦେଶିତ ନାଟକ "ମାର୍ଫତ୍ ଈଶ୍ୱର' ମଞ୍ଚସ୍ଥ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ସମୀର ଶତପଥୀ, ଭାରତୀ ମହାପାତ୍ର, ପ୍ରତାପ ସାହୁ, ସବିତା ହରିଚନ୍ଦନ, ଶୁଭସ୍ମିତା ରାଉତରାୟ, ମନିଷା ମହାନ୍ତି, ପ୍ରଦୀପ ପ୍ରଧାନ, ଦୀପକ ମହାନ୍ତି, ଗଣେଶ ମହାପାତ୍ର, ଅଭ୍ୟୁଦୟ ଦାସ ,ନରସିଂହ ମହାପାତ୍ର, ଦେବୀପ୍ରସାଦ ମିଶ୍ର, ଅନୁପ ପଟ୍ଟନାୟକ, ହିମାଂଶୁ ପୃଷ୍ଟି, ମଧୁସୂଦନ ପୂଜାପଣ୍ଡା, ବୁବୁନ ମିଶ୍ର, ବିଦୁ ଭୂଷଣ ନାୟକ, ସାଗାରିକା ପାଲ୍ ପ୍ରମୁଖ ପରିଚାଳନା କରିଥିଲେ।

# ପୁରୀରେ କାଳବୈଶାଖୀ



ପୁରୀ,୨୭।୩(ସମିସ) : ଶୁକ୍ରବାର ରାତିରେ ପୁରୀରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଯାହାଫଳରେ କିଛି ସ୍ଥାନରେ ଗଛର ଡାଳ ଭାଙ୍ଗିଥିବାବେଳେ ଧୂଳି ଝଡ଼ରେ ଲୋକେ ପ୍ରଭାବିତ ହୋଇଛନ୍ତି। ରାତି ପ୍ରାୟ ୧୦ ଟା ୩୦ ମିନିଟ୍ ସମୟରେ ହଠାତ ଏଭଳି ଧୂଳି ଝଡ଼ ଆରମ୍ଭ ହୋଇଥିଲା। ଯାହାଫଳରେ ବଡଦାଣ୍ଡ ସମେତ ସହର ବିଭିନ୍ନ ସ୍ଥାନରେ ପ୍ରବଳ ବେଗରେ ପବନ ବୋହିବା ସହ ଧୂଳି ଉଡ଼ିଥିଲା। ଧୂଳି ଝଡ ଫଳରେ ବଡ଼ ଦାଣ୍ଡରେ ଥିବା ବ୍ୟାରିକେଡ୍‌ଗୁଡିକ ଏଣେତେଣେ ପଡ଼ିଥିଲା। ଲୋକମାନେ ଯାତାୟତରେ ସମସ୍ୟା ଭୋଗିଥିଲେ। କିଛି ସମୟ ଧରି ଧୂଳି ଝଡ଼ ହେବା ପରେ ବର୍ଷା ଆରମ୍ଭ ହୋଇଥିଲା। କିଛି ସମୟର ବର୍ଷା ପରେ ବର୍ଷା ପବନ ଛାଡ଼ି ଯାଇଥିଲା।

## ବ୍ରହ୍ମଗିରିରେ ଆଇନଶୃଙ୍ଖଳା ଲଗାମଛଡ଼ା

# ସମ୍ବେଦନଶୀଳ ଘଟଣାରେ ପୁଲିସ ଚୁପ୍

ପୁରୀ,୨୭।୩(ସମିସ)

ଲଗାମଛଡା ଏବେ ବ୍ରହ୍ମଗିରିର ଆଇନ ଶୃଙ୍ଖଳା। କୌଣସି ବେନିୟମ କାର୍ଯ୍ୟ କଲେ ପୁଲିସ କି ପ୍ରଶାସନ କିଛି କରିପାରିବ ନାହିଁ। ଏଭଳି ଚର୍ଚ୍ଚା ଏବେ ବ୍ରହ୍ମଗିରିରେ ଜୋର୍ ଧରିଛି। ଆଉ ଏଭଳି ଚର୍ଚ୍ଚା ହେବା ବି ସ୍ୱାଭାବିକ। କାରଣ ନିକଟରେ ବ୍ରହ୍ମଗିରି ଅଞ୍ଚଳରେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଯାଇଛି। ଗୋଟିଏ ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଥିବା ବେଳେ ଆଉ ଗୋଟିଏକୁ ବେଶ୍ ଯୋଜନାବଦ୍ଧ ଭାବେ ଚାପିଦେବାକୁ ଉଦ୍ୟମ କରାଯାଇଥିଲା। ଯଦିଓ ଘଟଣା ଥାନା, ଫାଣ୍ଡି କିମ୍ବା ରାସ୍ତା ଉପରକୁ ଆସିନାହିଁ କିନ୍ତୁ ଏହା ପ୍ରଘଟ ହୋଇଯାଇଛି। ସବୁଠୁ ବଡ଼ କଥା ହେଉଛି ଏହି ଦୁଇ ଅପରାଧିକ କାର୍ଯ୍ୟକଳାପର ଅଭିଯୁକ୍ତଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପୁଲିସ, ପ୍ରଶାସନ ସବୁ ଦେଖିଛି ଏବଂ ସବୁ ଜାଣିଛି ମଧ୍ୟ। ଗଣମାଧ୍ୟମରେ ସଚିତ୍ର ଖବର ପ୍ରକାଶ ପାଇଛି। ହେଲେ ଚାପରେ ପୁଲିସ ନୀରବ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ୨୦ ତାରିଖରେ ବ୍ରହ୍ମଗିରିରେ ଦୁଇଟି ଲଜ୍ଜାଜନକ ଘଟଣା ଥିଲା। ଗୋଟିଏ ଘଟଣାର ଅଭିଯୋଗ ଥିଲା ବ୍ରହ୍ମଗିରି ବ୍ରହ୍ମଗିରି ବଜାରରେ ଥିବା ଏକ ମେଡିସିନ ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ଜଣେ ନାବାଳକଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ୧୪ ବର୍ଷର ନାବାଳକକୁ ତାଙ୍କ ଘରେ ପଶି ମାଡମାରି ଜୋର୍ ଜବରଦସ୍ତି ଗାଡିରେ ବସାଇ ନେଇଯାଇଥିଲେ। ବ୍ରହ୍ମଗିରି ବଜାର ଗ୍ରାମ୍ୟ ବ୍ୟାଙ୍କ ନିକଟରୁ ତା'ର ଦୁଇହାତକୁ ପଛପଟୁ ବାନ୍ଧି ଜାବୁଡ଼ା ବିଧା ମାରି ବେକରେ 'ମୁଁ ଚୋର' ଲେଖାଯାଇଥିବା ପ୍ଲାକାର୍ଡ ପକାଇ ଥାନାକୁ ନେଇଥିଲେ। ଏହି ଘଟଣାକୁ ୭ ଦିନ ବିତିଗଲାଣି ହେଲେ ଅଭିଯଚକ୍ତ ମନୋରଞ୍ଜନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ଅଭିଯୁକ୍ତଙ୍କୁ ଗିରଫ ଦୂରର କଥା, ଆଖି ଉଠାଉନି ପୁଲିସ

ତାଙ୍କୁ ଗିରଫ କରିବା ଲାଗି ଦାବି କରି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ଏବଂ ସଚେତନ ନାଗରିକ ମଞ୍ଚ। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଦାବି କରିଛନ୍ତି। ସଞ୍ଜୀବ କହିଛନ୍ତି, ଅଭିଯୁକ୍ତଙ୍କ ଭାଇ ଜଣେ ବିଜେପି ନେତା। ନିକଟରେ ତାଙ୍କ ଘରକୁ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଆସିଥିଲେ। ତେଣୁ ଚାପରେ ପୁଲିସ ନୀରବ ରହୁଛି ବୋଲି ଅଭିଯୋଗ କରିଛନ୍ତି ସଞ୍ଜୀବ।

ସେହିପରି ଗତ ୨୦ ତାରିଖ ବ୍ରହ୍ମଗିରି ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ପୀଡ଼ିତା ଛାତ୍ରୀ ପରିବାର ଲୋକଙ୍କୁ କହିବା ପରେ ପରିବାର ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରାଯାଇଥିଲା। ଏହି ଘଟଣା ଯେପରି ପ୍ରଘଟ ନ ହେବ ସେଥିଲାଗି ସୁଚିନ୍ତିତ ଯୋଜନା କରାଯାଇ ଏହାକୁ ଚାପି ଦିଆଯିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ପଦାକୁ ଆସିଥିଲା। ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷଙ୍କୁ ଫେରାଦ୍ ହୋଇଛି ସଚେତନ ନାଗରିକ ମଞ୍ଚ। ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ଅଭିଯୁକ୍ତ ଶିକ୍ଷକଙ୍କ ଗିରଫ ଦାବି କରିଛନ୍ତି। ସମାନ ଭାବେ ଜିଲ୍ଲା ଆପ୍ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଏବଂ ଏହି ଘଟଣାକୁ ଚାପିଦେବା ଲାଗି ଯେଉଁମାନେ ଉଦ୍ୟମ କରିଥିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ବ୍ରହ୍ମଗିରି ବିଇଓଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ମାଗିଛନ୍ତି।

ଏତେସବୁ ସତ୍ତ୍ୱେ ଉପରୋକ୍ତ ଦୁଇଟି ଘଟଣାରେ ପୁଲିସ ନୀରବଦ୍ରଷ୍ଟା ସାଜିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହା ଚାପରେ ପୁଲିସ ଅଭିଯୁକ୍ତଙ୍କୁ ବାନ୍ଧିବା ତ ଦୂରର କଥା ସେମାନଙ୍କ ଉପରକୁ ଆଖି ଉଠାଉ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଜଗତସିଂହପୁର-ଆଳିପିଙ୍ଗଳ ରାସ୍ତା

# ଯନ୍ତ୍ରୀ ଠିକାଦାରଙ୍କ ନେଉଟିଆ କିଆରି

ଜଗତସିଂହପୁର,୨୭।୩(ସମିସ)



ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇ ଆସୁଛି। ହେଲେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଗତ ୨୦୨୪ ମସିହାରେ ଏହି ରାସ୍ତାର ପୋଷ୍ଟ ଅଫିସ ଛକଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପୋଷ୍ଟଅଫିସ ଛକ, ପବ୍ଲିକ୍ ସ୍କୁଲ, ଜୟବଡ଼ ଛକ ସମେତ ଅନେକ ସ୍ଥାନରେ ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ବଡବଡ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଯାହାଦ୍ୱାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ୨୦୨୫ ମାର୍ଚ୍ଚ ମାସରେ ଅତାମଳା ଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ଼ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଥିଲା।

### ବାରମ୍ବାର ମରାମତି ସତ୍ତ୍ୱେ ସୁଧୁରୁନି ଅବସ୍ଥା

ଏଠାରେ ସୂଚନାଯୋଗ୍ୟ ବର୍ଷକୁ ପ୍ରାୟତଃ ୩/୪ ଥର ଏହି ରାସ୍ତାର ମରାମତି କରା ଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ହେଲେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଣ୍ଟାଲ ସବୁ ବାହାରି ପଡିଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସଂପର୍କିତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। କିଛି ମାସ ତଳେ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ଏବଂ ବଜୁରୀ ପକାଇ ମରାମତି କରାଯାଇଥିଲା। ହେଲେ ଏହା ଏବେ ସଂପୂର୍ଣ୍ଣ ଉଠିଯାଇ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ୍,ତହସିଲ, ଜଗତସିଂହପୁର କାରାଗାର, ଆଳିପିଙ୍ଗଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପ୍ରଭୃତିକୁ ଏହି ରାସ୍ତା ଦେଇ ଯିବାକୁ ପଡିଥାଏ। ଏହାଛଡା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଏବଂ କଲେଜକୁ ଯିବାଆସିବା କରିଥାନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବୀ କରାଯାଇଛି। ଆଉ ଦିନ କେଇଟା ପରେ ବର୍ଷାଦିନ ଆସୁଥିବାରୁ ଯଥାଶୀଘ୍ର ଏହି ବ୍ୟସ୍ତବହୁଳ ରାସ୍ତାର ନବୀକରଣ କରିବା ଜରୁରି ହୋଇପଡିଛି।

## ପକ୍ଷୀଙ୍କ ପାଇଁ ଗଛରେ ରହିଲା ଜଳ ପାତ୍ର



ପାରାଦୀପ,୨୭।୩(ସମିସ): ଆଜି ପାରାଦୀପ କଲେଜ୍ ଏନସିସି ଆଲୁମୁନି ସଂଘ ପକ୍ଷରୁ ତୀବ୍ର ଗ୍ରୀଷ୍ମ ତାପରୁ ପକ୍ଷୀମାନଙ୍କୁ ରକ୍ଷା କରିବା ପାଇଁ ଗଛମାନଙ୍କରେ ମାଟିର ଜଳପାତ୍ର ଟାଙ୍ଗାଯାଇଛି ଏବଂ କଲେଜ ଘର ଛାତ ଉପରେ ମଧ୍ୟ ପାଣି ରଖାଯାଇଛି। ଏହା ଫଳରେ ତିବ୍ର ଉଷ୍ମତା ସମୟରେ ପକ୍ଷୀମାନେ ସହଜରେ ପାଣି ପାଇ ପାରିବେ ଏବଂ ତାଙ୍କର ଜୀବନ ରକ୍ଷା ହୋଇପାରିବ। ଏହି ସମାଜସେବୀ ପଦକ୍ଷେପ ମାଧ୍ୟମରେ ସଂଘ ପକ୍ଷରୁ ପରିବେଶ ସୁରକ୍ଷା ଓ ପକ୍ଷୀ ସୁରକ୍ଷା ପ୍ରତି ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବାକୁ ଉଦ୍ୟମ କରାଯାଇଛି। ସଂଘର ସଦସ୍ୟମାନେ କହିଛନ୍ତି ଯେ, ପ୍ରତ୍ୟେକ ନାଗରିକ ଯଦି ଏପରି ଛୋଟ ଛୋଟ ପଦକ୍ଷେପ ନିଅନ୍ତି , ତେବେ ଆମେ ପ୍ରକୃତିକୁ ସୁରକ୍ଷିତ ରଖିପାରିବା ସହିତ ସମସ୍ତ ପ୍ରାଣୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ଗଢ଼ିପାରିବା। ସଂଘ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏପରି ପରିବେଶମୁଖୀ ଓ ସମାଜସେବୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଏସ୍‌ପିଙ୍କୁ ଦାବିପତ୍ର



ଜଗତସିଂହପୁର,୨୭।୩(ସମିସ): ଜଗତସିଂହପୁର ସରକାର ବାଲି ଓ ମାଟିକୁ ଲଘୁ ଖଣିଜ ଦ୍ରବ୍ୟର ମାନ୍ୟତା ଦେଇଛନ୍ତି। ମାତ୍ର ମାନୁ ନାହାଁନ୍ତି କେତେକ ଚୋରା ମାଟି ମାଫିଆ। ଯାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାରେ। ପ୍ରାପ୍ତ ଭ୍ରମଣ ସମୟରେ କୁଜଙ୍ଗ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କୁ ଗତ ୨୩ ତାରିଖରେ ଦୁଇ ଜଣ ଅସାଧୁ ଚୋରା ମାଟିମାଫିଆ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ ଶ୍ରୀ ମାଝୀ ସ୍ଥାନୀୟ କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇ ମଳୟ ସାହୁ ଓ ରମେଶ ପ୍ରଧାନ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ଏତଲାକୁ କେସ ନଂ ୮୭/୨୬ରେ ପଞ୍ଜିକୃତ କରିବା ସହ ଆକ୍ରମଣକାରୀ ଗୋପିଆକୁଦ ପଞ୍ଚାୟତ ବରୁଣେଇ କନ୍ଧା ଗ୍ରାମର ମଳୟ ସାହୁ ଓ ରମେଶ ପ୍ରଧାନଙ୍କ ବିରୋଧରେ ବିଭିନ୍ନ ଦଫା ରୁଜୁ କରିବା ସହ ଚୋରା ମାଟି ମାଫିଆଙ୍କର ୨ଟି ନଂ. ବିହୀନ ସ୍ୱରାଜ ଟ୍ରାକ୍ଟର ଜବତ କରିଥିବା ବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଯାହାକୁ ନେଇ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଏକ ଦାବିପତ୍ର ଦେବା ସହ ସାମ୍ବାଦିକଙ୍କ ସୁରକ୍ଷା ଦାବି କରିଛି ଜଗତସିଂହପୁର ଜିଲ୍ଲା ଓଡ଼ିଶା ସାମ୍ବାଦିକ ସଙ୍ଘ। ଆକ୍ରମଣକାରୀଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା ଉପସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଗୟାଧର ମହାରଣା, ସହ ସମ୍ପାଦକ ବିଚିତ୍ରାନନ୍ଦ ପ୍ରଧାନ, ସଂଗଠନ ସମ୍ପାଦକ ବିପିନ କୁମାର ସେଠୀ, କୁଜଙ୍ଗ ବ୍ଲକ ସଭାପତି ସୁବ୍ରତ ମଲ୍ଲିକ ଓ ମିଳନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପିଆଇସିଟି କମ୍ପାନୀ ସମ୍ମୁଖରେ ୧୬୩ ଧାରା

ପାରାଦୀପ,୨୭।୩(ସମିସ): ପିଆଇସିଟି କମ୍ପାନୀ ସମ୍ମୁଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬୩ ବିଏନଏସ୍ ଧାରା ଜାରି କରାଯାଇଛି। ଜଗତସିଂହପୁର ସବଡିଭିଜନାଲ ମାଜିଷ୍ଟ୍ରେଟ ଅଦାଲତର ମିସ କେଶ ନମ୍ବର ୦୭/୨୦୨୬ ନିର୍ଦ୍ଦେଶ ଅନୁଯାଇ ଗତ ମାର୍ଚ୍ଚ ୧୮ ତାରିଖରୁ ଆସନ୍ତା ମେ' ୧୮ ତାରିଖ ପର୍ଯ୍ୟନ୍ତ ପିଆଇସିଟି କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳ ସମେତ ହନୁମାନ ମନ୍ଦିର ଠାରୁ ବଡ଼ପଡିଆ ସୁଭାଷ ବୋଷ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି ଧାରା ବଳବତ୍ତର କରାଯାଇଥିବା ଜଣାପଡିଛି। ବିନା ଶ୍ରମିକ ଲାଇସେନ୍ସରେ ଠିକାଦାର କାମ କରୁଥିବା ଅଭିଯୋଗ କରି ପିଆଇସିଟି କମ୍ପାନୀ ଫାଟକ ଆଗରେ ଆସନ୍ତା ତିନି ତାରିଖ ଦିନ ଶ୍ରମିକ ସଂଘ ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଏହାର ଦୃଢ଼ ଜବାବ ରଖିଛନ୍ତି ସମ୍ପୃକ୍ତ ଠିକାଦାର ସମୂହ। ଏନେଇ କମ୍ପାନୀ ଫାଟକ ସମ୍ମୁଖରେ ପ୍ରଶାସନ ଜାରି କରି ରଖିଛି ୧୬୩ ବିଏନେସ ଧାରା। ପିଆଇସିଟି ବା ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ କିଛି ଠିକାଦାର ବିନା ଶ୍ରମିକ ଲାଇସେନ୍ସରେ ୨୫୫ ଜଣ ଶ୍ରମିକଙ୍କୁ କାର୍ଯ୍ୟ କରାଉଥିବା ଅଭିଯୋଗ ଆଣିଛି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ। କିନ୍ତୁ ଏହାକୁ ଅଗଣତାନ୍ତ୍ରିକ କହି ଆଜି କମ୍ପାନୀର କାର୍ଯ୍ୟରତ ୬ ଜଣ ଠିକାଦାର ସେମାନଙ୍କର ଲେବର ଲାଇସେନ୍ସ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଥିବା ବେଳେ ଉଦ୍ଦେଶ୍ୟ ମୂଳକ ଭବେ ମିଥ୍ୟା ଅଭିଯୋଗ ସଂଘ କରି କମ୍ପାନୀକୁ ବଦନାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି ଠିକାଦାର। ତେବେ କମ୍ପାନୀ ଫାଟକ ପାଖରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ୧୬୩ ବିଏନଏସ୍ ଧାରା ଲଗାଇ ଦେଇଛି ଜିଲ୍ଲା ପ୍ରଶାସନ। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ସହ ଯୋଗାଯୋଗ କରିବା ପରେ ସେମାନଙ୍କ ମଧ୍ୟରେ ସମସ୍ତଙ୍କର ଲାଇସେନ୍ସ ରେନୁଆଲ ହୋଇ ନଥିବା କହିଛନ୍ତି। ତେବେ ଏଭଳି ମିଥ୍ୟା ଅଭିଯୋଗକୁ ବିଶ୍ୱାସକୁ ନ ନେବାକୁ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି ଠିକାଦାର କୁମରକାନ୍ତ ମହାନ୍ତି, ପବିତ୍ର କୁମାର ଖଟୁଆ ଓ ଅନ୍ୟ ଠିକାଦାର ମାନେ।

## ଜଣାଅଜଣା ପ୍ରତିଯୋଗିତାରେ ସ୍ୱାତି ସ୍ୱାଗତିକା ପ୍ରଥମ



ଜଗତସିଂହପୁର,୨୭।୩(ସମିସ): ବାଣୀକ୍ଷେତ୍ର ଶ୍ରୀରାମ ମହୋତ୍ସବ ସମିତି ଆନୁକୂଲ୍ୟରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପବିତ୍ର ରାମନବମୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଚତୁର୍ଥ, ପଞ୍ଚମରୁ ସପ୍ତମ ଏବଂ ଅଷ୍ଟମରୁ ଦଶମ ୩ଟି ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ପଞ୍ଚମ ଠାରୁ ସପ୍ତମ ବର୍ଗର ଜଣା ଅଜଣା ପ୍ରତିଯୋଗିତାରେ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସ୍ୱାତି ସ୍ୱାଗତିକା ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ୱାତି ହେଉଛନ୍ତି ଜଗତସିଂହପୁର ଜୀଲ୍ଲା ସଦର ମହକୁମାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କ କନ୍ୟା। ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ ଏବଂ ଗୁରୁମା ମାନେ ସ୍ୱାତି ସ୍ୱାଗତିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ମାଳପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜଗତସିଂହପୁର,୨୭।୩(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅରିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନୀତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବାରିକ ମୁଖ୍ୟଅତିଥି, ସେବାନିବୃତ ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧିରେନ୍ଦ୍ର ଦାସ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥ ଠଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସଫଳତା ଅର୍ଜନକୁ ପାଥେୟକରି ପୁରସ୍କାର ବିତରଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନୋଟି ବିଭାଗରେ ବିଭକ୍ତ କରାଯାଇ ଓପନ୍ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ସଠିକ୍ ଉତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବଳେ ଶେଷରେ କାମିନୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ଚୌଧୁରୀ ଓ ପୁଷ୍ପିତା ଭୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଭୟ କମିଟିର ସଦସ୍ୟ ସଦସ୍ୟା, ଜନସାଧାରଣ, ଅଭିଭାବକ ଓ ପୁରାତନ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଆକର୍ଷଣୀୟ ଓ ଆନନ୍ଦମୁଖର କରିବାରେ ସହଯୋଗ କରିଥିଲେ।

## ବିକେସିଏମ୍ ସ୍କୁଲ ବିଦ୍ୟଭାରତୀର ପ୍ରତିଷ୍ଠା ଉତ୍ସବ

କୁଜଙ୍ଗ,୨୭।୩(ସମିସ): କୁଗଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ସରକାରୀ ସ୍ୱୀକୃତପ୍ରାପ୍ତ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିକେସିଏମ୍ ସ୍କୁଲ ବିଦ୍ୟଭାରତୀର ଏକବିଂଶତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପଙ୍କପାଳ ଶାଖାର ସଭାପତି କ୍ୟାପଟେନ୍ ଅଜୟ କୁମାର ଖୁଣ୍ଟିଆ ଯୋଗଦେଇଥିଲେ। ଶିକ୍ଷା କମିଟିର ସଭାପତି ତଥା ସେବା ନିବୃତ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ବାୟୁସେନାର ପ୍ରାକ୍ତନ ଅଧିକାରୀ ଅକ୍ଷୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଅଷ୍ଟମ ଶ୍ରେଣୀରେ ପାସ୍ କରିଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରମାଣ ପତ୍ର ସହ ଅନ୍ୟାନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶନ କରାଯାଇଥିଲା।

## ତିର୍ତ୍ତୋଲରେ ଶ୍ରୀରାମ ନବମୀ ଉତ୍ସବ



ତିର୍ତ୍ତୋଲ,୨୭।୩(ସମିସ): ତିର୍ତ୍ତୋଲ ଗ୍ରାମର ପୁରାତନ ବେଲବଣ ମହାପୁରୁଷଙ୍କ ପୀଠ ସ୍ଥିତ ଶ୍ରୀରାମ ମନ୍ଦିରରେ ମହାଆଡ଼ମ୍ବର ସହକାରେ ରାମନବମୀ ଉତ୍ସବ ପୀଠାଧିଶ ବାବା ଶ୍ୟାମସୁନ୍ଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ଶ୍ରୀରାମଙ୍କ ମହାସ୍ନାନ ଷୋଡ଼ଶୋପଚାର ପୂଜା, ମାର୍ଜନା ଆଳତୀ ପରେ ଗୋସ୍ୱାମୀ ତୁଳସୀ ଦାସଙ୍କ ରାମାବତାର ସ୍ତୁତି ଓ ହନୁମାନ ଚାଳିଶା ଓ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଦିକ ପଣ୍ଡିତ ବଟଚରଣ ଦାଶ (ଦିଲୁ ନନା)ଙ୍କ ପରିଚାଳନାରେ ପୂଜକ ବିଷ୍ଣୁ ଚରଣ ଦାଶ ଓ ଅନ୍ୟ ମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ (ବୁଲୁ ନନା)ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ଦିରର ବରିଷ୍ଠ ସଦସ୍ୟ ଶୁଭେନ୍ଦୁ ଦାଶ, ଜଟାଧାରୀ ଦାସ, ଧର୍ମାନନ୍ଦ ସାହୁ, ଉତ୍ତମ ସାହୁ, ବାବାଜୀ ସାହୁ, ବାସୁଦେବ ଦାଶ, ନୀଳମଣି ଦାସଙ୍କ ସମେତ ଗ୍ରାମବାସି ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାମ ନାମରେ କମ୍ପିଲା ମହାନଦୀ ପଠା



ପାରାଦୀପ,୨୭।୩(ସମିସ): ରାମନବମୀ ଅବସରରେ ପାରାଦୀପ ଅନ୍ତର୍ଗତ କୋଲଡିଆ ଗ୍ରାମରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି। ରାମ ନବମୀ ଅବସରରେ ୧୦୮ କଳସ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଆବାଳବୃଦ୍ଧବନିତା ଭକ୍ତିଭାବରେ ସାମିଲ ହୋଇ କୋଲଡିଆରୁ ପଦଯାତ୍ରା କରି ଭୁତମୁଣ୍ଡାଇ ମହାନଦୀ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ମହାନଦୀ ପାଶ୍ୱର୍ 'ରାମ ରାମ' ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା। ସେହିପରି କୋଠି ପଞ୍ଚାୟତ ଅନ୍ତର୍ଗତ ନୁଣୁକୁଆ ଗ୍ରାମରୁ ମଧ୍ୟ ୧୦୮ କଳସ ଶୋଭାଯାତ୍ରା ବାହାରିଥିଲା। ନୁଣୁକୁଆର ଭକ୍ତମାନେ କଳସ ନେଇ ମହାନଦୀ ପଠାରେ ପହଞ୍ଚି ପୂଜା କରିଥିଲେ। ପରେ ଉଭୟ ଗ୍ରାମର ଭକ୍ତମାନେ ନିଜ ନିଜ ମନ୍ଦିରକୁ ଶୋଭାଯାତ୍ରାରେ ଫେରିଥିଲେ। ଢୋଲ, ନିଶାନ, ବାଜା ବାଣ ଓ ସଂକୀର୍ତନ ସହ 'ଜୟ ଶ୍ରୀରାମ' ଧ୍ୱନିରେ ରାସ୍ତା କମ୍ପିଉଠିଥିଲା। ଏହି ଅବସରରେ କୋଲଡିଆ ହନୁମାନ ମନ୍ଦିରରେ ସାତ ଦିନ ଧରି ରାମ ନବମୀ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ, ରାମାୟଣ ବୈଠକି ଓ ଭକ୍ତିମୟ ଅନୁଷ୍ଠାନ ଚାଲିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଧ୍ୱଂସ ଘଟଣାକୁ ନିନ୍ଦା

ଜଗତସିଂହପୁର,୨୭।୩(ସମିସ): ଉତ୍ତର ପ୍ରଦେଶର ସାଜାହାନପୁରରେ ୧୯୭୨ ମସିହାରେ ସ୍ଥାପିତ ସହିଦ ରାମ ପ୍ରସାଦ ବିସମିଲ, ଆସଫାକ ଉଲ୍ଲା ଖାଁ ଓ ରୋଶନ ସିଂଙ୍କ ପ୍ରତିମୂର୍ତ୍ତିକୁ ଗତ ମାର୍ଚ୍ଚ ୨୩ ତାରିଖରେ ଭାଙ୍ଗି ଦେବା ଘଟଣାକୁ ଏସୟୁସିଆଇ (କମ୍ୟୁନିଷ୍ଟ)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ଦୃଢ଼ ନିନ୍ଦା କରିଛନ୍ତି। ଆଜି ସରକାର ସେହି ଅଧ୍ୟାୟ ଗୁଡିକ ଜନ ମାନସରୁ ପୋଛି ପକେଇବା ପାଇଁ ଚେଷ୍ଟା କରୁଛି। ଏହ ପ୍ରତିମୂର୍ତ୍ତି ଧ୍ୱଂସ ଯୋଜନାକୁ ବନ୍ଦ କରିବା ପାଇଁ ଜନଗଣ ଆଗେଇ ଆସିବା ଏକାନ୍ତ ଆବଶ୍ୟକ। ଉପଯୁକ୍ତ ମର୍ଯ୍ୟାଦା ସହିତ ପ୍ରତିମୂର୍ତ୍ତି ଗୁଡ଼ିକର ସ୍ଥାପନ ଓ ଏହି କାମରେ ସଂପୃକ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ପ୍ରଦାନ କରାଯାଉ ବୋଲି ଏସୟୁସିଆଇ(କମ୍ୟୁନିଷ୍ଟ) ଜଗତସିଂହପୁର ଜିଲ୍ଲା ସମ୍ପାଦକ ସୁବାସ ସ୍ୱାଇଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦାବି ଉଠାଇଛନ୍ତି।

● ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ

## ଗୋଟିଏ ଦିନରେ ଖଲାସ ହେଲା ୫୦ଟି ତାପଜ କୋଇଲା ବଗି



ପାରାଦୀପ,୨୭।୩(ସମିସ): ପାରାଦୀପ ବନ୍ଦର ଗୋଟିଏ ଦିନରେ ସର୍ବାଧିକ ୫୦ଟି ତାପଜ କୋଇଲା ରେଳ ରେକ ବା ବଗି ଖଲାସ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ସହ ନିଜର କାର୍ଯ୍ୟଦକ୍ଷତାରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୫ ମାର୍ଚ୍ଚ, ୨୦୨୬ରେ, ପାରାଦୀପ ବନ୍ଦର ସଫଳତାର ସହ ୫୦ଟି ରେକ୍ ଅନଲୋଡ୍ କରିଥିଲା। ଯେଉଁଥିରେ ୪୩ଟି ବିଓବିଆରଏନ (ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ) ଏବଂ ୭ଟି ବିଓଏକ୍ସଏନ (ବଗି ଓପନ୍ ହାଇ ସାଇଡେଡ୍) ରେକ୍ ଅନ୍ତର୍ଭୁକ୍ତ ଥିଲା। ଏହି ସଫଳତା ବନ୍ଦରର ଦକ୍ଷତା, ସୁଗମ ସମନ୍ୱୟ ଏବଂ ଦୃଢ଼ ଭିତ୍ତିଭୂମି ଉପରେ ଲକ୍ଷ୍ୟକୁ ପ୍ରତିଫଳିତ କରିଛି ଯାହା କଠିନ ସମୟସୀମା ମଧ୍ୟରେ ଉଚ୍ଚ-ମାର୍ଗର ପଣ୍ୟ ପରିଚାଳନାକୁ ସକ୍ଷମ କରିଥାଏ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଟିମର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ସଫଳତା ତାପଜ କୋଇଲାର ଦ୍ରୁତ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଭାରତର ଶକ୍ତି ଯୋଗାଣ ଶୃଙ୍ଖଳକୁ ସମର୍ଥନ କରିବାରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ସୁଦୃଢ଼ କରିଛି ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ।

### ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରୟାସ

## ୭ ଏକର ପୋଖରୀ ପୁନଃ ଉଦ୍ଧାର

ପାରାଦୀପ,୨୭।୩(ସମିସ)



୨୩ ବୋରୱେଲ ଖନନ

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ଗ୍ରାମ ଗୁଡ଼ିକରେ ବିଶ୍ୱ ଜଳ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ, ପାରାଦୀପ ପକ୍ଷରୁ ଚାରୋଟି ସ୍କୁଲ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ, ଢିଙ୍କିଆ, ଗୋବିନ୍ଦପୁର ୟୁପି ସ୍କୁଲ, ଗୋବିନ୍ଦପୁର, ମଠସାହି ୟୁପି ସ୍କୁଲ, ନୂଆଗାଁ ଏବଂ ଗଡ କୁଜଙ୍ଗ ଅପଗ୍ରେଡେଡ୍ ହାଇସ୍କୁଲ, ଗଡ କୁଜାଙ୍ଗରେ ବିଶ୍ୱ ଜଳ ଦିବସ ସଚେତନତା କାର୍ଯ୍ୟକ୍ରମ ୩ଟି ପଞ୍ଚାୟତରେ ଆୟୋଜନ କରାଯାଇଥିଲା। କମ୍ପାନୀ ପକ୍ଷରୁ ପୂର୍ବରୁ ଅଞ୍ଚଳର ବିଭିନ୍ନ ସରକାରୀ ସ୍କୁଲ ଏବଂ ସାର୍ବଜନୀନ ପ୍ରତିଷ୍ଠାନରେ ୩୦ରୁ ଅଧିକ ବିଶୁଦ୍ଧ ପାନୀୟ ଜଳ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରିସାରିଛି। ସ୍ଥାୟୀ ଜଳ ସମ୍ପଦ ପରିଚାଳନାକୁ ସମର୍ଥନ କରିବା ପାଇଁ ଗଡ କୁଜଙ୍ଗ ଗ୍ରାମରେ ୬.୦୬ ଏକର ଚନ୍ଦନ ପୋଖରୀର ପୁନରୁଦ୍ଧାର। ପାରାଦୀପର ଇସ୍ପାତ କାରଖାନା କ୍ଷେତ୍ର, ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ରଣନୈତିକ ସ୍ଥାନରେ ଥିବା ସ୍କୁଲଗୁଡ଼ିକରେ ସ୍ଥାପିତ ଶୀତଳୀକରଣ ସୁବିଧା ସହିତ ୮୦ ଲିଟରର ୮୧ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହଳ ଗ୍ରାମରେ ଏକ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନବାଡି ପିଲା ଏବଂ କର୍ମୀଙ୍କ ପାଇଁ ଅତ୍ୟାବଶ୍ୟକୀୟ ସେବାକୁ ସୁଦୃଢ଼ କରିବା ପାଇଁ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ୧୧ଟି ବୋରୱେଲ ସ୍ଥାପନ କରାଯାଇଛି ନୂଆଗାଁ, ଗଡକୁଜଙ୍ଗ, ଢିଙ୍କିଆ ଏବଂ ମାହଳରେ ଅବସ୍ଥିତ ସମ୍ପ୍ରଦାୟ ଏବଂ ସଭା ହଲରେ ୪ଟି ବୋରୱେଲ ସ୍ଥାପନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସଭା ହଲରେ ୪ଟି ବୋରୱେଲ ସ୍ଥାପନ, ଯେଉଁଥିରେ ନୂଆଗାଁରେ ୨ଟି, ଗୋବିନ୍ଦପୁରରେ ୧ଟି ଏବଂ ପାଟଣାରେ ୧ଟି ଅନ୍ତର୍ଭୁକ୍ତ। ସାମୁଦାୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଗୋବିନ୍ଦପୁର, ନୂଆଗାଁ, ଢିଙ୍କିଆ ଏବଂ ମାହଳରେ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ଟି ବୋରୱେଲର ବିକାଶ କରାଯାଇଛି। ସ୍ଥାନୀୟ ଜଳ ସଂରକ୍ଷଣ ଏବଂ ଇକୋସିଷ୍ଟମ ସ୍ଥାୟୀତ୍ୱକୁ ଉନ୍ନତ କରିବା ପାଇଁ ମାହଳ ଗ୍ରାମରେ ଠାକୁର ଗଡିଆ ପୋଖରୀର ପୁନରୁଦ୍ଧାର କରାଯାଇଛି।

## ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ




**ଓଡ଼ାପଡ଼ା,୨୭ ।୩(ସମିସ):** ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଦର ବ୍ଲକ ଘଟିପିରିଠାରୁ ଶଙ୍କରପୁର ମଧ୍ୟରେ ଥିବା ହୋଟେଲ, ଢାବା, ଗ୍ୟାରେଜଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ୧୪ ବର୍ଷରୁ କମ ବୟସ୍କ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ଧର୍ତ୍ତବ୍ୟ ଅପରାଧ । ଏପରି କାର୍ଯ୍ୟ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ସହ ୨ ବର୍ଷ ଯାଏଁ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି । ଏହିରି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏଁ କାରାଦଣ୍ଡ ମଧ୍ୟ ହୋଇପାରେ ବୋଲି ସଚେତନ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ, କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ, ବିଦୁଲତା ଭଞ୍ଜ, ତପନ ପାତ୍ରଙ୍କ ସମେତ ଭାପୁର ଥାନା କର୍ମଚାରୀ ପ୍ରଭାସ ଭୋଇ ସହଯୋଗ କରିଥିଲେ ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା



**ଗଁଦିଆ,୨୭ ।୩(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମର ପ୍ରାକ୍ତନ ସଭାପତି, ଉପଦେଷ୍ଟା, ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟ ପରିଚାଳନା ପରିଷଦର ପ୍ରାକ୍ତନ ସମ୍ପାଦକ ତଥା ଷଡ଼ଙ୍ଗୀ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ସମାଜସେବୀ ନବକିଶୋର ବେହେରାଙ୍କ ଏକାଦଶାହରେ ଗଁଦିଆ ସ୍ମୃତି ସଂସଦ ତରଫରୁ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ସ୍ମୃତି ସଂସଦ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କୁ ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ । ଏଥିସହ ସ୍ୱର୍ଗତ ବେହେରାଙ୍କ ନାମରେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଥମ ଅଧ୍ୟକ୍ଷ ଓ ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ ଯୋଗଦେଇ ନବକିଶୋରଙ୍କ ଜୀବନ ଆଦର୍ଶରେ ଅନୁପ୍ରେରିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର, ଗଁଦିଆ ସ୍ମୃତି ସଂସଦ ଉପ ସଭାପତି ଡମ୍ବରୁଧର ସେଠୀ ଯୋଗଦେଇଥିଲେ । ନବକିଶୋରଙ୍କ ପୁଅ ମନୋଜ କୁମାର ବେହେରା, ସନ୍ତୋଷ କୁମାର ପରିଡ଼ା, ପ୍ରଦୀପ କୁମାର ବେହେରା, ପୁତୁରା ମଧୁସୂଦନ ମଲ୍ଲିକ, ଜାମାତା ରବୀନ୍ଦ୍ର ରାଉତ ଉପସ୍ଥିତ ଥିଲେ । ପରିବାର ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତିବନ୍ଧୁ ସାହୁ ଓ କାମାକ୍ଷାପ୍ରସାଦ କର ଗୀତା ପାଠ କରିଥିଲେ । ପ୍ରହଲ୍ଲାଦ ମିଶ୍ର ଦ୍ୱାରା କର୍ମ ସମ୍ପନ୍ନ କରିଥିଲେ ।

## ତାରିଣୀଙ୍କ ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା



**ଗଁଦିଆ,୨୭ ।୩(ସମିସ):** ଗଁଦିଆରେ ପ୍ରତିଷ୍ଠିତ ମା' ତାରିଣୀଙ୍କ ୧୯ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ଶୁକ୍ରବାର ଶତାଧିକ ମହିଳା, ପୁରୁଷ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ମନ୍ଦିରରେ ସ୍ଥାପନ କରିଥିଲେ । ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ନାମଯଜ୍ଞ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ଭଜନ ପରିବେଷଣ କରିବେ । ରବିବାର ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ।

## ୭୮ତମ ସତ୍ୟନାରାୟଣ ବାଦିପାଲା ମହୋତ୍ସବ

**ଢେଙ୍କାନାଳ,୨୭ ।୩(ସମିସ):** ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁର ଗ୍ରାମରେ ୭୮ତମ ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କ ବାଦିପାଲା ପବିତ୍ର ଶ୍ରୀରାମ ନବମୀ ଅବସରରେ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିବସରେ ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କୁ ବିମାନରେ ଅବସ୍ଥାନ କରି ଘଣ୍ଟି, ଖୋଳ, ଲଉଡ଼ି ଖେଳ, ସଂକୀର୍ତ୍ତନର ତାଳରେ ଗ୍ରାମ ପରିକ୍ରମା କରାଯାଇଥିଲା । ଗାୟକ ବାଣୀରତ୍ନ ନିରଞ୍ଜନ ସ୍ୱାଇଁ ପାଲା ପରବେଷଣ କରିଥିଲେ ।

### ଅଲଟରନେଟିଭ ରିଦମ ଥିଏଟର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

# ସାମିଲ ହେଲେ ବିଭିନ୍ନ ଅନୁଷ୍ଠାନର କଳାକାର





**ଢେଙ୍କାନାଳ,୨୭ ।୩(ସମିସ)**

ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲଟରନେଟିଭ୍ ରିଦମ ଥିଏଟର୍ ପକ୍ଷରୁ ଶୁକ୍ରବାର ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ବାଜିରୌକଠାରେ ଆର୍ଟର ଆହ୍ୱାନ କ୍ରମେ ବିଭିନ୍ନ ଅନୁଷ୍ଠାନର କଳାକାର, ଶିକ୍ଷାର୍ଥୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ । ଅଲଟରନେଟିଭ ରିଦମ ଥିଏଟର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାର ପ୍ରାରମ୍ଭରେ ଉପସଭାପତି ମନୋହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ଭାବେ ନାଟ୍ୟକାର ତଥା କଳାପରିଷଦ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଦିଲ୍ଲୀଶ୍ୱର ମହାରଣା, ସେଣ୍ଟ ଜାଭିୟର ହାଇସ୍କୁଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅନୁଷ୍ଠାନର ମୁଖ୍ୟ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ବାହାଦୁର ପାଟସାହାଣି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ସଙ୍ଗୀତଜ୍ଞ ଯାମିନୀ ରଞ୍ଜନ ଦାଶ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ ବିଭୂତି ଭୂଷଣ ବେହେରା, ପ୍ରମୋଦ ପରିଡ଼ା, ପ୍ରମୋଦ ନାୟକ, ନୃତ୍ୟଗୁରୁ ସବିତା ଧୀର, ସାମ୍ବାଦିକ ଆଦିତ୍ୟ ପଣ୍ଡା, ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ନାଟକର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆମେରିକାର ବିଶିଷ୍ଟ ଅଭିନେତା ୱିଲିୟମ ଡାଫୋଙ୍କ ଦ୍ୱାରା ଲିଖିତ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତାକୁ ଡ. ପୁଷ୍ପଲତା ରଥ ପାଠ କରିଥିଲେ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଓ ଶିକ୍ଷାବିତ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ସବୁଜ ପତାକା ଦେଖାଇ ନାଟ୍ୟ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଣ୍ଟ ଜାଭିୟର ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁଗୃହ ଓ ଅଲଟରନେଟିଭ ରିଦମ ଥିଏଟରର ଶିକ୍ଷାର୍ଥୀ, କଳାକାର, ସମାଜସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇଥିଲେ । ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ, ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ସଫଳ ଚିକିତ୍ସା ପଦ୍ଧତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ମତବ୍ୟକ୍ତ କରିଥିଲେ । ପଦଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ ନିକଟରେ ପହଞ୍ଚିଥିଲା । ସେଠାରେ ପଥପ୍ରାନ୍ତ ନାଟ୍ୟ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଜୟଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାନ୍ତି, କାମାକ୍ଷାପ୍ରସାଦ ରଣା, କାର୍ତ୍ତିକ ମହାପାତ୍ର, ତୁଷାରବାଳା ମହାନ୍ତି, ଦେବଜାନୀ ଦାସ, ଶୁଭାଷିନୀ ସେଠୀ, ସୁଶାନ୍ତ କର, ପ୍ରମୋଦ କୁମାର ଦାସ, ଆଶୁତୋଷ ପାଢ଼ୀ, ସତ୍ୟଜିତ ରାଉତ, ବିଶ୍ୱଜିତ ସାହୁ, ମାନସ କୁମାର ସାହୁ, ବିବେକାନନ୍ଦ ବେହେରା, ପରୁଷୋତ୍ତମ ବେହେରା, ସୂରଜ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯୁବଗୋଷ୍ଠୀ କଲେ ବୁଲା ଗୋରୁଙ୍କ ଚିକିତ୍ସା

**ପଣ୍ଡୁଆ,୨୭ ।୩(ସମିସ):** କାମାକ୍ଷାନଗର ଉପଖଣ୍ଡର ଅଁଳାବେରେଣି ପ୍ରାଣୀ ଚିକିତ୍ସା କେନ୍ଦ୍ରର ବଡ଼ ଅବହେଳା ଦେଖିବାକୁ ମିଳିଛି । ପ୍ରଶାସନକୁ ବାରମ୍ବାର ଯୋଗାଯୋଗ କଲା ପରେ ବି କୌଣସି ସୁଫଳ ନ ମିଳିବାରୁ ମହୁଲି ମା' ମହାବୀର ଯୁବ ସଂଘ ସହଯୋଗରେ ବୁଲା ଗୋରୁଙ୍କ ଚିକିତ୍ସା କରାଯାଇଛି ।



ଅବସରପ୍ରାପ୍ତ ଡାକ୍ତର ନିରାକାର ବେହେରାଙ୍କ ଗ୍ରାମ ଚାନ୍ଦପୁରରେ ଯୁବକ ସଂଘ ସଦସ୍ୟ ସତ୍ୟରଞ୍ଜନ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ଶୁଭ୍ରଜିତ ସାହୁ, ସନ୍ତୋଷ ବିଶ୍ୱାଳ, ଅଜିତ ସାହୁ, ସବ୍ୟସାଚୀ ଦେହୁରୀ, ରଜତ ରାଉତ, ସତ୍ୟବ୍ରତ ସାହୁ, ସୌମ୍ୟକାନ୍ତ ସାହୁ, ଗୁଡ୍ଡୁ ସାହୁ, କର୍ଣ୍ଣ ଦେହୁରୀ ପ୍ରମୁଖ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ଗୋରୁଙ୍କ ଚିକିତ୍ସା କରୁଛନ୍ତି । ସାମ୍ବାଦିକ ଓ ସମାଜସେବୀ ପର୍ଶୁରାମ ମହାଭୋଇ ଯୁବକଙ୍କୁ ସମାଜସେବା ସହ ବୁଲାଗୋରୁଙ୍କ ସେବାରେ ସହଯୋଗ କରିଆସୁଛନ୍ତି ।

## ପୌର ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ; ନଗରପାଳଙ୍କ ଆପତ୍ତି

**ଭୁବନ,୨୭ ।୩(ସମିସ):** ଓଡ଼ିଶା ସରକାର ଓଡ଼ିଶା ପୌର ନିୟମାବଳୀ ୧୯୫୩କୁ ସଂଶୋଧନ କରି ନୂତନ ଓଡ଼ିଶା ପୌର ନିୟମାବଳୀ-୨୦୨୫ ଲାଗୁ କରିଛନ୍ତି । ଏବେ କାଉନସିଲ ବା ପୌର ପରିଷଦର ବିନା ଅନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତିଥର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଦେୟ ଆଦେଶ କେବଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ । ଏହି ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ନିର୍ବାହୀ ଅଧିକାରୀ ଓ ପୌର ଅଧ୍ୟକ୍ଷ ମିଳିତ ଭାବେ ଏହାକୁ ଅନୁମୋଦନ କରିବେ । ନିର୍ବାହୀ ଅଧିକାରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଶାସନିକ ଅନୁମୋଦନ ଦେଇପାରିବେ ।



୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ । ମାତ୍ର ଯଦି କୌଣସି ବିଲ୍ ସପ୍ତାହେରୁ ଅଧିକ ଦିନ ଅଧ୍ୟକ୍ଷଙ୍କ ନିକଟରେ ପଡ଼ିରହେ କିମ୍ବା ଉପଯୁକ୍ତ କାରଣ ସହ ଫେରସ୍ତ ନ ହୁଏ ତେବେ ନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ । ଏହା ଦ୍ୱାରା ପୌର ସଂସ୍ଥାଗୁଡ଼ିକରେ ଦୈନନ୍ଦିନ କାର୍ଯ୍ୟ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଶାସନିକ ବାଧା ଦୂର ହୋଇ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଯାହା କୁହାଯାଉଛି ସେଥିରେ ଆଦୌ ସତ୍ୟତା ନାହିଁ । ଏହା କେବଳ ପୌର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଆର୍ଥିକ କ୍ଷମତାକୁ ସଙ୍କୁଚିତ କରିବାକୁ ଉଦ୍ଦିଷ୍ଟ । ଏହି ନୂତନ ଆଇନ ବଳରେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଏକପ୍ରକାର ଦାରୁଭୂତ ମୁରାରୀ ସାଜିବେ ଓ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିବେ । ସରକାର ଅଫିସରଙ୍କ ଦ୍ୱାରା ମୋଟା ଅଙ୍କର ପିସି ଗୋଟାଇବେ ଓ ରାଜ୍ୟରେ ଅଫିସରରାଜ ବୃଦ୍ଧି ପାଇବ ବୋଲି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଏହି ନୂତନ ଆଇନ ତୁରନ୍ତ ପ୍ରତ୍ୟାହାର ନ ହେଲେ ସାରା ରାଜ୍ୟର ପୌର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି ।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଧାୟିକା
## ତୁରନ୍ତ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ

**ହିନ୍ଦୋଳ,୨୭ ।୩(ସମିସ):** ହିନ୍ଦୋଳ ଉପଖଣ୍ଡ ନୂଆବଗ ଗ୍ରାମରେ ସୋମବାର ଭୟବହ ଅଗ୍ନିକାଣ୍ଡ ଘଟି ୮ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ତେବେ ଏ ପର୍ଯ୍ୟନ୍ତ ବିପନ୍ନ ପରିବାରକୁ କୌଣସି ସରକାରୀ ସହାୟତା ମିଳିନାହିଁ । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର ପ୍ରମୁଖ ଶୁକ୍ରବାର ବିପନ୍ନ ପରିବାର ପାଖରେ ପହଞ୍ଚିଥିଲେ । ୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ମିଳି ନ ଥିବାରୁ ବିଧାୟିକା କ୍ଷୋଭ ପ୍ରକାଶ କରିଥିଲେ ।



ଗ୍ରାମବାସୀଙ୍କ ସହ ଆଲୋଚନା କରି ହିନ୍ଦୋଳ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ସହିତ କଥା ହୋଇଥିଲେ । ବିପନ୍ନ ପରିବାରକୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସହ ସମସ୍ତଙ୍କ ଆବାସ ଯୋଜନାରେ ଘର ଯୋଗାଇ ଦେବାକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବିଧାୟିକା ନିଜ ପକ୍ଷରୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମବାସୀ ଏକ ଖୋଲା ଅଷ୍ଟପ୍ରହର ମଣ୍ଡପ ନିର୍ମାଣ ନିମନ୍ତେ ବିଧାୟିକାଙ୍କୁ ଅନୁରୋଧ କରିଥିଲେ । ଗ୍ରାମବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ବିଧାୟିକା ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କହିବା ସହ । ଗ୍ରାମ କମିଟି ତଦାରଖରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ବିଧାୟିକା ହିନ୍ଦୋଳ ସହର, ବେଡ଼ାପଡ଼ା ସମେତ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ବିଭିନ୍ନ ରମାନବମୀ ମଣ୍ଡପ ବୁଲି ଦେଖିଥିଲେ । ପ୍ରେମାନନ୍ଦ ପଟ୍ଟନାୟକ, ଜିତୁ ପଟ୍ଟନାୟକ, ଅଶୋକ ରାଉତ ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ପାଟରପଦା ପଞ୍ଚାୟତରେ ରାମନବମୀ ଉତ୍ସବ



**ପରଜଙ୍ଗ,୨୭ ।୩(ସମିସ):** ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ପାଟରପଦା ଗ୍ରାମରେ ରାମନବମୀ ପୂଜା ଆରମ୍ଭ ହୋଇଛି । ଭଗବାନ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ବିଭିନ୍ନ ଫୁଲରେ ସଜାଇ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସମିତି ସଭ୍ୟ ପ୍ରଦୀପ ସାହୁ, ପାଟରପଦା ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, କୁଆଲୋ ସରପଞ୍ଚ ଅଜିତ ସାହୁ, ରେଣ୍ଟାପେଟ ସରପଞ୍ଚ ପ୍ରଶାନ୍ତ ନାୟକଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିଥିଲେ । ଗ୍ରାମର ଭଜନ ମଣ୍ଡଳୀ ଏବଂ ଗ୍ରାମ ପରିଚାଳନା କମିଟି ପକ୍ଷରୁ ସଙ୍କୀର୍ତ୍ତନ ଆୟୋଜନ କରାଯାଇଥିଲା । ବିଶାଳ ପଟୁଆର ଗ୍ରାମ ପରିକ୍ରମା କରିଥିଲା । ସେହିପରି ଆମ୍ବପଳସ ଗ୍ରାମରେ ରାମନବମୀ ପାଳନ ହେଉଥିବାବେଳେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

## କୈବଲ୍ୟ ବଜାରରେ ଶ୍ରୀରାମ ନବମୀ

**ଢେଙ୍କାନାଳ,୨୭ ।୩(ସମିସ):** ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପାର୍ଶ୍ୱରେ ଥିବା ଶ୍ରୀରାମ ମନ୍ଦିରରେ ଶୁକ୍ରବାର ଶ୍ରୀରାମନବମୀ ପାଳନ କରାଯାଇଛି । ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ସୁନାରୁପା ଅଳଙ୍କାରରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସୁସଜ୍ଜିତ କରାଯାଇଥିଲା । ପରେ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ସକାଳ ୧୦ଟାରେ ଖେଚୁଡ଼ି ଭୋଗ ଓ ମଧ୍ୟାହ୍ନରେ ଅନ୍ନଧୂପ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା । ପୂଜକ ଶ୍ରୀବତ୍ସ ମିଶ୍ର, ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥିଲା ।



## ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକ

**ହିନ୍ଦୋଳ,୨୭ ।୩(ସମିସ):** ପୂର୍ବତନ ସାଂସଦ ନାରାୟଣ ସାହୁଙ୍କ ବିୟୋଗରେ ଢେଙ୍କାନାଳ ବିଜେପି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ସ୍ୱର୍ଗତ ସାହୁ ପାଲଲହଡ଼ାର ବିଧାୟକ ଓ ଦେବଗଡ଼ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୯୦ ଦଶକରୁ ସେ ବିଜେପିରେ ଯୋଗଦେଇଥିଲେ । ତାଙ୍କ ବିୟୋଗରେ ରାଜ୍ୟ ଖାଦ୍ୟଯୋଗାଣ ଖାଉଟିକଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଜିଲ୍ଲା ସଭାପତି ରାସବିହାରୀ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ସୁଶାନ୍ତ ପତି, ମାତୃପ୍ରସାଦ ନନ୍ଦଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ଗୁଣିଗାରେଡ଼ି ସନ୍ଦେହରେ ଭାଇକୁ ହତ୍ୟା

**ଭୁବନ,୨୭ ।୩(ସମିସ):** ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଲଙ୍ଗଳ ଲୁହାରେ ଆକ୍ରମଣ କରି ହତ୍ୟା କରିଛି ସମ୍ପର୍କୀୟ ଭାଇ । ଘଟଣା ଘଟିଛି ଭୁବନ ଥାନା ବାରୁଆଁ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ । ଗ୍ରାମର ତ୍ରିଲୋଚନ ମହାନ୍ତ ସମ୍ପର୍କୀୟ ଭାଇ ମଣ୍ଟୁ ମହାନ୍ତଙ୍କୁ ଲଙ୍ଗଳ ଲୁହାରେ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି ।



ଭୁବନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଭିଯୁକ୍ତକୁ କାବୁ କରି ତଦନ୍ତ ଚଳାଇଛି । କାମାକ୍ଷାନଗର ଏସଡିପିଓ ପହଞ୍ଚି ତଦାରଖ କରୁଛନ୍ତି ।

## ମହାବୀର ବଜାରରେ ଶ୍ରୀରାମ ନବମୀ

**ଢେଙ୍କାନାଳ,୨୭ ।୩(ସମିସ):** ସ୍ଥାନୀୟ ମହାବୀର ବଜାରସ୍ଥିତ ମହାବୀର ପୂଜା କମିଟି ପକ୍ଷରୁ ରାମନବମୀ ପାଳନ କରାଯାଇଛି । ସକାଳୁ ମଙ୍ଗଳ ଆଳତି, ନୂତନ ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ସୂର୍ଯ୍ୟପୂଜା, କଳସ ପୂଜା, ଷୋଡ଼ଷ ଉପଚାର ପୂଜା, ରାମଙ୍କ ଜନ୍ମ ପୂଜା, ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଓ ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା ।

## ରାମନବମୀ ଅବସରରେ ବିଶାଳ ଶୋଭାଯାତ୍ରା

**ଗଁଦିଆ,୨୭ ।୩(ସମିସ):** ଗଁଦିଆ ଶ୍ରୀରାମ ନବମୀ ମହୋତ୍ସବ ସମିତି ତରଫରୁ ଶ୍ରୀରାମ ନବମୀ ଅବସରରେ ଏକ ବାଇକ ଶୋଭଯାତ୍ରା ହୋଇଥିଲା । ଅପରାହ୍ନ ୫ଟାରେ ଶୋଭାଯାତ୍ରା ଗଁଦିଆ ଛକରୁ ବାହାରି ଷଡ଼ଙ୍ଗୀ ହନୁମାନ ମନ୍ଦିର ଦେଇ ପୋରୁହଖୋଜ ରାମ ମନ୍ଦରରେ ପହଞ୍ଚିଥିଲା । ଏଥିରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଳୟ କୁମାର ସିଂ, ଛାୟାକନ୍ତ ସାହୁ, କେଶବ ସାହୁ, ଦିଲୀପ ରାଉତ, ସୁଶାନ୍ତ ସାହୁ, ଗୋପାଳ ସାହୁ, ରମାକାନ୍ତ ରାଉତ, ଜୟନ୍ତ ସାହୁ, ଦୋଳଗୋବିନ୍ଦ, ଛାୟାକନ୍ତ ସାହୁ, ଅଭୟ ନାୟକ, ନିରଞ୍ଜନ ଜେନା, ରମାକାନ୍ତ ଦାସ, ବସନ୍ତ ସାହୁ, ଉମାକାନ୍ତ ଧୀର ପ୍ରମୁଖ ସାମିଲ ହୋଇଥିଲେ ।

# ୧୩୭ତମ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ,୨୭ ।୩(ସମିସ)**




ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଜାମା ମସଜିଦରେ ୧୩୭ତମ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସ ଉଦଯାପିତ ହୋଇଛି । ଏହି ଅବସରରେ ଏକ ଧାର୍ମିକ ସଭା ଆୟୋଜନ କରାଯାଇଥିଲା । ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ଜମାଅତର ସଭାପତି ସୁଲେମାନ ଅଲୀ ଖାଁ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସୁପ୍ରସିଦ୍ଧ ପାଲା ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ ଓ ଗାୟକ ଜ୍ଞାନ ଭୂଷଣ ଡ. ଶିଶିର କୁମାର ପାଢ଼ୀ ଯୋଗଦେଇଥିଲେ । ମୌଲବୀ ଜଲାଲ ଉଦ୍ଦିନ ଖାଁଙ୍କ ଦ୍ୱାରା ପବିତ୍ର କୋରାନ ପାଠ କରାଯିବା ସହ ଅସକର ଉଦ୍ଦିନ ନଜମ୍ କବିତା ପରିବେଷଣ କରାଯାଇଥିଲା । ମୌଲବୀ ମୁଜାଫର ଖାଁ ଓ ଜଲାଲ ଉଦ୍ଦିନ ଖାଁ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସର ଐତିହ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସବିସ୍ତାର ଆଲୋଚନା କରିଥିଲେ । ଅହମଦିୟା ମୁସଲିମ ସମ୍ପ୍ରଦାୟର ଗଠନ ୨୩ ମାର୍ଚ୍ଚ ୧୮୮୯ରେ ଶ୍ରୀ ମିର୍ଜା ଗୁଲାମ ଅହମଦ ପ୍ରତିଶ୍ରୁତ ମସିହାଙ୍କ ଦ୍ୱାରା ହୋଇଥିଲା । ସେଠାରୁ ଆରମ୍ଭ କରି ଏହି ସମୁଦାୟ ସମାଜରେ ପ୍ରେମ, ଶାନ୍ତି ଓ ମାନବତାର ସନ୍ଦେଶ ପ୍ରସାର କରିବା ସହିତ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନାରେ ନିରନ୍ତର ପ୍ରୟାସରତ ଅଛି । ସଭାର ମୁଖ୍ୟ ଆକର୍ଷଣ ଥିଲା ମୁଖ୍ୟଅତିଥି ପିୟୁଷ ବିଶ୍ୱନାଥ ସ୍ୱାଇଁଙ୍କ ଉଦ୍‌ବୋଧନ । ସେ ତାଙ୍କର ଭାଷଣରେ ମାନବ ସେବା ହିଁ ମାଧବ ସେବା ବୋଲି ଉଚ୍ଚାରଣ କରି ସମସ୍ତଙ୍କୁ ମାନବତାର ପଥରେ ଆଗେଇବାକୁ ଆହ୍ୱାନ କରିଥିଲେ । ଆଜିର ସମାଜରେଏ ଯେଉଁଠାରେ ଧର୍ମକୁ ନେଇ ବିଭିନ୍ନ ଅବାନ୍ତର ଓ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ସେଠାରେ ଏକ ପାଲା ଗାୟକଙ୍କ ମସଜିଦରେ ଆସି ଧର୍ମସଭାରେ ଯୋଗଦେବା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି । ସମସ୍ତ ଧର୍ମର ମୂଳ ଶିକ୍ଷା ହେଉଛି ପ୍ରେମ, ସହିଷ୍ଣୁତା ଓ ଏକତା । ପରିଶେଷରେ ସଭାପତି ସୁଲେମାନ ଅଲୀ ଖାଁ ଧନ୍ୟବାଦ ଅର୍ପଣ କରି ସାମୁହିକ ପ୍ରାର୍ଥନା (ଦୁଆ) ସହିତ ସଭା ସାଙ୍ଗ କରିଥିଲେ । ଏହି ସମାରୋହରେ ଗ୍ରାମ ଉପ ସଚିବ ସ୍ୱଦେଶ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅୟୁବ ଖାଁ, ଉପସଭାପତି ଇଦରିସ ଖାଁ, ଯୁବ ସଂଗଠନ ଅଧ୍ୟକ୍ଷ ସୋଲେମାନ ଖାଁ, ପୂର୍ବ ସଭାପତି ମହମୁଦ ଖାଁ, ସଲିମ ଉଦ୍ଦିନ ଖାଁ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଫର୍ଜୁଲ୍ଲା ଖାଁ ଓ ଭାରତୀୟ ସେନାର ଜବାନ ତୋରାବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।